ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜାନୁୟାରୀ ୩୧/୨୦୨୨ (୮+୮=୧୬ ପୃଷ୍ଠା) | Bhubaneswar, Monday, January 31/2022 | ★★★★

୪୮ଶ ଭାଗ ୬୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ₹୭/-




**୪୦ କୋଟି ସୁନା ଗାଉନ୍‌ରେ ଉର୍ବଶୀ**
ବଲିଉଡ୍‌ର ଅଭିନେତ୍ରୀ ଉର୍ବଶୀ ରୌତେଲା ଆରବ ଫ୍ୟାଶନ୍ ୱିକ୍‌ରେ ୪୦ କୋଟି ଟଙ୍କାର ସୁନା ଗାଉନ ପିନ୍ଧି ଚର୍ଚ୍ଚାକୁ ଆସିଛନ୍ତି।

୦୭

୦୮

**ଅର୍ଜୁନ ଚାମ୍ପିୟନ**
ଭାରତୀୟ ଗ୍ରାଣ୍ଡମାଷ୍ଟର ଅର୍ଜୁନ ଏରିଗେସି ଟାଟା ଷ୍ଟିଲ ଚ୍ୟାଲେଞ୍ଜର୍ସ ଚେସ୍ ଚାମ୍ପିୟନ ହୋଇଛନ୍ତି।








# ବଜେଟ ଅଧିବେଶନରେ ବଡ଼ ଆହ୍ୱାନ

## ପେଗାସସ୍, ଚାଇନା, ଚାଷୀ: କେନ୍ଦ୍ରକୁ ଘେରିବେ ବିରୋଧୀ



**ନୂଆଦିଲ୍ଲୀ,୩୦।୧**

୨୦୨୨-୨୩ ଆର୍ଥିକ ବର୍ଷର ବଜେଟ ପାଇଁ ସୋମବାର ଆରମ୍ଭ ହେବାକୁ ଥିବା ଅଧିବେଶନ କେନ୍ଦ୍ର ସରକାରଙ୍କୁ ସହଜ ହେବ ନାହିଁ। କାରଣ ଉତ୍ତର ପ୍ରଦେଶ, ପଞ୍ଜାବ, ଉତ୍ତରାଖଣ୍ଡ, ମଣିପୁର ଓ ଗୋଆରେ ବିଧାନସଭା ନିର୍ବାଚନ ହେବାକୁ ଆଉ ମାତ୍ର କିଛିଦିନ ବାକି ଅଛି। ଏଭଳି ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ଉପରୋକ୍ତ ୫ ରାଜ୍ୟରେ ମତଦାତାଙ୍କୁ ଭାଜପା ସପକ୍ଷକୁ ଟାଣିବା ପାଇଁ କେନ୍ଦ୍ରୀୟ ବଜେଟକୁ ଆୟୁଧ କରିପାରନ୍ତି। ବିଶେଷକରି କେନ୍ଦ୍ର ଉପରେ ଚାଷୀକୁଳ ଅସନ୍ତୁଷ୍ଟ ଥିବାରୁ ସେମାନଙ୍କୁ ଶାନ୍ତ କରି ଭୋଟ୍‌ରେ ରୂପାନ୍ତରିତ କରିବା ଲାଗି ସରକାର କୃଷି କ୍ଷେତ୍ର ପାଇଁ ସ୍ୱତନ୍ତ୍ର ଆବଣ୍ଟନ ଓ ସବ୍‌ସିଡି ପ୍ରଦାନ ଭଳି ବଡ଼ ଘୋଷଣା କରିପାରନ୍ତି। ତେବେ ମୋଦି ସରକାରଙ୍କୁ ଘେରି ଅପଦସ୍ଥ କରିବାର ସୁଯୋଗକୁ ବିରୋଧୀ ମଧ୍ୟ ହାତଛଡ଼ା କରିବାକୁ ଚାହୁଁନାହାନ୍ତି। କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ପେଗାସସ୍ ସ୍ପାଏୱେର ଜରିଆରେ ଗୁପ୍ତଚରଗିରି, ଚାଇନାର ଅତିକ୍ରମଣ ଓ ଚାଷୀଙ୍କ ଦୁର୍ଦ୍ଦଶା ପ୍ରସଙ୍ଗକୁ ଅସ୍ତ୍ର କରିବା ଏକପ୍ରକାର ନିଶ୍ଚିତ।

କୋଭିଡ୍-୧୯ ମହାମାରୀ ମଧ୍ୟରେ ବଜେଟ ଅଧିବେଶନ ଆରମ୍ଭ ହେବାକୁ ☞ପୃଷ୍ଠା-୪

## ସର୍ବଦଳୀୟ ବୈଠକ ଆଜି

ପାର୍ଲାମେଣ୍ଟର ବଜେଟ୍ ଅଧିବେଶନ ସୋମବାର ଆରମ୍ଭ ହେବ। ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଭିଭାଷଣ ପରେ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରାଯିବ। ଫେବୃୟାରୀ ୧ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଚତୁର୍ଥ ଥର ପାଇଁ ସଂସଦରେ ବଜେଟ ଉପସ୍ଥାପନ କରିବେ। ଏଥିପାଇଁ ବିରୋଧୀ ଦଳଗୁଡ଼ିକର ସହଯୋଗ ଲୋଡ଼ିବା ସକାଶେ କେନ୍ଦ୍ର ସରକାର ସୋମବାର ସର୍ବଦଳୀୟ ବୈଠକ ଡାକିଛନ୍ତି। ଉଭୟ ଲୋକ ସଭା ଓ ରାଜ୍ୟ ସଭାରେ ସୁରୁଖୁରୁରେ ଗୃହକାର୍ଯ୍ୟ ସମ୍ପାଦନ ପାଇଁ ଆଲୋଚନା କରିବାକୁ ସବୁ ଦଳର ନେତାଙ୍କୁ ନିମନ୍ତ୍ରଣ କରାଯାଇଛି। ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅପରାହ୍ନ ୩ଟାରେ ଭର୍ଚୁଆଲ ☞ପୃଷ୍ଠା-୪

## ବସି ପାରିଲାନି ବୈଠକ, ସନ୍ଦେହରେ ପ୍ରସଙ୍ଗ

**ଭୁବନେଶ୍ୱର,୩୦।୧(ବ୍ୟୁରୋ)**

ପାର୍ଲାମେଣ୍ଟର ବଜେଟ୍ ଅଧିବେଶନ ସୋମବାରଠାରୁ ଆରମ୍ଭ ହେବ। ଏଥର କେନ୍ଦ୍ର ସରକାର ବଜେଟ୍‌ରେ କେଉଁସବୁ ଦିଗ ଉପରେ ଗୁରୁତ୍ୱ ଦେବେ ତାହା ଉପରେ ସମସ୍ତଙ୍କ ନଜର ରହିଛି। ମୁଖ୍ୟତଃ ଉତ୍ତରପ୍ରଦେଶ, ପଞ୍ଜାବ, ଗୋଆ, ଉତ୍ତରାଖଣ୍ଡ ଓ ମଣିପୁରରେ ନିର୍ବାଚନ ହେବାକୁ ଥିବାରୁ କେନ୍ଦ୍ର ସରକାରଙ୍କ ବଜେଟ୍ ଅଧିବେଶନ ବେଶ୍ ଗୁରୁତ୍ୱପୂର୍ଣ୍ଣ ଅଟେ। ଅଧିବେଶନ ପୂର୍ବରୁ ହେବାକୁ ଥିବା ସର୍ବଦଳୀୟ ବୈଠକ ଏଥର କିନ୍ତୁ ବସିପାରିନାହିଁ। ବିଜେଡିର ଏମ୍‌ପିମାନଙ୍କ ବୈଠକ ମଧ୍ୟ ହୋଇପାରିନାହିଁ। କିନ୍ତୁ ବିଗତ ଦିନରେ ରାଜ୍ୟର ସ୍ୱାର୍ଥ ରକ୍ଷା ଲାଗି ଉଠାଇ ଆସୁଥିବା ସମସ୍ୟା କଥା ଉତ୍ଥାପନ କରାଯିବ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ସେହିପରି କଂଗ୍ରେସ ମଧ୍ୟ ରାଜ୍ୟର ଆଇନ ଶୃଙ୍ଖଳା ସ୍ଥିତି ସହ କୋଟିଆ ସମସ୍ୟାକୁ ପାର୍ଲାମେଣ୍ଟରେ ଜୋର୍‌ଦାର କରିବ ବୋଲି କହିଛି। ହେଲେ ଅନେକ ଥର ଉଭୟ ବିଜେଡି ଓ କଂଗ୍ରେସ ଓଡ଼ିଶାର ବିଭିନ୍ନ ସମସ୍ୟାକୁ ଜୋରଦାର କରିବେ ବୋଲି କହୁଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ତାହା ଦେଖିବାକୁ ମିଳେନାହିଁ। ଭାଜପା ଓଲଟି ସମାଲୋଚନା କରିଛି। ବିଜେଡି ସବୁବେଳେ ସମସ୍ୟା କଥା ଉଠାଇବ ବୋଲି କୁହେ, ହେଲେ ତାହା ହୁଏ ନାହିଁ ବୋଲି ଭାଜପା ପକ୍ଷରୁ କୁହାଯାଇଛି। ☞ପୃଷ୍ଠା-୪

## ପୋଲିସ ଗାଡ଼ି ଧକ୍କାରେ ମହିଳା ମୃତ

**■ସ୍ୱାମୀ ଓ ଭାଣିଜୀ ଗୁରୁତର**

**ଖଇରା,୩୦।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସୋର-କୁପାରୀ ରାସ୍ତାର ଝାଟିଆ ଛକ ନିକଟରେ ପୋଲିସ ଗାଡ଼ିରେ ବାଇକ୍ ପିଟି ହେବାରୁ ଜଣେ ମହିଳାଙ୍କର ମୃତ୍ୟୁ ହୋଇଥିବା ବେଳେ ତାଙ୍କ ସ୍ୱାମୀ ଓ ଭାଣିଜୀ ଗୁରୁତର ହୋଇଛନ୍ତି। ରବିବାର ସନ୍ଧ୍ୟାରେ ବାସୁଦେବପୁର ବିଦେଇପୁର ଅଞ୍ଚଳର ସଞ୍ଜୟ ବାରିକ ତାଙ୍କ ସ୍ତ୍ରୀ ଓ ଭାଣିଜୀ ମାମାଙ୍କୁ ବାଇକ୍‌ରେ ବସାଇ ଗଣ୍ଡିବେଡ଼ ଅଭିମୁଖେ ଆସୁଥିଲେ। ଝାଟିଆ ଛକ ନିକଟରେ ପୋଲିସ ହେଲମେଟ ଓ ମାସ୍କ ଚେକିଂ କରୁଥିଲା। ସେଠାରେ ଛିଡ଼ା ହୋଇଥିବା ପୋଲିସ ଗାଡ଼ିରେ ସେମାନେ ପିଟି ହୋଇ ଛିଟିକି ପଡ଼ିଥିଲେ। ଏହି ସମୟରେ ପଛରୁ ଆସୁଥିବା ଟ୍ରକ୍ ସେମାନଙ୍କ ଉପରେ ମାଡିଯିବାରୁ ୩ଜଣ ଗୁରୁତର ହୋଇଥିଲେ। ସେହି ବାଟଦେଇ ପ୍ରଚାରରେ ଯାଉଥିବା ଭାଜପା ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ପୁଣି ପେଗାସସ୍**

## ବଢ଼ିପାରେ ଟିକସ ଛାଡ଼ ସୀମା

**■ ନିଯୁକ୍ତି ସୃଷ୍ଟି, ଷ୍ଟାଣ୍ଡାର୍ଡ ଡିଡକ୍ସନ, ଚାଷୀଙ୍କ ଆୟ ବୃଦ୍ଧିକୁ ଗୁରୁତ୍ୱ ଦିଆଯାଇପାରେ**

**ନୂଆଦିଲ୍ଲୀ,୩୦।୧(ଆଇଏଏନ୍‌ଏସ୍)**

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ମଙ୍ଗଳବାର ୨୦୨୨-୨୩ ଆର୍ଥିକ ବର୍ଷ ଲାଗି ବଜେଟ ପାର୍ଲାମେଣ୍ଟରେ ଉପସ୍ଥାପନ କରିବାକୁ ଯାଉଛନ୍ତି। ଦୁଇବର୍ଷ ହେଲା କୋଭିଡ୍ ମହାମାରୀ ଯୋଗୁ ଦେଶର ଅର୍ଥନୀତି ଗୁରୁତର ପ୍ରଭାବିତ ହୋଇଥିବାବେଳେ ବହୁସଂଖ୍ୟାରେ ଲୋକ କାମଧନ୍ଦା ହରାଇ ବେରୋଜଗାର ହୋଇଛନ୍ତି। ତେଣୁ ଏଥର ବଜେଟ ଉପରେ ବିଭିନ୍ନ ବର୍ଗର



ଲୋକେ ଅନେକ କିଛି ଆଶା ରଖିଛନ୍ତି। ସରକାର ନିଯୁକ୍ତି ସୃଷ୍ଟି, ଟିକସ ଛାଡ଼ ସୀମା ବୃଦ୍ଧି, ଷ୍ଟାଣ୍ଡାର୍ଡ ଡିଡକ୍ସନ, ଚିକିତ୍ସା ଖର୍ଚ୍ଚ ବୃଦ୍ଧି ଉପରେ ଅଧିକ ଧ୍ୟାନ ଦେଇପାରନ୍ତି ବୋଲି ଆଶା କରାଯାଉଛି।

ଚଳିତ ଆର୍ଥିକ ବର୍ଷରେ ପ୍ରତ୍ୟକ୍ଷ ଟିକସ ସଂଗ୍ରହ ବୃଦ୍ଧି ପାଇଛି। ତେଣୁ ଆଗାମୀ ବଜେଟରେ ଟିକସ ଛାଡ଼ ସୀମା ବୃଦ୍ଧି ପାଇପାରେ ବୋଲି ଆର୍ଥିକ ସେବା ଯୋଗାଉଥିବା ୱିଲିୟମ ଓ' ନେଲ୍ ଇଣ୍ଡିଆ ନାମକ ସଂସ୍ଥା ପକ୍ଷରୁ କୁହାଯାଇଛି। ୨୦୨୧ ବଜେଟରେ ଟିକସଦାତାଙ୍କୁ କୌଣସି ବଡ଼ ଟିକସ ରିହାତି ମିଳି ନ ଥିଲା। ୨୦୨୧ ବଜେଟରେ ଆୟକର ଛାଡ଼ ସୀମା ଅପରିବର୍ତ୍ତିତ ରହିଥିଲା। ତେଣୁ ଏଥର ଆୟକର ଛାଡ଼ ସୀମା ବୃଦ୍ଧି କରାଯିବା ଆଶା କରାଯାଉଛି। ବର୍ତ୍ତମାନ ୨.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ ଟିକସ ଦେବାକୁ ପଡୁନାହିଁ। ବ୍ୟକ୍ତିଗତ ଆୟକର ହ୍ରାସ ପାଇଲେ ଜଣେ ବ୍ୟକ୍ତିଙ୍କ ଅବଶିଷ୍ଟ ଆୟ ବୃଦ୍ଧି ପାଇବ। ଫଳରେ ସେ ଅଧିକ ଖର୍ଚ୍ଚ କରିବାକୁ ଉତ୍ସାହିତ ହେବେ। ଏହା ଜିଏସ୍‌ଟି ସଂଗ୍ରହ ବଢ଼ାଇବା ସହ ପରୋକ୍ଷ ଟିକସରୁ ଆୟ ବୃଦ୍ଧିରେ ସହାୟକ ହେବ ବୋଲି କୁହାଯାଇଛି।

ସମ୍ପ୍ରତି ଆୟକର ଆଇନର ଧାରା ୧୬(୧ଏ) ଅନୁଯାୟୀ ବେତନଭୋଗୀ ଆୟକରଦାତାଙ୍କ ବେତନରୁ ୫୦,୦୦୦ ଟଙ୍କା ଷ୍ଟାଣ୍ଡାର୍ଡ ଡିଡକ୍ସନ ହେଉଛି। ବିତ୍ତୀୟ ଅଧିନିୟମ ୨୦୧୯ ଅନୁଯାୟୀ ଏହାକୁ ☞ପୃଷ୍ଠା-୪

## ନିଯୁକ୍ତି ଆଶାୟୀ ମହିଳାଙ୍କ ସଂଖ୍ୟା ୩୪% ହ୍ରାସ

**ମୁମ୍ବାଇ,୩୦।୧**

ମହାମାରୀ ଯୋଗୁ ପୁରୁଷଙ୍କ ତୁଳନାରେ ମହିଳାଙ୍କ ନିଯୁକ୍ତି ଅଧିକ ପ୍ରଭାବିତ ହୋଇଛି। କେବଳ ନିଯୁକ୍ତି ହରାଇଥିଲେ ତାହା ନୁହେଁ, ବରଂ ସେମାନଙ୍କ ମଧ୍ୟରୁ କମ୍ ସଂଖ୍ୟକ ମହିଳା କର୍ମକ୍ଷେତ୍ରକୁ ଫେରିଥିଲେ। ୨୦୧୯ରୁ ୨୦୨୧ ମଧ୍ୟରେ ପ୍ରତ୍ୟେକ ମାସରେ କାର୍ଯ୍ୟ ଖୋଜୁଥିବା ମହିଳାଙ୍କ ସଂଖ୍ୟା ୩୦ ଲକ୍ଷକୁ ହ୍ରାସ ପାଇଛି। ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ ଇକୋନୋମି (ସିଏମ୍‌ଆଇଇ) ଓ ସେଣ୍ଟର ଫର୍ ଇକୋନୋମିକ୍ ଡାଟା ଆଣ୍ଡ ଆନାଲିସିସ୍ (ସିଇଡିଏ) ପକ୍ଷରୁ ସଦ୍ୟ ପ୍ରକାଶିତ ଏକ ବୁଲେଟିନ୍ ଏହି ତଥ୍ୟ ପ୍ରକାଶ କରିଛି। ତଦନୁଯାୟୀ ଭାରତର ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ କମ୍ ସଂଖ୍ୟକ ମହିଳା କାର୍ଯ୍ୟକୁ ଫେରିବାକୁ ଇଚ୍ଛା କରୁଥିବା ଲକ୍ଷ୍ୟ କରାଯାଇଛି। ୨୦୨୧ରେ ସହରାଞ୍ଚଳରେ ପ୍ରତ୍ୟେକ ମାସରେ ୨୫ ଲକ୍ଷ ୭୦ ହଜାର ମହିଳା କାର୍ଯ୍ୟ ଖୋଜିବାରେ ସକ୍ରିୟ ଥିଲେ, ଯାହାକି ୨୦୧୯ରେ ଏହି ସଂଖ୍ୟା ୩୮ ଲକ୍ଷ ୭୦ ହଜାର ଥିଲା। ଅର୍ଥାତ୍ ସହରରେ କର୍ମ ସନ୍ଧାନୀ ମହିଳାଙ୍କ ସଂଖ୍ୟା ୩୩.୭% ହ୍ରାସ ପାଇଛି। ସେହିପରି କେବଳ ସହରାଞ୍ଚଳରେ ୨୦୧୯ ତୁଳନାରେ ୨୦୨୧ରେ ୨୨.୧% କମ୍ ମହିଳା ନିଯୁକ୍ତି ପାଇଥିବା ସିଏମ୍‌ଆଇଇ ତଥ୍ୟରୁ ଜଣାପଡ଼ିଛି।

### ସହରାଞ୍ଚଳ ନିଯୁକ୍ତିରେ ମହାମାରୀର ଗଭୀର ପ୍ରଭାବ

ଉଭୟ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ କଥା ଦେଖିଲେ ୨୦୧୯ରେ ପ୍ରତ୍ୟେକ ମାସରେ ୯୫ ଲକ୍ଷ ୨୦ ହଜାର ମହିଳା ନିଯୁକ୍ତି ଖୋଜୁଥିଲେ। ୨୦୨୧ରେ ସେହି ସଂଖ୍ୟା ୬୫ ଲକ୍ଷ ୨୦ ହଜାରକୁ ହ୍ରାସ ପାଇଛି। ଅନ୍ୟପକ୍ଷରେ କାର୍ଯ୍ୟ ଖୋଜୁଥିବା ପୁରୁଷଙ୍କ ସଂଖ୍ୟା ୨୦୧୯ ତୁଳନାରେ ୨୦୨୧ରେ ସହରାଞ୍ଚଳରେ ୧୯.୭% ଏବଂ ଗ୍ରାମାଞ୍ଚଳରେ ୧୪.୯% ବୃଦ୍ଧି ପାଇଛି।

୩ ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରେ ୨୦୧୯ ତୁଳନାରେ ୨୦୨୧ରେ ହାରାହାରି ମାସିକ ମହିଳା ନିଯୁକ୍ତିରେ ୫୦%ରୁ ଅଧିକ ହ୍ରାସ ଘଟିଛି। ସେଥିମଧ୍ୟରେ ରହିଛି ତାମିଲନାଡୁ (୫୦.୯%), ଗୋଆ (୫୬%), ପଞ୍ଜାବ (୫୭.୯%) ଏବଂ ଜମ୍ମୁ ଓ କଶ୍ମୀର (୬୧%)। କିନ୍ତୁ ପୂର୍ବ ଭାରତୀୟ ରାଜ୍ୟଗୁଡ଼ିକୁ ଦେଖିଲେ ପଶ୍ଚିମବଙ୍ଗ, ଓଡ଼ିଶା ଏବଂ ଛତିଶଗଡ଼ରେ ୨୦୨୦ ଓ ୨୦୨୧ରେ ମହିଳା ନିଯୁକ୍ତିରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି।

ସିଏମ୍‌ଆଇଇ ତଥ୍ୟକୁ ଦେଖିଲେ, ଦେଶର ସହର ଓ ଗ୍ରାମୀଣ ଅଞ୍ଚଳରେ ପୁରୁଷ ନିଯୁକ୍ତି ଭଳି ମହିଳାଙ୍କ ନିଯୁକ୍ତି କ୍ଷେତ୍ରରେ ମଧ୍ୟ ପ୍ରଭେଦ ରହିଛି। ସହରାଞ୍ଚଳରେ ୨୦୨୧ରେ ହାରାହାରି ମହିଳା ନିଯୁକ୍ତି ୨୦୨୦ ତୁଳନାରେ ୬.୯% କମ୍ ଏବଂ ମହାମାରୀ ପୂର୍ବବର୍ଷ ଅର୍ଥାତ୍ ୨୦୧୯ ତୁଳନାରେ ୨୨.୧% କମ୍ ଥିଲା। କିନ୍ତୁ ଗ୍ରାମାଞ୍ଚଳରେ ୨୦୨୧ରେ ହାରାହାରି ମହିଳା ନିଯୁକ୍ତି ୨୦୨୦ ତୁଳନାରେ ୯.୨% ଅଧିକ ଏବଂ ୨୦୧୯ ତୁଳନାରେ ୦.୧% କମ୍ ଥିଲା। ତେଣୁ ମହାମାରୀ ପରଠାରୁ ସହରାଞ୍ଚଳରେ ମହିଳା ☞ପୃଷ୍ଠା-୪




# ଏଏପି ନଜରରେ ଦଳିତ, ଯୁବ ଭୋଟର

**ଅମୃତସର,୩୦।୧**

ପଞ୍ଜାବରେ ଆମ୍ ଆଦ୍ମୀ ପାର୍ଟି (ଏଏପି) କ୍ଷମତାସୀନ ହେଲେ ସବୁ ଅଫିସରେ ସମ୍ବିଧାନ ପ୍ରଣେତା ବାବାସାହେବ ଭୀମରାଓ ଆମ୍ବେଡକର ଓ ଶହୀଦ ଭଗତ ସିଂଙ୍କ ଫଟୋ ଲଗାଯିବ। କୌଣସି ସରକାରୀ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ କିମ୍ବା ଅନ୍ୟ ନେତାଙ୍କ ଫଟୋ ରହିବ ନାହିଁ ବୋଲି ରବିବାର ଏଏପି ଆବାହକ ଅରବିନ୍ଦ କେଜ୍‌ରିୱାଲ ପ୍ରତିଶ୍ରୁତି ଦେଇଛନ୍ତି।

ପଞ୍ଜାବ ବିଧାନସଭାର ୧୧୭ ଆସନରେ ଫେବୃୟାରୀ ୨୦ରେ ଭୋଟ ଗ୍ରହଣ କରାଯିବ। ନିର୍ବାଚନ ପାଇଁ ସବୁ ଦଳ ପକ୍ଷରୁ ଜୋରଦାର ପ୍ରଚାର ଚାଲିଥିବାବେଳେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ରବିବାର ଅମୃତସରରେ ନୂଆ ଗୋଟି ଚଳାଇଛନ୍ତି। ଏଏପିର ପଞ୍ଜାବ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭଗୱନ୍ତ ମାନ୍‌ଙ୍କ ସହ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି କେଜ୍‌ରିୱାଲ କହିଛନ୍ତି, ନିର୍ବାଚନରେ ତାଙ୍କ ଦଳ ଜିତି ସରକାର ଗଢ଼ିଲେ ଆମ୍ବେଡକର ଓ ଭଗତ ସିଂଙ୍କ ସ୍ୱପ୍ନ ପୂରଣ ପାଇଁ ଉଭୟଙ୍କ ସିଦ୍ଧାନ୍ତଗୁଡ଼ିକୁ ଅନୁସରଣ କରିବ। ଏକ ଲମ୍ବା ଲଢ଼େଇ ଓ ମହାନ୍ ତ୍ୟାଗ ପରେ ଆମ ଦେଶ ସ୍ୱାଧୀନ ହୋଇଛି। ଆମର ମହାନ୍ ସ୍ୱାଧୀନତା ସଂଗ୍ରାମୀମାନେ ଦେଶକୁ ବ୍ରିଟିଶ ସରକାରଙ୍କ କବଳରୁ ମୁକ୍ତ କରିବା ପାଇଁ ପ୍ରାଣବଳି ଦେଇଥିଲେ। କିନ୍ତୁ ଆଜି ଆମେ ସେମାନଙ୍କ ଆଦର୍ଶ ଓ ତ୍ୟାଗକୁ ଭୁଲିଯାଉଛେ। ଲୋକେ ସେମାନଙ୍କ ସିଦ୍ଧାନ୍ତଠାରୁ ଦୂରେଇ ଯାଉଛନ୍ତି ବୋଲି କେଜ୍‌ରିୱାଲ କ୍ଷୋଭ ପ୍ରକାଶ କରିଥିଲେ। ଏହି ଦୁଇ ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗକୁ ମନେରଖିବା ପାଇଁ ଦିଲ୍ଲୀ ସରକାର ସବୁ ଅଫିସରେ ସେମାନଙ୍କ ଫଟୋ ଲଗାଇବାକୁ ନିଷ୍ପତ୍ତି ନେଇଛନ୍ତି। ପଞ୍ଜାବରେ ମଧ୍ୟ ଏଏପି ସରକାର ଅନୁରୂପ ନିଷ୍ପତ୍ତି ନେବେ। ଏହି ଅବସରରେ ଭଗୱନ୍ତ ମାନ୍ କହିଥିଲେ, ଆଜିର ଘୋଷଣା ଯୁବପିଢ଼ି ଓ ସରକାରୀ କର୍ମଚାରୀମାନଙ୍କୁ ରାଜ୍ୟ ତଥା ଦେଶ ପାଇଁ କାର୍ଯ୍ୟ କରିବାକୁ ପ୍ରେରଣା ଯୋଗାଇବ। ଯୁବ ଏବଂ ଦଳିତ ଭୋଟରଙ୍କୁ ଏଏପି ଆଡ଼କୁ ଆକର୍ଷିତ କରିବା ପାଇଁ କେଜ୍‌ରିୱାଲ ଏହି ଘୋଷଣା କରିଥିବା କୁହାଯାଉଛି। ତାଙ୍କର ଏହି ଗୋଟିଚାଳନା କେତେ ସଫଳ ହେଉଛି ତାହା ମାର୍ଚ୍ଚ ୧୦ରେ ଫଳାଫଳ ଆସିବା ପରେ ଜଣାପଡ଼ିବ।

## ପଞ୍ଜାବରେ ଜିତିଲେ ସବୁ ଅଫିସରେ ରହିବ ଆମ୍ବେଡକର, ଭଗତ ସିଂଙ୍କ ଫଟୋ: କେଜ୍‌ରିୱାଲ


ଅମୃତସରରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ସହ ପଞ୍ଜାବର ଏଏପି ସଭାପତି ଭଗୱନ୍ତ ମାନ୍।


୧୯୯୩ ଦିଲ୍ଲୀ ବିସ୍ଫୋରଣ ମାମଲାର ଦୋଷୀ ଦେବୀନ୍ଦର ପାଲ ସିଂ ଭୁଲ୍ଲାରଙ୍କ ମୁକ୍ତି ପାଇଁ ଏଏପିର ଖବରଦାତା ସମ୍ମିଳନୀରେ ଅରବିନ୍ଦ କେଜ୍‌ରିୱାଲ ଘୋଷଣା କରି ନ ଥିବାରୁ ଏକ କଠୋରପନ୍ଥୀ ଶିଖ୍ ସଙ୍ଗଠନ ପକ୍ଷରୁ ବିକ୍ଷୋଭ କରାଯାଉଛି।

# ଆଚରଣବିଧି ଉଲ୍ଲଂଘନ କରୁଛି ବିଜେଡି: ଭାଜପା

**ଭୁବନେଶ୍ୱର,୩୦।୧(ବ୍ୟୁରୋ)**

ସରକାରୀ କଳ ଏବଂ ଶାସନ କ୍ଷମତାର ଅପବ୍ୟବହାର କରିବା ସହ ଶାସକ ବିଜେଡି ନେତାମାନେ ନିର୍ବାଚନ ଆଚରଣବିଧିକୁ ଖୋଲାଖୋଲି ଉଲ୍ଲଂଘନ କରୁଛନ୍ତି। ଏପରି କି ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମକୁ ଦଳୀୟ ଚିହ୍ନ ଦ୍ୱାରା ବିଜ୍ଞାପନ ଜରିଆରେ ଭୋଟରଙ୍କୁ ପ୍ରଭାବିତ କରାଯାଉଛି। ''ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ମାର୍ଟ କାର୍ଡ'' ସରକାରୀ ଯୋଜନା ହୋଇଥିବା ସତ୍ତ୍ୱେ ଶାସକ ବିଜେଡି ନିଜ ଦଳୀୟ ଚିହ୍ନ ଲଗାଥିବା ବିଜ୍ଞାପନ ଗଣମାଧ୍ୟମ ଜରିଆରେ ପ୍ରକାଶ ପାଉଛି। ଫଳରେ ଏହା ଦ୍ୱାରା ନିର୍ବାଚନ ଆଚରଣବିଧିର ଖୋଲାଖୋଲି ଉଲ୍ଲଂଘନ ହେଉଛି। ନିର୍ବାଚନ କମିଶନ ତୁରନ୍ତ ଏହି ଘଟଣାରେ ହସ୍ତକ୍ଷେପ କରି ଆଚରଣବିଧି ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଭାଜପା ଦାବି କରିଛି। ନଚେତ୍ ଭାଜପା ଏହି ପ୍ରସଙ୍ଗରେ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେବ ବୋଲି ଦଳର ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର କହିଛନ୍ତି।

# ଫ୍ୟାଶନ୍ ମଡେଲିଂରୁ ସରପଞ୍ଚ ପ୍ରାର୍ଥୀ

**ବଲାଙ୍ଗୀର ଅଫିସ, ୩୦।୧**

## ଚର୍ଚ୍ଚାରେ ଚୂଡ଼ାପାଲି ସରପଞ୍ଚ ପ୍ରାର୍ଥୀ ପ୍ରିୟଙ୍କା ନନ୍ଦ

ଚଳିତ ପଞ୍ଚାୟତ ନିର୍ବାଚନରେ ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ଚୂଡ଼ାପାଲି ଗ୍ରାମ ପଞ୍ଚାୟତ ଭିନ୍ନ ଏକ ଦିଗରୁ ଚର୍ଚ୍ଚାର ପରିସରକୁ ଆସିଛି। ଏହି ପଞ୍ଚାୟତରେ ସରପଞ୍ଚ ପ୍ରାର୍ଥୀ ଭାବେ ନିର୍ବାଚନ ମଇଦାନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ଫ୍ୟାଶନ୍ ମଡେଲ ଦୁନିଆର ଜଣେ ଚର୍ଚ୍ଚିତ ଚେହେରା ପ୍ରିୟଙ୍କା ନନ୍ଦ। ୨୦୧୫ମସିହାରେ ଭାରତୀୟ ସୁନ୍ଦରୀ ପ୍ରତିଯୋଗିତାରେ ମିସ୍ ଫଟୋଜେନିକ୍ ଭାବେ ପୁରସ୍କୃତ ହୋଇଥିବା ପ୍ରିୟଙ୍କା ଏବେ ଫ୍ୟାଶନ୍ ଦୁନିଆରୁ ସିଧାସଳଖ ରାଜନୀତି ମଇଦାନକୁ ଆସିଛନ୍ତି। ତାଙ୍କ ପୈତୃକ ଗ୍ରାମ ହେଉଛି ଚୂଡ଼ାପାଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଦୁଲୁସର। ତାଙ୍କ ପିତା ସ୍ୱର୍ଗତ ରୋହିତ ନନ୍ଦ ଥିଲେ ଭାରତ ସରକାରଙ୍କ ଗୋଳାବାରୁଦ କାରଖାନାର ଜଣେ କର୍ମଚାରୀ। ମାତା ଶୋଭାରାଣୀ ନନ୍ଦ ଏବେ ମଧ୍ୟପ୍ରଦେଶର ଇଟାରସି ଗୋଳାବାରୁଦ କାରଖାନାରେ କାର୍ଯ୍ୟରତ। ପ୍ରିୟଙ୍କା ଭୋପାଳସ୍ଥିତ ବରକତ୍‌ଉଲ୍ଲା ବିଶ୍ୱବିଦ୍ୟାଳୟରୁ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି।


ପ୍ରିୟଙ୍କା ନନ୍ଦ

ତେବେ ପରିବାର ଲୋକଙ୍କ ପରାମର୍ଶ ପରେ ଚଳିତ ପଞ୍ଚାୟତ ନିର୍ବାଚନରେ ଭାଗ ନେବାକୁ ସେ ସ୍ୱୀକୃତି ପ୍ରଦାନ କରିଥିଲେ। ଉଚ୍ଚଶିକ୍ଷିତା ପ୍ରିୟଙ୍କା ନିଜ ଗାଁ ପାଇଁ କିଛି କରିବାର ସଂକଳ୍ପ ନେଇ ରାଜନୀତି ମଇଦାନକୁ ଓହ୍ଲାଇଥିବା କହିଛନ୍ତି। ମଡେଲିଂ କ୍ଷେତ୍ରଠାରୁ ରାଜନୀତି ସମ୍ପୂର୍ଣ୍ଣ ଅଲଗା। ତେବେ ଗାଁ ଲୋକଙ୍କ ସେବା କରିବାର ସୁଯୋଗ ଥିବାରୁ ସେ ରାଜନୀତି ମଇଦାନକୁ ଆସିଥିବା କହିଛନ୍ତି। ଲୋକଙ୍କ ଦ୍ୱାରା ବିଜୟୀ ହେଲେ ଚୂଡ଼ାପାଲି ଗ୍ରାମ ପଞ୍ଚାୟତକୁ ସବୁଦିଗରୁ ଉନ୍ନତି ପଥରେ ଆଗେଇନେବେ ବୋଲି କହିଛନ୍ତି। ଏବେ ସେ ଘରକୁ ଘର ନିର୍ବାଚନ ପ୍ରଚାରରେ ବୁଲୁଛନ୍ତି। ଲୋକଙ୍କୁ ତାଙ୍କ ମନ କଥା କହି ଭୋଟ ଦେବାକୁ ଅନୁରୋଧ କରୁଛନ୍ତି। ଗ୍ଲାମର ଓ ମଡେଲିଂ କ୍ଷେତ୍ରରୁ ଗ୍ରାମ୍ୟ ରାଜନୀତି ମଇଦାନକୁ ଓହ୍ଲାଇଥିବା ପ୍ରିୟଙ୍କା ଏବେ ଅନେକଙ୍କ ପାଇଁ ଚର୍ଚ୍ଚା ଓ ଆକର୍ଷଣର କେନ୍ଦ୍ର ପାଲିଟିଛନ୍ତି।

## ସର୍ବକନିଷ୍ଠ ସରପଞ୍ଚ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱ

**ଶେରଗଡ଼,୩୦।୧(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଶେରଗଡ ବ୍ଲକର ଦୁଇଟି ପଞ୍ଚାୟତ ଖିରିଡା ଓ ଧନନ୍ତରରେ ସରପଞ୍ଚ ଓ ସମିତିସଭ୍ୟ ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱି ରହିଛନ୍ତି। ଏମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ସ୍ପଷ୍ଟ ହୋଇଛି। ଧନନ୍ତର ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ରାଜେଶ ଜେନା ବ୍ଲକରେ ସର୍ବ କନିଷ୍ଠ ସରପଞ୍ଚ ପ୍ରାର୍ଥୀ ବୋଲି ଜଣାପଡ଼ିଛି। ସୁନାଥର ଗ୍ରାମର କାଳିଆ ଜେନାଙ୍କ ୨୨ ବର୍ଷୀୟ ପୁଅ ରାଜେଶ ଯୁକ୍ତ ୨ ପଢ଼ିଛନ୍ତି। ସେ ପ୍ରଥମ ଥର ରାଜନୀତିରେ ପାଦ ଥାପିଛନ୍ତି। ପଞ୍ଚାୟତବାସୀଙ୍କ ନିଷ୍ପତ୍ତି ପ୍ରକାରେ ରଜେଶ ସରପଞ୍ଚ ପଦବୀ ପାଇଁ ନାମାଙ୍କନ ଦାଖଲ କରିଥିଲେ। ଧନନ୍ତର ପଞ୍ଚାୟତରେ ସରପଞ୍ଚ ପଦବୀରେ ରାଜେଶ ଜଣେ ମାତ୍ର ପ୍ରାର୍ଥୀ ହୋଇଥିବା ବିଡିଓ ଶମ୍ଭୁନାଥ ନନ୍ଦି କହିଛନ୍ତି।

**ଧନନ୍ତର ପଞ୍ଚାୟତ**


ରାଜେଶ ଜେନା

# ଜିଅନ୍ତା ମାଛ ଧରି ସରପଞ୍ଚ ପ୍ରାର୍ଥିନୀଙ୍କ ପ୍ରଚାର

**ନବରଙ୍ଗପୁର,୩୦।୧(ବି.ପ୍ର.)**

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ପାତ୍ରୀ ପଞ୍ଚାୟତର ସରପଞ୍ଚ ପଦବୀ ପାଇଁ ୪ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ଭଗବତୀ ଭତରା(ମାଛଚିହ୍ନ), ହରପ୍ରିୟା ନାୟକ(ସୂର୍ଯ୍ୟ), ଲକ୍ଷ୍ମୀ ଜାନୀ(ଖୋଲାଛତା) ଓ ପୂର୍ଣ୍ଣିମା ଜାନୀ (ବହି) ଚିହ୍ନରେ ପ୍ରଚାର ଚଳାଇଛନ୍ତି। ପଞ୍ଚାୟତରେ ୬ ରାଜସ୍ୱ ଗାଁ ସମେତ ୨୧ ପଡ଼ା ଗାଁ ରହିଛି। ୬ ହଜାର ୬୩୩ ଭୋଟର ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ତେବେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ଭଗବତୀ ଭତରା ଏଥର ପାତ୍ରୀ ପଞ୍ଚାୟତରେ ସରପଞ୍ଚ ପଦବୀ ପାଇଁ ନିର୍ବାଚନ ଲଢୁଛନ୍ତି। ସେ ଜିଲା ପରିଷଦ ଅଧ୍ୟକ୍ଷା ରହିବା ପରେ ସରପଞ୍ଚ ପ୍ରାର୍ଥୀ ହେବା ଯେତିକି ଚର୍ଚ୍ଚାର ବିଷୟ ହୋଇଛି ତାଙ୍କ ଅଭିନବ ପ୍ରଚାର ତାହାଠାରୁ ଅଧିକ ରୋଚକ ହୋଇଛି। ପ୍ରାର୍ଥୀ ନିଜ ଚିହ୍ନର ପରିଚୟରେ ଭୋଟରଙ୍କ ନିକଟକୁ ଯାଉଛନ୍ତି। ଭଗବତୀ ମାଛ ଚିହ୍ନରେ ପ୍ରଚାର ପାଇଁ ଜିଅନ୍ତା ମାଛ ହାତରେ ଧରି ଭୋଟରଙ୍କ ପାଖକୁ ଯାଉଛନ୍ତି। ସୂଚନାଯୋଗ୍ୟ, ଅଙ୍ଗନୱାଡି କର୍ମୀ ଚାକିରି ଛାଡ଼ି ଭଗବତୀ ରାଜନୀତିରେ ପ୍ରବେଶ କରିଥିଲେ। ୨୦୧୭ ପଞ୍ଚାୟତ ନିର୍ବାଚନରେ ପାପଡ଼ାହାଣ୍ଡି ଜିଲା ପରିଷଦ ଜୋନ୍-୩ର ଜିଲା ପରିଷଦ ସଭ୍ୟା ଭାବେ ନିର୍ବାଚିତ ହୋଇ ନବରଙ୍ଗପୁର ଜିଲା ପରିଷଦ ଅଧ୍ୟକ୍ଷା ହୋଇଥିଲେ। ୨୦୨୨ ପର୍ଯ୍ୟନ୍ତ ସେ ଏହି ପଦରେ ରହିଥିଲେ। ତେଣୁ ରାଜନୀତି ମୋହ ବଢ଼ିଥିଲା। ଏବେ ସେ ସରପଞ୍ଚ ପ୍ରାର୍ଥିନୀ ଭାବେ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ତାଙ୍କ ଅଭିନବ ପ୍ରଚାର ଭୋଟରଙ୍କ ମଧ୍ୟରେ ବି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ତେବେ ସରପଞ୍ଚ ପ୍ରାର୍ଥୀ ହୋଇ ନିର୍ବାଚନ ଲଢ଼ିବାର ମୂଳଲକ୍ଷ୍ୟ ଜନସେବା ବୋଲି ଭଗବତୀ କହିଛନ୍ତି।


ଭଗବତୀ ସମର୍ଥକମାନଙ୍କ ସହ ପ୍ରଚାର ପାଇଁ ବହାରିଛନ୍ତି।

# ବଜେଟକୁ ନେଇ ଆଶା, ଆଶଙ୍କା

**ଭୁବନେଶ୍ୱର, ୩୦।୧ (ବ୍ୟୁରୋ)**

୨୦୨୨-୨୩ ଆର୍ଥିକ ବର୍ଷ ପାଇଁ କେନ୍ଦ୍ର ସରକାର ମଙ୍ଗଳବାର ସଂସଦରେ ବଜେଟ ଉପସ୍ଥାପନ କରିବେ। ମହାମାରୀ କରୋନା ପାଇଁ ସମଗ୍ର ଦେଶ ଏବେ ସଙ୍କଟ ସ୍ଥିତିରେ ଗତି କରୁଥିବାବେଳେ ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦରବୃଦ୍ଧି, ବେକାରି, ଛଟେଇ, କୃଷି, ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଦେଶବାସୀ। ତେଣୁ ଏସବୁ ସ୍ଥିତିର ସୁଧାର ପାଇଁ କେନ୍ଦ୍ରୀୟ ବଜେଟ୍ ବେଶ୍ ଗୁରୁତ୍ୱ ବହନ କରୁଥିବାବେଳେ ଓଡ଼ିଶାବାସୀଙ୍କ ମନରେ ନାନା ଆଶା ଓ ଆଶଙ୍କା ପ୍ରକାଶ ପାଇଛି। ଏଥିସହ ବଜେଟରେ କେଉଁ କ୍ଷେତ୍ରକୁ ଗୁରୁତ୍ୱ ଦିଆଯିବା ଆବଶ୍ୟକ ଓ ଦୋହଲିଯାଇଥିବା ଅର୍ଥ ବ୍ୟବସ୍ଥା ସୁଧାରିବାକୁ କ'ଣ ସବୁ ବ୍ୟବସ୍ଥା ରହିଥିବା ଦରକାର ତାହାକୁ ନେଇ ମଧ୍ୟ କଳ୍ପନା ଜଳ୍ପନା ଲାଗି ରହିଛି।

## ସବୁ ବର୍ଗର ହାତକୁ ପଇସା ଆସିଲା ଭଳି ବଜେଟ ହେଉ



କେନ୍ଦ୍ର ସରକାର ୨୦୧୬ରେ ନେଇଥିବା ଏକ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଯୋଗୁ ଆଜି ଦେଶର ଅର୍ଥନୀତି ନିମ୍ନଗାମୀ ହୋଇରହିଛି। ସରକାର ଗୋଟିଏ ଭୁଲ୍‌ର ସୁଧାର ପାଇଁ ଶହେ ଭୁଲ୍ ଆଡ଼କୁ ପାଦ ପକାଉଛନ୍ତି; ଯାହାର ପରିଣାମ ଦେଶବାସୀ ବିଗତ ୬ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଭୋଗୁଛନ୍ତି। ଏଭଳି ସମୟରେ କୋଭିଡ୍ ମହାମାରୀ ଉଭୟ ସରକାର ଓ ସାଧାରଣ ଜନତାଙ୍କ ଅଣ୍ଟା ଭାଙ୍ଗି ଦେଇଛି। ସବୁବର୍ଗର ଲୋକଙ୍କ ରୋଜଗାର ପ୍ରଭାବିତ ହୋଇଛି। ଚଳଚଞ୍ଚଳ ଭାରତୀୟ ବଜାର ମାନ୍ଦା ପଡ଼ିଯାଇଛି। ଆମଦାନୀ ଓ ରପ୍ତାନିରେ ମଧ୍ୟ ଅନେକ ସମସ୍ୟା ଦେଖାଦେଇଛି। ଏହାକୁ ଆଖି ଆଗରେ ରଖି ସରକାର ଚଳିତ ବଜେଟରେ ସବୁବର୍ଗଙ୍କ ହାତକୁ ପଇସା ଆସିଲା ଭଳି ନୀତି ପ୍ରଣୟନ ସହ ଟିକସ ହ୍ରାସ ଓ ମଜୁରୀ ବୃଦ୍ଧି ଉପରେ ଗୁରୁତ୍ୱ ଦିଅନ୍ତୁ। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ମନରେଗା ଭଳି କ୍ଷେତ୍ରଗୁଡ଼ିକ କିପରି ଅଧିକରୁ ଅଧିକ କ୍ରିୟାଶୀଳ ହେବ ସେ ନେଇ ମଧ୍ୟ ବିଚାର କରନ୍ତୁ ବୋଲି ଜନତା ଆଶା ରଖିଛନ୍ତି।

**-ପଞ୍ଚାନନ କାନୁନ୍‌ଗୋ, ପୂର୍ବତନ ଅର୍ଥମନ୍ତ୍ରୀ**

## ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣରେ ଆଣିବାକୁ ବ୍ୟବସ୍ଥା ରହିବା ଦରକାର



ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ରେଳ ଭିତ୍ତିଭୂମି କମ୍ ରହିଛି। ସେହିପରି ଅଚ୍ଛେଦିନ୍ ଆସିବା ନାମରେ ଏଠାରେ ସାଧାରଣ ଜନତାଙ୍କ ଉପରେ ମହଙ୍ଗାମାଡ଼ ହେଉଛି। ଖାଦ୍ୟ ସାମଗ୍ରୀଠାରୁ ଆରମ୍ଭ କରି ପେଟ୍ରୋଲ, ଡିଜେଲ ପର୍ଯ୍ୟନ୍ତ ସବୁକିଛି ଚଢ଼ା ଦରରେ ବିକ୍ରି ହେଉଛି। ତେଣୁ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣରେ ଆଣିବା ଲାଗି ବଜେଟରେ ଆବଶ୍ୟକ ବ୍ୟବସ୍ଥା ରହିବା ଦରକାର। ଏଥରର ବଜେଟ୍ ଅନ୍ତତଃ ସାଧାରଣ ବା ଗରିବ ଶ୍ରେଣୀର ଲୋକଙ୍କୁ ସୁହାଇବା ଭଳି ହେବା ଆବଶ୍ୟକ।

**-ଚିତ୍ତରଞ୍ଜନ ପଟ୍ଟନାୟକ, ଅଧ୍ୟାପକ**

## ବଜେଟ ଲୋକାଭିମୁଖୀ ହେଉ



ଭାରତ ଏକ ଜନବହୁଳ ରାଷ୍ଟ୍ର ହୋଇଥିବାରୁ ଚଳିତ ବର୍ଷର ବଜେଟ ଲୋକାଭିମୁଖୀ ହେବା ଦରକାର। ବ୍ୟାଙ୍କ ଫିକ୍ସଡ୍ ଡିପୋଜିଟ୍‌ରେ ସୁଧ ହାର ବଢ଼ିବା ଆବଶ୍ୟକ। ଏହାଦ୍ୱାରା ବ୍ୟାଙ୍କରେ ଟଙ୍କା ରଖିଥିବା ଅବସରପ୍ରାପ୍ତ ବରିଷ୍ଠ ନାଗରିକମାନେ ବିଶେଷ ଉପକୃତ ହୋଇ ପାରିବେ। ସେହିପରି ଇନକମ୍ ଟାକ୍ସ ବିଭାଗରେ ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କୁ ରିହାତି ମିଳିବା ଆବଶ୍ୟକ। ପେଟ୍ରୋଲ ଡିଜେଲକୁ ଜିଏସ୍‌ଟି ପରିସରଭୁକ୍ତ କରାଯିବା ସହ ଡିଜେଲ ଉପରୁ କେନ୍ଦ୍ରୀୟ ଟିକସ କମାଯାଉ। ଫଳରେ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍ କମିପାରିବ।

**-ଅନୁପମ୍ ମହାନ୍ତି, ଆଇନଜୀବୀ**

## ମଧ୍ୟବିତ୍ତଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଉ



ବଜେଟରେ ପ୍ରଥମେ ସାଧାରଣ ଲୋକ ବିଶେଷକରି ମଧ୍ୟବିତ୍ତଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦିଆଯିବା ଦରକାର। ଏବେ ମହଙ୍ଗା ମାଡ଼ ଲୋକଙ୍କ ଅଣ୍ଟା ଭାଙ୍ଗିଦେବାକୁ ବସିଲାଣି। ଡାଲିଠାରୁ ଆରମ୍ଭ କରି ତେଲ ପର୍ଯ୍ୟନ୍ତ ସବୁ ସାମଗ୍ରୀର ଅତ୍ୟଧିକ ଦରବୃଦ୍ଧି ହୋଇଛି। ଅପରପକ୍ଷେ ରନ୍ଧନ ଗ୍ୟାସ ସିଲିଣ୍ଡର ପିଛା ୧ହଜାର ଟଙ୍କା ଛୁଇଁବାକୁ ବସିଲାଣି। ଧନୀ ଶ୍ରେଣୀର ଲୋକଙ୍କୁ ଏହାର କୌଣସି ପ୍ରଭାବ ପଡୁ ନ ଥିବାବେଳେ ସହରରେ ରହୁଥିବା ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କର ଗ୍ୟାସ ଛଡ଼ା ଅନ୍ୟ କୌଣସି ବିକଳ୍ପ ନାହିଁ।

**-ପୁଷ୍ପଲତା ମହାନ୍ତି, ଗୃହିଣୀ**

## ନିଯୁକ୍ତି ସୁଯୋଗ ସହ ସ୍ୱାସ୍ଥ୍ୟ ଭିତ୍ତିଭୂମି ଉପରେ ଦୃଷ୍ଟି ରହୁ



କେବଳ ସରକାରୀ ଚାକିରିଆଙ୍କ ମହଙ୍ଗା ଭତ୍ତା ବୃଦ୍ଧି ନ କରି ଗ୍ରାମ୍ୟ ଅର୍ଥନୀତିକୁ ସୁଧାରିବା, ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିବା ଦରକାର। ମହାମାରୀ କରୋନା ପାଇଁ ବେକାରି ଓ ଛଟେଇ ସମସ୍ୟା ଦେଖାଯାଉଛି। ତେଣୁ ଏହା ଉପରେ ବିଶେଷ ଦୃଷ୍ଟି ଦିଆଯିବା ଦରକାର। ସେହିପରି ସ୍ୱାସ୍ଥ୍ୟ ଭିତ୍ତିଭୂମି ଦୃଢ଼ୀକରଣ, ଟେଲି ମେଡିସିନ ସହ ଜରୁରିକାଳୀନ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ମିଳିବା ଆବଶ୍ୟକ।

**-ମହେଶ କୁମାର, ଛାତ୍ର**

## ନୂଆ ଯୋଜନା ଘୋଷଣା ସମ୍ଭାବନା କମ୍



ଲୋକଙ୍କୁ ଖୁସି କଲା ଭଳି ନୂଆ ଯୋଜନା ଘୋଷଣାର ସମ୍ଭାବନା କମ୍ ରହିଛି। ତେବେ ସ୍ୱାସ୍ଥ୍ୟ, ଶିକ୍ଷା ଓ ଜୀବନଜୀବିକା ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ସ୍ୱାସ୍ଥ୍ୟ କ୍ଷେତ୍ରର ଭିତ୍ତିଭୂମି ସୁଦୃଢ଼ କରିବାକୁ ପଡ଼ିବ। ବ୍ଲକ୍ ସ୍ତରରେ କିପରି ଲୋକେ ସ୍ୱାସ୍ଥ୍ୟ ସୁବିଧା ପାଇପାରିବେ ସେ ଦିଗରେ ପଦକ୍ଷେପ ନେବା ଜରୁରୀ। ବର୍ତ୍ତମାନ ଅନ୍‌ଲାଇନ ଶିକ୍ଷାକୁ ଗୁରୁତ୍ୱ ଦେଇ ଶିକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିବା ଆବଶ୍ୟକ। ପଞ୍ଚାୟତ ସ୍ତରରେ ଗ୍ରାମୋଦ୍ୟୋଗ ସୃଷ୍ଟି ଉପରେ ସରକାର ଚିନ୍ତା କରିବା ଉଚିତ।

**-ଅମରେନ୍ଦ୍ର ଦାସ, ପ୍ରାଧ୍ୟାପକ, ନାଇଜର**

## ବରିଷ୍ଠଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହୁ



କରୋନା ପାଇଁ ସ୍ୱଳ୍ପ ଓ ମଧ୍ୟମ ଆୟକାରୀ ବର୍ଗର ଲୋକଙ୍କ ଜୀବନଜୀବିକା ଗୁରୁତର ପ୍ରଭାବିତ ହୋଇଛି। ଏମାନଙ୍କ ସ୍ଥିତିରେ ସୁଧାର ପାଇଁ ସରକାର ଆବଶ୍ୟକ ପଦକ୍ଷେପ ନିଅନ୍ତୁ। ସେହିଭଳି ବରିଷ୍ଠ ନାଗରିକଙ୍କ ପାଇଁ ବଜେଟାରୀ ପ୍ରୋଭିଜନ ରହିବା ଦରକାର। ସେମାନଙ୍କ ସୋସିଆଲ ସିକ୍ୟୁରିଟି ପେନ୍‌ସନ୍ ବୃଦ୍ଧି କରାଯିବାକୁ ମଧ୍ୟ ବଜେଟରେ ସ୍ୱତନ୍ତ୍ର ବ୍ୟବସ୍ଥା ରହିବା ଆବଶ୍ୟକ।

**- ଭାରତୀ ଚକ୍ର, ସାମାଜିକକର୍ମୀ**

## ରୋଜଗାର ବୃଦ୍ଧି, ଟିକସ ହ୍ରାସକୁ ପ୍ରାଥମିକତା ଦିଆଯାଉ



କୋଭିଡ୍ ମହାମାରୀ ଯୋଗୁ ସବୁ ବର୍ଗର ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେବା ସହ ଆର୍ଥିକ ମାନ୍ଦାବସ୍ଥା ମଧ୍ୟରେ ଦିନ କାଟୁଛନ୍ତି। ରୋଜଗାର ବୃଦ୍ଧି ଓ ଟିକସ ହ୍ରାସକୁ ସରକାର ଗୁରୁତ୍ୱର ସହ ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରନ୍ତୁ। ସ୍ୱାସ୍ଥ୍ୟସେବା, ଶିକ୍ଷା ଓ ଭିତ୍ତିଭୂମିକୁ ମଧ୍ୟ ଅଧିକରୁ ଅଧିକ କ୍ରିୟାଶୀଳ କରାଯାଉ ବୋଲି ସବୁ ବର୍ଗ ଆଶାପୋଷଣ କରିଛନ୍ତି।

**-ବିଚିତ୍ର ନାରାୟଣ ମିଶ୍ର, ବ୍ୟବସାୟୀ**

## ବିକାଶମୁଖୀ ବଜେଟ ଆସିବ ବୋଲି ଆଶା



ସରକାର ସବୁ ସମୟରେ ଉଭୟ ଉଚ୍ଚ ଓ ନିମ୍ନ ବର୍ଗର ଲୋକଙ୍କ ସୁବିଧା ପାଇଁ ବଜେଟରେ ଅନେକ ଯୋଜନା ଓ ସୁବିଧା ସାଙ୍ଗକୁ ପ୍ରୋତ୍ସାହନ ମଧ୍ୟ ଯୋଗାଇ ଦେଉଛନ୍ତି। ହେଲେ ଅଧିକ ଟିକସ ମିଳୁଥିବା ମଧ୍ୟମ ବର୍ଗଙ୍କ ପାଇଁ କୌଣସି ସୁବିଧା ପ୍ରଦାନ କରୁ ନାହାନ୍ତି। କୋଭିଡ୍ ସମୟରେ ସର୍ବାଧିକ କ୍ଷତି ମଧ୍ୟମ ବର୍ଗ ଲୋକଙ୍କର ହୋଇଛି। ଟିକସ ହ୍ରାସ ସାଙ୍ଗକୁ ମଧ୍ୟମ ବର୍ଗର ବିକାଶ କିପରି ହୋଇପାରିବ ସେ ନେଇ ସରକାର ବିଚାର କରିବା ସହ ଏକ ବିକାଶମୁଖୀ ବଜେଟ ଆଣିବେ ବୋଲି ମୋର ଆଶା।

**-ଅକ୍ଷୟ ଦାସ, ଆଇନଜୀବୀ**

## କୃଷି ପାଇଁ ଅଧିକ ଅର୍ଥବ୍ୟବସ୍ଥା ହୋଇପାରେ



କୋଭିଡ୍ ପାଇଁ ଗତବର୍ଷ ଭଳି ଏ ବର୍ଷ ମଧ୍ୟ ଦେଶର ଅର୍ଥନୀତି ମାନ୍ଦା ରହିଛି। ସରକାର ବଜେଟ ଉପସ୍ଥାପନ ପୂର୍ବରୁ ସମାଜର ସବୁବର୍ଗର ଲୋକଙ୍କ ଆଶା ପୂରଣ କରିବେ ବୋଲି ଆକଳନ କରାଯାଉଛି। କରଦାତାମାନେ ମଧ୍ୟ ଚଳିତ ବଜେଟରୁ କିଛି ସୁବିଧା ସୁଯୋଗ, ପ୍ରୋତ୍ସାହନ ଓ କର ରିହାତି ଆଶା କରିଛନ୍ତି। କୃଷି କ୍ଷେତ୍ରରେ ବିକାଶ ପାଇଁ ବଜେଟରେ ଅଧିକ ଅର୍ଥବ୍ୟବସ୍ଥା ଓ ଉତ୍ପାଦନ ଖର୍ଚ୍ଚ ଅଟକଳ ବଢ଼ିପାରେ। ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ଭିତ୍ତିଭୂମିକୁ ଗୁରୁତ୍ୱ ଦେଇ ବଜେଟରେ ଅତିରିକ୍ତ ଅର୍ଥ ବ୍ୟବସ୍ଥା ହୋଇପାରେ। କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ସଂସ୍ଥାଗୁଡ଼ିକର ପୁନରୁଦ୍ଧାର ପାଇଁ ମଧ୍ୟ କିଛି ଅଧିକ ଅର୍ଥ ବରାଦ ହେବାର ସମ୍ଭାବନା ରହିଛି।

**-ଶରତ ଦାସ, ପୂର୍ବତନ ଆୟକର କମିଶନର**

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩୭,୩୯,୮୬,୪୭୦ | ୫୬,୭୮,୧୮୬ | ୨୯,୫୪,୫୧,୧୮୮ |
| ଭାରତ | ୪,୧୦,୯୨,୫୨୨ | ୪,୯୪,୧୧୦ | ୩,୮୭,୧୩,୪୯୪ |
| ଓଡ଼ିଶା | ୧୨,୪୫,୯୧୧ | ୮୫୯୪(+୫୩) | ୧୧,୯୩,୩୬୫ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

**ସଂକ୍ଷେପରେ**

## ଆଚରଣ ବିଧି ଉଲ୍ଲଂଘନ, ପିଇଓ ନିଲମ୍ବିତ


ଗୋଲାପ ନାଏକ

**ବରଗଡ଼ ଅଫିସ୍,୩୦।୧:** ତ୍ରିସ୍ତରୀୟ ପଞ୍ଚାୟତ ଭୋଟ୍‌କୁ ନେଇ ବରଗଡ଼ ଜିଲାରେ ରାଜନୈତିକ ଉଷ୍ମତା ବଢ଼ି ଚାଲିଛି। ଏଭଳି ସମୟରେ ବରଗଡ଼ ବ୍ଲକ ଖଣ୍ଡହଥା ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ଗୋଲାପ ନାଏକ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରିଥିବା ଅଭିଯୋଗରେ ଜିଲାପାଳ ମୋନିଷା ବାନାର୍ଜୀ ତାଙ୍କୁ ନିଲମ୍ବିତ କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟରୁ ପ୍ରକାଶିତ ବିଜ୍ଞପ୍ତି ନଂ-୨୫୧, ତା-୨୯।୧।୨୨ରିଖରେ ଏହା ଉଲ୍ଲେଖ ରହିଛି। ନିଲମ୍ବନ ସମୟରେ ପିଇଓଙ୍କୁ ସ୍ଥାନୀୟ ଉପଜିଲାପାଳଙ୍କ ଅଫିସରେ ନିୟମିତ ଉପସ୍ଥାନ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହିତ ବିଭାଗୀୟ ଅଧିକାରୀଙ୍କ ବିନାନୁମତିରେ ଛୁଟି ନ ନେବାକୁ ନିଲମ୍ବନ ଆଦେଶରେ ନିର୍ଦ୍ଦେଶ ରହିଛି ।


ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ଅବସରରେ ଶ୍ରଦ୍ଧା ସୁମନ ଅର୍ପଣ କରୁଛନ୍ତି।

## ଆର୍‌ଏସ୍‌ପିରେ ଦୁର୍ଘଟଣା, ଠିକା ଶ୍ରମିକ ମୃତ

**ରାଉରକେଲା ଅଫିସ,୩୦।୧**

ରାଉରକେଲା ଇସ୍ପାତ କାରଖାନା (ଆରଏସ୍‌ପି) କ୍ୟାପ୍‌ଟିଭ ପାୱାର ପ୍ଲାଣ୍ଟ (ସିପିପି-୧)ର ପାଇପ୍ ଲାଇନରେ ରବିବାର ବିସ୍ଫୋରଣ ହେବାରୁ ଜଣେ ଠିକା ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ରାଉରକେଲା ସେକ୍ଟର-୫ ଗୋଲଘର ସୁବାସପାଲିର ଅମର କୁମାର ପଣ୍ଡା(୪୨)। ଏହି ଦୁର୍ଘଟଣାରେ ଅନ୍ୟ ଜଣେ ଠିକା ଶ୍ରମିକ ସୁଶୀଲ କୁମାର ଦେଓଗ୍ରାମ(୫୧) ଗୁରୁତର ହୋଇଛନ୍ତି। ସେ ଇସ୍ପାତ ଜେନେରାଲ ହସ୍ପିଟାଲ(ଆଇଜିଏଚ୍)ରେ ଚିକିତ୍ସିତ ହେଉଛନ୍ତି। ଏହି ଦୁର୍ଘଟଣା ପରେ ଆର୍‌ଏସ୍‌ପିର ଉଚ୍ଚପଦସ୍ଥ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ସୂଚନା ଅନୁସାରେ, ଅମର ଓ ସୁଶୀଲ ଠିକାସଂସ୍ଥା ଗୋମତି ଏଣ୍ଟରପ୍ରାଇଜେସ ଅଧୀନରେ ଆର୍‌ଏସ୍‌ପିରେ କାମ କରନ୍ତି। ରବିବାର ପୂର୍ବାହ୍ନ ସାଢେ ୧୧ଟା ବେଳେ ଉଭୟ ଶ୍ରମିକ ସିପିପି-୧ର ପାଇପ୍ ଲାଇନ ସଫେଇ କରୁଥିଲେ। ହଠାତ ପାଇପ ଲାଇନରେ ବିସ୍ଫୋରଣ ଘଟିବାରୁ ଲୁହା ପାଇପ୍ ଖଣ୍ଡ ଉଭୟଙ୍କ ଉପରେ ପଡିଥିଲା। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆଇଜିଏଚରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଅମରଙ୍କ ମୃତ୍ୟୁ ହୋଇଥିଲା। ଏହି ଖବର ପ୍ରଚାରିତ ହେବା ପରେ ବିଭିନ୍ନ ଶ୍ରମିକ ସଙ୍ଗଠନ ଆଇଜିଏଚ୍‌ରେ ପହଞ୍ଚି ମୃତ ଠିକା ଶ୍ରମିକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଓ ପରିବାରର ଜଣଙ୍କୁ ଆରଏସ୍‌ପିରେ ନିଯୁକ୍ତି ପାଇଁ ଦାବି କରିଛନ୍ତି। ଅନ୍ୟପକ୍ଷେ ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅମରେନ୍ଦୁ ପ୍ରକାଶ ଏହି ଘଟଣାରେ ଦୁଃଖପ୍ରକାଶ କରିବା ସହ ଆର୍‌ଏସ୍‌ପି ମୃତକଙ୍କ ପରିବାରକୁ ଆବଶ୍ୟକ ସହାୟତା ଯୋଗାଇ ଦେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ୨୮ ଦିନରେ ୩୧୪୩ ମାମଲା

**ପଞ୍ଚାୟତ ନିର୍ବାଚନ: ଅବକାରୀ ବିଭାଗର ସ୍ପେଶାଲ ଡ୍ରାଇଭ**

**■ ୨୫୯୭ ଜଣ ଗିରଫ**

**କଟକ ଅଫିସ, ୩୦।୧**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ଅବାଧ ଓ ନିଶାମୁକ୍ତ କରିବା ପାଇଁ ରାଜ୍ୟ ଅବକାରୀ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ବିଶେଷକରି ସ୍ପେଶାଲ ଡ୍ରାଇଭ ମାଧ୍ୟମରେ ବିଭାଗ ପକ୍ଷରୁ ଚଳିତମାସ ୧ରୁ ୨୮ ତାରିଖ ମଧ୍ୟରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ପ୍ରାୟ ୧୦କୋଟି ଟଙ୍କାର ମାଦକ ଦ୍ରବ୍ୟ ଜବତ କରାଯାଇଛି। ଏ ନେଇ ୩୧୪୩ ମାମଲା ରୁଜୁ ହୋଇଥିବାବେଳେ ୨୫୯୭ ଜଣଙ୍କୁ ଗିରଫ କରାଯାଇଥିବା ରବିବାର କଟକ ସିଡିଏ ସେକ୍ଟର-୨ସ୍ଥିତ ଅବକାରୀ କମିଶନରଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅବକାରୀ ବିଭାଗ ଡେପୁଟି କମିଶନର ରାମଚନ୍ଦ୍ର ପାଲଟା ସୂଚନା ଦେଇଛନ୍ତି। ଜବତ ମାଦକ ଦ୍ରବ୍ୟ ମଧ୍ୟରେ ୯୦, ୬୮୮ ଲିଟର ଦେଶୀମଦ, ୮ଲକ୍ଷ ୧୮ ହଜାର ୧୫୦ ଲିଟର ପୋଚ, ୪୯୫୧ କିଲୋ ଗଞ୍ଜେଇ, ୧୦୬୧ ଗ୍ରାମ୍ ବ୍ରାଉନ୍‌ସୁଗାର ଓ ୯୫୮ କିଲୋ ଭାଙ୍ଗ ରହିଛି।

ସେହିପରି ଗତବର୍ଷ ଡିସେମ୍ବର ଶେଷ ସୁଦ୍ଧା ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୯୭.୮୯ କୋଟି ଟଙ୍କାର ବେଆଇନ ମାଦକ ଦ୍ରବ୍ୟ ଜବତ କରାଯାଇଛି। ଏ ନେଇ ୨୭,୧୦୭ ମାମଲା ରୁଜୁ କରାଯାଇ ୨୨,୩୫୫ ଜଣଙ୍କୁ ଗିରଫ କରାଯାଇଛି। ଜବତ ମାଦକ ଦ୍ରବ୍ୟ ମଧ୍ୟରେ ୭ ଲକ୍ଷ ୩୨ ହଜାର ୪୩୭ ଲିଟର ଦେଶୀମଦ, ୭୮ ଲକ୍ଷ ୨୦ ହଜାର ୮୭୧କେଜି ପୋଚ, ୫ ହଜାର ୫୦ ଲିଟର ନକଲି ମଦ, ବିନା ଆୟକର ପଇଠରେ ୨୦୩୪ ଲିଟର ବିଦେଶୀ ମଦ ଓ ୩୬୭୧ ସ୍ପିରିଟ, ୨୧, ୦୪୬ କେଜି ଗଞ୍ଜେଇ, ୯୨୮୮.୯ କେଜି ବ୍ରାଉନ୍‌ସୁଗାର, ୫୮୧ ଲିଟର କଫସିରପ ରହିଛି। ଏଥିସହ ଉକ୍ତ କାରବାରରେ ବ୍ୟବହୃତ ୧୫୩୨ଟି ବାଇକ୍ ଜବତ କରାଯାଇଥିବା ପାଲଟା କହିଛନ୍ତି। ଅପରପକ୍ଷେ ବିଭାଗ ପକ୍ଷରୁ ୭ଟି ଜିଲାର ୧୮,୮୯୦ ଏକର ଜମିରୁ ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ଏଥିସହ ପଞ୍ଚାୟତ ନିର୍ବାଚନରେ ଯେପରି କୌଣସି ନିଶା କାରବାରକୁ ନେଇ ଅପ୍ରୀତିକର ପରିସ୍ଥିତି ନ ଉପୁଜେ ସେଥିପ୍ରତି ଧ୍ୟାନ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଯୋଗ୍ୟ, ଗତ ଶୁକ୍ରବାର ଅବକାରୀ ବିଭାଗ ପ୍ରମୁଖ ସଚିବ ସୁଶୀଲ ଲୋହାନୀ ରାଜ୍ୟର ଅବକାରୀ କାର୍ଯ୍ୟକଳାପ ନେଇ ସମସ୍ତ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟଙ୍କ ସହ ଭିଡିଓ କନ୍‌ଫରେନ୍ସରେ ଏକ ସମୀକ୍ଷା କରିଥିଲେ। ରାଜ୍ୟରେ ସ୍ୱତନ୍ତ୍ର ଚଢ଼ାଉ ଜାରି ରହିଛି। ଏହାକୁ ନିର୍ବାଚନ ପ୍ରକ୍ରିୟା ଶେଷ ପର୍ଯ୍ୟନ୍ତ ଜାରି ରଖିବାକୁ ଲୋହାନୀ ନିର୍ଦ୍ଦେଶ ଦେଇଥିଲେ। ବିଶେଷକରି ନକଲି ମଦ, ଅପମିଶ୍ରିତ ବିଦେଶୀ ମଦ ଯୋଗୁ ଜୀବନହାନିର ଆଶଙ୍କା ରହିଥିବାରୁ ଏହା ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ କହିଥିଲେ।






**ଆଜିର ମନ୍ତବ୍ୟ**

“ମହାତ୍ମା ଗାନ୍ଧୀ ଆଉ ନାହାନ୍ତି ବୋଲି ହିନ୍ଦୁତ୍ୱବାଦୀମାନେ ମନେକରୁଛନ୍ତି। କିନ୍ତୁ ଯେଉଁଠି ସତ ଅଛି ସେଠି ଗାନ୍ଧିଜୀ ବଞ୍ଚିଛନ୍ତି। **-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ...........................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କୋଏଲ ନଦୀରେ ବୁଡିଗଲେ ନାବାଳକ

**ରାଉରକେଲା ଅଫିସ,୩୦।୧:** ରାଉରକେଲା ସହର ଉପକଣ୍ଠ ସେକ୍ଟର-୧୩ ଲୁଆକେରା ନିକଟସ୍ଥ କୋଏଲ ନଦୀରେ ବୁଡି ଜଣେ ନାବାଳକ ନିଖୋଜ ଅଛନ୍ତି। ସେ ହେଲେ ବାସନ୍ତୀ କଲୋନୀ ଏଲ-୧୧୮ର ସୁଜଲ ଜେନା(୧୭)। ଖବର ପାଇ ରବିବାର ସକାଳୁ ଅଗ୍ନିଶମ କର୍ମଚାରୀ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ରିପୋର୍ଟ ଲେଖାହେବା ସୁଦ୍ଧା (ରାତି ୮ଟା) ନିଖୋଜ ନାବାଳକ ପତ୍ତା ମିଳିପାରିନାହିଁ । ସୂଚନା ଅନୁସାରେ, ଶନିବାର ସନ୍ଧ୍ୟା ସମୟରେ ସୁଜଲ ଅନ୍ୟ ସାଙ୍ଗମାନଙ୍କ ସହ କୋଏଲ ନଦୀକୁ ଗାଧୋଇବାକୁ ଯାଇଥିଲେ। କୋଏଲ ନଦୀରେ ଗାଧୋଇବା ବେଳେ ସୁଜଲ ଓ ତାଙ୍କର ଜଣେ ସାଙ୍ଗ ପ୍ରଖର ଜଳସ୍ରୋତରେ ବୁଡି ଯାଇଥିଲେ। ସ୍ଥାନୀୟ ଲୋକେ ଅନ୍ୟ ଜଣଙ୍କୁ ଉଦ୍ଧାର କରିଥିବା ବେଳେ ସୁଜଲ ନିଖୋଜ ହୋଇଯାଇଥିଲେ। ସୂଚନା ପାଇ ସେକ୍ଟର-୧୫ ଥାନା ପୋଲିସ ଓ ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଖୋଜ ନାବାଳକଙ୍କୁ ଉଦ୍ଧାର ପାଇଁ ଉଦ୍ୟମ କରି ବିଫଳ ହୋଇଥିଲେ। ରାତି ହୋଇଯିବାରୁ ରବିବାର ପୁଣି ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା।

# ୧୫ମାସ ପରେ ମାଟିତଳୁ କଙ୍କାଳ ଉଦ୍ଧାର

## ଲତିଫ୍ ଅନସାରୀ ହତ୍ୟାକାଣ୍ଡର ପର୍ଦ୍ଦାଫାଶ

**କଣ୍ଟାବାଞ୍ଜି, ୩୦।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ପୋଲିସ ଓ ଜିଆରପି ଦୀର୍ଘ ୧ବର୍ଷ ୩ ମାସ ପରେ ଝାରଖଣ୍ଡର ଲତିଫ୍ ଅନସାରୀ (୧୯) ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରିଛି। କଣ୍ଟାବାଞ୍ଜି-ତୁରେକେଲା ରେଲୱେ ଜମିରୁ ଜେସିବିରେ ମାଟିଖୋଳି ରବିବାର ମୃତଙ୍କ ହାଡକଙ୍କାଳ ଉଦ୍ଧାର କରାଯିବା ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ସୂଚନା ଅନୁସାରେ, କଣ୍ଟାବାଞ୍ଜି-ତୁରେକେଲା ଅଞ୍ଚଳରେ ରେଲଲାଇନ୍ କାମ କରିବାକୁ ଝାରଖଣ୍ଡ ପ୍ରଦେଶ ରାଞ୍ଚି ଅଞ୍ଚଳରୁ ୭ଜଣ କର୍ମଚାରୀ ସମଶେର ଅନସାରୀ, ମୁସ୍ତାକ ଅନସାରୀ, ସହନାଜ ଅନସାରୀ, ଫିରୋଜ ଅନସାରୀ, ଅଫ୍‌ରୋଜ ଅନସାରୀ, ସହୀଦ ଅନସାରୀ ଓ ଲତିଫ୍ ଅନସାରୀ ଗତ ୨୦୨୦ ସେପ୍ଟେମ୍ବରରେ କଣ୍ଟାବାଞ୍ଜି ଆସିଥିଲେ। କିଛିଦିନ କାମ କରିବା ପରେ ନଭେମ୍ବର ୧୬ରେ ଲତିଫ୍ ଅନସାରି ନିଖୋଜ ହୋଇଯାଇଥିବା ନେଇ ତାଙ୍କ ପରିବାରକୁଫୋନ୍‌ଯୋଗେ ସୂଚନା ଦିଆଯାଇଥିଲା। ଏହାପରେ ଲତିଫ୍‌ଙ୍କ ଭାଇ ତୌଫିକ୍ ଅନସାରି କଣ୍ଟାବାଞ୍ଜି ଆସି ତାଙ୍କୁ ଖୋଜାଖୋଜି କରିଥିଲେ। ନ ପାଇବାରୁ ୨ ଡିସେମ୍ବର ୨୦୨୦ରେ କଣ୍ଟାବାଞ୍ଜି ଥାନାରେ ଏକ ନିଖୋଜ ଅଭିଯୋଗପତ୍ର ଦେଇ ରାଞ୍ଚି ଫେରିଯାଇଥିଲେ। ଏହାପରେ ପୋଲିସ ତଦନ୍ତ ବିଶେଷ ଆଗେଇ ନ ଥିଲା। ଘଟଣାର କିଛି ମାସ ପରେ କଣ୍ଟାବାଞ୍ଜି ଅଞ୍ଚଳରେ କାମ କରୁଥିବା ଉକ୍ତ ୬ କର୍ମଚାରୀଙ୍କ ମଧ୍ୟରୁ ୪/୫ ଜଣ ରାଞ୍ଚି ଫେରିଯାଇଥିଲେ। ସେଠାରେ ଥିବା ଏକ ମଦ ଦୋକାନରେ ସେମାନେ ମଦ ପିଇ କିଭଳି ଭାବେ ଲତିଫଙ୍କୁ ହତ୍ୟା କରି ରେଳଧାରଣା କଡରେ ମାଟି ଖୋଳି ପୋତି ଦେଇଥିଲେ ତାହା ବଖାଣିଥିଲେ। ସମ୍ପୃକ୍ତ ଘଟଣା ମୃତ ଲତିଫଙ୍କ ଭାଇ ତୌଫିକ୍‌ଙ୍କ କାନରେ ପଡିବା ପରେ ସେ କଣ୍ଟାବାଞ୍ଜି ଆସି ପୋଲିସକୁ ସମସ୍ତ ଘଟଣା ଜଣାଇଥିଲେ। ଏହାପରେ କଣ୍ଟାବାଞ୍ଜି ପୋଲିସ ସେଠାରେ କାମ କରୁଥିବା ଫିରୋଜ ଅନ୍‌ସାରୀଙ୍କୁ ଅଟକ ରଖି ପଚରାଉଚରା କରିଥିଲା। କଣ୍ଟାବାଞ୍ଜି ପୋଲିସ ବିଭିନ୍ନ ସୂତ୍ରରୁ ଖବର ସଂଗ୍ରହ କରିବା ପରେ କଣ୍ଟାବାଞ୍ଜି-ତୁରେକେଲା ରେଳ ସେକ୍ସନର ବ୍ରିଜ ନମ୍ବର ୨୭୩ ନିକଟରେ ଜେସିବି ଲଗାଇ ମାଟି ଖୋଳି ଏକ କଙ୍କାଳ ଉଦ୍ଧାର କରିଛି। ଉକ୍ତ କଙ୍କାଳ ମୃତ ଲତିଫ୍ ଅନସାରୀଙ୍କର ବୋଲି କୁହାଯାଉଛି। କଣ୍ଟାବାଞ୍ଜି ଥାନା ପୋଲିସ ଏବଂ ଜିଆରପି ମିଳିତ ଭାବେ ଘଟଣାର ତଦନ୍ତ କରୁଛନ୍ତି। ଘଟଣାରେ ସମ୍ପୃକ୍ତ ଅନ୍ୟ ୬ ଜଣ ଫେରାର ହୋଇଯାଇଛନ୍ତି। କଣ୍ଟାବାଞ୍ଜି ଏସ୍‌ଡିପିଓ ହୃଷୀକେଶ ମେହେର, କଣ୍ଟାବାଞ୍ଜି ଥାନା ଆଇଆଇସି ସତ୍ୟଜିତ କନ୍ଦନକେଲ, ସବ୍‌ଇନ୍ସପେକ୍ଟର ପ୍ରତୀକ କୁମାର ଦୁରିଆ, କଣ୍ଟାବାଞ୍ଜି ଜିଆରପି ସିନ୍ଧରିଆ ବାବୁ, ସ୍ଥାନୀୟ ତହସିଲଦାର ତଥା ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ସମୀର ବେହେରାଙ୍କ ଉପସ୍ଥିତିରେ ମାଟିତଳୁ ମୃତକଙ୍କ କଙ୍କାଳ ଉଦ୍ଧାର କରାଯାଇଛି। ହାଡକଙ୍କାଳକୁ ଫରେନସିକ୍ ଲାବ୍‌କୁ ପଠାଯିବ ବୋଲି ଜଣାପଡିଛି।




# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ହାତରୁ ମୁଠି ଛାଡ଼ିବୁ ନାହିଁ,**
**ପୁଅକୁ ନୁଖୁରା କରିବୁ ନାହିଁ।**

ସାଧାରଣତଃ ବାଳ ବା ଚୁଟିକୁ ନୁଖୁରା ନ ହେବା ଲାଗି ସେଥିରେ ତେଲ ଲଗାଯାଇଥାଏ। ତେବେ ତେଲ କିଣିବାରେ ପଇସା ସରିଯିବା ଭୟରେ ତେଲ ଲଗାଇବାକୁ ଚାହୁଁ ନ ଥିବା ବ୍ୟକ୍ତି କୃପଣ ବୋଲାଇଥାଏ। ଏପଟେ ପଇସାକୁ ଲୋଭ ସେପଟେ ଚୁଟି ନୁଖୁରା ରହିଯିବାର ଭୟ। ବ୍ୟକ୍ତିର ସଞ୍ଚୟ ମନୋବୃତ୍ତି ତଥା ଅତି କୃପଣତାର ଲକ୍ଷଣକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ହାଟରେ କନ୍ୟା,**
**ବାଟରେ ବର।**

ସାଧାରଣତଃ ପୁଅ ହେଉ ବା ଝିଅ, ବାହାଦେବା ପୂର୍ବରୁ ଅନେକ ଧାଁଦଉଡ଼ କରିବାକୁ ପଡ଼ିଥାଏ। ଝିଅର ସଂସ୍କାର, ଚାଲିଚଳନ ତଥା ପୁଅର ଗୁଣଗ୍ରାମ, ଚାକିରି, ଘର ଓ ପରିବାର ବିଷୟରେ ଟିକିନିଖି ଜାଣି ପରଖି ପସନ୍ଦ ଆସିଲେ ଯାଇ ବାହାଘର କରାଯାଏ। ତେବେ ଏଥିରେ ବ୍ୟତିକ୍ରମ ଘଟି ବେଳେବେଳେ ଅଚାନକ ଭାବେ ବାହାଘର ସ୍ଥିର ହୋଇଯାଉଥିବାର ଦେଖିବାକୁ ମିଳିଥାଏ। ହାଟ ସଉଦା କରିବାକୁ ଯାଇ କନିଆଁ ପସନ୍ଦ କରିବସିବା ଭଳି ହଠାତ ବୁଝାବୁଝି, ବିଭାଘର ଅନୁଷ୍ଠିତ ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ପ୍ରଥମ ପୃଷ୍ଠାରୁ...

### ପୋଲିସ ଗାଡ଼ି ...

ଜିଲା ପରିଷଦ ପ୍ରାର୍ଥୀ ଇଂ. ରାଜେଶ ମହାକୁଡ଼ ଆହତମାନଙ୍କୁ ଚିକିତ୍ସାପାଇଁ ନିଜ ଗାଡ଼ିରେ ସ୍ଥାନୀୟ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ମହିଳାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ସ୍ୱାମୀଙ୍କୁ ଚିକିତ୍ସା ପାଇଁ ସୋର ଓ ଭାଣିଜୀଙ୍କୁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ତେବେ ଆରୋହୀ ଜଣକ ବାଇକ୍‌ର ଗତି କମାଇବା ସମୟରେ ପଛରୁ ଆସୁଥିବା ଏକ ଟ୍ରକ୍ ଧକ୍କା ଦେବାରୁ ବାଇକ୍ ନିୟନ୍ତ୍ରଣ ହରାଇ ଛିଡ଼ା ହୋଇଥିବା ପୋଲିସ ଗାଡ଼ିରେ ପିଟି ହୋଇଥିବା ଖଇରା ପୋଲିସ କହିଛି।

### ବଜେଟ ଅଧିବେଶନରେ ...

ଯାଉଛି। ମହାମାରୀ ପୀଡ଼ିତଙ୍କ ପାଇଁ ସ୍ୱତନ୍ତ୍ର ରିଲିଫ୍ ପ୍ୟାକେଜ୍ ପ୍ରଦାନ ଲାଗି ଏହି ଅଧିବେଶନରେ ଦାବି ଉଠାଯିବ ବୋଲି ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ଘୋଷଣା କରିଛି। ସେହିପରି ଏୟାର ଇଣ୍ଡିଆର ଘରୋଇକରଣ କରି ଏହାକୁ ଟାଟା ସନ୍ସ ହାତକୁ ଟେକିଦେବା ଏବଂ ହିନ୍ଦୁତ୍ୱବାଦୀଙ୍କ ଘୃଣା ମନ୍ତବ୍ୟ ଭଳି ଅନ୍ୟ କେତେକ ପ୍ରସଙ୍ଗ ମଧ୍ୟ ଦଳ ଉଠାଇବ। ତେବେ ସରକାରଙ୍କ ଆଗରେ ସବୁଠୁ ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହେବାକୁ ଯାଉଛି ପେଗାସସ୍ ସ୍ପାଏୱେର। ଗତ ୨୮ରେ ‘ନ୍ୟୁୟର୍କ ଟାଇମ୍ସ’ରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ପ୍ରଧାନମନ୍ତ୍ରୀ ମୋଦି ୨୦୧୭ ଜୁଲାଇରେ ଇସ୍ରାଏଲ ଗସ୍ତ ସମୟରେ ଜେରୁଜେଲମ୍ ସହ ଏକ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷର କରିଥିଲେ। ସେ ତାଙ୍କ ଇସ୍ରାଏଲ ପ୍ରତିପକ୍ଷ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସହ କରିଥିବା ୨ ବିଲିୟନ୍ ଡଲାରର ଏହି ଚୁକ୍ତିରେ ପେଗାସସ୍ ସ୍ପାଏୱେର ସାମିଲ ଥିଲା। ଏନ୍‌ଏସ୍‌ଓ ଗ୍ରୁପ୍ ପକ୍ଷରୁ ବିକଶିତ ଉକ୍ତ ଫୋନ୍ ହ୍ୟାକିଂ ସଫ୍ଟୱେରକୁ ଭାରତର ବହୁ ବିରୋଧୀ ନେତା, ଅଧିକାର କର୍ମୀ, ବିଚାରପତି ଓ ଖବରଦାତାଙ୍କ ଉପରେ ଗୁପ୍ତଚରଗିରି କରାଇବା ପାଇଁ ବ୍ୟବହାର କରାଯାଇଥିବା ନେଇ ପୂର୍ବରୁ ମଧ୍ୟ ରିପୋର୍ଟ ପ୍ରକାଶ ପାଇସାରିଛି। ଗତବର୍ଷ ଏହି ପ୍ରସଙ୍ଗରେ ସଂସଦର ମୌସୁମୀ ଅଧିବେଶନ ଓ ଶୀତ ଅଧିବେଶନ ବେକାର ହୋଇଯାଇଥିବାବେଳେ ନ୍ୟୁୟର୍କ ଟାଇମ୍ସର ସଦ୍ୟ ପ୍ରଘଟ ପରେ ଦେଶରେ ପୁଣି ଥରେ ପେଗାସସ୍ ଝଡ଼ ରାଜନୈତିକ ହଟଚମଟ ସୃଷ୍ଟି କରିଛି। କେବଳ କଂଗ୍ରେସ ନୁହେଁ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ, ଶରଦ ପାୱାରଙ୍କ ଏନ୍‌ସିପି, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ଶିବସେନା ଏବଂ ବାମପନ୍ଥୀ ଦଳଗୁଡ଼ିକ ପକ୍ଷରୁ ପାର୍ଲାମେଣ୍ଟରେ ଏହାକୁ ନେଇ ଅଚଳାବସ୍ଥା ସୃଷ୍ଟି ହେବା ସଙ୍କେତ ମିଳିଛି। ସେହିପରି ଲଦାଖରେ ପଡ଼ୋଶୀ ଚାଇନା ସୈନ୍ୟଙ୍କ ବାରମ୍ବାର ଅତିକ୍ରମଣ ପ୍ରସଙ୍ଗରେ ନୀରବତାକୁ ନେଇ ମଧ୍ୟ ମୋଦି ସରକାର ବିବାଦୀୟ ହୋଇଛନ୍ତି। ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଏସି)ରେ ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ)ର ଦୌରାତ୍ମ୍ୟ ବଢ଼ିଚାଲିଛି। ଅରୁଣାଚଳ ପ୍ରଦେଶ, ଆସାମ ଓ ଉତ୍ତରାଖଣ୍ଡ ସୀମାନ୍ତ ଗ୍ରାମଗୁଡ଼ିକୁ ଚାଇନା ମାଡ଼ିବସୁଛି। ସୀମାରେ ବେଜିଂର ସାମରିକ ଉପସ୍ଥିତି ଭାରତ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଥିବାବେଳେ ମୋଦି ସରକାର କୌଣସି ଆଖିଦୃଶିଆ ପଦକ୍ଷେପ ନେଉ ନ ଥିବାରୁ ବିରୋଧୀଙ୍କ ସମାଲୋଚନାର ଶିକାର ହେଉଛନ୍ତି। ତେଣୁ ଏହା ଉପରେ ବି ପ୍ରଧାନମନ୍ତ୍ରୀଙ୍କ ବିବୃତି ଦାବିରେ ବିରୋଧୀ ହଙ୍ଗାମା କରିପାରନ୍ତି। ରାଜନୈତିକ ବିଶ୍ଳେଷକଙ୍କ ମତରେ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି କୃଷକଙ୍କ ସମସ୍ୟା। ୨୦୨୦ ସେପ୍ଟେମ୍ବରରେ ସରକାର ଆଣିଥିବା ୩ ବିବାଦୀୟ କୃଷି ଆଇନକୁ ଚାଷୀ ଆନ୍ଦୋଳନ ଆଗରେ ମୁଣ୍ଡ ନୁଆଁଇ କିଛିମାସ ତଳେ ପ୍ରତ୍ୟାହାର କରିନେଇଛନ୍ତି। କିନ୍ତୁ ଏବେ ବି ଚାଷୀଙ୍କୁ ସେମାନଙ୍କ ଉତ୍ପାଦିତ ସାମଗ୍ରୀର ଉଚିତ ମୂଲ୍ୟ ମିଳୁନାହିଁ। ମହାମାରୀ ପରଠାରୁ ଦେଶରେ ଆର୍ଥିକ ସଙ୍କଟ ଘନେଇବାରେ ଲାଗିଥିବାବେଳେ ପେଟ୍ରୋଲ ଓ ଡିଜେଲ ସମେତ ଅନ୍ୟ ଜରୁରୀ ସାମଗ୍ରୀଗୁଡ଼ିକର ଦରଦାମ ହୁ ହୁ ହୋଇ ବଢ଼ିବାରେ ଲାଗିଛି। ଦରଦାମ ବୃଦ୍ଧିରେ ବ୍ରେକ୍ ଲଗାଇବା ସରକାରଙ୍କ ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି। ବେରୋଜଗାରୀ ବଢୁଥିବାବେଳେ ସରକାର କେବଳ ଭାଷଣ ଦେଉଛନ୍ତି। ୟୁପିର ଲଖିମପୁର ଖେରି ହିଂସାରେ କୃଷକଙ୍କ ହତ୍ୟା ପାଇଁ ଦାୟୀ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କୁ ସରକାର ଘଣ୍ଟ ଘୋଡ଼ାଉଛନ୍ତି। ଏହି ସବୁ ଦୋଷ ତ୍ରୁଟି ତୁରନ୍ତ ସୁଧାରି ଲୋକଙ୍କ ସମସ୍ୟା ଗୁଡ଼ିକର ସମାଧାନ କରିବାକୁ ରବିବାର ରାଜ୍ୟ ସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ କେନ୍ଦ୍ରକୁ ଆହ୍ୱାନ ଦେଇଛନ୍ତି। ବିରୋଧୀ ଦଳଗୁଡ଼ିକର ମତାମତ ନେଇ ଭବିଷ୍ୟତ ରଣନୀତି ପ୍ରସ୍ତୁତ କରାଯିବ ବୋଲି ଖାର୍ଗେ ସ୍ପଷ୍ଟ କରିଛନ୍ତି।

### ସର୍ବଦଳୀୟ ବୈଠକ ...

ମୋଡ୍‌ରେ ଏହି ବୈଠକ ହେବ। ପ୍ରଥମ ପର୍ଯ୍ୟାୟ ବଜେଟ ଅଧିବେଶନ ଫେବୃୟାରୀ ୧୧ରେ ଶେଷ ହେବ। ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୧୪ରୁ ଏପ୍ରିଲ ୮ ପର୍ଯ୍ୟନ୍ତ ଚାଲିବ। ଏହି ଅଧିବେଶନରେ ବିରୋଧୀ ବିଭିନ୍ନ ପ୍ରସଙ୍ଗରେ କେନ୍ଦ୍ରକୁ ଘେରିବାକୁ ଥିବାବେଳେ ଏହାର ମୁକାବିଲା ଲାଗି ସରକାର ରଣନୀତି ସ୍ଥିର କରିବାକୁ ଯାଉଛନ୍ତି। ଏନେଇ ଆଲୋଚନା କରିବା ପାଇଁ ସର୍ବଦଳୀୟ ବୈଠକ ପରେ ଭାଜପା ସଂସଦୀୟ ଦଳ ବୈଠକ ଏବଂ ଏନ୍‌ଡିଏ ସହଯୋଗୀ ନେତାମାନଙ୍କୁ ନେଇ ଏକ ପୃଥକ୍ ବୈଠକ ହେବ। ରାଜ୍ୟ ସଭା ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁ ସୋମବାର ଉଚ୍ଚ ସଦନର ଦଳୀୟ ନେତାଙ୍କୁ ନେଇ ଏକ ବୈଠକ କରିବେ। ଅନ୍ୟପକ୍ଷେ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ରବିବାର ଅପରାହ୍ଣ ୩ଟାରେ ଏକ ସର୍ବଦଳୀୟ ବୈଠକ ଡାକିଥିଲେ। ଏଥିରେ ଉଭୟ ଶାସକ ଓ ବିରୋଧୀ ନେତାମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିଲା। ତେବେ ଶେଷ ମୁହୂର୍ତ୍ତରେ ଏହାକୁ ବାତିଲ କରିଦିଆଯାଇଛି, ଯାହାର କାରଣ ଜଣାପଡ଼ିନାହିଁ।

### ବସି ପାରିଲାନି ବୈଠକ, ...

ବିଜେଡି ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ, ଦଳ ତରଫରୁ କୌଣସି ବୈଠକ ଏଯାଏ ବସିପାରିନାହିଁ। ବିଜେଡି ରାଜ୍ୟର ଯେଉଁସବୁ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଏ ପର୍ଯ୍ୟନ୍ତ ଗୁରୁତ୍ୱ ଦେଇଆସିଛି ସେସବୁ କଥା ଉଠାଇବ। ଗତଥର ବହୁ ଦାବି ହେବାପରେ ଶେଷଥର ଲାଗି ରାଜ୍ୟରୁ ଉଷୁନା ଚାଉଳ ଉଠାଇବ ବୋଲି କହିଥିଲା। ଆଗକୁ କେନ୍ଦ୍ର ସରକାର ରାଜ୍ୟରୁ ଆଉ ଉଷୁନା ଚାଉଳ ନେବେ ନାହିଁ ବୋଲି କହିଦେଇଛନ୍ତି। ତେଣୁ ରାଜ୍ୟରୁ କେନ୍ଦ୍ର କିପରି ଉଷୁନା ଚାଉଳ ଉଠାଇବ ସେକଥାକୁ ଗୁରୁତ୍ୱ ଦିଆଯିବ। ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଓଡ଼ିଶାକୁ ଅଧିକ ଭାଗ ଦେବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ରାଜ୍ୟକୁ ଅଧିକ ଗୃହ ଯୋଗାଇବା ସାଙ୍ଗକୁ ଆବାସ ପୋର୍ଟାଲ ଖୋଲିବା ଲାଗି ନିର୍ଦ୍ଦେଶ ଦେବା ସମ୍ପର୍କିତ ଦାବିକୁ ଜୋର୍‌ଦାର କରାଯିବ। ସେହିପରି ମୁଖ୍ୟମନ୍ତ୍ରୀ ଦୁଇଟି ଦାବି ବାରମ୍ବାର ଉଠାଇ ଆସୁଛନ୍ତି। ତାହାହେଲା ସୁନ୍ଦରଗଡ଼ଠାରେ ଏମ୍ସ ହସ୍ପିଟାଲ ପ୍ରତିଷ୍ଠା ଏବଂ ଅନୁଗୋଳଠାରେ ଏମ୍‌ସିଏଲ ଦ୍ୱାରା ନିର୍ମାଣ ହୋଇସାରିଥିବା ମେଡିକାଲ କଲେଜକୁ କାର୍ଯ୍ୟକାରୀ କରାଇବା। ଏହି ଦାବି ପୁଣି କରାଯିବ। ସେହିଭଳି କ୍ଲିନ୍ ଏନର୍ଜି ସେସ୍‌ରେ ରାଜ୍ୟକୁ ୬୦% ଦେବା ନେଇ ଦାବି କରାଯିବ ବୋଲି ଆଚାର୍ଯ୍ୟ କହିଛନ୍ତି। ସେ କହିଛନ୍ତି ଯେ, ଓଡ଼ିଶାରୁ ଯେତିକି କୋଇଲା ଉତ୍ତୋଳନ କରାଯାଇ ପଠାଯାଉଛି ତାହା ଦେଶରେ ଆଦାୟ ହେଉଥିବା କୋଇଲାର ୨୫ ପ୍ରତିଶତ। ଏହାଦ୍ୱାରା କେନ୍ଦ୍ର ସରକାର ଗୋଟିଏ ଟନ୍ ପିଛା ୪୦୦ ଟଙ୍କା ସେସ୍ ନେଉଛନ୍ତି। ରାଜ୍ୟରେ କୋଇଲା ଉତ୍ପାଦନ ଯୋଗୁ ବ୍ୟାପକ ଗଛ କଟାଯିବା ସହ ବାୟୁମଣ୍ଡଳ ଦୂଷିତ ହେଉଛି। ତେଣୁ ଆଦାୟ ହେଉଥିବା ସେସ୍‌ର ୬୦ ପ୍ରତିଶତ ଓଡ଼ିଶାକୁ ଦେବା ପାଇଁ ବାରମ୍ବାର ଦାବି କରାଯିବା ସତ୍ତ୍ୱେ କେନ୍ଦ୍ର ଶୁଣୁନି। ସେକଥା ଉଠାଯିବ। ସ୍ୱତନ୍ତ୍ର ଫୋକସ ରାଜ୍ୟ ମାନ୍ୟତା ଲାଗି ମଧ୍ୟ ଦାବି କରାଯିବ। ସେହିପରି ଓଡ଼ିଶାର ମାଓବାଦୀ ସମସ୍ୟା ନେଇ ରାଜ୍ୟରେ ସେଣ୍ଟ୍ରାଲ ଫୋର୍ସ ମୁତୟନ ହେଉଛନ୍ତି। ସେଣ୍ଟ୍ରାଲ ଫୋର୍ସ ରାଜ୍ୟରେ ମୁତୟନ ଲାଗି ଯେଉଁ ଖର୍ଚ୍ଚ ହେଉଛି ତାହା ରାଜ୍ୟ ସରକାର ବହନ କରୁଛନ୍ତି। ମାଓବାଦୀ ସମସ୍ୟା କେବଳ ଓଡ଼ିଶାର ନୁହେଁ, ବରଂ ଦେଶର ପ୍ରସଙ୍ଗ। ତେଣୁ ସେଥିଲାଗି ସେଣ୍ଟ୍ରାଲ ଫୋର୍ସର ଖର୍ଚ୍ଚ କେନ୍ଦ୍ର ବହନ କରୁ ବୋଲି ଦାବି କରାଯିବ। କୋଟିଆ ପ୍ରସଙ୍ଗ ମଧ୍ୟ ପାର୍ଲାମେଣ୍ଟରେ ଉଠାଯିବ ବୋଲି ଆଚାର୍ଯ୍ୟ କହିଛନ୍ତି।

ଓଡ଼ିଶାର ଏକମାତ୍ର କଂଗ୍ରେସ ଏମ୍‌ପି ସପ୍ତଗିରି ଉଲ୍ଲାକା କହିଛନ୍ତି, ଦୁର୍ବଳ ଅର୍ଥନୀତି, ଦରବୃଦ୍ଧି, ବେକାରି ସମସ୍ୟା, ଚାଇନା ଦେଖାଉଥିବା ନାଲି ଆଖି, କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କୁ ବହିଷ୍କାର ଆଦି ଦେଶର ଗୁରୁତ୍ୱପୂର୍ଣ୍ଣ ସମସ୍ୟା ନେଇ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରାଯିବ। ଏହାସହ ରାଜ୍ୟକୁ ଅଧିକ ରେଳ ପ୍ରକଳ୍ପ ପ୍ରଦାନ, କେବିକେ ଅଞ୍ଚଳଗୁଡିକ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅଧିକ ଗୃହ ପ୍ରଦାନ, କୋଟିଆ ସମସ୍ୟା, ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତିକୁ ପାର୍ଲାମେଣ୍ଟରେ ଜୋରଦାର କରାଯିବ ବୋଲି ଉଲ୍ଲାକା କହିଛନ୍ତି। ଭାଜପା ଏମ୍‌ପି ସୁରେଶ ପୂଜାରୀ କହିଛନ୍ତି, ବିଜେଡି ଏମ୍‌ପିମାନେ ଆଗେ ପୂରା ସମୟ ପାର୍ଲାମେଣ୍ଟରେ ରୁହନ୍ତୁ, ତା'ପରେ ପ୍ରସଙ୍ଗ ଉଠାଇବେ। ଆମେ କେତେ ସମୟ ପାର୍ଲାମେଣ୍ଟରେ ରହୁଛୁ, କେତେ ପରିମାଣରେ ଭାଗ ନେଉଛୁ ତା'ର ରିପୋର୍ଟ ପ୍ରଧାନମନ୍ତ୍ରୀ ନିଅନ୍ତି। ହେଲେ ବିଜେଡିର ସେମିତି କିଛି ନାହିଁ। ବିଜେଡି ଏମ୍‌ପିମାନେ ଓଡ଼ିଶାର ସମସ୍ୟା କଥା ଉଠାଇଲେ ତ ବହୁତ ଭଲ। ହେଲେ ସେମାନେ ସବୁବେଳେ ଓଡିଶା ସମସ୍ୟା ବିଷୟ ଜୋରଦାର କରିବେ କହି କିଛି ଉଠାନ୍ତି ନାହିଁ ବୋଲି ପୂଜାରୀ କହିଛନ୍ତି।

### ବଢ଼ିପାରେ ଟିକସ ...

୪୦,୦୦୦ରୁ ୫୦,୦୦୦ ଟଙ୍କାକୁ ବୃଦ୍ଧି କରାଯାଇଥିଲା। ଏହା ପରେ ଏଥିରେ ଆଉ ବୃଦ୍ଧି କରାଯାଇ ନାହିଁ। ବର୍ତ୍ତମାନ ବଜାର ଦର ବହୁତ ବଢ଼ିଥିବାରୁ ଏହାକୁ ଦୃଷ୍ଟିରେ ରଖି ଷ୍ଟାଣ୍ଡାର୍ଡ ଡିଡକ୍ସନ ୫୦,୦୦୦ରୁ ୧ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇପାରେ ବୋଲି ଆଶା କରାଯାଉଛି। ସେହିପରି ବେତନଭୋଗୀ କର୍ମଚାରୀମାନଙ୍କ ପାଇଁ ୱାର୍କ-ଫ୍ରମ୍-ହୋମ୍ ଭତ୍ତାକୁ ବଜେଟରେ ଟିକସମୁକ୍ତ କରାଯାଇପାରେ। ବେତନଭୋଗୀ କର୍ମଚାରୀମାନଙ୍କ ପାଇଁ ଷ୍ଟାଣ୍ଡାର୍ଡ ଡିଡକ୍ସନ ୫୦,୦୦୦ରୁ ୬୦,୦୦୦ ଟଙ୍କାକୁ ବୃଦ୍ଧି କରାଯିବା ଆବଶ୍ୟକ ବୋଲି ଆର୍‌ଏସ୍‌ଏମ୍ ଇଣ୍ଡିଆର ପ୍ରତିଷ୍ଠାତା ସୁରେଶ ସୁରାନା କହିଛନ୍ତି। ବ୍ୟାଙ୍କ, ସମବାୟ ସୋସାଇଟି କିମ୍ବା ପୋଷ୍ଟ ଅଫିସରେ ସଞ୍ଚୟ ଜମା ଖାତାରେ ଦିଆଯାଉଥିବା ସୁଧ ଉପରେ ଧାରା ୮୦ଟିଟିଏ ଅନୁଯାୟୀ ବର୍ଷକୁ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଡିଡକ୍ସନ ପ୍ରଦାନ କରାଯାଉଛି। ଅଧିକାଂଶ କରଦାତାଙ୍କୁ ଏହି ସୁବିଧା ପ୍ରଦାନ କରିବାକୁ ହେଲେ ବ୍ୟାଙ୍କ କିମ୍ବା ପୋଷ୍ଟ ଅଫିସର ଟର୍ମ ଡିପୋଜିଟ୍, ରିକରିଂ ଡିପୋଜିଟ୍‌ର ସୁଧ ଉପରେ ମଧ୍ୟ ଏହି ଡିଡକ୍ସନ ସୁବିଧା ମିଳିବା ଆବଶ୍ୟକ। ସୁଧ ରାଶି ଉପରେ ଡିଡକ୍ସନ ସୀମା ୨୦୧୨ରେ ୧୦,୦୦୦ ଟଙ୍କା ଧାର୍ଯ୍ୟ ହୋଇଥିଲା। ତେଣୁ ଏହାକୁ ୨୦,୦୦୦ ଟଙ୍କାକୁ ବୃଦ୍ଧି କରାଯିବା ଉଚିତ ବୋଲି ସୁରାନା କହିଛନ୍ତି।

ପିଲାମାନଙ୍କ ଶିକ୍ଷା ଭତ୍ତା, ପିଲାଙ୍କ ହଷ୍ଟେଲ ବ୍ୟୟ ଭତ୍ତା ଉପରେ ଛାଡ଼ ପାଇଁ ସର୍ବୋଚ୍ଚ ସୀମା ଅତି ନଗଣ୍ୟ ରହିଛି। ବର୍ତ୍ତମାନ ଶିକ୍ଷା ଖର୍ଚ୍ଚ ବହୁତ ବଢ଼ିବା ସହ ମୁଦ୍ରାସ୍ଫୀତି ଅତ୍ୟଧିକ ହୋଇଥିବାରୁ ଏହାକୁ ଦୃଷ୍ଟିରେ ରଖି ଉକ୍ତ ଛାଡ଼ ସୀମା ବଢ଼ାଯିବା ଆବଶ୍ୟକ। ଏହାବ୍ୟତୀତ ଧାରା ୬୪(୧ଏ)ରେ ଅନ୍ୟ ଛୋଟମୋଟ ଆୟ ମିଶାଇ ଧାରା ୧୦(୩୨) ଅନୁଯାୟୀ ଛାଡ଼ ସୀମା ୧୫୦୦ ଟଙ୍କା ରହିଛି, ଯାହା ୧୯୯୩ରେ ଧାର୍ଯ୍ୟ ହୋଇଥିଲା। ଗତ ୨୮ ବର୍ଷ ମଧ୍ୟରେ ମୁଦ୍ରାସ୍ଫୀତି ବହୁତ ବଢ଼ିଥିବାରୁ ଏହି ଛାଡ଼ ସୀମାକୁ ୧୫,୦୦୦ ଟଙ୍କାକୁ ବୃଦ୍ଧି କରାଯିବା ଆଶା କରାଯାଉଛି। ସେହିପରି ଅଗ୍ରୀମ ଟିକସ ପୈଠ ପାଇଁ ବିତ୍ତୀୟ ଅଧିନିୟମ, ୨୦୦୯ରେ ସଂଶୋଧନ କରାଯାଇ ଥ୍ରେସ୍‌ହୋଲ୍ଡ ସୀମା ୧୦,୦୦୦ ରଖାଯାଇଥିଲା। ଗତ ୧୨ ବର୍ଷର ମୁଦ୍ରାସ୍ଫୀତିକୁ ଧ୍ୟାନରେ ରଖି ଏହି ସୀମାକୁ ୩୦,୦୦୦ ଟଙ୍କାକୁ ବୃଦ୍ଧି କରାଯିବା ଆବଶ୍ୟକ ବୋଲି କୁହାଯାଉଛି।

ସେହିପରି ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ସରକାର ଗ୍ରାମାଞ୍ଚଳ ଅର୍ଥନୀତିକୁ ଅଧିକ ଫୋକସ୍ କରିପାରନ୍ତି। ବଜେଟରେ ଗ୍ରାମାଞ୍ଚଳ ବିକାଶ ଓ କୃଷକଙ୍କ ଆୟ ବୃଦ୍ଧି ଲାଗି ଘୋଷଣା ହୋଇପାରେ। ଖାଦ୍ୟ ସବ୍‌ସିଡି, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ପିଏମ୍-କିଷାନ, ସାର ସବ୍‌ସିଡି ଆଦି କଲ୍ୟାଣକାରୀ ଯୋଜନା ବାବଦରେ ଅଧିକ ବ୍ୟୟ ବରାଦ ହୋଇପାରେ ବୋଲି କୁହାଯାଉଛି।

### ନିଯୁକ୍ତି ଆଶାୟୀ ମହିଳାଙ୍କ ...

ନିଯୁକ୍ତି ବ୍ୟାପକ ପ୍ରଭାବିତ ହୋଇଛି। ତେବେ ଏହାର କାରଣ ସମ୍ପର୍କରେ ବିଶେଷଜ୍ଞମାନେ କହୁଛନ୍ତି ଯେ ଦେଶର ଅର୍ଥନୀତି ଓ ଜନଜୀବନକୁ ଗଭୀର ଭାବେ ପ୍ରଭାବିତ କରିଛି ମହାମାରୀ। ବିଶେଷକରି ନିଯୁକ୍ତି ଓ ଶିକ୍ଷା କ୍ଷେତ୍ର ସ୍ଥିତି ଦୟନୀୟ। ପିଲାଙ୍କ ପାଠପଢ଼ା ବ୍ୟାପକ ଭାବେ ବ୍ୟାହତ ହେବା କାରଣରୁ ସେମାନଙ୍କ ଯତ୍ନ ଭାର ମହିଳାଙ୍କ ଉପରେ ପଡୁଛି। ତଦନୁଯାୟୀ ଗୃହ କାର୍ଯ୍ୟ ଚାପ ବୃଦ୍ଧି ପାଇବା ଯୋଗୁ ମହିଳାଙ୍କୁ କର୍ମ ନିଯୁକ୍ତିରୁ ଓହରିବାକୁ ପଡୁଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଅତୀତ ଘଟଣା ମନରେ ବାରମ୍ବାର ଆଲୋଡ଼ନ ସୃଷ୍ଟି କରିବା କାରଣରୁ କୌଣସି କାମ ପ୍ରତି ଉତ୍ସାହ ରହିବ ନାହିଁ। କିନ୍ତୁ ପ୍ରିୟଜନମାନଙ୍କ ସହ ନୂତନ ସ୍ଥାନକୁ ବୁଲିଯିବାର ସୁଯୋଗ ମିଳିବ। ସାମାଜିକ ସ୍ତରରେ ଆଶଙ୍କା କରୁଥିବା ଘଟଣା ସେମିତି କିଛି ହେବ ନାହିଁ। ଈର୍ଷା ପରାୟଣ ବ୍ୟକ୍ତିମାନେ କଟୁ ମନ୍ତବ୍ୟ ଦେଇ ପରିବେଶକୁ କଳୁଷିତ କରିପାରନ୍ତି।

**ବୃଷ** ବିଳମ୍ବରେ କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବ, ମାତ୍ର ମାନସିକ ସ୍ତରରେ ସନ୍ତୁଷ୍ଟ ହୋଇପାରିବେ ନାହିଁ। ବ୍ୟବସାୟ, ପରିବହନ ଓ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ହାତ ସବୁବେଳେ ଖାଲି ରହିବା ଫଳରେ ନିଜ ପ୍ରିୟବ୍ୟକ୍ତିମାନେ ପାଖ ମାଡ଼ିବେ ନାହିଁ। ସଭାସମିତି ଓ ସାହିତ୍ୟ, ସାମ୍ବାଦିକତା, ଏଜେନ୍ସିପ୍ରରୁ ପ୍ରଶଂସିତ ହେବେ।

**ମିଥୁନ** ଆଜିର କର୍ମକ୍ଷେତ୍ରରେ ଭଲ କରିବାକୁ ଯାଇ ଅପଦସ୍ଥ ହେବେ। ଏଣୁ ଯାହା କିଛି କହିବେ ଭାବିଚିନ୍ତି କହନ୍ତୁ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ମନ ହାଲୁକା ରହିପାରେ। ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। ପାରିବାରିକ ତିକ୍ତତା ବୃଦ୍ଧି ପାଇବାକୁ ନେଇ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**କର୍କଟ** ଖାଇବା ପିଇବାରେ ଅବହେଳା କରି ସ୍ୱାସ୍ଥ୍ୟ ପାଇଁ ନିଜେ ହିଁ ବାଧକ ସାଜିବେ। ନୂତନ କାର୍ଯ୍ୟରେ ହାତ ଦେଇ କୃତକାର୍ଯ୍ୟ ହେବେ, ମାତ୍ର ଭୋଗବିଳାସରେ ବାଧାବିଘ୍ନ ଘଟିପାରେ। ଅଶ୍ଳେଷା ନକ୍ଷତ୍ରର ମନର ବଳ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହି କାର୍ଯ୍ୟ ସାଧନ କରିପାରନ୍ତି। କଚେରି ମାମଲା, ଘରୋଇ କଳହ କ୍ଷେତ୍ରରେ ଟେନସନ୍ ଦୂର ହେବ।

**ସିଂହ** ଆଜି ସକାଳୁ ହଠାତ୍ ବନ୍ଧୁ ଡାକରା ପାଇ ଦୂରଯାତ୍ରା କରିବେ। ପାରିବାରିକ ସ୍ତରରେ ଆବଶ୍ୟକତା ପୂରଣ ଦିଗରେ ବହୁତ ଖର୍ଚ୍ଚାନ୍ତ ହେବେ। କର୍ମକ୍ଷେତ୍ରରେ ବିବାଦୀୟ ପୃଷ୍ଠଭୂମିରେ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ। ପରିବାରରେ କୌଣସି ସଦସ୍ୟଙ୍କ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସ୍ତରରେ ବିଚଳିତ ରହିପାରନ୍ତି।

**କନ୍ୟା** ସମସ୍ୟାର ସରଳ ସମାଧାନ ପୂର୍ବକ ପ୍ରତ୍ୟେକ କାର୍ଯ୍ୟକୁ ଯଥା ସମୟରେ ସମ୍ପନ୍ନ କରିବେ। ବନ୍ଧୁ କଥା ରଖି ଯଥା ସମୟରେ ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚିବେ। ପରିବାରରେ ପରୋକ୍ଷ ସମାଲୋଚନା କାରଣରୁ ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖା ଦେଇପାରେ। ସାହିତ୍ୟ, କଳା, ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ତୁଳା** ବିଶେଷ କିଛି ଅସୁବିଧା ନ ଥିଲେ ମଧ୍ୟ କର୍ମକ୍ଷେତ୍ରରେ କିଛିନା କିଛି କାରଣରୁ ଟେନ୍‌ସନ ଲାଗିରହିବ। ଆଖି ନ ଦେଖା କଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିବେ। ବ୍ୟବସାୟିକ କ୍ଷେତ୍ର ବିଶେଷ ଭଲ ନ ହେଲେ ମଧ୍ୟ ପ୍ରାୟତଃ ମନ୍ଦ ହେବନି। ସାହିତ୍ୟ, ରାଜନୀତି, ସାମ୍ବାଦିକତା ଆଇନ ଓ ଅଦାଲତ ତଥା ଲେଖାପଢ଼ାରୁ ଶୁଭଫଳ ପାଇବେ।

**ବିଛା** ନିଜର ଅବହେଳା କାରଣରୁ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ। କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ସ୍ତ୍ରୀଙ୍କ ପ୍ରେରଣା ଲାଭକରି ଉପକୃତ ହେବେ। ରାଜନୀତି, ଅଧ୍ୟୟନ ଓ ଅଧ୍ୟାପନା ତଥା ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠା ବଢ଼ିବ। ସାହିତ୍ୟ, ସଙ୍ଗୀତ, ପ୍ରବଚନ, କଳା, ଚଳଚ୍ଚିତ୍ରରେ ସୁନାମ ଅର୍ଜନ କରିବେ। ସନ୍ତାନହେତୁକ ଚିନ୍ତା ଦୂର ହେବ।

**ଧନୁ** କର୍ମକ୍ଷେତ୍ରରେ ସମସ୍ୟା ଲାଗି ରହିଥିଲେ ମଧ୍ୟ କାମରେ ଅଣହେଳା କରିପାରିବେ ନାହିଁ। ମନ ଭଲ ନ ରହିଲେ ସୁଦ୍ଧା ବନ୍ଧୁଙ୍କ ଅନୁରୋଧ ରକ୍ଷା କରି ତାହାଙ୍କ ସଙ୍ଗରେ ଯିବାକୁ ବାଧ ହେବେ। ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବାର ଆଶଙ୍କା ରହିଛି। ସାମାଜିକ ସ୍ତରରେ ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**ମକର** ଦୃଢ଼ ପଦକ୍ଷେପ ନେଇ ପ୍ରତ୍ୟେକ କାମକୁ ସହଜରେ ସମାପନ କରିବାରେ ସଫଳତା ହାସଲ କରିପାରିବେ। ବନ୍ଧୁଙ୍କ ପାଖରେ ବହୁତ ଦିନରୁ ରହିଯାଇଥିବା ବାକି ଟଙ୍କା ଆଜି ଅପରାହ୍ଣରେ ପାଇବେ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ମୁଣ୍ଡ ରୋଗରେ କଷ୍ଟ ପାଇବେ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ।

**କୁମ୍ଭ** ନିଜର ଦୂରଦର୍ଶିତା ଓ ସମୟୋଚିତ ପଦକ୍ଷେପ କାରଣରୁ ପରିବାରରେ ସୁଖ ଶାନ୍ତି ଫେରି ଆସିବ। ପୁରାତନ ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଇବ, ଯାହାକି ମୁଣ୍ଡବ୍ୟଥାର କାରଣ ହୋଇପାରେ। ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିପାରେ। ବିବାଦୀୟ ଘଟଣାରେ ଚିହ୍ନାପଡ଼ିବା ଠିକ୍ ହେବନାହିଁ।

**ମୀନ** ଆଜି ହଠାତ୍ ଆବଶ୍ୟକତା ପୂରଣ କରିବା ସକାଶେ ଧାର କରିବାକୁ ପଡିବ। କୌଣସି କାମ ହାସଲ କ୍ଷେତ୍ରରେ ବନ୍ଧୁଙ୍କ ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ଜମିଜମା କିଣାବିକା କ୍ଷେତ୍ରରେ ବାଦବିବାଦ କ୍ରମେ ଜଟିଳ ହେବ ଓ ସଫଳତା ହାସଲ କରିବେ। ବନ୍ଧୁଙ୍କ ସହ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ।


# classifieds Everyday
0674-2580101, 2549302



**SALE**

Plot for Sale at Chhatabar per sq.ft @99/-. 8249017091, 9937816565. D-22928

ଭୁବନେଶ୍ୱର ହଂସପାଳ ଛକରୁ **8K.M.** ଦୂରତାରେ ଭିଙ୍ଗାରପୁରରେ **100Nos 3BHK duplex with modern facilities. 9658122456, 8327785834.** D-71781

ଭୁବନେଶ୍ୱର ଜଟଣୀଗେଟ୍ ନିକଟରେ sqft.- 280/-, ନଖରା ତ୍ରିନାଥବଜାର sqft.- 220/- (outright). 9556055607. D-22922

ଜାଗା କିଣି ତୁରନ୍ତ ଘର କରନ୍ତୁ ଭୁବନେଶ୍ୱର ନୂଆ ରେଲ୍‌ୱେଷ୍ଟେସନ୍ ପାଖରେ **yellowzone sqft.- 550/-,** ଚନ୍ଦକା **NH** ପାଖରେ ଘରବାଡ଼ି ପ୍ଲଟ୍ **sqft.- 1100/-,** ବାରଙ୍ଗରୁ ତ୍ରିଶୂଳିଆ **NH** ପାଖରେ **sqft.- 1300/-. 7539895510.** D-71780

ଭୁବନେଶ୍ୱର ଗ୍ୟାରେଜ୍ ଛକ ନିକଟରେ ପ୍ଲଟ୍ ବିକ୍ରିହେବ। (ଘରବାଡ଼ି, ପାଚେରି, ଇଲେକ୍ଟ୍ରିସିଟି ସହିତ) Call- 9827119799. D-71937

ବ୍ରାହ୍ମଣଝରିଲୋ ବଜାରରୁ **1K.M.** ମଧ୍ୟରେ ଘରବାରି, **road,** ଇଲେକ୍ଟ୍ରିସିଟି ସହ ପିଚୁ ରାସ୍ତାକୁ ଲାଗି **plot/simplex** ସୁଲଭ ମୂଲ୍ୟରେ ମିଳୁଛି। **(Bank finance available). 9938163369, 8093053603.** D-71787

ଭୁବନେଶ୍ୱର ହଂସପାଳଛକରୁ **5K.M.** ମଧ୍ୟରେ **(New BDA Planing Area) 30’** ରାସ୍ତା, ଘରବାରି, ଇଲେକ୍ଟ୍ରିସିଟି ଥାଇ **plot** ମିଳୁଛି। **9938014369, 8093053602.** D-71788



Newly opening SPA positively health benefits with expert therapist. 8917332216. D-71938

**AFFIDAVIT**

I, Padala Gayatri, W/o- Late Yernagula Vasudev No.- 15615898y rank- Hav. of Kashinagar (Odisha), Pin- 761206 declare that my Husband Service records mentioned my name P. Gayatri instead of Padala Gayatri vide affidavit dt.- 28.01.22 before Notary Paralakhemundi (Odisha). D-22991

Affidavit before Executive Magistrate, Dhenkanal I Ratnakar Sahoo, Vill-Joranda, PO-Mahimagadi, Dhenkanal changed my daughter’s name from Sumitra Sahoo to Saswati Swetapadma Sahoo for LIC policy-597966826 and all purposes. D-70379

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ପୋଲିସ-ମାଓବାଦୀ ଗୁଳି ବିନିମୟ, ଜଣେ ମାଓବାଦୀ ନିହତ

**ମାଲକାନଗିରି,୩୦।୧(ଡି.ଏନ.ଏ.):** ମାଲକାନଗିରି ଜିଲା ସୀମାନ୍ତ ସୁକମା ଅଞ୍ଚଳରେ ପୋଲିସ ଏବଂ ମାଓବାଦୀଙ୍କ ମଧ୍ୟରେ ରବିବାର ଗୁଳି ବିନିମୟ ହୋଇଛି। ଏଥିରେ ଜଣେ ହାର୍ଡକୋର ମାଓବାଦୀ ନିହତ ହୋଇଛନ୍ତି। ତାଙ୍କ ନାମ ଜଣାପଡିନାହିଁ। ଖବରରୁ ଜଣାପଡିଛି, ସକାଳେ ସଡକ ନିର୍ମାଣରେ ସୁରକ୍ଷା ଯୋଗାଇ ଦେବାକୁ କୋବ୍ରା ୨୦୧ ବାଟାଲିୟନ ଏବଂ ଡିଆରଜିର ଯବାନମାନେ ଯାଉଥିଲେ। ଏହି ସମୟରେ, ଚିନ୍ତଲନାରର ଟିମାପୁରାମ ଜଙ୍ଗଲରେ ଲୁଚି ରହିଥିବା ମାଓବାଦୀମାନେ ପୋଲିସବାହିନୀ ଉପରକୁ ଗୁଳି ଚଳାଇଥିଲେ। ପୋଲିସ ମଧ୍ୟ ଏହାର ପାଲଟା ଜବାବ ଦେଇଥିଲା। ଦୀର୍ଘସମୟ ଧରି ଉଭୟ ପକ୍ଷଙ୍କ ମଧ୍ୟରେ ଗୁଳି ବିନିମୟ ପରେ ପୋଲିସ ଗୁଳିର ସାମନା କରି ନ ପାରି ମାଓବାଦୀମାନେ ଛାତ୍ରଭଙ୍ଗ ଦେଇଥିଲେ। ଏହାପରେ ସେହି ଅଞ୍ଚଳ ତଲାସି ସମୟରେ ଜଣେ ମାଓବାଦୀଙ୍କ ମୃତଦେହ ମିଳିଥିଲା। ଖବର ଲେଖା ହେବାଯାଏ ସମ୍ପୃକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ ଜାରି ରହିଛି।

### ଜେଲ ଗଲେ କୋଟିପତି ଶିକ୍ଷକ

**ଜୟପୁର, ୩୦।୧(ନି.ପ୍ର.):** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କୋଟିପତି ଶିକ୍ଷକ ଭିଜିଲାନ୍ସ ଦ୍ୱାରା ରବିବାର ଗିରଫ ହୋଇ ଜେଲ୍ ଯାଇଛନ୍ତି। ସେ ହେଲେ ରାୟଗଡା ଜିଲା କାଶୀପୁର ବ୍ଲକ ଦୋରାଗୁଡା ଥାନା ତଳକମ୍ପର ଗ୍ରାମର ଶିଶିର ସେମିଲି।



ଭିଜିଲାନ୍ସର ୪ଟି ଟିମ ଶିଶିରଙ୍କ ବାସଭବନ ସମେତ ୬ ସ୍ଥାନରେ ଶନିବାର ଚଢ଼ାଉ କରିଥିଲେ। ତାଙ୍କ ନିକଟରୁ ୪ କୋଟି ୭୩ ଲକ୍ଷ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ମିଳିଥିଲା। ନୂଆପଡା ଗ୍ରାମରେ ସପରିବାର ରୁହନ୍ତି। ଶିକ୍ଷକତା ସହ ଶିଶିର ବିଭିନ୍ନ ବ୍ୟବସାୟରେ ଜଡିତ ଥିବା ଅଭିଯୋଗ ହୋଇଥିଲା। ଚଢ଼ାଉରେ ଡିଏସ୍‌ପି ସୁଶାନ୍ତ ବିଶ୍ୱାଳ, ଅନନ୍ତ ପ୍ରସାଦ ମଲ୍ଲିକ, ସୁରେନ୍ଦ୍ର ରାୟଗୁରୁ, ରୂପଧର ନାଏକ, ଇନ୍ସପେକ୍ଟର କଲବତୀ ବାଘ, ପ୍ରମିଳା ସୁନା, ସୂର୍ଯ୍ୟକାନ୍ତି, ଭୀମସେନ ପୂଜାରୀଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

# ଚାଉଳ ରିସାଇକ୍ଲିଂକୁ ପ୍ରୋତ୍ସାହନ

## ଫିଜିକାଲ ଭେରିଫିକେଶନ ନିର୍ଦ୍ଦେଶକୁ ଅବମାନନା

**ଯାଜପୁର ଅଫିସ,୩୦।୧**

ଧାନ ସଂଗ୍ରହ ଓ ଚାଉଳ ଦାଖଲ ପ୍ରକ୍ରିୟାରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଏକାଧିକ ନିର୍ଦ୍ଦେଶକୁ ଜିଲା ଯୋଗାଣ ଅଧିକାରୀ(ସିଏସ୍‌ଓ)ମାନେ ଅବମାନନା କରୁଛନ୍ତି। ଚାଉଳ ରିସାଇକ୍ଲିଂ କିମ୍ବା କଳାବଜାରି ନିୟନ୍ତ୍ରଣ ପାଇଁ ରାଇସ୍ ରିସିଭିଂ ସେଣ୍ଟର (ଆର୍‌ଆର୍‌ସି) ଓ ମିଲ୍‌ଗୁଡିକରେ ଧାନ ଓ ଚାଉଳ ପରିମାଣ ଜାଣିବାକୁ ନିୟମିତ ବ୍ୟବଧାନରେ ଫିଜିକାଲ ଭେରିଫିକେଶନ କରିବାକୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ଯାଜପୁର ଜିଲା ସମେତ ୧୫ ଜିଲାରେ ପାଣିର ଗାର ହୋଇଛି। ଏହିମର୍ମରେ ବାଲେଶ୍ୱର, ବରଗଡ, ଭଦ୍ରକ, ବଲାଙ୍ଗୀର, କଟକ, ଢେଙ୍କାନାଳ, ଗଜପତି, ଗଞ୍ଜାମ, ଯାଜପୁର, କଳାହାଣ୍ଡି, ମାଲକାନଗିରି, ନବରଙ୍ଗପୁର, ନୂଆପଡା ଓ ରାୟଗଡା ଜିଲା ସିଏସ୍‌ଓଙ୍କୁ ୨୦୨୦ ଜୁନରୁ ୭ ଥର ନିର୍ଦ୍ଦେଶ ହୋଇଥିଲେ ହେଁ ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ଏନେଇ ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ ଶନିବାର ଉଦ୍‌ବେଗ ପ୍ରକାଶ କରିବା ସହ ସମ୍ପୃକ୍ତ ସିଏସ୍‌ଓମାନଙ୍କୁ ୭ଦିନ ମଧ୍ୟରେ ଜବାବ ଦାଖଲ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏଥିରୁ ଚାଉଳ ରିସାଇକ୍ଲିଂ ଓ କଳାବଜାରିକୁ ପରୋକ୍ଷରେ ପ୍ରୋତ୍ସାହନ ଦିଆଯାଉଥିବା ମତପ୍ରକାଶ ପାଇଛି।

ସରକାର ଗରିବଙ୍କୁ ମୁଠାଏ ଅନ୍ନ ଯୋଗାଇ ଦେବା ପାଇଁ ୧ ଟଙ୍କିଆ ଚାଉଳ ଯୋଗାଣ ଆରମ୍ଭ କଲେ। ଏଥିରେ କୌଣସି ପ୍ରକାର ଖିଲାପୀ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ବ୍ୟବସ୍ଥା ରହିଛି। ହେଲେ ଫଳ ଓଲଟା ହେଉଛି। ଏହାର ଫାଇଦା ନେଉଛନ୍ତି ଥିଲାବାଲା। ଦିନଦ୍ୱିପ୍ରହରରେ ହଜାର ହଜାର କୁଇଣ୍ଟାଲ ସରକାରୀ ଚାଉଳ ରିସାଇକ୍ଲିଂ ହେଉଛି। ଚାଉଳ ଗୋଦାମରୁ ଚାଉଳ ବଣ୍ଟନକାରୀ ସଂସ୍ଥାକୁ ଯାଉଛି। ଜାଲ ରାଶନକାର୍ଡ କିମ୍ବା ହିତାଧିକାରୀଙ୍କୁ ଉପଯୁକ୍ତ ଭାବେ ଚାଉଳ ବଣ୍ଟନ ନ କରି ସେହି ଚାଉଳ ପୁଣି ସେଠାରୁ ଅନ୍ୟ ଏକ ଟ୍ରକରେ ଚାଲିଯାଉଛି ମିଲର୍ସଙ୍କ ଗୋଦାମକୁ। ପରବର୍ତ୍ତୀ ମୁହୂର୍ତ୍ତରେ ସେହି ଚାଉଳ ଗୋଦାମରେ ପୁଣି ହାଜର। ଏହି ରିସାଇକ୍ଲିଂକୁ ନିୟନ୍ତ୍ରଣ କରିବାକୁ ୨୪।୬।୨୦୨୦ରୁ ଏଯାଏ ୮ ଥର ସିଏସ୍‌ଓମାନଙ୍କୁ ଆର୍‌ଆର୍‌ସି ଏବଂ ମିଲଗୁଡିକରେ ଥିବା ଧାନ ଓ ଚାଉଳ ପରିମାଣ ଜାଣିବାକୁ ନିୟମିତ ବ୍ୟବଧାନରେ ଯାଞ୍ଚ କରିବା ଲାଗି ନିର୍ଦ୍ଦେଶ ହୋଇଛି। କିନ୍ତୁ ଏଯାଏ ନିଗମ ମୁଖ୍ୟ କାର୍ଯ୍ୟାଳୟରେ ଭେରିଫିକେଶନ ରିପୋର୍ଟ ଦାଖଲ ହୋଇନାହିଁ। ସୂଚନାଯୋଗ୍ୟ ଯେ, ୨୦୨୧-୨୨ ଧାନ ସଂଗ୍ରହ ବର୍ଷରେ ୧୦ ମିଲର୍ସଙ୍କୁ ନିୟୋଜିତ କରାଯାଇ ଗତ ୧୫ ତାରିଖ ସୁଦ୍ଧା ୧୯୩୯୪.୮୭୦ ମେଟ୍ରିକ ଟନ ଧାନ ସଂଗ୍ରହ ହୋଇଛି। ତଦନୁସାରେ ୧୩୧୫୦.୦୮ ମେଟ୍ରିକ ଟନ୍ ଚାଉଳ ଆରଆରସିରେ ଦାଖଲ ହେବା କଥା। କିନ୍ତୁ ମାତ୍ର ୬୮୦.୦୩୦ ମେଟ୍ରିକ ଟନ୍ ଚାଉଳ ଦାଖଲ ହୋଇଛି। ଏହି ଅନୁସାରେ ମିଲ୍‌ଗୁଡିକରେ ଆବଶ୍ୟକ ଧାନ ମହଜୁଦ ଅଛିକିନାହିଁ ତାହା ଜାଣିବାକୁ ସିଏସ୍‌ଓମାନଙ୍କ ଆନ୍ତରିକତା ନ ଥିବା ମନେ ହେଉଛି।

ସୂଚନାଯୋଗ୍ୟ ଯେ, ଏଭଳି ଅବହେଳା ଯୋଗୁ ଯାଜପୁର, ଭଦ୍ରକ, ଗଞ୍ଜାମ ଓ ନବରଙ୍ଗପୁର ଜିଲାର ୨୩ ଜଣ ଯୋଗାଣ ବିଭାଗ ଅଧିକାରୀ ୨ କୋଟି ୨୧ ଲକ୍ଷ ୪୬ ହଜାର ୯୪୮ ଟଙ୍କାର ସରକାରୀ ଚାଉଳ ହଡପ କରିଥିବା ସ୍ୱତନ୍ତ୍ର ଅଡିଟ ରିପୋର୍ଟରେ ଧରାପଡ଼ିଥିଲା। ଏଥିରେ ଯୋଗାଣ ନିରୀକ୍ଷକ(ଆଇଏସ୍), ମାର୍କେଟିଂ ଇନ୍ସପେକ୍ଟର(ଏମ୍‌ଆଇ) ଓ ଜିଲା ଯୋଗାଣ ଅଧିକାରୀ(ସିଏସ୍‌ଓ)ଙ୍କ ସମ୍ପୃକ୍ତି ରହିଛି। ଏଥିରେ କେବଳ ଗଞ୍ଜାମ ଜିଲାର ୧୯ ଜଣ ଅଧିକାରୀଙ୍କ ନାମ ରହିଛି। ଗତ ୩ ବର୍ଷ ହେଲା ଏହି ଦୁର୍ନୀତିଖୋର ଅଧିକାରୀମାନଙ୍କ ବିରୋଧରେ ଡ୍ରାଫ୍ଟ ଚାର୍ଜେସ୍ ଗ୍ରହଣ କରିବାକୁ ୧୦ରୁ ଊର୍ଦ୍ଧ୍ୱଥର ବିଭାଗୀୟ ନିର୍ଦ୍ଦେଶ ହୋଇଛି। ହେଲେ ଏହା କାର୍ଯ୍ୟକାରୀ ହୋଇପାରୁନାହିଁ। ତେଣୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ବିଶ୍ୱଜିତ୍ କେଶରୀ ଦାସ ଗତ ଅକ୍ଟୋବରରେ ନିର୍ଦ୍ଦେଶ ଜାରି କରିଥିଲେ। କିନ୍ତୁ ତାହା ଏଯାଏ କାର୍ଯ୍ୟକାରୀ ହୋଇପାରି ନ ଥିବା ସୂଚନା ମିଳିଛି। ଏଭଳି କୋହଳ ମନୋଭାବ ଯୋଗୁ ଧାନ ସଂଗ୍ରହ ଓ ଚାଉଳ ଯୋଗାଣରେ ସ୍ୱଚ୍ଛତା ସ୍ୱପ୍ନ ହୋଇଛି। ଏହି ସରକାରୀ ଚାଉଳ ଦ୍ୱାରା ଗରିବ ଲୋକ ଗରିବ ତଥା ଧନୀ ଲୋକ ଆହୁରି ଧନୀ ହେବାର ବାଟ ଫିଟାଉଛି। ଜିଲା ସ୍ତରରେ ଏହି ରିସାଇକ୍ଲିଂ ବ୍ୟବସ୍ଥାରେ ଯୋଗାଣ ବିଭାଗ ଜାଣିଶୁଣି ଅଙ୍କୁଶ ଲଗାଉ ନ ଥିବାର ଅଭିଯୋଗ କରାଯାଉଥିବା ବେଳେ ଏହା ଉପରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ଏ ସଂକ୍ରାନ୍ତରେ ଯାଜପୁର ସିଏସ୍‌ଓ ସଲାଉଦ୍ଦିନ ଖାଁଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।

# ୩ରୁ ପୁଣି ବର୍ଷା

## ୧୦ ଡିଗ୍ରୀ ତଳେ ୧୬ ସହର

**ଭୁବନେଶ୍ୱର, ୩୦।୧(ବ୍ୟୁରୋ)**

ରାଜ୍ୟରେ କିଛିଦିନ ହେବ ଜାରି ରହିଥିବା ଶୀତ ଲହରି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ତେବେ ୩୧ ତାରିଖରୁ ରାତିର ତାପମାତ୍ରା ବଢ଼ିବା ସହ ଶୀତର ପ୍ରକୋପ କମିବ। ହେଲେ ରାଜ୍ୟକୁ ପୁଣି ପଶ୍ଚିମା ଝଡ଼ ପ୍ରବେଶ କରିବାର ସମ୍ଭାବନା ଥିବାରୁ ଏହା ପ୍ରଭାବରେ ଫେବୃୟାରୀ ୩ରୁ ରାଜ୍ୟରେ ପୁଣି ବର୍ଷା ହେବ। ତେଣୁ ଏଥିପାଇଁ ସତର୍କ ରହିବାକୁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପରାମର୍ଶ ଦେଇଛି।

ବିଭାଗର ସୂଚନାନୁସାରେ, ରାଜ୍ୟରେ ଏବେ ଶୀତ ଅଧିକ ଅନଭୂତ ହେଉଛି। ରବିବାର ୧୬ ସହରର ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିଲା। ସିମିଳିଗୁଡ଼ାରେ ସର୍ବନିମ୍ନ ତାପମାତ୍ରା ୫.୩ ଡିଗ୍ରୀ ରହିଥିବାବେଳେ ଫୁଲବାଣୀ ୬.୨, କିରେଇ ୬.୨, କେନ୍ଦୁଝର ୬.୪, ଜି. ଉଦୟଗିରି ୬.୫, ଦାରିଙ୍ଗବାଡ଼ି ୭, ଝାରସୁଗୁଡ଼ା ୭.୬, ସୋନପୁର ୭.୯, ବୌଦ୍ଧ ୮.୫, ଭବାନିପାଟଣା ୯, କୋରାପୁଟ ୯, ନୂଆପଡ଼ା ୯.୪, ମହିସାପାଟ ୯.୪, ବଲାଙ୍ଗୀର ୯.୫, ହୀରାକୁଦ ୯.୬ ଓ ରାଣୀତାଳ ୯.୮ ଡିଗ୍ରୀ ରେକର୍ଡ କରାଯାଇଥିଲା। ସେହିଭଳି ନୟାଗଡ଼ରେ ୧୦, ସମ୍ବଲପୁର ୧୦.୨, ବାରିପଦା ୧୦.୫, ଅନୁଗୋଳ ୧୦.୬, ଛତ୍ରପୁର ୧୧, ତାଳଚେର ୧୧, ଭୁବନେଶ୍ୱରରେ ୧୧.୨, ମାଲକାନଗିରି ୧୧.୫, କଟକ ୧୧.୬, ବାଲେଶ୍ୱର ୧୧.୯, ପାରଳାଖେମୁଣ୍ଡି ୧୨, ଚାନ୍ଦବାଲି ୧୨.୪, ପାରାଦୀପ ୧୩.୧, ଗୋପାଳପୁର ୧୩.୯ ଓ ପୁରୀରେ ସର୍ବନିମ୍ନ ତାପମାତ୍ରା ୧୫.୬ ଡିଗ୍ରୀ ରହିଥିଲା।

ସୂଚନାଯୋଗ୍ୟ, ରାଜ୍ୟରେ ଚଳିତବର୍ଷ ଶୀତ ଋତୁରେ ନିୟମିତ ବ୍ୟବଧାନରେ ଲଗାତର ଭାବେ ବର୍ଷା ହେଉଛି। ଏଥିଯୋଗୁ ଚାଷୀମାନେ ବିଶେଷ ଭାବେ କ୍ଷତି ସହିଛନ୍ତି। ବିଭିନ୍ନ ସ୍ଥାନରେ ବ୍ୟାପକ ଫସଲ ମଧ୍ୟ ନଷ୍ଟ ହୋଇଛି। ବର୍ଷା ପରେ ଶୀତ ବଢ଼ି ଯାଉଛି। ଅପରପକ୍ଷେ ୨ ତାରିଖ ଦିନ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ଗଜପତି, ଗଞ୍ଜାମ, ଖୋର୍ଦ୍ଧା, ପୁରୀ ଓ ନୟାଗଡ଼ରେ ଘନ କୁହୁଡ଼ି ହେବ। ତେଣୁ ଏସବୁ ଜିଲାକୁ ଘନ କୁହୁଡ଼ି ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

# ବନ୍ଧୁକ ତିଆରି କାରଖାନା ଠାବ



ଗିରଫ ୨ ଅଭିଯୁକ୍ତ। ଜବତ ଅଧା ତିଆରି ବନ୍ଧୁକ ଓ ସରଞ୍ଜାମ।

**ସଜନାଗଡ,୩୦।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ କୁଲଡ଼ିହା ଅଭୟାରଣ୍ୟର ପାଦଦେଶ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅନ୍ତର୍ଗତ ହାତିଖୋଲିଆ ଗ୍ରାମରେ ଦେଶୀ ବନ୍ଧୁକ ତିଆରି କାରଖାନା ଠାବ ହୋଇଛି। କୁଲଡ଼ିହା ବନବିଭାଗ ଓ ନୀଳଗିରି ପୋଲିସ ଚଢ଼ାଉ କରି ଅଧା ତିଆରି ହୋଇଥିବା ବନ୍ଧୁକ ଓ ବିପୁଳ ପରିମାଣର ଯନ୍ତ୍ରାଂଶ ଜବତ କରିଛନ୍ତି। ଏହି ଘଟଣାରେ ଜଣେ ମହିଳାଙ୍କ ସମେତ ୨ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ଦ୍ୱୟ ହେଲେ ରଣି ସିଂ ଏବଂ ରବୀନ୍ଦ୍ର ସିଂ।

ସୂଚନା ଅନୁଯାୟୀ, ହାତିଖୋଲିଆ ଗ୍ରାମରେ ବନ୍ଧୁକ ତିଆରି ହେଉଥିବା ନେଇ ବନବିଭାଗ ନୀଳଗିରି ପୋଲିସକୁ ଖବର ଦେଇଥିଲା। ଏସ୍‌ଡିପିଓ ରିତେଶ କୁମାର ମହାପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ନୀଳଗିରି ପୋଲିସ ଓ କୁଲଡିହା ବନବିଭାଗ ରବିବାର ପୂର୍ବାହ୍ନରେ ମିଳିତ ଭାବେ ଚଢ଼ାଉ କରିଥିଲେ। ଘଟଣାସ୍ଥଳରୁ ଅଧା ତିଆରି ଦେଶୀ ବନ୍ଧୁକ ଏବଂ ବନ୍ଧୁକ ନିର୍ମାଣ ପାଇଁ ବ୍ୟବହୃତ ସରଞ୍ଜାମ ଓ ଯନ୍ତ୍ରାଂଶ ପୋଲିସ ଜବତ୍ କରିଥିଲା। ଏନେଇ ନୀଳଗିରି ଥାନାରେ ଏକ ମାମଲା (ନଂ.୬୮/୨୨)ରୁଜୁ ହୋଇଛି। ଏହି ଚଢ଼ାଉରେ ଥାନା ଏସ୍‌ଆଇ ସୁବର୍ଣ୍ଣା ବେହେରା, ଏଏସ୍‌ଆଇ ରମାକାନ୍ତ ସେଠୀ, କନେଷ୍ଟବଳ ଜେ.କେ. ପାତ୍ର, କୁଲଡ଼ିହା ବନ ବିଭାଗଅଧିକାରୀଙ୍କ ସମେତ କର୍ମଚାରୀ ସାମିଲ ଥିଲେ।

# 'ସମାପାଜୁର ରଘୁ' ଚଳଚ୍ଚିତ୍ରର କଳାକାରଙ୍କ ସହ କେକ୍ କାଟିଲେ ଜିଲାପାଳ

**ବୌଦ୍ଧ,୩୦।୧(ସ୍ୱ.ପ୍ର.)**

ଓଡ଼ିଆ ସିନେମାର ପ୍ରସିଦ୍ଧ କଳାକାର ମନୋଜ ମିଶ୍ରଙ୍କ ପ୍ରଯୋଜନାରେ 'ସମାପାଜୁର ରଘୁ' ନାମକ ଓଡିଆ ଚଳଚ୍ଚିତ୍ର ରବିବାର ମୁକ୍ତିଲାଭ କରିଛି। ଏହି ଚଳଚ୍ଚିତ୍ରର ୯୦ ପ୍ରତିଶତ ଶୁଟିଂ ବୌଦ୍ଧ ଜିଲାରେ ହୋଇଥିବା ବେଳେ ଏଥିରେ ଅନେକ ସ୍ଥାନୀୟ କଳାକାର ଅଭିନୟ କରିଛନ୍ତି। ବିଶେଷ କରି କାହାଣୀର କେନ୍ଦ୍ରବିନ୍ଦୁ ହୋଇଥିବା ବୌଦ୍ଧର ଶିଶୁ କଳାକାର ପରୀର ନିଖୁଣ ଅଭିନୟ ସମସ୍ତଙ୍କ ଦ୍ୱାରା ପ୍ରଶଂସିତ ହୋଇଛି। ବୌଦ୍ଧ ଜିଲାର ଏକ ଦୁର୍ଗମ ଓ ବଣ ପାହାଡ ଘେରା ଗ୍ରାମ ସମାପାଜୁକୁ ନେଇ ଚଳଚ୍ଚିତ୍ର କାହାଣୀର କଥାବସ୍ତୁ ପ୍ରସ୍ତୁତ କରାଯାଇଛି। ଏହାକୁ ନେଇ ବୌଦ୍ଧ ଜିଲାବାସୀଙ୍କ ମଧ୍ୟରେ ଉତ୍କଣ୍ଠା ପ୍ରକାଶ ପାଇଛି। ବୌଦ୍ଧର ସିନେ କଳାକାର ଚିନ୍ମୟ ମିଶ୍ର(ପପୁ)ଙ୍କ ଦ୍ୱାରା ଏହି ଚଳଚ୍ଚିତ୍ର ନିର୍ଦ୍ଦେଶନା ଦିଆଯାଇଥିବା ବେଳେ ମୁଖ୍ୟ ଚରିତ୍ରରେ ମନୋଜ ମିଶ୍ର ଓ ସ୍ୱରମୟୀ ଅଭିନୟ କରିଛନ୍ତି। ବୌଦ୍ଧର କଳାକାର ଗୋପାଳକୃଷ୍ଣ ବେହେରା, ମାନସ ମିଶ୍ର, କାବୁ ବୋଷ, ପ୍ରବୀର ଦାସ, ଆସ୍ଥା ଦାଶ, ସସ୍ମିତା ବାରିକ, ବିଜୟଲକ୍ଷ୍ମୀ ସେଠୀ, ସାଇ ଲକ୍ଷ୍ମୀ, ଚନ୍ଦ୍ରମା ଯୋଷୀ, ପ୍ରସନ୍ନ ଜେନା,ଇନ୍ଦ୍ରମଣି ମେହେର,ଅଶୋକ କୁମାର, କାହ୍ନା ପ୍ରଧାନ, ଆଲୋକ ମେହେର, ବିଦେଶୀ, ଶ୍ରୁତି ଚିନ୍ମୟୀ ପ୍ରଧାନ, କାଳୀପ୍ରସାଦ ନାଏକ ଓ ପ୍ରିଂଶୁ ପ୍ରମୁଖ ଚଳଚ୍ଚିତ୍ରରେ ଚମତ୍କାର ଅଭିନୟ କରିଛନ୍ତି। ଚଳଚ୍ଚିତ୍ରର ମୁକ୍ତିଲାଭ ଅବସରରେ ବୌଦ୍ଧ ଜିଲାପାଳ ଲଲାଟେନ୍ଦୁ ମିଶ୍ର ଓ ତହସିଲଦାର ଅବିନାଶ ପାଣ୍ଡିଆ ଜିଲାର କଳାକାରମାନଙ୍କ ଗହଣରେ ସହରର ଟାଉନହଲଠାରେ ରବିବାର କେକ୍ କାଟିବା ସହିତ ଫୁଲତୋଡା ଦେଇ ଅଭିନନ୍ଦନ ଜଣାଇଥିଲେ। ଏହି ଚଳଚ୍ଚିତ୍ରରେ ବୌଦ୍ଧ ଜିଲାର ପ୍ରାକୃତିକ ଶୋଭାରାଜିର ଝଲକ ଦର୍ଶକମାନଙ୍କୁ ଆନନ୍ଦ ଦେବା ସହିତ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବ ବୋଲି ଆଶା କରାଯାଉଛି।



ବୌଦ୍ଧ ଟାଉନହଲ୍‌ଠାରେ ଜିଲାପାଳ କେକ୍ କାଟି କଳାକାରମାନଙ୍କୁ ଅଭିନନ୍ଦନ ଜଣାଉଛନ୍ତି।

# ମହାନଦୀରେ ଘଡ଼ିଆଳ କୁମ୍ଭୀର

## ସ୍ଥାନୀୟ ଲୋକେ ଆତଙ୍କିତ

**କଟକ ଅଫିସ,୩୦।୧**



ମହାନଦୀର ମଧୁସୂଦନ ବ୍ରିଜ ନିକଟରେ ରବିବାର ଏକ କୁମ୍ଭୀର ବୁଲୁଥିଲା। ଏହାକୁ ଦେଖିବା ପାଇଁ ବ୍ରିଜ ଉପରେ ଲୋକଙ୍କ ଭିଡ଼ ଲାଗିଥିଲା। ଏଠାକାର ଲୋକମାନେ ମହାନଦୀ ଉପରେ ନିର୍ଭର କରୁଥିବାବେଳେ ଏହି କୁମ୍ଭୀର ପାଇଁ ସେମାନେ ଆତଙ୍କିତ ହୋଇପଡିଛନ୍ତି। ୫ ଦିନ ହେବ ମହାନଦୀରେ ଏହି କୁମ୍ଭୀର ବୁଲୁଥିବା ଜଣାପଡିଛି। ଘଡିଆଳ କୁମ୍ଭୀରଙ୍କ ବଂଶ ଦିନକୁ ଦିନ ଲୋପ ପାଇବାରେ ଲାଗିଛି। ଏଭଳି ସ୍ଥିତିରେ ସେମାନଙ୍କ ବଂଶ ବିସ୍ତାର ଉଦ୍ଦେଶ୍ୟରେ ମହାନଦୀରେ ୧୭ଟି ଘଡିଆଳ କୁମ୍ଭୀର ଛଡ଼ାଯାଇଛି ବୋଲି ବନ ବିଭାଗ ସ୍ପଷ୍ଟ କରିଛି। ସେଥିମଧ୍ୟରୁ ୪ଟି କୁମ୍ଭୀର ଦେହରେ ଜିପିଏସ୍ ଲଗାଯାଇ ସେମାନଙ୍କ ଗତିବିଧି ଉପରେ ନଜର ରଖାଯାଇଛି। ଜିପିଏସ୍ ଲାଗିଥିବା ଘଡିଆଳ ସୁରକ୍ଷିତ ଅଛନ୍ତି। ଏହି ପ୍ରଜାତିର କୁମ୍ଭୀରମାନେ ସାଧାରଣତଃ ମାଛ ଖାଇଥାନ୍ତି। ଏବେ ମଧୁସୂଦନ ସେତୁ ନିକଟରେ ଦୁଇଟି ଓ ବାଙ୍କୀରେ ଦୁଇଟି ଘଡିଆଳ ଦେଖିବାକୁ ମିଳିଛି। ସେମାନେ ଠିକ୍ ଭାବେ ଚଳ ପ୍ରଚଳ କରୁଥିବା ଜଣାପଡିଛି। ଏ ସମ୍ପର୍କରେ ରେଞ୍ଜର ଦୁର୍ଗା ପ୍ରସାଦ ସାହୁ କହିଛନ୍ତି, ସାତକୋଶିଆରୁ ଏହି କୁମ୍ଭୀରଟି ଆସିଥିବା ଅନୁମାନ କରାଯାଉଛି। ଦୁଇଦିନ ହେବ କୁମ୍ଭୀରକୁ ଧରିବା ପାଇଁ ଉଦ୍ୟମ ଜାରି ରହିଛି। ଖୁବ୍‌ଶୀଘ୍ର ତାକୁ ଉଦ୍ଧାର କରାଯିବ ବୋଲି ସେ କହିଛନ୍ତି।

# ନିର୍ବାଚନ ପାଇଁ ପିସିସି ସଂଯୋଜକ ନିଯୁକ୍ତ

**ଭୁବନେଶ୍ୱର,୩୦।୧(ବ୍ୟୁରୋ):** ନିର୍ବାଚନ ପରିଚାଳନା ପାଇଁ କଂଗ୍ରେସ ତା'ର ସାଙ୍ଗଠନିକ ଜିଲା ପାଇଁ ସଂଯୋଜକ ନିଯୁକ୍ତ କରିଛି। ପିସିସିର ପଞ୍ଚାୟତ ଓ ପୌର ନିର୍ବାଚନ ପରିଚାଳନା କମିଟି ନିଷ୍ପତ୍ତି ଅନୁଯାୟୀ ଏହି ନିଯୁକ୍ତି ଦିଆଯାଇଛି। ଅନୁଗୋଳ ଜିଲା ପାଇଁ ରାମଚନ୍ଦ୍ର ଖୁଣ୍ଟିଆ, ବାଲେଶ୍ୱର ପାଇଁ ନବଜ୍ୟୋତି ପଟ୍ଟନାୟକ, ବରଗଡ଼ ପାଇଁ ସତ୍ୟ ଭୂଷଣ ସାହୁ ଓ ପ୍ରଦୀପ ଦେବତା, ଭଦ୍ରକ ପାଇଁ ମଧୁସ୍ମିତା ସେଠୀ, ଭୁବନେଶ୍ୱର ପାଇଁ ଗଣେଶ୍ୱର ବେହେରା ଓ ପଞ୍ଚାନନ କାନୁନଗୋ, ବଲାଙ୍ଗୀର ଓ ସୋନପୁର ପାଇଁ ସମରେନ୍ଦ୍ର ମିଶ୍ର ଓ ବୌଦ୍ଧ ପାଇଁ ମନୋରଞ୍ଜନ ଦାଶ, କଟକ ଓ କଟକ ସିଟି ପାଇଁ ଯଥାକ୍ରମେ ମାନସ ଚୌଧୁରୀ ଓ ମହମ୍ମଦ ମୋକିମ, ସମ୍ବଲପୁର ଓ ଦେବଗଡ଼ ପାଇଁ ଶରତ ପଟ୍ଟନାୟକ, ଢେଙ୍କାନାଳ ପାଇଁ ସୁରେଶ ମହାପାତ୍ର ଓ ବାଙ୍କନିଧି ବେହେରାଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ଗଞ୍ଜାମ ଦାୟିତ୍ୱରେ ରମେଶ ଚନ୍ଦ୍ର ଜେନା, ଗଜପତିରେ ଦାଶରଥି ଗମାଙ୍ଗୋ ସଂଯୋଜକଭାବେ କାର୍ଯ୍ୟ କରିବେ। ଜଗତ୍‌ସିଂହପୁର ଜିଲାରେ ଚିରଞ୍ଜୀବ ବିଶ୍ୱାଳ, ଯାଜପୁର ଶରତ ରାଉତ ଓ ଝାରସୁଗୁଡ଼ା ପାଇଁ କିଶୋର ଚନ୍ଦ୍ର ପଟେଲ, କଳାହାଣ୍ଡିରେ ଭକ୍ତଚରଣ ଦାସ ଓ ଅଧିରାଜ ମୋହନ ପାଣିଗ୍ରାହୀ, କନ୍ଧମାଳ ବିସ୍ମୟ ମହାପାତ୍ର ଓ କେନ୍ଦ୍ରାପଡ଼ା ମହମ୍ମଦ ମୋକିମ ଓ ଗଣେଶ୍ୱର ବେହେରା, କେନ୍ଦୁଝର ଓ ମୟୂରଭଞ୍ଜ ଜୟଦେବ ଜେନା, ଖୋର୍ଦ୍ଧା ସୁରେଶ କୁମାର ରାଉତରାୟ, କୋରାପୁଟ ଓ ନବରଙ୍ଗପୁର ଦାୟିତ୍ୱରେ ତାରାପ୍ରସାଦ ବାହିନୀପତି, ମାଲକାନଗିରି ଭୁଜବଳ ମାଝି, ନୂଆପଡ଼ା ସନ୍ତୋଷ ସିଂ ସାଲୁଜା, ନୟାଗଡ଼ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ପୁରୀ ଜିଲା ଜାନକୀ ବଲ୍ଲଭ ପଟ୍ଟନାୟକ, ରାୟଗଡ଼ା ସପ୍ତଗିରି ଉଲ୍ଲାକା, ରାଉରକେଲା ଜର୍ଜ ତିର୍କି ଓ ସୁନ୍ଦରଗଡ଼ ପାଇଁ ଡ. ସିଏସ୍ ରାଜନଙ୍କୁ ସଂଯୋଜକ ନିଯୁକ୍ତ କରାଯାଇଛି।

**NOTICE**
**IN THE DEBT RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK - 753014**
**O.A. No. 568 of 2019**
**Canara Bank, (E-Syndicate Bank), Bhadrak Branch, Bhadrak ...Applicant**
**AND**
**Mr. Kuntala Pharmaceuticals and others ...Defendants**
**To**
1. **M/s. Kuntala Pharmaceuticals,** At/PO./P.S.: Kacheri Bazar, Dist.: Bhadrak-756100 represented through its **proprietor Mr. Muktikanta Nayak.**
2. **Mr. Muktikanta Nayak,** S/o: Late Khageswar Nayak, At-Apartibindha New Colony, PO./Dist.: Bhadrak-756100
3. **Mr. Rajendra Prasad Das,** S/o: Late Brundaban Das, At/P.O.: Kalei, Via: Arnapal, Dist.: Bhadrak-756116

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **O.A. No. 568 of 2019** in the Court of Debts Recovery Tribunal at Cuttack for a recovery of **Rs.43,31,662.34** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **14th day of March 2022 at 10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **22nd day of Dec. 2021.**

**Sd/- Registrar,**
**Debts Recovery Tribunal**

**NOTICE**
**IN THE DEBT RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK - 753014**
**O.A. No. 363 of 2019**
**Canara Bank, (E-Syndicate Bank), Paradeep Port Branch, Paradeep, Dist.: Jagatsinghpur ...Applicant**
**AND**
**Ranjan Kumar Parida and others ...Defendants**
**To**
1. **Mr. Rajkishore Mohanty,** S/o: Late Bairagi Charan Mohanty, At: Balarampur, P.O.: Kujanga, Dist.: Jagatsinghpur-754141

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **O.A. No. 363 of 2019** in the Court of Debts Recovery Tribunal at Cuttack for a recovery of **Rs.13,92,374.16** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **01st day of March 2022 at 10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **07th day of Jan. 2022.**

**Sd/- Registrar,**
**Debts Recovery Tribunal**

**NOTICE**
**IN THE DEBT RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK - 753014**
**O.A. No. 858 of 2019**
**Canara Bank, (Earstwhile E-Syndicate Bank), Paradeep Port Branch, Paradeep, Dist.: Jagatsinghpur ...Applicant**
**AND**
**Niranjan Nayak and others ...Defendants**
**To**
1. **Mr. Niranjan Nayak,** S/o: Late Kanduri Nayak, At- Qr. No.: 26, Nuabazar, Paradeep, Dist.: Jagatsinghpur-754142, at present at MBD-50, Laxmi Medical Store, Market Building, Paradeep, Dist.: Jagatsinghpur-754142.
2. **Mr. Rashmi Ranjan Das,** S/o- Bira Kishore Das, At- Qr. No. NBD III/10, Nuabazar, Paradeep, Dist.: Jagatsinghpur-754142.
3. **Smt. Sarojini Nayak,** W/o: Niranjan Nayak, At- Qr. No.: 26, Nuabazar, Paradeep, Dist.: Jagatsinghpur-754142.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **O.A. No. 858 of 2019** in the Court of Debts Recovery Tribunal at Cuttack for a recovery of **Rs.19,94,019.32** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **15th day of March 2022 at 10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **27th day of Dec. 2021.**

**Sd/- Registrar (Manoj Kumar Patnaik),**
**Debts Recovery Tribunal**

**NOTICE**
**IN THE DEBT RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK - 753014**
**O.A. No. 542 of 2019**
**Canara Bank, (E-Syndicate Bank), Nayapalli Branch, Bhubaneswar ...Applicant**
**AND**
**M/s. Laxmi Motors and others ...Defendants**
**To**
1. **M/s. Laxmi Motors, Prop.: Radhaa Syam Mohanty,** At-Plot No.: 1144, Near Bharat Petrol Pump, Uttara Sasan, Kausalyaganga, Bhubaneswar, Dist.: Khurda-751002.
2. **Sri Radhaa Syam Mohanty,** S/o: Ratnakar Mohanty, At-Plot No.: 1144, Near Bharat Petrol Pump, Uttara Sasan, Kausalyaganga, Bhubaneswar, Dist.: Khurda-751002
3. **Smt. Prateeksya Mohanty,** Aged about 52 Years, W/o: Radhaa Syam Mohanty, At- A/5/14, IG Colony, Bhubaneswar, Town/Dist.: Khurda
4. **Smt. Hemalata Sasmal,** DOB- 18.06.1956, W/o: Brajabhusan Sasmal, Plot No.: 1603/3825, Paikarapur, Bhubaneswar, Dist.: Khurda

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **O.A. No. 542 of 2019** in the Court of Debts Recovery Tribunal at Cuttack for a recovery of **Rs.48,83,049.50** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **15th day of March 2022 at 10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **07th day of Jan. 2022.**

**Sd/- Registrar,**
**Debts Recovery Tribunal**

**NOTICE**
**IN THE DEBT RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK - 753014**
**O.A. No. 759 of 2019**
**Canara Bank, (E-Syndicate Bank), Baramunda Branch, Baramunda, Bhubaneswar ...Applicant**
**AND**
**M/s. Hotel Supriya and others ...Defendants**
**To**
1. **M/s. Hotel Supriya,** At- Plot No.: 380/887, Bishnu Priya Market, Paikanagar, Delta Square, Bhubaneswar, Town/Dist.: Khurda-751003 represented through its **proprietor Smt. Sandhya Rani Rath.**
2. **Smt. Sandhya Rani Rath,** W/o: Late Rajanikanta Swain, At- Plot No.: 1090, House No.: 9A-2, Ratna Villa, Bhubaneswar, Dist.: Khurda-751003 at present at Supriya Guest House Plot No.: 187, Near Indian Overseas Bank, Lane-4 Niladri Vihar Road, District Centre, Chandrasekharpur, Bhubaneswar-751016, Dist.: Khurda
3. **Supriya Swain,** D/o- Late Rajanikanta Swain, At- Plot No.: 1090, House No.: 9A-2, Ratna Villa, Bhubaneswar, Dist.: Khurda-751003 at present at Supriya Guest House Plot No.: 187, Near Indian Overseas Bank, Lane-4 Niladri Vihar Road, District Centre, Chandrasekharpur, Bhubaneswar-751016, Dist.: Khurda

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **O.A. No. 759 of 2019** in the Court of Debts Recovery Tribunal at Cuttack for a recovery of **Rs.10,16,932.99** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **10th day of March 2022 at 10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **22nd day of Dec. 2021.**

**Sd/- Registrar,**
**Debts Recovery Tribunal**

“ ଆମ ଭିତରେ ଯାହା ଥାଏ– ତାହା ହିଁ ଆମେ ଦେଖୁ ଅନ୍ୟମାନଙ୍କଠାରେ। ଆମେ ଯଦି ଆମ ଚତୁଃପାର୍ଶ୍ୱରେ କେବଳ ପଙ୍କ ଦେଖୁଥାଉ–ତେବେ ତାହା ହିଁ ପ୍ରମାଣିତ କରୁଛି ଯେ, ଆମ ନିଜ ଭିତରେ କୋଉଠି ପଙ୍କ ରହିଛି। –ଶ୍ରୀମା

# ପୁଣି ପେଗାସସ୍

ଗୋଟିଏ ଗଣତାନ୍ତ୍ରିକ ଦେଶରେ କ୍ଷମତାସୀନ ବ୍ୟକ୍ତି ଯେତେବେଳେ ନିଜକୁ ଅସୁରକ୍ଷିତ ମନେକରନ୍ତି, ସେତେବେଳେ ନିଜ ଦେଶର ନାଗରିକଙ୍କ ଉପରେ କୋପଦୃଷ୍ଟି ରଖିବା ସହିତ ଦାଉ ସାଧିବା ହୋଇଥାଏ ସାଧାରଣ ଅଭ୍ୟାସ। ଇସ୍ରାଏଲ ସାଇବର ସୁରକ୍ଷା କମ୍ପାନୀ ଏନ୍ଏସ୍ଓ ଗ୍ରୁପ୍ ଦ୍ୱାରା ପ୍ରସ୍ତୁତ ପେଗାସସ୍ ସ୍ପାଏୱେରକୁ ଭାରତ କିଣିଥିବା ନେଇ 'ନ୍ୟୁୟର୍କ ଟାଇମ୍ସ'ରେ ଏବେ ରିପୋର୍ଟ ପ୍ରକାଶ ପାଇବା ପରେ କେନ୍ଦ୍ରର ଭାଜପା ସରକାରର କାର୍ଯ୍ୟକଳାପ ସନ୍ଦେହ ଘେରକୁ ଆସିଛି। ୨୦୧୭ରେ ଇସ୍ରାଏଲ ସରକାରଙ୍କ ସହିତ ଭାରତ କରିଥିବା ୨ ବିଲିୟନ ଡଲାର ବା ୧୫ ହଜାର କୋଟି ଟଙ୍କାର ଅସ୍ତ୍ରଶସ୍ତ୍ର କିଣା ଚୁକ୍ତିରେ ପେଗାସସ୍କୁ ସାମିଲ କରାଯାଇଥିଲା ବୋଲି ଉକ୍ତ ରିପୋର୍ଟରେ ତଥ୍ୟ ଦିଆଯାଇଛି। ଏଥିରେ ଆହୁରି ମଧ୍ୟ କୁହାଯାଇଛି ଯେ, ୨୦୧୯ ଜୁନ୍ରେ ଭାରତ ଜାତିସଂଘର ଅର୍ଥନୈତିକ ଏବଂ ସାମାଜିକ ପରିଷଦରେ ଇସ୍ରାଏଲ ସପକ୍ଷରେ ଭୋଟ ଦେଇଥିଲା। ଏଥିରେ ପାଲେଷ୍ଟାଇନ୍ ମାନବ ଅଧିକାର ସଙ୍ଗଠନକୁ ପର୍ଯ୍ୟବେକ୍ଷଣ ଷ୍ଟାଟସ୍ ଦେବାକୁ ଭାରତ ମଧ୍ୟ ମନା କରିଥିଲା। ତେବେ ଭାରତରେ ଅନେକ ରାଜନେତା ବିଶେଷକରି ବିରୋଧୀ ନେତା, ବିଚାରପତି, ସାମାଜିକ ଓ ମାନବ ଅଧିକାର କର୍ମୀ ଏବଂ ସାମ୍ବାଦିକଙ୍କ ଗତିବିଧି ଉପରେ ପେଗାସସ୍ ପକ୍ଷରୁ ନଜର ରଖାଯାଇଥିବା ନେଇ ଗତବର୍ଷ ଜୁଲାଇରେ ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ପୂର୍ବରୁ ଏକ ନ୍ୟୁଜ ୱେବ୍ସାଇଟ୍ ରିପୋର୍ଟ ପ୍ରକାଶ କରିଥିଲା। ଭାରତର ୩ ଶହରୁ ଅଧିକ ବ୍ୟକ୍ତିଙ୍କ ମୋବାଇଲ ନମ୍ବରକୁ ଟ୍ରାକ୍ କରାଯାଇ ଫୋନ୍ କଲ୍ ରେକର୍ଡ କରାଯାଇଥିବା ଏଥିରେ ଦର୍ଶାଯାଇଥିଲା। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋରଙ୍କ ନାମ ସାମ୍ନାକୁ ଆସିବା ପରେ ମୋଦି ସରକାରଙ୍କୁ ସମାଲୋଚନା କରାଯାଇଥିଲା। ଏବେ ବଜେଟ ଅଧିବେଶନ ପୂର୍ବରୁ ତଥ୍ୟଭିତ୍ତିକ ଯେଉଁ ରିପୋର୍ଟ ନ୍ୟୁୟର୍କ ଟାଇମ୍ସରେ ପ୍ରକାଶ ପାଇଛି, ତାହା ଅନେକାଂଶରେ ବିଶ୍ୱାସଯୋଗ୍ୟ ହେଉଛି।

ଏନ୍ଏସ୍ଓ ଗ୍ରୁପ୍ ଦ୍ୱାରା ବିକଶିତ ପେଗାସସ୍ ସ୍ପାଏୱେରକୁ କେବଳ ମାନ୍ୟତାପ୍ରାପ୍ତ ସରକାରୀ ସଂସ୍ଥାଗୁଡ଼ିକୁ ବିକ୍ରି କରାଯାଇଥାଏ ବୋଲି କମ୍ପାନୀ ପୂର୍ବରୁ କହିଥିଲା। ଅର୍ଥାତ୍ ଘରୋଇ ସଂସ୍ଥା ଏହି ଗୁପ୍ତଚରୀ ଆପ୍କୁ କିଣିପାରିବେ ନାହିଁ। ବିଭିନ୍ନ ଦେଶର ସରକାର ଆତଙ୍କବାଦ ଓ ଅପରାଧ ବିରୋଧୀ ଲଢ଼େଇ ଏବଂ ସୁରକ୍ଷା ଦୃଷ୍ଟିରୁ ବ୍ୟବହାର କରିବା ଉଦ୍ଦେଶ୍ୟ ରଖି ଏହାକୁ କିଣିଥାଆନ୍ତି। ହେଲେ ଦେଖାଯାଉଛି, ଇସ୍ରାଏଲ ପ୍ରଯୁକ୍ତି ଦ୍ୱାରା ବିକଶିତ ଏହି ଗୁପ୍ତଚରୀ ପ୍ରୋଗ୍ରାମ୍ ଅତି ତୀକ୍ଷ୍ଣ ଭାବେ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ସ୍ମାର୍ଟଫୋନ୍ ଉପରେ ନଜର ରଖି ତଥ୍ୟ ହାସଲରେ ସଫଳ ହୋଇଥାଏ। ଏବେ ନ୍ୟୁୟର୍କ ଟାଇମ୍ସ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ପାଲେଷ୍ଟାଇନ୍ ବିରୋଧରେ ଓ ଇସ୍ରାଏଲ୍ ସପକ୍ଷରେ ଭାରତ ମତ ଦେଇଥିଲା ବୋଲି ଯାହା କୁହାଯାଉଛି, ସେଥିରୁ ଅନୁମାନଯୋଗ୍ୟ ଯେ ମୋଦି ସରକାର ଉଦ୍ଦେଶ୍ୟ ରଖି ସବୁ କାରବାର କରିଛନ୍ତି।

ଆଜିର ସ୍ଥିତି ଦେଖିଲେ ଭାରତ ସମେତ କିଛି ଗଣତାନ୍ତ୍ରିକ ଦେଶର ନେତୃତ୍ୱ କ୍ରମଶଃ ଏକଚ୍ଛତ୍ରବାଦ ଚିନ୍ତାଧାରାକୁ ଆପଣାଉଛନ୍ତି। ସେମାନଙ୍କ ଇଚ୍ଛା ଅନୁଯାୟୀ ଫଳ ନ ମିଳିଲେ ନିଜ ନାଗରିକଙ୍କ ଉପରେ କ୍ରୋଧ ପ୍ରକଟ କରୁଛନ୍ତି। ବର୍ତ୍ତମାନ ପେଗାସସ୍ ଭଳି ଗୁପ୍ତଚରୀ ଆପ୍କୁ ମାଧ୍ୟମ କରାଯାଉଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଆଧୁନିକ ପୃଥିବୀରେ ପ୍ରାୟ ଦେଢ଼ ଦଶନ୍ଧି ମଧ୍ୟରେ ଅଧିକାଂଶ ସ୍ମାର୍ଟଫୋନ୍ ବ୍ୟବହାର କରୁଛନ୍ତି। ତେଣୁ ଉନ୍ନତ ପ୍ରଯୁକ୍ତିକୁ ଆଧାର କରି ପେଗାସସ୍ ଭଳି ଆପ୍ର ଆବିର୍ଭାବ ହୋଇଛି। ମୋବାଇଲ୍ ଫୋନ୍ ମାଧ୍ୟମରେ ବ୍ୟବହାରକାରୀର ସମସ୍ତ କଥାବାର୍ତ୍ତା, ଲେଖା, ଗତିବିଧି ଭଳି ସବୁ ସୂଚନା ମିଳିପାରୁଛି। ତେଣୁ ବ୍ୟବସାୟ, ରାଜନୀତି, ସାମ୍ବାଦିକତା ଭଳି ଅନେକ କ୍ଷେତ୍ର ପ୍ରତି ଏହା ବିରାଟକାୟ ବିପଦ ଭାବେ ଉଭା ହୋଇଛି। ଯଦି ନିଜ ଦେଶର ସରକାର କୌଣସି ବ୍ୟକ୍ତିବିଶେଷ କିମ୍ବା ଚିନ୍ତାଧାରାକୁ ଦମନ କରିବାକୁ ଆଗଭର ହୋଇଥାଏ, ସେତେବେଳେ ସିଧାସଳଖ ବିରୋଧୀଙ୍କ ବିପକ୍ଷରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ତାହା ସର୍ବସମ୍ମୁଖରେ ଧରାପଡ଼ିଯିବାର ଭୟ ରହୁଥିବାରୁ ଶାସକ ବର୍ଗ ଗୁପ୍ତଚରଗିରିକୁ ଅସ୍ତ୍ର କରୁଛନ୍ତି। ଏହାଫଳରେ ବିରୋଧୀ ଯେଉଁ ରଣକୌଶଳ ଅନୁସରଣ କରୁଛନ୍ତି ସେସବୁକୁ ସହଜରେ କ୍ଷମତାସୀନ ବର୍ଗ ଜାଣିପାରୁଛନ୍ତି। ସୂଚନା ପ୍ରଯୁକ୍ତି ବା ଇନ୍ଫର୍ମେଶନ ଟେକ୍ନୋଲଜି ଏ ଦିଗରେ ବିଶେଷ ସହାୟକ ହେଉଥିବାରୁ ପେଗାସସ୍ ସ୍ପାଏୱେର ଭଳି ଗୁପ୍ତଚରୀ ଆପ୍ କାମ ଦେଉଛି। ଯେତେବେଳେ ଏକ ରାଷ୍ଟ୍ର ତା'ର ନାଗରିକଙ୍କ ଉପରେ ନଜର ରଖିବା ଲାଗି ସେହି କରଦାତାଙ୍କ ଅର୍ଥକୁ ନଷ୍ଟ କରିବ, ଦେଶର ମର୍ଯ୍ୟାଦା ହ୍ରାସ ପାଇବା ସ୍ୱାଭାବିକ। ଏହା ଆଜି କେତେକ ବ୍ୟକ୍ତିବିଶେଷଙ୍କ ବିରୋଧରେ ବ୍ୟବହାର ହେଉଥିବା ଭଳି ମନେହେଉଛି। କାଲିକୁ ଏହା ଦେଶବାସୀଙ୍କ ସ୍ୱାର୍ଥ ବିରୋଧରେ କେଉଁଭଳି ବ୍ୟବହୃତ ହେବ, ତାହା ସାଧାରଣ ନାଗରିକ ବୁଝିବା ଏବେ ସମ୍ଭବପର ନୁହେଁ।

## ୨୫ ବର୍ଷ ତଳର ଧରିତ୍ରୀ

୩୧ ଜାନୁୟାରୀ ୧୯୯୭

- ଆଘାତଜନିତ କାରଣ ନେଇ ଅଷ୍ଟ୍ରେଲିଆର ଡାହାଣହାତୀ ଫାଷ୍ଟ ବୋଲର କ୍ରେଗ ମ୍ୟାକ୍ଡରମଟ ଆନ୍ତର୍ଜାତିକ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି।
- ୧.୨ ମିଲିୟନ ଡଲାର ମୂଲ୍ୟର ବୋଫର୍ସ ଲାଞ୍ଚ ମାମଲାର ତଦନ୍ତ କାର୍ଯ୍ୟ ଅନୁଧ୍ୟାନ ପାଇଁ ସିବିଆଇ ପକ୍ଷରୁ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଗୋଷ୍ଠୀ (ଏସ୍ଆଇଟି) ଗଠନ କରାଯାଇଛି।
- ଦଳ ବିରୋଧୀ କାର୍ଯ୍ୟକଳାପ ଅଭିଯୋଗରେ ଅକାଳୀଦଳ (ବାଦଲ)ରୁ ପଞ୍ଜାବର ପୂର୍ବତନ ମନ୍ତ୍ରୀ ସୁଖଦେବ ସିଂ ଧିଲୋଁ ବହିଷ୍କୃତ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | 6 | 1 | | 8 | | | | 7 |
| | | | 4 | | | | | |
| | | | | 7 | | 6 | | |
| 8 | | | | | | 5 | 2 | 1 |
| | | | 2 | | | | 6 | |
| | | 9 | | 6 | | | | |
| | | | 8 | | | 4 | | 3 |
| | | 8 | 5 | | | | | |
| 9 | 4 | 7 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 3 | 5 | 8 | 7 | 9 | 1 | 2 |
| 5 | 2 | 7 | 1 | 6 | 9 | 4 | 8 | 3 |
| 9 | 1 | 8 | 3 | 2 | 4 | 7 | 6 | 5 |
| 7 | 5 | 2 | 4 | 3 | 8 | 1 | 9 | 6 |
| 4 | 9 | 6 | 7 | 1 | 2 | 5 | 3 | 8 |
| 3 | 8 | 1 | 6 | 9 | 5 | 2 | 7 | 4 |
| 2 | 7 | 9 | 8 | 4 | 3 | 6 | 5 | 1 |
| 8 | 6 | 4 | 9 | 5 | 1 | 3 | 2 | 7 |
| 1 | 3 | 5 | 2 | 7 | 6 | 8 | 4 | 9 |

ଗତକାଲିର ଉତ୍ତର

# ଜିନ୍ ବିବର୍ତ୍ତିତ ଖାଦ୍ୟ କାହା ସ୍ୱାର୍ଥରେ



ବିଚିତ୍ର ବିଶ୍ୱାଳ

ପ୍ରତ୍ୟେକ ମଣିଷ ପାଇଁ ଖାଦ୍ୟ ଏକ ଗୁରୁତ୍ୱପୂର୍ଣ ଆବଶ୍ୟକତା। ଖାଦ୍ୟ ମଣିଷ ପାଇଁ ସବୁବେଳେ ଏକ ସମ୍ବେଦନଶୀଳ ଓ ସ୍ପର୍ଶକାତର ବିଷୟ ହୋଇ ରହିଆସିଛି। ଖାଦ୍ୟ ସହିତ ବ୍ୟକ୍ତିଗତ ପସନ୍ଦ ବା ରୁଚି ଓ ସାଂସ୍କୃତିକ ପ୍ରଶ୍ନ ଯୋଡ଼ି ହୋଇଥାଏ। ଆମ ସ୍ୱାସ୍ଥ୍ୟ ଓ ପୁଷ୍ଟି ମଧ୍ୟ ଏକାନ୍ତ ଭାବେ ଖାଦ୍ୟ ଉପରେ ନିର୍ଭରଶୀଳ। କିନ୍ତୁ ବଡ଼ ବଡ଼ ବେପାରୀମାନଙ୍କ ଆଖିକୁ ଆମ ଖାଦ୍ୟ ସବୁବେଳେ ଏକ ବଡ଼ ବଜାର ଭାବେ ଦେଖାଯାଉଛି। ତେଣୁ ସେମାନେ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର କରି ଖାଦ୍ୟକୁ ସାଧାରଣ ମଣିଷର ନିୟନ୍ତ୍ରଣରୁ ବାହାର କରିନେବାକୁ ଚାହୁଁଛନ୍ତି। କାରଣ ଏହା ପଛରେ ଖାଦ୍ୟକୁ ନେଇ ଥିବା ବିଶାଳ ବଜାରକୁ କବ୍ଜା କରିବା ସେମାନଙ୍କ ଉଦ୍ଦେଶ୍ୟ। ଜିନ୍ ବିବର୍ତ୍ତିତ ଖାଦ୍ୟ (ଜିଏମ୍ଫୁଡ୍) ଏଥିପାଇଁ ଏକ ବଡ଼ ସୁଯୋଗ ବୋଲି ସେହି କଂପାନୀମାନେ ମନେକରନ୍ତି। ତେଣୁ ସେମାନେ ଯେନତେନ ପ୍ରକାରେ ଜିନ୍ ବିବର୍ତ୍ତିତ ଖାଦ୍ୟକୁ ପ୍ରଚଳନ କରିବା ପାଇଁ ଚାହୁଁଛନ୍ତି। ଆମ ଦେଶରେ ପୂର୍ବରୁ ଜିନ୍ ବିବର୍ତ୍ତିତ ଖାଦ୍ୟକୁ ପ୍ରଚଣ୍ଡ ବିରୋଧ କରାଯାଇଆସୁଛି। ଫଳରେ କଂପାନୀଗୁଡ଼ିକ ତାଙ୍କ ମସୁଧାରେ ଏଯାଏ ସଫଳ ହୋଇପାରିନାହାନ୍ତି, କିନ୍ତୁ ପ୍ରୟାସ ଜାରି ରଖିଛନ୍ତି।

ନିକଟ ଅତୀତରେ ନଭେମ୍ବର ୧୫, ୨୦୨୧ରେ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ, ଭାରତ (ଏଫ୍ଏସ୍ଏସ୍ଏଆଇ) ଏକ ଅଧିସୂଚନା ମାଧ୍ୟମରେ ଜିନ୍ ବିବର୍ତ୍ତିତ ଖାଦ୍ୟକୁ ନେଇ 'ପ୍ରସ୍ତାବିତ ନିୟନ୍ତ୍ରଣ ବ୍ୟବସ୍ଥା ଚିଠା' ପ୍ରକାଶ କରିଛନ୍ତି। ଏହି ଅଧିସୂଚନା ଅନୁସାରେ, ପୂର୍ବ ଅନୁମତି ବିନା କେହି ଜିନ୍ ବିବର୍ତ୍ତିତ ଦ୍ରବ୍ୟ ବ୍ୟବହାର କରି କୌଣସି ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କିମ୍ବା ବିକ୍ରି କରିପାରିବେ ନାହିଁ। କେତେକେ ନିର୍ଦ୍ଦିଷ୍ଟ ସର୍ତ୍ତ ପାଳନ କରୁଥିବା ପରୀକ୍ଷାଗାରରେ ହିଁ ଜିନ୍ ବିବର୍ତ୍ତିତ ଖାଦ୍ୟ ଯାଞ୍ଚ କରାଯାଇପାରିବ। ଶିଶୁ ଖାଦ୍ୟରେ ଜିନ୍ ବିବର୍ତ୍ତିତ ଦ୍ରବ୍ୟ ବ୍ୟବହାର କରାଯିବ ନାହିଁ। କୌଣସି ଖାଦ୍ୟରେ ୧% ବା ଅଧିକ ଭାଗ ଜିନ୍ ବିବର୍ତ୍ତିତ ଦ୍ରବ୍ୟ ରହିଲେ ପକେଟ୍ ଉପରେ ତାହା ଲିଖିତ ରହିବ। ପୂର୍ବରୁ ଆମ ଦେଶରେ ଜିନ୍ ବିବର୍ତ୍ତିତ ଖାଦ୍ୟର ନିୟନ୍ତ୍ରଣ ଦାୟିତ୍ୱ କେନ୍ଦ୍ରୀୟ ପରିବେଶ ମନ୍ତ୍ରଣାଳୟ ଅଧୀନସ୍ଥ ଜିନ୍ ବିବର୍ତ୍ତିତ ମୂଲ୍ୟାୟନ କମିଟି ପାଖରେ ନ୍ୟସ୍ତ ଥିଲା। କିନ୍ତୁ ଖାଦ୍ୟ ସୁରକ୍ଷା ଓ ମାନକ ଅଧିନିୟମ-୨୦୦୬ ପ୍ରଚଳନ ପରେ ଏହି ଦାୟିତ୍ୱ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ, ଭାରତ ହାତକୁ ଦିଆଯାଇଛି। ପ୍ରକୃତରେ ଏଫ୍ଏସ୍ଏସ୍ଏଆଇକୁ ଜିନ୍ ବିବର୍ତ୍ତିତ ଖାଦ୍ୟର ଆବେଦନ ପତ୍ରକୁ ଅନୁମୋଦନର କ୍ଷମତା ଦେବା ଉଚିତ ନୁହେଁ। କାରଣ ଏଫ୍ଏସ୍ଏସ୍ଏଆଇ ପାଖରେ ସେଭଳି ଦକ୍ଷତା ହିଁ ନାହିଁ। ଏହାର ଅନୁମୋଦନ କ୍ଷମତା ଜୈବ ନିରାପତ୍ତା ବିଶେଷଜ୍ଞଙ୍କର ଏକ ସ୍ୱାଧୀନ କମିଟିକୁ ଦିଆଯିବା କଥା। ଏହାଛଡ଼ା ଅତୀତରେ ଏଫ୍ଏସ୍ଏସ୍ଏଆଇ ଜିନ୍ ବିବର୍ତ୍ତିତ ଖାଦ୍ୟର ନିୟନ୍ତ୍ରଣକୁ ନେଇ ନିୟମ ଆଣିବା ପରିବର୍ତ୍ତେ ଜୈବିକ ଖାଦ୍ୟ କ୍ଷେତ୍ରରେ ନିୟମ ଆଣିବାକୁ ଅଧିକ ଆଗ୍ରହୀ। ଯେତେବେଳେ କି ଜୈବିକ ଖାଦ୍ୟ ଅପେକ୍ଷା ଜିନ୍ ବିବର୍ତ୍ତିତ ଖାଦ୍ୟ କ୍ଷେତ୍ରରେ ନିରାପତ୍ତାର ସଙ୍କଟ ଅଧିକ ଥାଏ। ଏହି ଚିଠା ପ୍ରସ୍ତାବରେ ମଣିଷର ସ୍ୱାସ୍ଥ୍ୟ ଓ ପରିବେଶ ଉପରେ ଜିନ୍ ବିବର୍ତ୍ତିତ ଖାଦ୍ୟର ପ୍ରଭାବ ଓ ନିରାପତ୍ତାକୁ ଆଦୌ ଧ୍ୟାନ ଦିଆଯାଇନାହିଁ।

୧୯୯୦ରେ ଯେବେଠାରୁ ପ୍ରଥମେ ଜିନ୍ ବିବର୍ତ୍ତିତ ବିହନ ବଜାରକୁ ଆସିଲା, ସେବେଠାରୁ ଏହା ଉପରେ ସ୍ୱାଧୀନ ବୈଜ୍ଞାନିକମାନଙ୍କ ଦ୍ୱାରା ଗବେଷଣା କରାଯାଇ ନାହିଁ। ଜିନ୍ ବିବର୍ତ୍ତିତ ବିହନ ଉତ୍ପାଦନର ମାନବ ସ୍ୱାସ୍ଥ୍ୟ ଉପରେ ଅତ୍ୟନ୍ତ କୁପ୍ରଭାବ ପଡ଼ିବ ବୋଲି ବୈଜ୍ଞାନିକମାନେ ଦୃଢ଼ ଆଶଙ୍କା ପ୍ରକାଶ କରୁଛନ୍ତି। ୟୁରୋପିଆନ୍ ୟୁନିଅନ୍ର ଏକ ସଂସ୍ଥା 'ଫୁଡ୍ ୱାଚ୍ ଡଗ୍'ର ଅଧ୍ୟୟନ ଅନୁସାରେ ଆମେରିକାରେ ବ୍ୟବସାୟିକ ଉଦ୍ଦେଶ୍ୟରେ ଅନୁମୋଦନ ପାଇଥିବା ମକା, ସୋୟାବିନ୍ ସମେତ ୮୬ଟି ଜିନ୍ ବିବର୍ତ୍ତିତ ଫସଲ ମଧ୍ୟରୁ ୫୪ଟିରେ ଜିନ୍-ଭିଆଇ ନାମକ ଏକ ପ୍ରକାର ଭାଇରାଲ୍ ଜିନ୍ର ସନ୍ଧାନ ମିଳିଥିଲା। ଏହି ଗବେଷକମାନଙ୍କ ମତରେ ଜିନ୍ ଭିଆଇର ଉପସ୍ଥିତି ମାନବ ଶରୀରରେ ଏକ ଅସ୍ୱାଭାବିକ ପରିବର୍ତ୍ତନ ଆଣିଥାଏ। ଏହି ଫସଲକୁ ଖାଇବା ଦ୍ୱାରା ମାନବ ଶରୀରରେ ଏକ ପ୍ରକାର ପ୍ରୋଟିନ୍ ତିଆରି ହୋଇଥାଏ, ଯାହା ବିଷଯୁକ୍ତ। ଏହି ଫସଲ କେତେକ ପ୍ରକାର ନିର୍ଦ୍ଦିଷ୍ଟ ପୋକଙ୍କୁ ଅଧିକ ଆକର୍ଷିତ କରୁଥିବାର ପ୍ରମାଣ ମଧ୍ୟ ମିଳିଥିଲା। ଅନୁଷ୍ଠାନର ନିର୍ଦ୍ଦେଶକ ପିଟର ରିଲେଙ୍କ ମତରେ, ଜିନ୍ ବିବର୍ତ୍ତନର ପ୍ରଭାବକୁ ନେଇ ଏପର୍ଯ୍ୟନ୍ତ କେହି ସନ୍ଦେହମୁକ୍ତ ନୁହନ୍ତି। ତେଣୁ ଏହାକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ନିଷେଧ କରାଯିବା ଉଚିତ। ବୈଜ୍ଞାନିକମାନଙ୍କ ତଥ୍ୟ ଅନୁସାରେ ଏହି ବିହନର ରାସାୟନିକ ବିଷ ଗଛ ମାଧ୍ୟମରେ ଫଳକୁ ଯାଉଛି ଓ ଏହାକୁ ଖାଇ ମଣିଷ ରୋଗଗ୍ରସ୍ତ ହେବାର ଦେଖାଯାଉଛି। ଏହି ରାସାୟନିକ ଗୁଡ଼ିକର ପ୍ରଭାବ ପଶୁମାନଙ୍କଠାରେ ପରୀକ୍ଷା କରି ଏହାର କୁପ୍ରଭାବ ପ୍ରମାଣିତ ହୋଇଛି। ଆନ୍ଧ୍ରପ୍ରଦେଶରେ ବିଷଯୁକ୍ତ ବିଟି କପାଗଛକୁ ଖାଇ ଗୃହପାଳିତ ପଶୁ ମରିଯିବାର ଅନେକ ଦୃଷ୍ଟାନ୍ତ ଅଛି। ତେଣୁ ପ୍ରାଣୀ ଚିକିତ୍ସକମାନେ ବିଟିକପା କ୍ଷେତକୁ ପଶୁ ଜନ୍ତୁମାନଙ୍କୁ ନ ଛାଡ଼ିବାକୁ ପରାମର୍ଶ ଦେଉଛନ୍ତି। ବିଭିନ୍ନ ଗବେଷଣାତ୍ମକ ଅନୁଧ୍ୟାନରୁ ସ୍ପଷ୍ଟ ହୋଇଛି ଯେ, ଜିନ୍ ବିବର୍ତ୍ତିତ ଖାଦ୍ୟ ଯୋଗୁ ଅନେକ ପ୍ରକାର ରୋଗ ଦେଖାଦେଉଛି। ମଣିଷ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି କମିଯାଉଛି। ମଣିଷର ବୃଦ୍ଧି ଓ ବିକାଶ ବାଧାପ୍ରାପ୍ତ ହେଉଛି ଓ ଏହା ପ୍ରଜନନ ବ୍ୟବସ୍ଥାକୁ ମଧ୍ୟ ପ୍ରଭାବିତ କରୁଛି। ଏହା ଯୋଗୁ ଶରୀରର ଭିନ୍ନ ଭିନ୍ନ ଆଭ୍ୟନ୍ତରୀଣ ଅଙ୍ଗରେ ଥିବା କୋଷରେ ବ୍ୟତିକ୍ରମ ଦେଖାଯାଉଛି। ଜିନ୍ ବିବର୍ତ୍ତିତ ଖାଦ୍ୟ ଯୋଗୁ ଶରୀରରେ ଆଣ୍ଟି ବାୟୋଟିକ ପ୍ରତିରୋଧକ ତିଆରି ହେଉଥିବାର ମଧ୍ୟ ଆଶଙ୍କା କରାଯାଉଛି। ମଣିଷର ସ୍ୱାସ୍ଥ୍ୟ ସହିତ ଜିନ୍ ବିବର୍ତ୍ତନର ପରିବେଶ ଉପରେ ମଧ୍ୟ ବହୁତ କୁପ୍ରଭାବ ପଡ଼ିଥାଏ। ଭାରତ ଭଳି ଜୈବ ବିବିଧତାର ପ୍ରାଚୁର୍ଯ୍ୟ ଦେଶରେ ଜିନ୍ ବିବର୍ତ୍ତନ ଏକ ଅଭିଶାପ ପରି ଉଭାହେବ। ଏହା ପ୍ରକୃତି ସହିତ ଏକ ଭୟଙ୍କର ଖେଳ କହିଲେ ଅତ୍ୟୁକ୍ତି ହେବ ନାହିଁ। ଆମ ଦେଶରେ ପୂର୍ବରୁ ଜିନ୍ ବିବର୍ତ୍ତିତ କପା ବିହନ ବା ବିଟିକପାକୁ ଅନୁମତି ମିଳିଛି। ଏହି ଜିନ୍ ବିବର୍ତ୍ତିତ ବିହନ ଯୋଗୁ ଫସଲର ବନ୍ଧୁ ପୋକ ଏବଂ ଅଣୁଜୀବମାନେ ମରିଯାଉଛନ୍ତି। ଯେଉଁ ପୋକକୁ ମାରିବାକୁ ଏହି ଜିନ୍ ବିବର୍ତ୍ତିତ ବିହନ ତିଆରି ହୋଇଥିଲା, ଅନେକ କ୍ଷେତ୍ରରେ ସେହି ପୋକମାନେ ମଧ୍ୟ ଦମନ ହେଉନାହାନ୍ତି। ଧୀରେ ଧୀରେ ସେହି ପୋକମାନଙ୍କର ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇ ସେମାନେ ଜିନ୍ ବିବର୍ତ୍ତିତ ବିହନର ଗଛକୁ ମଧ୍ୟ ଆକ୍ରାନ୍ତ କରୁଛନ୍ତି। ଫଳରେ ଚାଷୀର କୀଟନାଶକ ବ୍ୟବହାର କମିବା ପରିବର୍ତ୍ତେ ବୃଦ୍ଧି ପାଉଛି। ବିଟିକପା କ୍ଷେତ୍ରରେ ଏହା ପ୍ରମାଣିତ ହେଲାଣି। ଯେଉଁ ଉତ୍ପାଦନ ବୃଦ୍ଧିର ପ୍ରତିଶ୍ରୁତି ଦେଇ ବିଟି ବିହନ ଆରମ୍ଭ କରାଯାଇଥିଲା ତାହା ମଧ୍ୟ ସଫଳ ହେଉନାହିଁ। ମହାରାଷ୍ଟ୍ର ସରକାର ଆନୁଷ୍ଠାନିକ ଭାବେ ସ୍ୱୀକାର କରିଛନ୍ତି ଯେ, ବିଟିକପାର ଉତ୍ପାଦନ ୪୦% କମିଛି। ଥରେ ଜିନ୍ ବିବର୍ତ୍ତିତ ଖାଦ୍ୟକୁ ଅନୁମୋଦନ ମିଳିଗଲେ ଆମ ଦେଶରେ ଥିବା ଖାଦ୍ୟ ବିବିଧତା ବହୁଳ ଭାବେ ଲୋପ ପାଇଯିବ। ଆମକୁ ଆଉ ଉତ୍ତମ ଗୁଣମାନର ପୁଷ୍ଟିକର ଖାଦ୍ୟ ମିଳିବ ନାହିଁ। ସାଧାରଣ ଲୋକମାନେ ଖାଦ୍ୟ ଉପରେ ନିୟନ୍ତ୍ରଣ, ନିଜର ରୁଚିସମ୍ମତ ଓ ଗୁଣବତ୍ତାଯୁକ୍ତ ଖାଦ୍ୟ ପାଇବାର ସ୍ୱାଧୀନତା ହରେଇବେ। ସର୍ବୋପରି ଖାଦ୍ୟ ଦ୍ରବ୍ୟ କ୍ଷେତ୍ରରେ ଜିନ୍ ବିବର୍ତ୍ତନକୁ ଅନୁମତି ମିଳିଲେ ଆମ ଦେଶର ଚାଷୀମାନଙ୍କର ବିହନ ସ୍ୱାଧୀନତା ଲୋପ ପାଇଯିବ। ସେହି ବିହନରୁ ଆଉ ବିହନ ରଖିହେବ ନାହିଁ। ଚାଷୀମାନଙ୍କୁ ବିହନ ପାଇଁ ସବୁବେଳେ କଂପାନୀ ଉପରେ ନିର୍ଭର କରିବାକୁ ପଡ଼ିବ। ଏହା ଚାଷ କ୍ଷେତ୍ରରେ ଚାଷୀମାନଙ୍କର ସ୍ୱାଧୀନତାକୁ ବିପନ୍ନ କରିବ ଓ ଚାଷୀକୁ ଅଧିକରୁ ଅଧିକ କ୍ଷତି ପହଞ୍ଚେଇବ। ଚାଷୀ ହାତରୁ ବିହନ ସ୍ୱାଧୀନତା ଖସି ଆସି କଂପାନୀ ହାତରେ ରହିଯିବ ଓ କଂପାନୀ ସେହି ବିହନକୁ ପେଟେଂଟ ବା ଏକାଧିକାର କରି ବିହନର ଦାମ୍କୁ ଆକାଶଛୁଆଁ କରିଦେବ, ଯାହା ଫଳରେ ଚାଷୀମାନେ ଆଉ ଚାଷ କରିପାରିବେ ନାହିଁ। ଫଳରେ ଭୀଷଣ ଖାଦ୍ୟାଭାବ ଦେଖା ଦେଇ ଦୁର୍ଭିକ୍ଷ ପରିସ୍ଥିତି ସୃଷ୍ଟି ହେବ। ସମଗ୍ର ମାନବ ଜାତିର ଖାଦ୍ୟ ସୁରକ୍ଷା ଲାଭଖୋର୍ କଂପାନୀମାନଙ୍କ କବଳକୁ ଚାଲିଯିବ। ଏହା ଦ୍ୱାରା ଚାଷୀ ସମେତ ସମସ୍ତ ଖାଉଟି ଭୀଷଣ ଭାବେ ପ୍ରଭାବିତ ହେବେ। କୋଟି କୋଟି ଲୋକ ଭୋକିଲା ରହିବାକୁ ବାଧ୍ୟ ହେବେ। ଖାଦ୍ୟ ଶସ୍ୟ ଆଦି କ୍ଷେତ୍ରରେ ଥରେ ଜିନ୍ ବିବର୍ତ୍ତନର ପ୍ରଚଳନ ହୋଇଗଲେ, ଏହାକୁ ଆଉ ଫେରାଇ ନେଇ ହେବ ନାହିଁ। ପାରମ୍ପରିକ ବିହନ ଆଉ କେଉଁଠି ବି ନଥିବ। କଂପାନୀମାନଙ୍କ ପାଖରୁ ସବୁବେଳେ ଜିନ୍ ବିବର୍ତ୍ତିତ ବିହନ କିଣିବାକୁ ହେବ। ଅର୍ଥାତ୍ ସମଗ୍ର ବିଶ୍ୱର ମାନବ ସମାଜ ଖାଦ୍ୟ ପାଇଁ କଂପାନୀମାନଙ୍କ ହାତକୁ ଚାହିଁ ରହିଥିବେ। ଏହା ନିଃସନ୍ଦେହ ଯେ, ଖାଦ୍ୟ ଅଭାବଜନିତ ତାହା ଏକ ଭୟଙ୍କର ଦୁର୍ବିପାକର ସମୟ ହେବ। ତେଣୁ କୌଣସି ପରିସ୍ଥିତିରେ ବି ଜିନ୍ ବିବର୍ତ୍ତନକୁ ପ୍ରଶ୍ରୟ ଦିଆଯିବା ଉଚିତ ନୁହେଁ। ଅପପୁଷ୍ଟିର ଶିକାର ଲୋକମାନଙ୍କ କ୍ଷେତ୍ରରେ ଜିନ୍ ବିବର୍ତ୍ତିତ ବିଷାକ୍ତ ଖାଦ୍ୟର କୁପ୍ରଭାବ ଅଧିକ ପଡ଼ିବ। ସେମାନଙ୍କ ସ୍ୱାସ୍ଥ୍ୟ ଓ ପୁଷ୍ଟି ଆହୁରି ଅଧିକ ବିପନ୍ନ ହେବ।

ପ୍ରବଳ ଜନବିରୋଧ ଯୋଗୁ ପୂର୍ବରୁ ଆମ ଦେଶରେ ଜିନ୍ ବିବର୍ତ୍ତିତ ବାଇଗଣ ଓ ସୋରିଷକୁ ଅନୁମତି ମିଳିନାହିଁ। ଓଡ଼ିଶା ସମେତ ଏକାଧିକ ରାଜ୍ୟ ସରକାର ଜିନ୍ ବିବର୍ତ୍ତିତ ବିହନକୁ ଅନୁମତି ଦେଇନାହାନ୍ତି। ଏବେ ପୁଣିଥରେ ଏଫ୍ଏସ୍ଏସ୍ଏଆଇ ଜିନ୍ ବିବର୍ତ୍ତିତ ଖାଦ୍ୟକୁ ଦେଶରେ ପ୍ରଚଳନ କରାଇବାର ମସୁଧା କରି ଏହି ଚିଠା ପ୍ରସ୍ତାବ ଆଣିଛନ୍ତି। ଏହାକୁ ସଂପ୍ରତି ଦେଶସ୍ତରରେ ବିଭିନ୍ନ ନାଗରିକ ସଂଗଠନ, ସାମାଜିକ କାର୍ଯ୍ୟକର୍ତ୍ତା ଓ ମାନବବାଦୀ ବୈଜ୍ଞାନିକ ଆଦିଙ୍କ ଦ୍ୱାରା ପ୍ରବଳ ବିରୋଧ କରାଯାଉଛି। ଏଫ୍ଏସ୍ଏସ୍ଏଆଇ ପାଖକୁ ନାଗରିକମାନଙ୍କ ଦ୍ୱାରା ପିଟିଶନ୍ ପଠାଯାଉଛି। ଏହା ଆମ ଦେଶର କୋଟି କୋଟି ଜନସାଧାରଣଙ୍କ ଖାଦ୍ୟ, ସ୍ୱାସ୍ଥ୍ୟ ଓ ପରିବେଶର ପ୍ରଶ୍ନ। ଏହାକୁ ସହଜରେ ଛାଡ଼ିଦେବା ଉଚିତ ନୁହେଁ।

ଭିରଙ୍ଗ, ତିରଣ, ଜଗତ୍ସିଂହପୁର
ମୋ: ୯୪୩୮୪୬୮୪୭୪

## ଏଇ ଭାରତରେ

କୁଷ୍ଠରୋଗୀ ଓ ସେମାନଙ୍କ ପରିବାର ପ୍ରତି ଏବେ ମଧ୍ୟ ସମାଜରେ ଭିନ୍ନ ଚିନ୍ତାଧାରା ବଳବତ୍ତର ରହିଛି। ସେମାନଙ୍କୁ ସାମାଜିକ ସ୍ତରରେ ବହୁ ସମସ୍ୟାର ସାମ୍ନା କରିବାକୁ ପଡୁଛି। ଦୈନନ୍ଦିନ ଜୀବନ ଘାତ ପ୍ରତିଘାତ ମଧ୍ୟରେ କଟୁଛି। ହେଲେ ଏସବୁ ସମସ୍ୟା ଦୂର କରିବାକୁ ଦିଲ୍ଲୀର ଜୟା ରଞ୍ଜି ଦୀର୍ଘ ଦୁଇ ଦଶନ୍ଧି ଧରି କାର୍ଯ୍ୟ କରିଆସୁଛନ୍ତି। ବିନା ପାରିଶ୍ରମିକରେ ସେ ଦିଲ୍ଲୀର ଆନନ୍ଦ ପର୍ବତ କଲୋନୀରେ ରହୁଥିବା ୫୨ଟି ପରିବାର ପାଇଁ ଦେବଦୂତ ପାଲଟିଛନ୍ତି। ଏହି ପରିବାରର ବହୁ କୁଷ୍ଠ ରୋଗୀ ରହିଛନ୍ତି। ସେମାନେ ଭିକ୍ଷାବୃତ୍ତି ଆପଣାଉଛନ୍ତି। ହେଲେ ବହୁ ସମୟରେ ସେମାନେ ଏହି କାର୍ଯ୍ୟ ନ କରିପାରି ଭୋକରେ ଦିନ କାଟନ୍ତି। ଏହା ଦୂର କରିବା ଲାଗି ଜୟା ସେମାନଙ୍କ ନିକଟରେ ରାଶନ ସାମଗ୍ରୀ ପହଞ୍ଚାଉଛନ୍ତି। ଏପରିକି ରନ୍ଧାଖାଦ୍ୟ ମଧ୍ୟ ଯୋଗାଉଛନ୍ତି। ସେମାନଙ୍କୁ ହସ୍ପିଟାଲ ନେବା, କୌଣସି ସରକାରୀ ଅଫିସ୍ରେ କାର୍ଯ୍ୟ ଥିଲେ ସେଠାରେ ସେମାନଙ୍କ ପାଇଁ ଲାଇନ୍ରେ ରହି ତାହା ସମ୍ପାଦନ କରୁଛନ୍ତି। ସେ କୁଷ୍ଠରୋଗୀଙ୍କ ପିଲାମାନଙ୍କୁ ବହି ଓ ଅନ୍ୟାନ୍ୟ ଉପକରଣ ମଧ୍ୟ ଯୋଗାଉଛନ୍ତି। ଜୟାଙ୍କ ବାଲ୍ୟକାଳ କଷ୍ଟରେ କଟିଥିଲା। ତାଙ୍କ ମା'ବାପା ବି କୁଷ୍ଠରୋଗଗ୍ରସ୍ତ ହେବା ଦ୍ୱାରା ଜୟା ସାମାଜିକ ସ୍ତରରେ ଓ ସ୍କୁଲରେ ବହୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ତେବେ ୧୦ମ ଯାଏ ପଢ଼ିବା ପରେ ସେ କୁଷ୍ଠରୋଗୀଙ୍କ ସେବା ଆରମ୍ଭ କରିଥିଲେ। ତେବେ ୨୦ ବର୍ଷ ଧରି ତାଙ୍କର ଏହି ସେବା ଦ୍ୱାରା ବହୁ ପରିବାର ଉପକୃତ ହେବା ସହ ସେମାନଙ୍କ ପିଲାମାନେ ଶିକ୍ଷାର ମୁଖ୍ୟଧାରାରେ ଆଗକୁ ବଢ଼ିପାରିଛନ୍ତି।

# ଭୁଲ୍କୁ ଭୁଲ୍ କହିବା



ଅନୁଲିପ୍ତା ମିଶ୍ର

କିଛିଦିନ ତଳେ ଆମେ ଜଣେ ନିକଟ ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯାଇଥାଉ। ସମସ୍ତେ ବସି କଥାଭାଷା ହେବା ଭିତରେ ସମ୍ପର୍କୀୟଙ୍କ ବାର ତେର ବର୍ଷର ପୁଅ କୌଣସି କାରଣରୁ ତା'ର ଜେଜେବାପାଙ୍କ ଉପରେ ଖୁବ୍ ଜୋରରେ ବିରକ୍ତ ହେବାକୁ ଲାଗିଲା। ତା'ର ରୁକ୍ଷ କଥାବାର୍ତ୍ତା ବୃଦ୍ଧ ଜଣଙ୍କୁ ଖୁବ୍ କଷ୍ଟ ଦେଲା ବୋଲି ତାଙ୍କ ମୁହଁରୁ ସ୍ପଷ୍ଟ ବାରିହୋଇ ପଡୁଥାଏ। ଛୋଟପିଲାଟିର ଏମିତି ବ୍ୟବହାର ଦେଖି ମୁଁ ଆଶ୍ଚର୍ଯ୍ୟ ହେଲି, ଆଉ ସବୁଠୁ ବେଶି ଆଶ୍ଚର୍ଯ୍ୟ ହେଲି ଏ ବିଷୟରେ ତା'ର ବାପା,ମା'ଙ୍କର କୌଣସି ପ୍ରତିକ୍ରିୟା ନ ଦେଖି। ଏପରି କି ସେମାନେ ଖୁବ୍ ସହଜ ଭାବରେ କଥାଟିକୁ ନେଇ ନିଜ ପିଲାର ଭୁଲ୍କୁ ଯେମିତି ଘୋଡ଼େଇଲା ଭଳି ଅନୁଭବ ହେଲା ମୋତେ। କେବଳ ଏଇ ଘଟଣା ନୁହେଁ, ଅନେକ ସମୟରେ ଭିନ୍ନଭିନ୍ନ ପରିବେଶ ଓ ସ୍ଥିତିରେ ଲକ୍ଷ୍ୟ କରାଯାଏ ବାପା, ମା' ବିଶେଷ କରି ମା'ମାନେ ନିଜ ପିଲାମାନଙ୍କର ଭୁଲ୍ ଉପରେ ପରଦା ଢାଙ୍କିଥାନ୍ତି। ପିଲାମାନେ ଭୁଲ୍ କରିବା ସ୍ୱାଭାବିକ। କିନ୍ତୁ ସେମାନଙ୍କ ତ୍ରୁଟିକୁ ସୁଧାରିବାକୁ ଚେଷ୍ଟା ନ କରି ଅନ୍ୟମାନଙ୍କ ଆଗରେ ତା'ର ଭୁଲ୍କୁ ଘୋଡ଼ାଇବା ଅର୍ଥ ସେ କରୁଥିବା ଦୋଷକୁ ପ୍ରଶ୍ରୟ ଦେବା। ତେଣୁ ଦେଖାଯାଏ ପିଲାଟି ନିଜ ଭୁଲ୍ ବୁଝି ନିଜକୁ ପରିବର୍ତ୍ତନ କରିବା ପରିବର୍ତ୍ତେ ଆଗକୁ ସେହିପରି ଅନେକ ଭୁଲ୍ କରିବସେ।

ଅନେକ ସମୟରେ ପିଲା କିଛି ମନ୍ଦ କାମ କଲେ ଆମେ କହିଥାଉ, ପିଲାଟା ତ.... କ'ଣ ଟିକେ ଭୁଲ୍ କରିଦେଇଛି। ବଡ଼ ହେଲେ ସୁଧୁରିଯିବନି? ବାପା,ମା' ହୁଅନ୍ତୁ ବା ପରିବାରର ଅନ୍ୟ ସଦସ୍ୟ କିମ୍ବା ସମ୍ପର୍କୀୟ, ଏହି ପ୍ରକାର ମନୋଭାବ ଯୋଗୁ ପିଲା କରୁଥିବା ଭୁଲ୍ ଆଚରଣ ଉପରେ ବିଶେଷ ଗୁରୁତ୍ୱ ଦିଅନ୍ତି ନାହିଁ। କିନ୍ତୁ ଆମର ଏହି ପ୍ରକାର ଚିନ୍ତାଧାରା ନିଶ୍ଚିତ ଭାବରେ ଆମ ପାଇଁ, ଆମ ପିଲାଙ୍କ ନିମନ୍ତେ ତଥା ସମାଜ ସକାଶେ ଅତ୍ୟନ୍ତ କ୍ଷତିକାରକ ହୋଇଥାଏ।

ପିଲା କୌଣସି ଅସାମାଜିକ କାର୍ଯ୍ୟ କଲେ ବା କୌଣସି ମନ୍ଦ ଆଚରଣ କଲେ, ଖରାପ ଭାଷା କହିଲେ ମାତା ପିତାମାନେ ସେସବୁକୁ ତୁରନ୍ତ ବାରଣ କରିବା ଉଚିତ। ପିଲା ମନରେ ଦୁଃଖ ହେବ ବୋଲି ହେଉ ବା ଅତ୍ୟଧିକ ସ୍ନେହର ବଶବର୍ତ୍ତୀ ହୋଇ ଅନେକ ଅଭିଭାବକ ପିଲାକୁ ବେଳେବେଳେ ଏସବୁ ଭୁଲ୍ ପାଇଁ କୌଣସି ଆକଟ କରି ନ ଥାନ୍ତି। ଆଉ ଗୋଟିଏ ଉଦାହରଣ ଦେବାକୁ ଉଚିତ ମଣୁଛି। ଅନେକ କ୍ଷେତ୍ରରେ ଦେଖାଯାଏ ବାଲ୍ୟ ଅବସ୍ଥାରେ ପିଲାଟି ଯଦି କାହାଠାରୁ ଶୁଣି ନିଜ କଥାବାର୍ତ୍ତାରେ କୌଣସି ଖରାପ ଶବ୍ଦର ପ୍ରୟୋଗ କରୁଥାଏ, ତେବେ ପରିବାର ଲୋକ ଏହାକୁ ବାଲ୍ୟଚପଳତା ଭାବି ଓଲଟା ଖୁସିହୋଇ ଉପଭୋଗ କରନ୍ତି। ଫଳରେ ପିଲାର ଏହି ଅଭ୍ୟାସ ବଦଳିବା ପରିବର୍ତ୍ତେ ସେହି ଭୁଲ୍କୁ ସେ ବାରମ୍ବାର କରିବସେ ; ଯାହା ଭବିଷ୍ୟତରେ ତା' ପାଇଁ କ୍ଷତିକାରକ ହୋଇଥାଏ।

ପିଲାମାନଙ୍କ ଜୀବନରେ ମା'ମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ପରିବାରର ଅନ୍ୟ ସଦସ୍ୟମାନଙ୍କ ପ୍ରଭାବ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ପିଲା ଉପରେ ପଡ଼ିଲେ ମଧ୍ୟ ମା'ର ପ୍ରଭାବ ପିଲା ଉପରେ ଅଧିକମାତ୍ରାରେ ପଡ଼ିଥାଏ, କାରଣ ପିଲାମାନେ ମା'ଙ୍କ ସଂସ୍ପର୍ଶରେ ଅଧିକାଂଶ ସମୟ ଆସିଥାନ୍ତି। ପିଲାର ଶିକ୍ଷା ଓ ବିଭିନ୍ନ ସାମାଜିକ ଗୁଣାବଳୀର ବିକାଶ ପ୍ରଥମେ ମା'ଠାରୁ ହିଁ ଆରମ୍ଭ ହୋଇଥାଏ। ନିଜ ପିଲାର ଉତ୍ତମ ବ୍ୟକ୍ତିତ୍ୱ ଓ ଚରିତ୍ର ଗଠନ ଦିଗରେ ମା' ହିଁ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। କିନ୍ତୁ କେତେକ ସମୟରେ ଦେଖାଯାଏ ପିଲା କୌଣସି ଭୁଲ୍ କଲେ ମା' ତା'ର ଭୁଲ୍କୁ ସଂଶୋଧନ କରିବାକୁ ଚେଷ୍ଟା କରିବା ପରିବର୍ତ୍ତେ ତା'ର ଦୋଷଦୁର୍ବଳତାକୁ ଘୋଡ଼ାଇଥାଏ। ନିଜ ପିଲାର ଭୁଲ୍କୁ ଅଣଦେଖା କରିବା, ମାତୃସ୍ନେହରେ ଅନ୍ଧ ହୋଇ ତା'ର ଦୋଷକୁ ତ୍ରୁଟି ବୋଲି ସ୍ୱୀକାର ନ କରିବା, ତା'ର ମନ୍ଦ ଆଚରଣ ଓ ବ୍ୟବହାରକୁ ପିଲାଳିଆମି ଭାବିବା, ପିଲାର ଭବିଷ୍ୟତ ଜୀବନ ପାଇଁ ତଥା ସମାଜ ସକାଶେ ଅତ୍ୟନ୍ତ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ।

କଥାରେ ଅଛି 'ନିଆଁକୁ ଅଣ୍ଟିରେ ପୂରାଇଲେ ଅଣ୍ଟି ପୋଡ଼ିଯାଏ'। ଅର୍ଥାତ୍ ଆମେ ଯଦି ଆମ ପିଲାର ଦୋଷ, ଦୁର୍ଗୁଣସବୁକୁ ଅଣଦେଖା କରିବା, ସର୍ବସମ୍ମୁଖରେ ତା'ର ଭୁଲ୍କୁ ଅସ୍ୱୀକାର କରିବା, ତା'ର ମନ୍ଦ ବ୍ୟବହାର, ଆଚରଣକୁ ପରିବର୍ତ୍ତନ କରିବାକୁ ନ ଚାହିଁ ସେସବୁକୁ ଘୋଡ଼ାଇବାକୁ ଚେଷ୍ଟା କରିବା, ତାହା ହେଲେ ଭବିଷ୍ୟତରେ ଏହା ପ୍ରଥମେ ଆମ ନିଜ ପାଇଁ, ଆମ ପରିବାର ପାଇଁ ହିଁ ଅସ୍ୱାଭାବିକ ସ୍ଥିତି ସୃଷ୍ଟି କରିବ ଓ ପରେ ସମାଜ ଉପରେ ତାହାର ପ୍ରଭାବ ପଡ଼ିବ। ଆମେ ଆମ ପିଲାର ଭଲଗୁଣ ଓ ଭଲକାମ ସବୁକୁ ପ୍ରଶଂସା କରିବା ସହିତ ଯଦି ତା'ର କିଛି ଖରାପ ଅଭ୍ୟାସ ରହିଛି ବା ଯେଉଁ ସମୟରେ ସେ କିଛି ଭୁଲ୍ କାମ କରୁଛି, 'ଏଇଟା ଠିକ୍ ନୁହେଁ' ବା 'ଏମିତି କରିବା ଉଚିତ ନୁହେଁ' ବୋଲି ସଙ୍ଗେସଙ୍ଗେ ଚେତେଇ ଦେବା ଦରକାର ; ଯାହା ଫଳରେ ପିଲାଟି ଧୀରେ ଧୀରେ ନିଜକୁ ପରିବର୍ତ୍ତନ କରିବା ପାଇଁ ଚେଷ୍ଟା କରିବ। ତେଣୁ ପ୍ରତ୍ୟେକ ମାତାପିତା, ଅଭିଭାବକ ଏ ବିଷୟରେ ସଚେତନ ରହି ପିଲାର ଉତ୍ତମ ବ୍ୟକ୍ତିତ୍ୱ ଗଠନ ଦିଗରେ ସହାୟକ ହେବା ନିତାନ୍ତ ଦରକାର।

ସହକାରୀ ଶିକ୍ଷୟିତ୍ରୀ, ମହିଳୋ,
ଜଗତ୍ସିଂହପୁର, ମୋ: ୯୯୩୮୪୦୦୨୦୫

## ଚିରନ୍ତନୀ

ଲହରି ଆଘାତ ସଘନେ ବାଜି ଏ
ପରାଣ ପରେ
ଫିଟାଇଦେଇଛି କଣ୍ଠୁଁ ମୋହର
ଗୀତର ଧାରା !
ସବୁ ପ୍ରିୟ ସ୍ମୃତି ଅନୁଭୂତିମୟ
ଅତୀତ କାଳ
ତୋତେ ଚାହିଁ ଆଜି ପାସୋରି ଦେଲିରେ
ଶିମୁଳିପାଳ !
–(ପାସୋରି ଦେଲିରେ ଶିମୁଳିପାଳ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବେକାରି ସମସ୍ୟାର ନିରାକରଣ

ମହାଶୟ,

ସାରା ଦେଶରେ ବେକାରି ସମସ୍ୟା ହୁ ହୁ ହୋଇ ବଢ଼ିଚାଲିଛି। ସରକାରଙ୍କର ବହୁମୁଖୀ ଯୋଜନା ସବୁ କାର୍ଯ୍ୟକାରୀ କରାଯାଇଥିଲେ ମଧ୍ୟ ବେକାରି ସମସ୍ୟାରେ ସମାଧାନ ହୋଇପାରୁ ନାହିଁ। ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜଗୁଡ଼ିକରେ ମଧ୍ୟ ଠିକ୍ ରୂପେ କର୍ମସଂସ୍ଥାନ ଯୋଗାଇ ଦିଆଯାଉ ନାହିଁ। ଏହା ବେକାରି ସମସ୍ୟାର ଏକ ମୁଖ୍ୟ କାରଣ। ସରକାର ବିଭିନ୍ନ ବହୁରାଷ୍ଟ୍ରୀୟ କମ୍ପାନୀ ସହ ବୁଝାମଣା କରିଚାଲିଛନ୍ତି। କିନ୍ତୁ ଦେଶର ବେକାରି ସମସ୍ୟା କମିବା ବଦଳରେ ବଢ଼ିଚାଲିଛି। କରୋନା ମହାମାରୀ ୨ବର୍ଷ ହେବ ଦେଶରେ ଏହି ସମସ୍ୟାକୁ ଆହୁରି ଦୁଇପାଦ ଆଗକୁ ନେଇଯାଇଛି। ଏହି ସମସ୍ୟାକୁ ସରକାର ବିଚାର କରିବା ଦରକାର। କାରଣ ଡିସେମ୍ବର ମାସରେ ଭାରତର ବେକାରି ହାର ଗତ ୪ ମାସର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି ବୋଲି ଭାରତୀୟ ଅର୍ଥନୀତି ମନିଟରିଂ ସେଣ୍ଟର (ସିଏମ୍ଆଇଇ) ପକ୍ଷରୁ ସୂଚନା ଦିଆଯାଇଛି। ତେଣୁ ଏହି ସମସ୍ୟା ବେଶିଦିନ ଲାଗି ରହିଲେ ଦେଶରେ ଅରାଜକତା ବ୍ୟାପି ଯିବାର ସମ୍ଭାବନା ରହିଛି। ଉକ୍ତ ସମସ୍ୟାର ସମାଧାନ ପାଇଁ ସରକାର ବେରୋଜଗାରୀମାନଙ୍କ ପାଇଁ ବ୍ୟାଙ୍କଗୁଡ଼ିକରେ ଶିଳ୍ପର ବିକାଶ ଦିଗରେ ବ୍ୟାପକ ଋଣ ସହାୟତା ଯୋଗାଇଦେବାର ଆବଶ୍ୟକତା ରହିଛି। ଏହା ସହିତ ରୁଗ୍ଣ ଏବଂ ଅଚଳ ହୋଇପଡ଼ିଥିବା ଶିଳ୍ପ ସଂସ୍ଥାଗୁଡ଼ିକର ପୁନରୁଦ୍ଧାର କରି ସେସବୁରେ ବ୍ୟାପକ ନିଯୁକ୍ତି ସୃଷ୍ଟି କରିବା ଆବଶ୍ୟକତା ରହିଛି। ଏହି ବ୍ୟବସ୍ଥା ସବୁ ଉପଲବ୍ଧି କରାଯାଇ ପାରିଲେ ବେକାରି ସମସ୍ୟାର ସମାଧାନ ହୋଇପାରିବ।

–ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗା ନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଏନ୍‌ଟିପିସିର ନେଟ୍ ପ୍ରଫିଟ ୪,୬୨୬ କୋଟି ଟଙ୍କା**

ଦେଶର ପ୍ରମୁଖ ପବ୍ଲିକ ସେକ୍ଟର ବିଦ୍ୟୁତ ଉତ୍ପାଦନ କମ୍ପାନୀ ଏନଟିପିସିର ତୃତୀୟ କ୍ୱାର୍ଟରରେ ନେଟ ପ୍ରଫିଟ ୧୯% ବୃଦ୍ଧି ପାଇ ୪, ୬୨୬.୧୧ କୋଟି ଟଙ୍କାରେ ପହଞ୍ଚିଛି। କମ୍ପାନୀ ପକ୍ଷରୁ ବିଏସଇକୁ ପ୍ରଦାନ କରାଯାଇଥିବା ସୂଚନା ଅନୁସାରେ ଅକ୍ଟୋବରରୁ ଡିସେମ୍ବର ୨୦୨୦ରେ କମ୍ପାନୀ ନେଟ ପ୍ରଫିଟ ୩,୮୭୬.୩୬କୋଟି ଟଙ୍କା ରହିଛି। ଫଳରେ ଏହି ସମୟ ମଧ୍ୟରେ କମ୍ପାନୀର ମୋଟ ଆୟ ୩୩,୭୮୩.୬୨ କୋଟି ଟଙ୍କା ରହିଥିବା ଜଣାପଡିଛି। ଗତବର୍ଷ ସମାନ ଅବଧି ମଧ୍ୟରେ ଏହା ୨୮,୩୮୭.୭୭ ଟଙ୍କାରେ ଥିଲା। ନିକଟରେ ଅନୁଷ୍ଠିତ କମ୍ପାନୀର ନିର୍ଦ୍ଦେଶକ ମଣ୍ଡଳୀ ବୈଠକରେ କ୍ୱାର୍ଟର ଫଳାଫଳକୁ ଘୋଷଣା କରାଯାଇଛି।

## ସଂକ୍ଷେପରେ

### ସ୍ୱାସ୍ଥ୍ୟବୀମା ଉପରେ ୫% ଜିଏସଟି ହ୍ରାସ ପାଇଁ ପ୍ରସ୍ତାବ

**ନୂଆଦିଲ୍ଲୀ,୩୦।୧:** କୋଭିଡ ମହାମାରୀ ଓ ଏହାର ପାର୍ଶ୍ୱ ପ୍ରତିକ୍ରିୟା ଜନିତ ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ପାଇବା ପରେ ଏବେ ଭାରତରେ ସ୍ୱାସ୍ଥ୍ୟବୀମାକୁ ସାଧାରଣ ଲୋକେ ମଧ ଗୁରୁତ୍ୱ ଦେଉଛନ୍ତି ମାତ୍ର ୨ ବର୍ଷରେ ସ୍ଥିତି ସମ୍ପୂର୍ଣ୍ଣ ବଦଳି ଯାଇଛି ଏହି ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟବୀମାକୁ ସାଧାରଣରେ ଅଧିକ ଆଦୃତ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ଏଥିପାଇଁ ଆଗାମୀ ବଜେଟରେ କିଛି ସ୍ୱତନ୍ତ୍ର ପ୍ରୋତ୍ସାହନ ବ୍ୟବସ୍ଥା ରହିପାରେ ଏବେ ସ୍ୱାସ୍ଥ୍ୟବୀମା ପ୍ରଡକ୍ଟ ଉପରେ ଜିଏସଟି ହାର ୧୮ %ରହିଥିବା ବେଳେ ଏହାକୁ ୫% କୁ ହ୍ରାସ କରିବା ଲାଗି ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି ସେହିପରି ଛୋଟ ବୀମା ଅର୍ଥାତ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୀମା ଉପରେ ଜିଏସଟି ସମ୍ପୂର୍ଣ୍ଣ ଛାଡ଼ ହୋଇପାରେ କୋଭିଡ ସମୟରେ କେତେକ ସ୍ୱତନ୍ତ୍ର ସ୍ୱାସ୍ଥ୍ୟବୀମା ଯୋଜନା ଆରମ୍ଭ ହୋଇଛି ଏହାର ଅବଧିକୁ ୨୦୨୩ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବୃଦ୍ଧି କରିବା ଏବଂ ଏହାକୁ ସମ୍ପୂର୍ଣ୍ଣ ଜିଏସଟି ମୁକ୍ତ କରିବାକୁ ପ୍ରସ୍ତାବ ବିଚାରାଧିନ ରହିଛି।

### ଶିଳ୍ପ ବିଭାଗ ପକ୍ଷରୁ ଶହୀଦ ଦିବସ ପାଳିତ

**ଭୁବନେଶ୍ୱର,୩୦।୧:** ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସକୁ ସାରା ଦେଶ ବଳିଦାନ ବା ସହୀଦ ଦିବସ ଭାବେ ପାଳନ କରିଆସୁଛି। ଏହି ପରିପ୍ରେକ୍ଷୀର ଓଡିଶା ସରକାରଙ୍କ ଶିଳ୍ପ ବିଭାଗ ପକ୍ଷରୁ ରବିବାର ପୂର୍ବାହ୍ନରେ ସ୍ଥାନୀୟ ଖାରବେଳ ଭବନସ୍ଥିତ ବିଭାଗର ସମ୍ମିଳନୀ କକ୍ଷଠାରେ ଶହୀଦ ଦିବସ ପାଳନ କରାଯାଇଛଇ। ଏହତ ଅବସରର ବିଭାଗର ସମସ୍ତ ବରିଷ୍ଠ ଅଧିକାରୀ ଓ କର୍ମକାରୀଙ୍କୁ ନେଇ ଦୁଇ ମିନିଟ୍ ନୀରବ ପ୍ରାର୍ଥନା ସହ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ବିଭାଗର ଅତିରିକ୍ତ ସଚିବ ଶୁଭେନ୍ଦ୍ର କୁମାର ନାୟକଙ୍କ ଅଧକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସହୀଦ ଦିବସର ଆଭିମୁଖ୍ୟ ସଂପର୍କରେ ମତବ୍ୟକ୍ତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ଯୁଗ୍ମ ସଚିବ ପ୍ରଦୀପ କୁମାର କୁଅଁର, ଉପସଚିବ ଅଶୋକ କୁମାର ରାଉତରାୟ, କେଶବ ଚନ୍ଦ୍ର ସାହୁ, ପ୍ରବୀଣ କୁମାର ପତି ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସମେତ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଏଫପିଆଇ ବିନିଯୋଗ ୯୫,୫୦୧ କୋଟିକୁ ବୃଦ୍ଧି ପାଇଛି

ନୂଆଦିଲ୍ଲୀ,୩୦।୧

ଭାରତୀୟ ଶେୟାର ବଜାରରେ ବିନିଯୋଗ ପ୍ରକ୍ରିୟାରେ ଅଂଶଗ୍ରହଣକାରୀ ନୋଟ୍ (ପି-ନୋଟ୍) ମାଧ୍ୟମରେ ଡିସେମ୍ବର ଶେଷ ସୁଦ୍ଧା ୯୫,୫୦୧ କୋଟି ଟଙ୍କାର ପୁଞ୍ଜି ନିବେଶ ବୃଦ୍ଧି ପାଇଛି। ବର୍ତ୍ତମାନର ପରିସ୍ଥିତିକୁ ନଜରରେ ରଖି ବିଶେଷଜ୍ଞମାନେ କହିଛନ୍ତି ଯେ, ବଜାର କାରବାର ଅନୁସାରେ ଆସନ୍ତା ମାସରେ ଏହାର ପ୍ରବାହ ନକାରାତ୍ମକ ହେବ। ସେହିଭଳି ପଞ୍ଜୀକୃତ ବିଦେଶୀ ପୋର୍ଟଫୋଲିଓ ନିବେଶକ (ଏଫ୍‌ପିଆଇ)ଙ୍କ ଦ୍ୱାରା ବିଦେଶୀ ନିବେଶକମାନଙ୍କୁ ସିଧାସଳଖ ପଞ୍ଜୀକରଣ ନ କରି ଭାରତୀୟ ଷ୍ଟକ୍ ମାର୍କେଟର ଏକ ଅଂଶ ହେବାକୁ ଇଚ୍ଛା କରୁଥିବା ନିବେଶକମାନଙ୍କୁ ପି-ନୋଟ୍‌ଗୁଡିକ ଦିଆଯାଏ। ସିକ୍ୟୁରିଟି ଆଣ୍ଡ




ଏକ୍ସଚେଞ୍ଜ୍ ବୋର୍ଡ ଅଫ୍ ଇଣ୍ଡିଆ (ସେବି)ର ସୂଚନା ଅନୁଯାୟୀ, ଭାରତୀୟ ବଜାରରେ ଇ-ଇକ୍ୱିଟି, ଉଠାଣ ଏବଂ ହାଇବ୍ରିଡ୍ ସିକ୍ୟୁରିଟିରେ ପି-ନୋଟ୍ ନିବେଶର ମୂଲ୍ୟ ଡିସେମ୍ବର ଶେଷ ସୁଦ୍ଧା ୯୫,୫୦୧ କୋଟି ଟଙ୍କା ହୋଇଥିବାବେଳେ ଏହା ନଭେମ୍ବର ଶେଷ ସୁଦ୍ଧା ୯୪,୮୨୬ ଟଙ୍କାରେ ରହିଥିଲା। ଏହାପୂର୍ବରୁ ଅକ୍ଟୋବର ଶେଷରେ ପୁଞ୍ଜି ବିନିଯୋଗ ସ୍ତର ୧.୦୨ ଲକ୍ଷ କୋଟିରେ ଥିଲା, ଯାହା ମାର୍ଚ୍ଚ ୨୦୧୮ ଠାରୁ ସର୍ବାଧିକ ବୋଲି କୁହାଯାଉଛି। ଏହି ସମୟରେ ପି-ନୋଟଗୁଡିକ ୧.୦୬ ଲକ୍ଷ କୋଟି ଟଙ୍କା ବିନିଯୋଗ କରିଥିଲା। ଏହି ପରିପ୍ରେକ୍ଷୀରେ ସେବି ନିକଟରେ ପଞ୍ଜୀକୃତ ସଂସ୍ଥା ପିଏମଏସ, ପାଇପର୍ ସେରିକାର ପ୍ରତିଷ୍ଠାତା ଏବଂ ଫଣ୍ଡ୍ ମ୍ୟାନେଜର ଅକ୍ଷୟ ଅଗ୍ରୱାଲ କହିଛନ୍ତି ଯେ, ଡିସେମ୍ବର ପାଇଁ ପି-ନୋଟ୍ ତଥ୍ୟ ଏକ ଫ୍ଲାଟିସ୍ ଟ୍ରେଣ୍ଡକୁ ସୂଚାଉଛି। ଏହା ପ୍ରାୟ ୬୭୫ କୋଟି ଟଙ୍କାର ଇକ୍ୱିଟି ପ୍ରବାହ ଏବଂ ୭୧୬ କୋଟି ଟଙ୍କାର ଉଠାଣ ପ୍ରବାହକୁ ସୂଚିତ କରିଥାଏ। ଏହି ସକାରାତ୍ମକ ପ୍ରବାହ ଆଶ୍ଚର୍ଯ୍ୟଜନକ କାରଣ ଏଫପିଆଇଗୁଡିକ ଡିସେମ୍ବରରେ ଇକ୍ୱିଟି ଏବଂ ଉଠାଣ ମାଧ୍ୟମରେ ୧୧,୭୯୯ରୁ ୧୯,୦୨୬ କୋଟି ଟଙ୍କାର କାରବାର କରିଥିଲା। ସେହିପରି ଜାନୁୟାରୀରେ ପି-ନୋଟ୍ ପ୍ରବାହ ନକାରାତ୍ମକ ହେବାର ଯଥେଷ୍ଟ ଆଶା କରାଯାଉଛି ବୋଲି ସେ କହିଛନ୍ତି। ଅପରପକ୍ଷରେ ୨୦୨୧ ଡିସେମ୍ବର ପର୍ଯ୍ୟନ୍ତ ଏଫପିଆଇ ମାଧ୍ୟମରେ ବିନିଯୋଗ ହୋଇଥିବା ମୋଟ ୯୫,୫୦୧ କୋଟି ଟଙ୍କା ବିନିଯୋଗ କରାଯାଇଥିଲା। ବଜାର ଇ-ଇକ୍ୱିଟି ପାଇଁ ପ୍ରତି ମାସରେ ପି-ନୋଟ୍‌ର ଅଂଶଗ୍ରହଣ ସର୍ବନିମ୍ନ ସ୍ତରରେ ଅଛି କିନ୍ତୁ ଉଠାଣ ପାର୍ଶ୍ୱ ଉପରେ ଏହା ଯଥେଷ୍ଟ ଅଧିକ ରହିଛି।

## ଇପିଏଫ୍‌ଓରେ ସାମିଲ ହେଲେ ଏୟାର ଇଣ୍ଡିଆ କର୍ମଚାରୀ

ନୂଆଦିଲ୍ଲୀ,୩୦।୧

ଦେଶର ପ୍ରମୁଖ ବିମାନ ସେବା ପ୍ରଦାନକାରୀ ସଂସ୍ଥା ଏୟାର ଇଣ୍ଡିଆ ନିକଟରେ ମାଲିକାନା ପରିବର୍ତ୍ତନ କରି ଟାଟା ଗ୍ରୁପରେ ସାମିଲ ହୋଇଛି। କର୍ମଚାରୀଙ୍କ ସୁରକ୍ଷା ଓ ଭବିଷତ୍ୟ ପାଇଁ ଏୟାର ଇଣ୍ଡିଆ କେତେକ ଲାଭଦାୟକ ପଦକ୍ଷେପ ଗ୍ରହଣ କରିଛି। ବିଶେଷ କରି କର୍ମଚାରୀ ଭବିଷ୍ୟନିଧି ସଂଗଠନ (ଇପିଏଫଓ) ପକ୍ଷରୁ ପିଏଫ, ପେନସନ ଓ ବୀମା ଭଳି ସାମାଜିକ ସୁରକ୍ଷା ଯୋଜନାରେ କମ୍ପାନୀର କର୍ମଚାରୀଙ୍କୁ ସାମିଲ କରାଇଛି। ଫଳରେ କମ୍ପାନୀର ୭,୪୫୩ କର୍ମଚାରୀ ଏହି ଯୋଜନା ଓ ସୁବିଧାର ଲାଭ ଉଠାଇପାରିବେ ବୋଲି କୁହାଯାଇଛି। ଏ ନେଇ ନିକଟରେ ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ ଏକ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି ଯେ ଏୟାର ଇଣ୍ଡିଆ ତାର କର୍ମଚାରୀଙ୍କ ପାଇଁ ଇପିଏଫଓ ସୁବିଧା ଲାଗି ଆବେଦନ କରିଥିଲା। ସରକାରଙ୍କ ନିୟମବାଳୀ ଅନୁସାରେ ମନ୍ତ୍ରଣାଳୟ ପକ୍ଷରୁ କମ୍ପାନୀକୁ ଉକ୍ତ ଅନୁମତି ପ୍ରଦାନ କରାଯାଇଛି। ଏହି ନିଷ୍ପତ୍ତି ଫଳରେ ବର୍ତ୍ତମାନ ଏହାର କର୍ମଚାରୀମାନେ ଆବଶ୍ୟକ ଫାଇଦା ପାଇପାରିବେ। ପିଏଫ ଆକାଉଣ୍ଟରେ ସେମାନଙ୍କ ବେତନର ୧୨% ଉପରେ ଅତିରିକ୍ତ ୨% ନିଯୁକ୍ତି ଦାତା ସେୟାର ମିଳିବ। ପୂର୍ବରୁ ସେମାନେ ୧୯୨୫ର ପିଏଫ ଆକ୍ଟ ଅଧୀନରେ ଆସୁଥିଲେ ଏବଂ ପିଏଫ ସେୟାରରେ ସେମାନଙ୍କୁ ୧୦% ନିଯୁକ୍ତିଦାତା ସେୟାର ମିଳୁଥିବା ବେଳେ ଓ ୧୦% କର୍ମଚାରୀ ସେୟାର ରହିଥିଲା ବୋଲି ସୂଚନା ମିଳିଛି।

## ପୂର୍ବାଞ୍ଚଳରେ ହୋଣ୍ଡା ଗ୍ରାଜିଆର ୨ ଲକ୍ଷ ମାଇଲଖୁଣ୍ଟ ହାସଲ

ନୂଆଦିଲ୍ଲୀ,୩୦।୧




ହୋଣ୍ଡା ମୋଟରସାଇକେଲ୍ ଆଣ୍ଡ ସ୍କୁଟର୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ନିକଟରେ ଘୋଷଣା କରାଯାଇଛି ଯେ, ପୂର୍ବାଞ୍ଚଳରେ ହୋଣ୍ଡା ଗ୍ରାଜିଆ ୧୨୫ର ଗ୍ରାହକ ସଂଖ୍ୟା ୨ ଲକ୍ଷ ମାଇଲଖୁଣ୍ଟ ଅତିକ୍ରମ କରିଛି। ପୂର୍ବ ଭାରତର ବିଭିନ୍ନ ରାଜ୍ୟ ଯଥା ବିହାର, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ମଣିପୁର, ଅରୁଣାଚଳ ପ୍ରଦେଶ, ମେଘାଳୟ, ମିଜୋରାମ, ତ୍ରିପୁରା, ସିକିମ, ଓଡ଼ିଶା, ଆସାମ ଓ ନାଗାଲାଣ୍ଡ୍ ଭଳି ରାଜ୍ୟରେ ଯୁବପିଢ଼ିଙ୍କ ମଧ୍ୟରେ ବର୍ଦ୍ଧିତ ଚାହିଦା ଯୋଗୁ ଗ୍ରାଜିଆ ୧୨୫ ଏହି ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଗ୍ରାହକମାନଙ୍କ ବ୍ୟକ୍ତିଗତ ଗମନାଗମନ ଯାନର ବର୍ଦ୍ଧିତ ଚାହିଦାକୁ ପୂରଣ କରି ଏଚ୍‌ଏମ୍‌ଏସ୍‌ଆଇ ଏହି ସବୁ ଅଞ୍ଚଳରେ ସ୍କୁଟରୀକରଣର ନେତୃତ୍ୱ ଜାରି ରଖିଛି। ଏ ସମ୍ପର୍କରେ ହୋଣ୍ଡା ମୋଟରସାଇକେଲ୍ ଆଣ୍ଡ ସ୍କୁଟର୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ (ବିକ୍ରି ଓ ମାର୍କେଟିଂ), ଯଦ୍‌ବିନ୍ଦର୍ ସିଂହ ଗୁଲେରିଆ କହିଛନ୍ତି ଯେ, ଏହା ହେଉଛି ଅତ୍ୟନ୍ତ ଗର୍ବର ମୁହୂର୍ତ୍ତ ଏବଂ ଏହି ଅଞ୍ଚଳରେ ୨ ଲକ୍ଷ ଖୁସି ଓ ସନ୍ତୁଷ୍ଟ ଗ୍ରାହକଙ୍କୁ ପ୍ରମାଣ। ଯୁବ ସୁଲଭତା ଓ କୌତୁକ ବ୍ୟକ୍ତିତ୍ୱ ସହିତ ଗ୍ରାଜିଆ ୧୨୫ ବିଗତ ବର୍ଷଗୁଡ଼ିକରେ ଦୃଢ଼ ବୈଶିଷ୍ଟ୍ୟ ଓ ସଡ଼କରେ ଦୃଢ଼ ଉପସ୍ଥିତି ସହ ନିଜକୁ ପୁନର୍ଗଠିତ କରିପାରିଛି। ପୂର୍ବ ଭାରତରେ ହୋଣ୍ଡାର ଡିଲରଶିପ୍, ସ୍ୱୀକୃତିପ୍ରାପ୍ତ ସର୍ଭିସ୍ ସେଣ୍ଟର୍ ଓ ବେଷ୍ଟ ଡିଲ୍ ଆଉଟ୍‌ଲେଟ୍ ସମେତ ୧୦୨୦ ଟଚ ପଏଣ୍ଟ୍ ରହିଛି; ଯାହା ଗ୍ରାହକମାନଙ୍କୁ ଉତ୍କୃଷ୍ଟ ସେବା ଓ ବିଏସ୍-୬ ମୋଟରସାଇକେଲ୍ ଓ ସ୍କୁଟର୍ ଯୋଗାଇ ଦେଉଛନ୍ତି। ଗ୍ରାହକମାନେ ହୋଣ୍ଡାର ଗାଡ଼ିଗୁଡ଼ିକୁ କମ୍ପାନୀର ୱେବ୍‌ସାଇଟ୍ ଭ୍ରମଣ କରି ଦେଖିପାରିବେ ଏବଂ ବୁକ୍ ନାଓ ଟ୍ୟାବ୍‌ରେ କ୍ଲିକ୍ କରି ଅନ୍‌ଲାଇନ୍‌ରେ ମଧ ବୁକିଂ କରିପାରିବେ।

## ଇ-ଶ୍ରମ ପୋର୍ଟାଲରେ ସାମିଲ ହେବେ ରେଲୱେ ଗୋଦାମ ଶ୍ରମିକ

ନୂଆଦିଲ୍ଲୀ,୩୦।୧

ବର୍ତ୍ତମାନ ରେଲୱେ ଗୋଦାମରେ କାର୍ଯ୍ୟ କରୁଥିବା ଶ୍ରମିକମାନେ ଇ-ଶ୍ରମ ପୋର୍ଟାଲରେ ନାମ ପଞ୍ଜୀକରଣ କରିପାରିବେ ବୋଲି ଶ୍ରମମନ୍ତ୍ରଣାଳୟ ପକ୍ଷରୁ ଅନୁମତି ପ୍ରଦାନ କରାଯାଇଛି। ଏଥିରେ ସେମାନଙ୍କୁ ଗୋଦାମ ଶ୍ରମିକ ଭାବେ ବର୍ଗୀକରଣ କରାଯାଇଛି ଏବଂ ପୋର୍ଟାଲରେ ସେମାନଙ୍କୁ ଜାତୀୟ ପେସା ବର୍ଗ ଆଧାରରେ ସାମିଲ କରାଯିବ ବୋଲି କୁହାଯାଇଛି। ଇ-ଶ୍ରମ ପୋର୍ଟାଲର ସୂଚୀକୁ ନିକଟରେ ସଂଶୋଧନ କରାଯାଇଥିଲା ଏବଂ ବର୍ତ୍ତମାନ ସୁଦ୍ଧା ଏଥିରୁ ୪୦୦ ପେସାଦାର ସାମିଲ ହୋଇସାରିଛନ୍ତି। ଏହି ସୂଚୀରେ ପୂର୍ବରୁ ଗୋଦାମ ଶ୍ରମିକ ଭାବେ ଏକ ପେସା ରହିଛି, ତେବେ ରେଲୱେ ଗୋଦାମ ଶ୍ରମିକଙ୍କ ସୁବିଧା ଲାଗି ଗୋଦାମ ଶ୍ରମିକ ପେସାରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି।

## ୮୨% କର୍ମଚାରୀଙ୍କ ପସନ୍ଦ ୱାର୍କ ଫ୍ରମ୍ ହୋମ୍

ନୂଆଦିଲ୍ଲୀ,୩୦।୧

କୋଭିଡ-୧୯ ଯୋଗୁ ସରକାର ବିଭିନ୍ନ କଟକଣା ଜାରି କରିଥିଲେ। ବିଶେଷ କରି ଘରୋଇ ସଂସ୍ଥାଗୁଡିକୁ ୱାର୍କ ଫର୍ମ ହୋମ ଜରିଆରେ କାର୍ଯ୍ୟ କରିବା ପାଇଁ କୁହାଯାଇଥିଲା। ଫଳରେ ଘରୋଇ କର୍ମଚାରୀଙ୍କ କାର୍ଯ୍ୟ ଜୀବନ ବା ୱାକିଂ ଲାଇଫରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳିଥିଲା। ବର୍ତ୍ତମାନ ସମୟରେ ମଧ ଏହା ଏକ ଅଭ୍ୟାସରେ ପରିଣତ ହୋଇଯାଇଛଇ ବୋଲଇ ଏକ ଅଧ୍ୟୟନରୁ ଜଣାପଡ଼ିଛି। କୋଭିଡ ଯୋଗୁ ୱାର୍କ ଫ୍ରମ ହୋମ କଲଚର ଏବେ ଏତେ ଲୋକପ୍ରିୟ ହୋଇଯାଇଛି ଯେ କର୍ମଚାରୀମାନେ ଆଉ ଅଫିସକୁ ଯିବା ପାଇଁ ଚାହୁଁନାହାନ୍ତି ବୋଲି ରୋଜଗାର ସମ୍ବନ୍ଧୀୟ ୱେବସାଇଟ ସାଇକିର ଟେକ ଟ୍ୟାଲେଣ୍ଟ ଆଉଟଲୁକଙ୍କ ରିପୋର୍ଟ ଅନୁସାରେ ମହାମରୀ ଲାଗି ପ୍ରଥମେ କର୍ମଚାରୀଙ୍କ ଉପରେ ୱାର୍କ ଫ୍ରମ ହୋମ ପରମ୍ପରା ଲଦି ଦିଆଯାଇଥିଲା କିନ୍ତୁ ଦୁଇବର୍ଷ ପରେ ଏହା ଏକ ଧାରରେ ପରିଣତ ହୋଇଯାଇଛି। ବର୍ତ୍ତମାନ ୮୨% ଲୋକେ ଆଉ ଅଫିସ ଆସିବାକୁ ଚାହୁଁନାହାନ୍ତି ବରଂ ସେମାନେ ଘରୁ ଥାଇ କାର୍ଯ୍ୟ କରିବାକୁ ପସନ୍ଦ କରୁଛନ୍ତି ବୋଲି ଟ୍ୟାଲେଣ୍ଟ ଟେକ ଆଉଟଲୁକ ମତବ୍ୟକ୍ତ କରିଛି। ସଂସ୍ଥାର ସୂଚନା ଅନୁସାରେ ୨୦୨୨ରେ ୧୦୦ରୁ ଊର୍ଦ୍ଧ୍ୱ ସିଇଓ ଏବଂ ଏଚଆରଙ୍କଠାରୁ ପ୍ରତିକ୍ରିୟାର ବିଶ୍ଳେଷଣ କରାଯାଇଛି। ବିଭିନ୍ନ ସୋସିଆଲ ମିଡିଆ, ସାକ୍ଷାତକାର ଓ ପ୍ୟାନେଲ ଚର୍ଚ୍ଚା ମାଧ୍ୟମରେ ଏହି ସର୍ଭେ କରାଯାଇଥିଲା ବୋଲି ଜଣାପଡିଛଇ। ଉକ୍ତ ସର୍ଭେରେ ସାମିଲ ୬୪% କର୍ମଚାରୀ କହିଛନ୍ତି ଯେ ଘରୁ ଥାଇ କାମ କରିବା ଦ୍ୱାରା ସେମାନଙ୍କ ଉତ୍ପାଦନ କ୍ଷମତା ବୃଦ୍ଧି ପାଇଛି ଏବଂ ଚାପ ମଧ କମିଛି।

# ଚାଲିଲେ କମିବ ହୃଦ୍‌ଘାତ ଆଶଙ୍କା



**ନୂଆଦିଲ୍ଲୀ:** ଚାଲିବା ଏକ ଉତ୍ତମ ବ୍ୟାୟାମ। ଏକଥା ସମସ୍ତେ ଜାଣନ୍ତି, କିନ୍ତୁ ଜୋର୍‌ରେ ଚାଲୁଥିବା ମହିଳାଙ୍କର ହାର୍ଟ ଭଲ ରହେ। ଏକଥା ଏବେ ରିସର୍ଚ୍ଚରୁ ଜଣାପଡିଛି। ଆମେରିକାର ବ୍ରାଉନ ୟୁନିଭର୍ସିଟିର ଏକ ରିସର୍ଚ୍ଚରୁ ଜଣାପଡିଛି କି ଧିରେ ଚାଲୁଥିବା ମହିଳାଙ୍କ ତୁଳନାରେ ଜୋରରେ ଚାଲୁଥିବା ମହିଳାଙ୍କ କ୍ଷେତ୍ରରେ ହୃଦ୍‌ଘାତ ହେବାର ଆଶଙ୍କା ୩୪ ପ୍ରତିଶତ କମ୍ ହୋଇଥାଏ। ଏହି ରିସର୍ଚ୍ଚ ପାଇଁ ବିଶେଷଜ୍ଞମାନେ ୫୦ ରୁ ୭୯ ବର୍ଷ ମଧ୍ୟରେ ଥିବା ୨୫,୧୮୩ ଜଣ ମହିଳାଙ୍କ ସ୍ୱାସ୍ଥ୍ୟ ରେକର୍ଡ ବିଶ୍ଳେଷଣ କରିଥିଲେ। ତା ସହ ଏମାନଙ୍କ ମଧ୍ୟରେ କେଉଁ ମହିଳା କିଭଳି ଚାଲୁଥିଲେ ସେକଥା ମଧ ଲକ୍ଷ୍ୟ କରାଯାଇଥିଲା। ଏମାନଙ୍କ ମଧ୍ୟରୁ ୧,୪୫୫ ଜଣ ମହିଳାଙ୍କୁ ହାର୍ଟ ଆଟାକ୍ ହୋଇଥିଲା ଏବଂ ସେମାନଙ୍କ ଚାଲିବା ଗତି ଅନ୍ୟ ମହିଳାଙ୍କ ତୁଳନାରେ କମ୍ ରହିଥିଲା। ଯେଉଁ ମହିଳାମାନେ ଘଣ୍ଟାପ୍ରତି ୪.୮ କିଲୋମିଟର ଗତିରେ ଚାଲୁଥିଲେ ସେମାନଙ୍କ କ୍ଷେତ୍ରରେ ହାର୍ଟ ଆଟାକ୍ ହେବାର ସମ୍ଭାବନା ୩୪ ପ୍ରତିଶତ କମ୍ ରହିଥିଲା ଏବଂ ଯେଉଁମାନେ ୩.୨ କିଲୋମିଟର ବେଗରେ ଚାଲୁଥିଲେ ସେମାନଙ୍କ କ୍ଷେତ୍ରରେ ଏହି ସମ୍ଭାବନା ୨୭ ପ୍ରତିଶତ କମ୍ ରହିଥିଲା। ଆମେରିକାର ଏକ ରିସର୍ଚ୍ଚ ମାଗାଜିନ୍‌ରେ ପ୍ରକାଶିତ ତଥ୍ୟ ଅନୁସାରେ ଧିରେ ଚାଲିବା ମହିଳାଙ୍କ ମାଂସପେଶୀରେ ମଧ ବିଭିନ୍ନ ପ୍ରକାରର ସମସ୍ୟା ମଧ ଦେଇପାରେ। ଧିରେ ଧିରେ ସେମାନଙ୍କୁ ଅନ୍ୟ ସ୍ୱାସ୍ଥ୍ୟ ସମସ୍ୟା ମଧ ସମ୍ମୁଖୀନ ହେବାକୁ ପଡିପାରେ। ତେଣୁ ଜୋରରେ ଚାଲିବା ହିଁ ସୁସ୍ଥତାର ଲକ୍ଷଣ ବୋଲି ବିଶେଷଜ୍ଞମାନେ କହିଛନ୍ତି।

## ଫୁର୍‌ସତ୍

# ୪୦ କୋଟି ସୁନା ଗାଉନରେ ଉର୍ବଶୀ



ଉର୍ବଶୀ ରୌତେଲା

**ମୁମ୍ବାଇ:** ବଲିଉଡ୍‌ର ସୁନ୍ଦରୀ ଅଭିନେତ୍ରୀଙ୍କ ମଧ୍ୟରେ ଅନ୍ୟତମ ଉର୍ବଶୀ ରୌତେଲା ପୂର୍ବରୁ ମିସ୍ ୟୁନିଭର୍ସ ହୋଇଥିବାବେଳେ ଏବେ ସେ ବିଶ୍ୱରେ ତାଙ୍କ ଯାଦୁ ଦେଖାଇଛନ୍ତି। ଉର୍ବଶୀ ଫ୍ୟାଶନ ଶୋ'ରେ ଏକ ସୁନାର ଗାଉନ ପିନ୍ଧି ଚର୍ଚ୍ଚାକୁ ଆସିଛନ୍ତି, ଯାହାର ମୂଲ୍ୟ ୪୦ କୋଟି ଟଙ୍କା ହୋଇଥିବା ଜଣାପଡିଛି। ଉର୍ବଶୀଙ୍କ ଏହି ଲୁକ୍ ଏବଂ ଷ୍ଟାଇଲ ଦର୍ଶକଙ୍କୁ ବିମୋହିତ କରିଛି। ତାଙ୍କ ଗାଉନରେ ସୁନା ସହ ହୀରା ମଧ ଲଗାହୋଇଛି। ଉର୍ବଶୀ ତାଙ୍କ ସିନେମା ଅପେକ୍ଷା ନିଜର ଅନ୍ଦାଜ ଏବଂ ପୋଷାକକୁ ନେଇ ବେଶ୍ ଚର୍ଚ୍ଚାରେ ରହିଥାନ୍ତି। ସେ ସବୁବେଳେ ଷ୍ଟାଇଲ ଏବଂ ଲୁକ୍ ମାଧ୍ୟମରେ ଦର୍ଶକଙ୍କ ହୃଦୟ ଜିଣିଥାନ୍ତି। ଉର୍ବଶୀ ଆରବ ଫ୍ୟାଶନ୍ ୱିକ୍‌ରେ ଅଂଶଗ୍ରହଣ କରିଥିବା ପ୍ରଥମ ଭାରତୀୟ ଅଟନ୍ତି। ସେ ୨ଥର ଫ୍ୟାଶନ୍ ୱିକ୍‌ରେ ଅଂଶଗ୍ରହଣ କରିସାରିଲେଣି। ଏଥରର ଫ୍ୟାଶନ ୱିକ୍‌ରେ ଉର୍ବଶୀ ପିନ୍ଧିଥିବା ଡ୍ରେସ୍‌ଟି ସୁନା ଓ ହୀରାରେ ତିଆରି ହୋଇଥିବା ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଗାଉନଟିକୁ ପ୍ରସିଦ୍ଧ ଫ୍ୟାଶନ୍ ଡିଜାଇନର୍ ଫେର୍ନେ ୱାନ୍ ଆମଷ୍ଟୋ ଡିଜାଇନ କରିଛନ୍ତି। ଆମଷ୍ଟୋ ଅନ୍ତର୍ଜାତୀୟ ଷ୍ଟାରମାନଙ୍କ ଡ୍ରେସ ଡିଜାଇନ କରିଥାନ୍ତି।

# ୩୭ ବର୍ଷ ବୟସରେ ୨୧ କିଲୋ ଓଜନ



**କାନବେରା:** ସମସ୍ତେ ଭଲରେ ରହିବା, ଖାଇବା ସହ ଉତ୍ତମ ସ୍ୱାସ୍ଥ୍ୟ ଚାହିଁଥାନ୍ତି। ହେଲେ ଏମିତି ରୋଗ ରହିଛି ଯାହା ମଣିଷକୁ ସମ୍ପୂର୍ଣ୍ଣ ଦୁର୍ବଳ କରିବା ସହ ଓଜନ ମଧ ହ୍ରାସ କରିଦେଇଥାଏ। ଅଷ୍ଟ୍ରେଲିଆ କାନୱେଲ୍‌ରେ ରହୁଥିବା ଜଣେ ୩୭ ବର୍ଷୀୟା ମହିଳା ନିକୋଲେଟ୍ ବକେର୍‌ଙ୍କ ଓଜନ ଏକ ଛୋଟପିଲାର ଓଜନ ସହ ସମାନ। ମିରର୍ ରିପୋର୍ଟ ଅନୁଯାୟୀ, ନିକୋଲେଟ୍‌ଙ୍କୁ ସୁପେରିୟର୍ ମେସେନଟେରିକ୍ ଆର୍ଟେରୀ ସିଣ୍ଡ୍ରୋମ୍ ନାମକ ଏକ ରୋଗ ହୋଇଛି। ଯେଉଁଥିରେ କି ସେ ଗୋଟିଏ ଗୁଣ୍ଡା ମଧ ଖାଇବାବେଳେ କଷ୍ଟ ଅନୁଭବ କରୁଛନ୍ତି। ତାଙ୍କୁ ଏହି ରୋଗ ୧୦ ବର୍ଷ ପୂର୍ବରୁ ହେଲାଣି। ଫଳରେ ତାଙ୍କ ଓଜନ ମାତ୍ର ୨୧ କିଲୋ ରହିଛି। ଶରୀରରେ ତାଙ୍କର ଅନ୍ତଃନଳୀ ଏବଂ କିଡ୍‌ନୀ ଏତେ ପରିମାଣରେ ଶୁଖିଯାଇଛି ଯେ ସେ ଟିକେ କିଛି ଖାଇଲେ ତାଙ୍କ ପେଟ ପୂରିଲା ପରି ଲାଗୁଛି। ନିକୋଲେଟ୍ ଏକ ସାଧାରଣ ଜୀବନ ବଞ୍ଚିବା ପାଇଁ ଚାହାଁନ୍ତି। ଏହି ରୋଗକୁ ଭଲ କରିବା ପାଇଁ ତାଙ୍କୁ ୮୦ ଲକ୍ଷ ଟଙ୍କା ଆବଶ୍ୟକ ରହିଛି। ବର୍ତ୍ତମାନ ସୁଦ୍ଧା ସେ ୭୦ ଲକ୍ଷ ଟଙ୍କା ଯୋଗାଡ କରିନେଇଛନ୍ତି। ଆଉ ୧୦ ଲକ୍ଷ ପାଇଁ ସେ ଚେଷ୍ଟା ଜାରି ରଖିଛନ୍ତି। ଏହାପରେ ସେ ସାଧାରଣ ଭାବେ ଜୀବନ ଅତିବାହିତ କରିପାରିବେ ବୋଲି ଆଶା ରଖିଛନ୍ତି।


## ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ସ୍ନେହଲତା ମହାନ୍ତି**
(କଣ୍ଢେଇ ଅପା)
ସ୍ଥାନ: ଶହୀଦ ନଗର, ପ୍ଲଟ୍ ନଂ.- ୭୧୬, ଭୁବନେଶ୍ୱର
ଆବିର୍ଭାବ: ତା. ୦୭।୧୦।୧୯୩୬ରିଖ
ତିରୋଧାନ: ତା. ୨୭।୦୧।୨୦୨୨ରିଖ
ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ମଣିଷପଣିଆ, ଦୂରଦୃଷ୍ଟି, ସମ୍ମାନବୋଧ, ଆଦର୍ଶ, ତ୍ୟାଗ ଓ ଆଶୀର୍ବାଦ ସବୁଦିନ ସ୍ମୃତିହୋଇ ରହିବ। ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପରିବାରବର୍ଗ।
ଧ-୨୨୯୮୯

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତ ବୀରକିଶୋର ପ୍ରଧାନ**
ଫୁଲଝରୀ, ଅଙ୍ଗପଡ଼ା, କିଶୋରନଗର
ଆବିର୍ଭାବ: ତା. ୧୩।୧୧।୧୯୪୮
ତିରୋଧାନ: ତା. ୨୨।୦୧।୨୦୨୨
ବଣର ମଲ୍ଲୀ ହେଲେ ମଧ ମହକ ତୁମର ମହାନ୍ ଥିଲା। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ତୁମର ବାବୁଲି ଦାଦା
ନତଡ଼ା, କିଶୋରନଗର
ଧ-୨୨୯୯୦

**ଏକାଦଶାହ**
ଜାତସ୍ୟ ହି ଧ୍ରୁବୋ ମୃତ୍ୟୁର୍ଧ୍ରୁବଂ ଜନ୍ମ ମୃତସ୍ୟ ଚ।
ତସ୍ମାଦପରିହାର୍ଯ୍ୟେଽର୍ଥେ ନ ତ୍ୱଂ ଶୋଚିତୁମର୍ହସି।



**ଡାଃ ମୁରଲିଧର ନାୟକ**
ଆବିର୍ଭାବ : ୧୯.୧୧.୧୯୪୧
ତିରୋଧାନ : ୨୧.୦୧.୨୦୨୨
ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା। ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଆମର ଚଲାପଥର ପାଥେୟ ହେଉ।
ଶୋକସନ୍ତପ୍ତ
ପୁତ୍ର- ବିଭୁ ପ୍ରସାଦ, ପୁତ୍ରବଧୂ- ଶାନ୍ତା
ଝିଅ- ତୃପ୍ତି, ଜ୍ୱାଇଁ- ଚନ୍ଦନ
ନାତି- ଅମେୟ, ନାତୁଣୀ- ଶ୍ରେନାୟା
ଭାଇ- ଡମ୍ବରୁଧର, ଜଳଧର, ବିଷ୍ଣୁ
ଏବଂ ଆତ୍ମୀୟସ୍ୱଜନ
ଧ-୨୨୯୮୮

**CLASSIFIED DISPLAY**
ALL EDITION - B/W (Everyday)
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ଆଜମ ଖାନ୍
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଗୁଣିଗାରେଡ଼ି, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ସ୍ପେ. ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ
8882703236
9717049785

**BIDISHA FINANCE**
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, କୃଷି, ଗାଈ, ଛେଳି, ମାଛଚାଷ ଓ କୁକୁଡ଼ା ପାଳନ ଇତ୍ୟାଦି ପାଇଁ ସମସ୍ତ ପ୍ରକାର LOAN 2% ସୁଧରେ ଯୋଗାଇ ଦିଆଯାଉଛି। ଅନ୍‌ଲାଇନ୍ ସୁବିଧା, Agent ପାଇଁ Call:
M.: 8280679245
7653803952
Asrayagad, Gulaijang, Gajapati

**GALAXY TOWER**
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 60 ଲକ୍ଷ advance
45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Tower, B wing, Bangalore Karnataka-400021
8901110759

**HINDUSTAN FINANCE LIMITED**
(Reg. No.- 003367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8902403273

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ଜାନୁଆରୀ ୩୧/୨୦୨୨ Bhubaneswar, Monday, January 31/ 2022



ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ମହିଳା ଡବଲ୍ସ ଚାମ୍ପିୟନ ବାର୍ବରା କ୍ରେଜିକୋଭା ଓ କାଟରିନା ସିନିକୋଭା ଟ୍ରଫି ସହ ଖୁସି ମୁହୂର୍ତ୍ତରେ।

# ଶାହାରୁଖ, ସାଇକିଶୋର ରିଜର୍ଭ ଖେଳାଳି

**ନୂଆଦିଲ୍ଲୀ, ୩୦।୧ (ପି.ଟି.):** ଆସନ୍ତା ୱେଷ୍ଟଇଣ୍ଡିଜ ବିପକ୍ଷ ୬ ମ୍ୟାଚ ବିଶିଷ୍ଟ ସିରିଜ ପାଇଁ ତାମିଲନାଡୁର ଉଦୀୟମାନ ଟି୨୦ ପ୍ରତିଭା ଏମ୍‌. ଶାହାରୁଖ ଖାଁ ଓ ତାଙ୍କ ରାଜ୍ୟ ସାଥୀ ଖେଳାଳି ରବି ଶ୍ରୀନିବାସ ସାଇକିଶୋର ଭାରତୀୟ ହ୍ୱାଇଟ୍ ବଲ୍ ଟିମ୍‌ରେ ଷ୍ଟାଣ୍ଡବାଇ ଖେଳାଳି ହିସାବରେ ଯୋଗଦେବେ। ତାମିଲନାଡୁର ବିଜୟ ଅଭିଯାନରେ ଉଭୟ ଶାହାରୁଖ ଓ ସାଇକିଶୋରଙ୍କ ବିଶେଷ ଭୂମିକା ରହିଆସିଛି। କୋଭିଡ୍ ସମୟରେ ମୁଖ୍ୟ ଦଳରେ ଟେଷ୍ଟିଂ ପଜିଟିଭ ଆଶଙ୍କା ଥିବାରୁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଉଭୟଙ୍କୁ ଡକାଯାଇଛି। ସେମାନେ ମୁଖ୍ୟ ଦଳର ଖେଳାଳିମାନଙ୍କ ସହ ବାୟୋବବଲରେ ଅବସ୍ଥାନ କରିବେ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜଣେ ବରିଷ୍ଠ କର୍ମକର୍ତ୍ତା ସୂଚନା ଦେଇଛନ୍ତି। ଅହମଦାବାଦରେ ତିନୋଟି ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ସହ ସୀମିତ ଓଭର ସିରିଜ ଆରମ୍ଭ ହେବ। ପରେ ତିନୋଟି ଅନ୍ତର୍ଜାତୀୟ ଟି୨୦ କୋଲକାତାରେ

**ୱେଷ୍ଟଇଣ୍ଡିଜ ସିରିଜ**

ଖେଳାଯିବ। ଭାରତୀୟ ଟିମ୍ ସେଟ୍‌ଅପ୍‌ରେ ସାଇକିଶୋରଙ୍କୁ ଏହା ହେଉଛି ଦ୍ୱିତୀୟ ସୁଯୋଗ। ଗତବର୍ଷ ଶ୍ରୀଲଙ୍କା ଟୁର ବେଳେ ସେ ନେଟ୍ ବୋଲର ଗ୍ରୁପ୍‌ର ଅଂଶବିଶେଷ ଥିଲେ। ଅନ୍ୟପକ୍ଷରେ ଶାହାରୁଖ ମୁଖ୍ୟ ଦଳ ପାଇଁ ଖେଳାଳି ଦୌଡ଼ରେ ରହିଥିଲେ। ଚଳିତ ସିଜନରେ ସେ ତାମିଲନାଡୁ ପାଇଁ ଜଟିଳ ପରିସ୍ଥିତିରେ ରନ ସ୍କୋର କରିଛନ୍ତି। କର୍ଣ୍ଣାଟକ ବିପକ୍ଷ ମ୍ୟାଚରେ ଅନ୍ତିମ ବଲ୍‌ରେ ଛକା ଯୋଗୁ ତାଙ୍କ ଦଳ ସୟେଦ ମୁସ୍ତାକ ଅଲି ଟ୍ରଫି ଫାଇନାଲ ଜିତିଥିଲା। ଏହି ମ୍ୟାଚରେ ତାଙ୍କ ସାଥୀ ଖେଳାଳି ସାଇକିଶୋର ୩ଟି ଉଇକେଟ ନେଇଥିଲେ। ସେହିପରି ବିଜୟ ହଜାରେ ଟ୍ରଫି କ୍ୱାର୍ଟରଫାଇନାଲରେ ସମାନ ଦଳ ବିପକ୍ଷରେ ସେ ୩୯ ବଲ୍‌ରୁ ୭୯ ରନ କରିଥିଲେ। ହିମାଚଳ ପ୍ରଦେଶ ବିପକ୍ଷ ଫାଇନାଲରେ ସାଇକିଶୋର ୨୧ ବଲ୍‌ରେ ୪୨ ରନ ସଂଗ୍ରହ କରିଥିଲେ।

## ପାଟଣା ପାଇରେଟ୍ସକୁ ହରାଇଲା ଜୟପୁର ପାନ୍ଥର୍ସ

**ବେଙ୍ଗାଲୁରୁ, ୩୦।୧ (ପି.ଟି.):** ଚଳିତ ପ୍ରୋ କବାଡି ଲିଗ୍ (ପିକେଏଲ୍) ସିଜନ ୮ରେ ରବିବାର ଖେଳାଳିଯାଇଥିବା ଏକ ମ୍ୟାଚରେ ଜୟପୁର ପିଙ୍କ୍ ପାନ୍ଥର୍ସ ୫୧-୩୦ରେ ପାଟଣା ପାଇରେଟ୍ସକୁ ପରାସ୍ତ କରିଛି। ପାଟଣା ଫେଭରାଇଟ୍ ଦଳ ଭାବେ ପଡ଼ିଆକୁ ଓହ୍ଲାଇଥିଲା। କିନ୍ତୁ ପାନ୍ଥର୍ସ ଦଳ ସବୁ ଓଲଟପାଲଟ କରି ଦେଇଥିଲା। ସେମାନଙ୍କ ଷ୍ଟାର ରେଡର ଅର୍ଜୁନ ଦେଶୱାଲ ୧୭ ପଏଣ୍ଟ ସ୍କୋର କରିଥିଲା। ଦୀପକ ହୁଦା (୮ପଏଣ୍ଟ) ଙ୍କଠାରୁ ତାଙ୍କୁ ଉପଯୁକ୍ତ ସହାୟତା ମିଳିଥିଲା। ଡିଫେଣ୍ଡର ସନ୍ଦୀପ ଧୂଲ ଓ ବିଶାଲ ୫ ହାଇ ସ୍କୋରିଂ କରି ପାଟଣାଦଳକୁ ଅଡୁଆରେ ପକାଇଥିଲେ। ୩ଥର ଚାମ୍ପିୟନ ପାଟଣା ପାଇରେଟ୍ସ ଦଳର ଡିଫେନ୍ସ ଦୁର୍ବଳ ପରିଲକ୍ଷିତ ହୋଇଥିଲା। ସି. ସାଜିନ୍ ଓ ନିରଜ କୁମାର ସମଗ୍ର ମ୍ୟାଚରେ ଗୋଟିଏ ହେଲେ ପଏଣ୍ଟ ସ୍କୋର କରିବାରେ ବିଫଳ ରହିଥିଲେ। ଜୟପୁରକୁ ଅଣ୍ଡର ଡଗ୍ ବିବେଚନା କରାଯାଇଥିଲେ ମଧ୍ୟ ଆକ୍ରମଣାତ୍ମକ ଡିଫେନ୍ସ ଏବଂ ଚତୁର ରେଡ୍ ଯୋଗୁ ମ୍ୟାଚରେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା।

## ଭାରତୀୟ ଗ୍ରାଣ୍ଡମାଷ୍ଟର ଅର୍ଜୁନଙ୍କୁ ଟାଇଟଲ



ଅର୍ଜୁନ ଏରିଗେସି

**ୱିଜ୍ ଆନ୍ ଜି (ନେଦରଲାଣ୍ଡ୍ସ), ୩୦।୧ (ପି.ଟି.):** ଭାରତୀୟ ଗ୍ରାଣ୍ଡମାଷ୍ଟର ଅର୍ଜୁନ ଏରିଗେସି ଗୋଟିଏ ରାଉଣ୍ଡ ଖେଳ ବାକିଥାଇ ଟାଟା ଷ୍ଟିଲ ଚ୍ୟାଲେଞ୍ଜର୍ସ ଚେସ୍ ଇଭେଣ୍ଟ ଜିତିଛନ୍ତି। ଦ୍ୱାଦଶ ରାଉଣ୍ଡରେ ସେ ଚେକ୍ ରିପବ୍ଲିକ୍‌ର ଥାଇ ଦାଇ ଭାନ୍ ଏନ୍‌ଗୁୟେନଙ୍କ ସହ ଡ୍ର’ ରଖି ଏହି ସଫଳତା ଅର୍ଜନ କରିଛନ୍ତି। ଜବରଦସ୍ତ ଫର୍ମରେ ଥିବା ୧୮ ବର୍ଷୀୟ ଏରିଗେସି ଇଭେଣ୍ଟରେ ଅପରାଜେୟ ରହିଛନ୍ତି। ଶନିବାର ସେ

**ଟାଟା ଷ୍ଟିଲ ଚ୍ୟାଲେଞ୍ଜର୍ସ ଚେସ୍**

ମାତ୍ର ୧୫ଟି ମୁଭ୍‌ରେ ଏନ୍‌ଗୁୟେନଙ୍କ ବିପକ୍ଷ ଗେମ୍ ଡ୍ର’ ରଖିଥିଲେ। ତାଙ୍କ ପଏଣ୍ଟ ସଂଖ୍ୟା ବର୍ତ୍ତମାନ ୯.୫ ରହିଛି। ମିଳିତ ଦ୍ୱିତୀୟ ସ୍ଥାନରେ ରହିଥିବା ଏନ୍‌ଗୁୟେନ ଓ ଜୋନାସ ବୁହଲ ବିଜେରେଙ୍କଠାରୁ ସେ ୧.୫ ପଏଣ୍ଟ ଆଗରେ ରହିଛନ୍ତି। ସ୍ୱଳ୍ପ ବୟସ୍କ ଅର୍ଜୁନ (ଏଲୋ ୨୬୩୨) ଏ ପର୍ଯ୍ୟନ୍ତ ୭ଟି ଗେମ୍‌ରେ ବିଜୟ ହାସଲ କରିସାରିଥିବା ବେଳେ ୫ଟିରେ ଡ୍ର ରଖିଛନ୍ତି। ରବିବାର ଫାଇନାଲ ରାଉଣ୍ଡରେ ସେ ଫ୍ରାନ୍ସର ମାର୍କ ଆନ୍ଦ୍ରିଆ ମୌରିଜିଙ୍କୁ ଭେଟିବେ। ମୌରିଜି ୧୨ତମ ରାଉଣ୍ଡରେ ଭାରତର ସୂର୍ଯ୍ୟ ଶେଖର ଗାଙ୍ଗୁଲିଙ୍କୁ ହରାଇ ଦେଇଛନ୍ତି। ଗାଙ୍ଗୁଲି ୫.୫ ପଏଣ୍ଟ ସହ ୯ମ ସ୍ଥାନରେ ଅଛନ୍ତି। ଶନିବାରର ସଫଳତା ପାଇଁ ଅର୍ଜୁନ ଆସନ୍ତା ବର୍ଷର ଟାଟା ଷ୍ଟିଲ ମାଷ୍ଟର୍ସ ଗ୍ରୁପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଟାଟା ଚ୍ୟାଲେଞ୍ଜର୍ସ ଜିତିବାରେ ପି. ହରିକ୍ରିଷ୍ଣା, ବି. ଅଧିବନ ଓ ଭିଦିତ୍ ସନ୍ତୋଷ ଗୁଜରାଟୀଙ୍କ ପରେ ସେ ଚତୁର୍ଥ ଭାରତୀୟ ଖେଳାଳି।

## ଥାଇଲାଣ୍ଡକୁ ହରାଇ ଜାପାନ ସେମିରେ

**ନଭି ମୁମ୍ବାଇ, ୩୦।୧ (ପି.ଟି.):** ଏଠାରେ ଚାଲିଥିବା ଏଏଫ୍‌ସି ଏସିଆନ କପ୍ ମହିଳା ଫୁଟ୍‌ବଲ ଟୁର୍ନାମେଣ୍ଟର ରବିବାର ମ୍ୟାଚରେ ଜାପାନ ୭-୦ ଗୋଲରେ ଥାଇଲାଣ୍ଡକୁ ପରାସ୍ତ କରିଛି। ଏହି ବିଜୟ ଦ୍ୱାରା ଦଳ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିବା ସହ ଫିଫା ମହିଳା ବିଶ୍ୱକପ୍ ୨୦୨୩ ପାଇଁ ଯୋଗ୍ୟତା ହାସଲ କରିଛି। ଦୁଇଥର ଚାମ୍ପିୟନ ଜାପାନ ତରଫରୁ ୟୁଇକା ସୁଗାସାୱା ବ୍ୟକ୍ତିଗତ ୪ ଗୋଲ ସ୍କୋର କରିଥିଲେ। ଏହି ଦଳ ଗୁରୁବାର ସେମିଫାଇନାଲରେ ଚାଇନା ଓ ଭିଏତ୍‌ନାମ ମଧ୍ୟରେ ହେବାକୁଥିବା ଅନ୍ୟ କ୍ୱାର୍ଟରଫାଇନାଲ ବିଜେତାକୁ ଭେଟିବ। ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ହେବାକୁଥିବା ଫିଫା ବିଶ୍ୱକପ୍ ପାଇଁ ୧୯୮୩ ଚାମ୍ପିୟନ ଥାଇଲାଣ୍ଡ ଲାଗି ତଥାପି ସୁଯୋଗ ରହିଛି। ଦଳକୁ ଫେବୃୟାରୀ ୨ରୁ ୪ ପର୍ଯ୍ୟନ୍ତ ହେବାକୁଥିବା ପ୍ଲେ-ଅଫ୍‌ରେ ଭଲ ପ୍ରଦର୍ଶନ କରିବାକୁ ହେବ। କୋଭିଡ୍‌ରେ ସଂକ୍ରମଣ ଯୋଗୁ ଥାଇଲାଣ୍ଡର ବହୁ ଭଲ ଖେଳାଳି ଏହି ମ୍ୟାଚ ଖେଳି ନ ଥିଲେ।

# କ୍ରେଜିକୋଭା-ସିନିକୋଭାଙ୍କୁ ଟାଇଟଲ

**ମେଲବୋର୍ନ, ୩୦।୧(ଏପି)**

ଟପ୍ ର୍ୟାଙ୍କ୍‌ପ୍ରାପ୍ତ ବାର୍ବରା କ୍ରେଜିକୋଭା ଓ କାଟରିନା ସିନିକୋଭା ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ମହିଳା ଡବଲ୍ସ ଟାଇଟଲ ଜିତିଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲରେ ଏହି ଚେକ୍ ରିପବ୍ଲିକ୍ ଯୋଡ଼ି ୬-୭(୩), ୬-୪, ୬-୪ ସେଟ୍‌ରେ ଅଣସିଡେଡ ଆନ୍ନା ଡାନିଲିନା ଓ ବାର୍ଟିଜ ହାଦାଦ ମାଇଆଙ୍କୁ ପରାସ୍ତ କରିଛନ୍ତି। ଜୁନିୟର ସ୍ତରରୁ ପାର୍ଟନର ରହି ଆସିଥିବା କ୍ରେଜିକୋଭା-ସିନିକୋଭା ଯୋଡ଼ିଙ୍କ ପାଇଁ ଏହା ପ୍ରଥମ ଅଷ୍ଟ୍ରେଲିଆନ ଓପନ ଟାଇଟଲ। ପୂର୍ବରୁ ଏହି ଯୋଡ଼ି ଥରେ ୱିମ୍ବଲେଡନ ଓ ୨ ଥର ଫ୍ରେଞ୍ଚ୍ ଓପନ ଟାଇଟଲ ଜିତି ସାରିଛନ୍ତି। ତେଣୁ ଏଥର ଏମାନେ ଡବଲ୍ସରେ କ୍ୟାରିୟର ସ୍ଲାମ (୪ ଗ୍ରାଣ୍ଡସ୍ଲାମ ବିଜୟ)ର ନିକଟତର ହୋଇଛନ୍ତି। ସେମାନେ ପୂର୍ବରୁ ଅଲିମ୍ପିକ୍ ଚାମ୍ପିୟନ ମଧ୍ୟ ହୋଇ ସାରିଛନ୍ତି। ଗତବର୍ଷ ଏହି ଯୋଡ଼ି ମେଲବୋର୍ନରେ ଫାଇନାଲରେ ପ୍ରବେଶ କରିଥିଲେ। ମାତ୍ର ଟାଇଟଲ ମୁକାବିଲାରେ ଏଲିସେ ମେର୍ଟେନ୍ସ ଓ ଆରିନା ସାବାଲେଙ୍କାଙ୍କଠାରୁ ୨-୬, ୩-୬ ସେଟ୍‌ରେ ହାରି ଯାଇଥିଲେ। ଅନ୍ୟପକ୍ଷରେ କାଜାଖସ୍ତାନର ଡାନିଲିନା ଓ ବ୍ରାଜିଲର ମାଇଆ ମାସେରୁ କମ୍ ସମୟଧରି ପାର୍ଟନର ହୋଇଛନ୍ତି। ଅଷ୍ଟ୍ରେଲିଆନ ଓପନ ଖେଳିବା ପୂର୍ବରୁ ସେମାନେ ସିଡ୍‌ନୀ କ୍ଲାସିକ ଡବଲ୍ସ ଟାଇଟଲ ଜିତିଥିଲେ।

## ତ୍ରିଦିବସୀୟ ଫୁଟ୍‌ବଲ: ମରିଚିଆ ଦଳ ଚାମ୍ପିୟନ



ଫାଇନାଲ ପୂର୍ବରୁ ଅତିଥିଙ୍କ ସହ ଉଭୟ ଦଳର ଖେଳାଳି।

**ଭୁବନେଶ୍ୱର, ୩୦।୧ (ସ୍ପୋର୍ଟ୍ସ ବ୍ୟୁରୋ):** ବାବା ଜଳେଶ୍ୱର ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ତ୍ରିଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଚଳିତ ମାସ ୧୮ରୁ ୩୦ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି ଟୁର୍ନାମେଣ୍ଟରେ ମରିଚିଆ ଦଳ ଚାମ୍ପିୟନ ଓ ଉଷୁମା ଦଳ ରନର୍ସ ଅପ୍ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଉତ୍ତର ଭୁବନେଶ୍ୱର ବିଧାୟକ ସୁଶାନ୍ତ ରାଉତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଚାମ୍ପିୟନ ଦଳକୁ ୧୫,୦୦୦ ଓ ରନର୍ସଅପ୍ ଦଳକୁ ୧୦,୦୦୦ ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

(ପୃଷ୍ଠା-୮+୮)

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜାନୁୟାରୀ ୩୧/୨୦୨୨ (୮+୮=୧୬ ପୃଷ୍ଠା) | Bhubaneswar, Monday, January 31/2022 | ପୃଷ୍ଠା-୧



**ଉନ୍ନତିଙ୍କୁ ଓଡ଼ିଶା ଓପନ ଟାଇଟଲ**

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଓଡ଼ିଶା ଓପନ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ମହିଳା ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି ଉନ୍ନତି ହୁଡା। ୦୮

୦୨ **ନିର୍ବାଚନ ଲଢ଼ିବେ ଟ୍ରମ୍ପ୍‌**

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ ୨୦୨୪ ନିର୍ବାଚନ ଜିତିଲେ କ୍ୟାପିଟୋଲ ଦଙ୍ଗା ଅଭିଯୁକ୍ତଙ୍କୁ କ୍ଷମା କରିଦେବେ ବୋଲି କହିଛନ୍ତି।



# ନାଡାଲଙ୍କୁ ରେକର୍ଡ ଗ୍ରାଣ୍ଡସ୍ଲାମ ଟାଇଟଲ


ରାଫାଲ ନାଡାଲ

**ମେଲବୋର୍ନ, ୩୦।୧(ଏପି)**

ସ୍ପେନ୍‌ର ରାଫାଲ ନାଡାଲ କ୍ୟାରିୟରରେ ୨୧ତମ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତି ରେକର୍ଡ କରିଛନ୍ତି। ରବିବାର ଅନୁଷ୍ଠିତ ଅଷ୍ଟ୍ରେଲିଆନ ଓପନ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ସେ ରୁଷିଆର ଡାନିଲ ମେଡ୍‌ଭେଡେଭଙ୍କୁ ୨-୬, ୬-୭(୫), ୬-୪, ୬-୪, ୭-୫ ସେଟ୍‌ରେ ପରାସ୍ତ କରିଛନ୍ତି। ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚଟି ୫ ଘଣ୍ଟା ୨୪ ମିନିଟଧରି ଚାଲିଥିଲା। ମେଡ୍‌ଭେଡେଭ ପ୍ରଥମ ୨ଟି ସେଟ୍‌ ଜିତି ଟାଇଟଲର ନିକଟତର ହୋଇଥିଲେ। ମାତ୍ର ନାଡାଲ ତୃତୀୟ ସେଟ୍‌ ଜିତିବାପରେ ଆଉ ପଛକୁ ଫେରି ଚାହିଁ ନ ଥିଲେ। ୫ମ ସେଟ୍‌ରେ ମେଡ୍‌ଭେଡେଭ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ ହେଁ ଅଭିଜ୍ଞତାର ଉପଯୋଗ କରି ରେକର୍ଡ ବୁକ୍‌ରେ ନିଜ ନାମକୁ ସ୍ୱର୍ଣ୍ଣାକ୍ଷରରେ ଲେଖାଇଥିଲେ ଏହି ୩୫ ବର୍ଷୀୟ ସ୍ପାନିଶ ତାରକା। ନାଡାଲଙ୍କ କ୍ୟାରିୟରର ଏହାଥିଲା ଦ୍ୱିତୀୟ ଅଷ୍ଟ୍ରେଲିଆନ ଓପନ ଏବଂ ଓଭରଅଲ୍‌ ୨୧ତମ ଗ୍ରାଣ୍ଡସ୍ଲାମ ଟାଇଟଲ। ପୂର୍ବରୁ ସେ ୨୦୦୯ରେ ଅଷ୍ଟ୍ରେଲିଆନ ଓପନ ଜିତିଥିଲେ। ଏହା ବ୍ୟତୀତ ସେ ୨୦୦୫, ୨୦୦୬, ୨୦୦୭, ୨୦୦୮, ୨୦୧୦, ୨୦୧୧, ୨୦୧୨, ୨୦୧୩, ୨୦୧୪, ୨୦୧୭, ୨୦୧୮, ୨୦୧୯ ଓ ୨୦୨୦ରେ ଫ୍ରେଞ୍ଚ୍‌ ଓପନ, ୨୦୦୮ ଓ ୨୦୧୦ରେ ୱିମ୍ବଲଡନ ଏବଂ ୨୦୧୦, ୨୦୧୩, ୨୦୧୭ ଓ ୨୦୧୯ରେ ୟୁଏସ ଓପନ ଗ୍ରାଣ୍ଡସ୍ଲାମ ଜିତିଥିଲେ।

ଟେନିସ ଇତିହାସରେ କେବଳ ୪ର୍ଥ ଖେଳାଳିଭାବେ ନାଡାଲ ଅତିକମ୍‌ରେ ୨ ଥର ଲେଖାଏ ୪ଟି ଯାକ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବାର ଗୌରବ ପାଇଛନ୍ତି। ରଡ୍‌ ଲାଭର ଆରେନାରେ ଅଷ୍ଟ୍ରେଲିଆନ ଓପନ ସ୍ପେଶାଲିଷ୍ଟ ସର୍ବିୟାର ନୋଭାକ୍‌ ଜୋକୋଭିଚ୍‌ଙ୍କ ଅନୁପସ୍ଥିତି ମଧ୍ୟ ନାଡାଲଙ୍କୁ ବେଶ୍‌ ସୁହାଇଥିଲା। ଅଷ୍ଟ୍ରେଲିଆର କୋଭିଡ-୧୯ ଟିକା ନିୟମ ଔପଚାରିକା ପୂରଣ କରି ନ ପାରିବାରୁ ଜୋକୋଭିଚ୍‌ଙ୍କ ଭିଜା ବାତିଲ ହୋଇଥିଲା ଏବଂ ସେ ସ୍ୱଦେଶ ଫେରିଥିଲେ। ସର୍ବାଧିକ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବା କ୍ଷେତ୍ରରେ ଏବେ ସେ ସର୍ବକାଳୀନ ଶ୍ରେଷ୍ଠ ହୋଇ ଯାଇଛନ୍ତି। ୨୧ତମ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତି ସେ ରୋଜର ଫେଡରର ଓ ନୋଭାକ୍‌ ଜୋକୋଭିଚ୍‌ (୨୦ଟି ଲେଖାଏ)ଙ୍କୁ ପଛରେ ପକାଇ ଦେଇଛନ୍ତି। ପିଟ୍‌ ସାମ୍ପ୍ରାସ ୧୪ ଓ ରୟ ଏମରସନ ୧୨ଟି ଗ୍ରାଣ୍ଡସ୍ଲାମ ଜିତି ଏହି ତାଲିକାର ଯଥାକ୍ରମେ ୪ର୍ଥ ଓ ୫ମ ସ୍ଥାନରେ ରହିଛନ୍ତି। ନାଡାଲ-ମେଡ୍‌ଭେଡେଭ ଫାଇନାଲ (୫ ଘଣ୍ଟା ୨୪ ମିନିଟ) ଅଷ୍ଟ୍ରେଲିଆନ ଓପନ ଇତିହାସରେ ଦ୍ୱିତୀୟ ଦୀର୍ଘକାଳୀନ ମ୍ୟାଚ। ୨୦୧୨ରେ ନାଡାଲ ଓ ଜୋକୋଭିଚ୍‌ଙ୍କ ଫାଇନାଲ ସର୍ବାଧିକ ୫ ଘଣ୍ଟା ୫୩ ମିନିଟ ଧରି ଚାଲିଥିଲା। ଏଥିରେ ଜୋକୋଭିଚ୍‌ ବିଜୟୀ ହୋଇଥିଲେ।

# ୩ ଦିନର ଶିଶୁ ସମେତ ୧୯ ମୃତ



## ରାଜ୍ୟରେ ଆଉ ୪,୮୪୩ ଆକ୍ରାନ୍ତ ଚିହ୍ନଟ

**ଭୁବନେଶ୍ୱର, ୩୦।୧(ବ୍ୟୁରୋ)**

ରାଜ୍ୟରେ କରୋନା ସଂକ୍ରମଣ ହ୍ରାସ ପାଉଥିବାବେଳେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। କରୋନା ଓ ଏହାର ନୂଆ ଭାରିଆଣ୍ଟ ଓମିକ୍ରନ୍‌ ପୂର୍ବାପେକ୍ଷା ଅଧିକ ଘାତକ ହେଉଥିବାରୁ ଚିନ୍ତା ବଢ଼ିଛି। ଫଳରେ ଗତ ୨୪ ଘଣ୍ଟାରେ ରାଜ୍ୟରେ ଆଉ ୧୯ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୫ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଗଞ୍ଜାମ ଜିଲାରୁ ୩ଜଣ, ଅନୁଗୋଳ ଓ ନବରଙ୍ଗପୁରରୁ ୨ଜଣ ଲେଖାଏ, ଭଦ୍ରକ, କଟକ, ଢେଙ୍କାନାଳ, ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ ଓ ପୁରୀ ଜିଲାରୁ ଜଣେ ଲେଖାଏ ମୃତକ ରହିଛନ୍ତି। ତେବେ ଏମାନଙ୍କ ଭିତରେ ଦୁଇଜଣ ଶିଶୁ ରହିଥିବା ଜଣାପଡିଛି। ଜଣେ ୩ଦିନର ଶିଶୁପୁତ୍ର ଥିବାବେଳେ ଆଉଜଣେ ବର୍ଷକର ଶିଶୁକନ୍ୟା ରହିଛନ୍ତି। ମୃତ ଶିଶୁପୁତ୍ରଙ୍କ ଘର ଭଦ୍ରକ ଜିଲାରେ ଓ ସେ ହୃଦ୍‌ଜନିତ ରୋଗରେ ପୀଡ଼ିତ ଥିଲେ। ସେହିଭଳି ଶିଶୁକନ୍ୟାର ଘର ଗଞ୍ଜାମ ଜିଲାରେ ହୋଇଥିବାବେଳେ ସେ ଅନ୍ୟ କୌଣସି ରୋଗରେ ପୀଡ଼ିତ ନ ଥିଲେ ବୋଲି ସ୍ୱାସ୍ଥ୍ୟ ବିଭାଗ ତଥ୍ୟରୁ ଜଣାପଡ଼ିଛି। ଏମାନଙ୍କୁ ମିଶାଇ ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୮,୫୯୪କୁ ବୃଦ୍ଧି ପାଇଛି।

ସେପଟେ ରାଜ୍ୟରେ ଦିନକରେ ଆଉ ୪,୮୪୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସଙ୍ଗରୋଧ କେନ୍ଦ୍ରରୁ ୨,୮୧୫ଜଣ ଓ ସ୍ଥାନୀୟ ସଂକ୍ରମିତ ୨,୦୨୮ଜଣ ରହିଥିବାବେଳେ ଏଥିମଧ୍ୟରୁ ୬୬୩ଜଣ ୧୮ ବର୍ଷରୁ କମ୍‌ ବୟସର ରହିଛନ୍ତି। ତେବେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୧,୦୨୩ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ସେହିଭଳି ସୁନ୍ଦରଗଡ଼ରୁ ୭୩୫, କଟକ ୩୭୯, ଯାଜପୁର ୧୬୬, କଳାହାଣ୍ଡି ୧୫୮, ମୟୂରଭଞ୍ଜ ୧୫୨, ନବରଙ୍ଗପୁର ୧୩୭, ନୟାଗଡ଼ ୧୯୪, ନୂଆପଡ଼ା ୧୬୬, ବାଲେଶ୍ୱର ୧୫୨, ସମ୍ବଲପୁର ୧୨୮, ଜଗତ୍‌ସିଂହପୁରରୁ ୧୦୦ଜଣ ଚିହ୍ନଟ ହୋଇଥିବାବେଳେ ବାକି ସବୁ ଜିଲାରୁ ନୂଆ ଆକ୍ରାନ୍ତ ସଂଖ୍ୟା ଏହା ତଳକୁ ରହିଛି। ଫଳରେ ରାଜ୍ୟରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୨,୪୫,୯୧୧ ରେ ପହଞ୍ଚିଛି।

## ଘାତକ ହେଉଛି କରୋନା

**ନୂଆଦିଲ୍ଲୀ, ୩୦।୧**

### ୨.୩୪ ଲକ୍ଷ ସଂକ୍ରମିତ ଚିହ୍ନଟ

ଦେଶରେ ଗତ ୨୪ ଘଣ୍ଟାରେ ୨.୩୪ ଲକ୍ଷ କୋଭିଡ୍‌ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ମୋଟ ସଂକ୍ରମଣ ୪,୧୦,୯୨,୫୨୨କୁ ବୃଦ୍ଧି ପାଇଛି। ଦିନକରେ ୮୯୩ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଫଳରେ କୋଭିଡ୍‌ଜନିତ ମୃତ୍ୟୁସଂଖ୍ୟା ୪,୯୪,୦୯୧କୁ ବୃଦ୍ଧି ପାଇଥିବା ରବିବାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ସକ୍ରିୟ ମାମଲା ୧,୧୯,୩୯୬ ହ୍ରାସ ପାଇ ୧୮,୮୪,୯୩୭ରେ ପହଞ୍ଚିଛି। ଏହା ମୋଟ ସଂକ୍ରମଣର ୪.୫୯ ପ୍ରତିଶତ। ଦେଶରେ କୋଭିଡ୍‌ରୁ ଆରୋଗ୍ୟ ହାର ୯୩.୮୯ ପ୍ରତିଶତ ଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେହିପରି ଦୈନିକ ପଜିଟିଭ ହାର ୧୪.୫୦ ପ୍ରତିଶତ ରହିଛି। ଦେଶରେ ସାମୂହିକ ଟିକାକରଣ ୧୬୫.୭୦ କୋଟି ଟପିଛି। ୨୦୨୦ ଡିସେମ୍ବର ୧୯ରେ ଦେଶରେ କୋଭିଡ୍‌ ସଂକ୍ରମଣ ୧ କୋଟି ପାର୍‌ କରିଥିଲା।

# ଅଙ୍ଗନୱାଡି କର୍ମୀଙ୍କ ସହ ୫ ଗିରଫ

## ଧର୍ମଶାଳାରେ ଶିଶୁକନ୍ୟା ବିକ୍ରି ଘଟଣା

**ଧର୍ମଶାଳା,୩୦।୧(ଡି.ଏନ.ଏ.)**

ଯାଜପୁର ଜିଲା ଧର୍ମଶାଳା ଥାନା କୋତପୁର ପଞ୍ଚାୟତ ସାନରାଏପଡ଼ା ଗ୍ରାମରେ ଶିଶୁକନ୍ୟା ବିକ୍ରି ଘଟଣାରେ ପୋଲିସ ଜଣେ ଅଙ୍ଗନୱାଡି କର୍ମୀଙ୍କ ସମେତ ମୋଟ୍‌ ୫ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଶିଶୁକନ୍ୟାକୁ କିଣିଥିବା ପାରାଦୀପ ରଙ୍ଗିଆଗଡ଼ା ଅଞ୍ଚଳର ଦମ୍ପତି ସସ୍ମିତା ବାରିକ ଓ କୈଳାସ ବାରିକ, ଶିଶୁ ବିକ୍ରିରେ ମଧ୍ୟସ୍ଥତା କରିଥିବା ବାଲିଚନ୍ଦ୍ରପୁର ଥାନା ଭରତପୁର ଗ୍ରାମର ଅଙ୍ଗନୱାଡି କର୍ମୀ ପ୍ରଭାସିନୀ ଦାସ, ତାଙ୍କ ଭାଇ ସାନରଏପଡ଼ା ଗ୍ରାମର ଦୀପକ ଦାସ ଏବଂ ଶିଶୁକନ୍ୟା ବାପା ନଟବର ବେହେରା।

ସୂଚନା ମୁତାବକ, ସାନରାଏପଡ଼ା ଗ୍ରାମର ନଟବରଙ୍କ ସ୍ତ୍ରୀ କାଞ୍ଚନଙ୍କ ୨୭ ତାରିଖରେ ଧର୍ମଶାଳା ଡାକ୍ତରଖାନାରେ ଏକ ଶିଶୁକନ୍ୟା ଜନ୍ମ ହୋଇଥିଲା। ତେବେ ଦାରିଦ୍ର୍ୟର କଷାଘାତରେ ଚଳୁଥିବା ଏହି ପରିବାର ୨୮ ତାରିଖରେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ାରେ ଶ୍ୱଶୁରଘରେ ରହୁଥିବା ପାରାଦୀପ ଅଞ୍ଚଳର ଉପରୋକ୍ତ ଦମ୍ପତିଙ୍କୁ ୧୨ ହଜାର ଟଙ୍କାରେ ଶିଶୁକନ୍ୟାକୁ ବିକ୍ରି କରି ଦେଇଥିଲେ। ଶନିବାର ଏହି ଘଟଣା ପ୍ରଘଟ ହେବା ପରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ସେଠାରେ ପହଞ୍ଚି ଘଟଣା ସମ୍ପର୍କରେ ଅବଗତ ହେବା ସହ ଧର୍ମଶାଳା ଥାନା ଅଧୀନ କୋତପୁର ଫାଣ୍ଡିରେ ଅଭିଯୋଗ କରିଥିଲେ। ତେବେ ଘଟଣା ପ୍ରଘଟ ପରେ ଦମ୍ପତି ଅତି ଚତୁରତାର ସହ ଶିଶୁକୁ ଆଣି ତାଙ୍କ ମା'କୁ ଦେଇ ଫେରାର ହୋଇ ଯାଇଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୫୦/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବାବେଳେ ସନ୍ଧ୍ୟାରେ ଶିଶୁକନ୍ୟାକୁ ଉଦ୍ଧାର କରିଥିଲା। ରାତିରେ ମହାକାଳପଡ଼ାରେ ପୋଲିସ ଚଢ଼ାଉ କରି ଶିଶୁକୁ କିଣିଥିବା ଦମ୍ପତିଙ୍କୁ ଗିରଫ କରିଥିଲା। ଏହାପରେ ମଧ୍ୟସ୍ଥତା କରିଥିବା ଅଙ୍ଗନୱାଡି କର୍ମୀ, ତାଙ୍କ ଭାଇ ଓ ଶିଶୁ କନ୍ୟାର ବାପାଙ୍କୁ ଗିରଫ କରିଥିଲା। ଉଦ୍ଧାର ଶିଶୁକନ୍ୟାକୁ ପୋଲିସ ଜିଲା ଶିଶୁ ମଙ୍ଗଳ ଅଧିକାରୀଙ୍କ ନିକଟରେ ହାଜର କରିବା ପରେ ଶିଶୁଟିକୁ ବାଲାଶ୍ରମସ୍ଥିତ ପୋଷ୍ୟ ସନ୍ତାନ ଗୃହରେ ରଖାଯାଇଛି। ତେବେ ରବିବାର ଶିଶୁକନ୍ୟାର ବାପାଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଛଡ଼ା ଯାଇଥିବା ବେଳେ ଅନ୍ୟ ୪ ଅଭିଯୁକ୍ତଙ୍କୁ ଚଣ୍ଡିଖୋଲ କୋର୍ଟଚାଲାଣ କରାଯାଇଥିବା ଫାଣ୍ଡି ଅଧିକାରୀ ନିରଞ୍ଜନ ବେହୁରା ସୂଚନା ଦେଇଛନ୍ତି।






ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନର ଏକଶହ ବର୍ଷ ପୂର୍ତ୍ତି ଓ ଶହୀଦ ଦିବସ ଅବସରରେ ରବିବାର ଭୁବନେଶ୍ୱରସ୍ଥିତ ରାଜ୍ୟ ସଂଗ୍ରହାଳୟରେ ଉଦ୍‌ଘାଟିତ ହୋଇଥିବା ଗାନ୍ଧୀ ଗ୍ୟାଲେରିରେ ଥିବା ଏକ ସ୍ଥାପତ୍ୟକୁ ଜଣେ ବାଳିକା ନିରୀକ୍ଷଣ କରୁଛନ୍ତି।

# ଆର୍‌ଏସ୍‌ଏସ୍‌ ଛାଡ଼ି ନ ଥିଲେ ଗଡ୍‌ସେ

**କେନ୍ଦ୍ରରେ କ୍ଷମତାସୀନ ଭାରତୀୟ ଜନତା ପାର୍ଟି (ଭାଜପା)ର ଆଦର୍ଶଗତ ମାର୍ଗଦର୍ଶକ ହେଉଛି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍‌)। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ତାଙ୍କ କ୍ୟାବିନେଟର ଅନେକ ମନ୍ତ୍ରୀ ଅତୀତରେ ସଂଘର ସଦସ୍ୟ ଥିଲେ। ଗାନ୍ଧିଜୀଙ୍କ ହତ୍ୟାକାରୀ ନାଥୁରାମ ଗଡ୍‌ସେ ଆର୍‌ଏସ୍‌ଏସ୍‌ ସଦସ୍ୟ ଥିଲେ ବୋଲି କଂଗ୍ରେସ ଭାଜପାକୁ ଟାର୍ଗେଟ କରୁଥିବାବେଳେ ସେ ସଂଘ ଛାଡ଼ିଦେଇ ହିନ୍ଦୁ ମହାସଭାରେ ଯୋଗଦେଇଥିବା କୁହାଯାଏ। କେତେକ ଦକ୍ଷିଣପନ୍ଥୀ ସଙ୍ଗଠନ ସଂଘ ସହ ଗଡ୍‌ସେଙ୍କ ସମ୍ପୃକ୍ତିକୁ ଅସ୍ୱୀକାର କରିଆସୁଥିବାବେଳେ ଧୀରେନ୍ଦ୍ର କେ. ଝାଙ୍କ ସଦ୍ୟ ପୁସ୍ତକ ନୂଆ ବିବାଦକୁ ଜନ୍ମ ଦେଇପାରେ। ସୌଜନ୍ୟ: ଅଲ୍‌ ଜଜିରା।**

## ଧୀରେନ୍ଦ୍ର ଝାଙ୍କ ନୂଆ ପୁସ୍ତକରେ ଦାବି

**ନୂଆଦିଲ୍ଲୀ,୩୦।୧**

ଭାରତର ସ୍ୱାଧୀନତା ସଂଗ୍ରାମର ଅଗ୍ରଦୂତ ତଥା ହିନ୍ଦୁ-ମୁସଲିମ୍‌ ଏକତାର ପ୍ରବର୍ତ୍ତକ ମହାତ୍ମା ଗାନ୍ଧୀଙ୍କୁ ୧୯୪୮ ଜାନୁୟାରୀ ୩୦ରେ ହତ୍ୟା କରାଯାଇଥିଲା। ତାଙ୍କ ହତ୍ୟାକାରୀ ହିନ୍ଦୁ ଉଗ୍ରପନ୍ଥୀ ନେତା ରାମଚନ୍ଦ୍ର ବିନାୟକ ଗଡ୍‌ସେ ଥିଲେ। ନାଥୁରାମ ଗଡ୍‌ସେ ନାମରେ ପରିଚିତ ଏହି ବ୍ୟକ୍ତି ଆଜୀବନ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍‌) ସଦସ୍ୟ ଥିଲେ। ସେ କେବେହେଲେ ସଂଘ ଛାଡ଼ି ନ ଥିଲେ ବୋଲି ସଦ୍ୟ ପ୍ରକାଶିତ ଏକ ପୁସ୍ତକରେ ଦାବି କରାଯାଇଛି।




ଜଣାଶୁଣା ଲେଖକ ଧୀରେନ୍ଦ୍ର କେ. ଝାଙ୍କ ଦ୍ୱାରା ରଚିତ ପୁସ୍ତକ ଗାନ୍ଧୀସ୍‌ ଏସେନ୍‌: ଦି ମେକିଂ ଅଫ୍‌ ନାଥୁରାମ ଗଡ୍‌ସେ ଆଣ୍ଡ ହିଜ୍‌ ଆଇଡିଆ ଅଫ୍‌ ଇଣ୍ଡିଆରେ ଗାନ୍ଧିଜୀଙ୍କ ହତ୍ୟାର ଏକ ବିଶ୍ୱସନୀୟ ଅବତାରଣା କରାଯାଇଥିବା ଅଲ୍‌ ଜଜିରାରେ ଏକ ରିପୋର୍ଟ ପ୍ରକାଶ ପାଇଛି। ଧୀରେନ୍ଦ୍ରଙ୍କ ମତରେ ମହାତ୍ମା ଗାନ୍ଧୀଙ୍କ ହତ୍ୟା ମାମଲାର ଉପଯୁକ୍ତ ତଦନ୍ତ କରାଯାଇ ନ ଥିଲା। ଏହାର ଅନେକ ବର୍ଷ ପରେ ୧୯୬୦ ଦଶକରେ ହତ୍ୟା ଷଡ଼ଯନ୍ତ୍ରର ତଦନ୍ତ ଲାଗି ଏକ କମିଶନ ଗଠନ କରାଯାଇଥିଲା। କିନ୍ତୁ ସେତେବେଳେ ଏଥିରେ ଜଡ଼ିତ ଥିବା କେତେଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିସାରିଥିଲା। ଅନେକ ପ୍ରମାଣକୁ ମଧ୍ୟ ଲିଭାଯାଇଥିଲା। ☞ପୃଷ୍ଠା-୫

# 'ଧରିତ୍ରୀ' ଖବରଦାତା ସଞ୍ଜୀବ ଯୋଷୀଙ୍କ ପରଲୋକ

**ଭବାନୀପାଟଣା,୩୦।୧(ସ୍ୱ.ପ୍ର.)**


ସଞ୍ଜୀବ ଯୋଷୀ

'ଧରିତ୍ରୀ'ର କଳାହାଣ୍ଡି ଜିଲା ପ୍ରତିନିଧି ସଞ୍ଜୀବ କୁମାର ଯୋଷୀଙ୍କ ରବିବାର ସନ୍ଧ୍ୟା ୭ଟା ୪୦ ମିନିଟ୍‌ରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ପରଲୋକ ହୋଇଯାଇଛି। ତାଙ୍କୁ ୫୬ ବର୍ଷ ହୋଇଥିଲା। ତାଙ୍କ ପରଲୋକରେ ଜିଲାରେ ଶୋକର ଛାୟା ଖେଳିଯାଇଛି। ଯୋଷୀ 'ଧରିତ୍ରୀ'ରେ ଦୀର୍ଘ ୩ ଦଶନ୍ଧି ଧରି ଜିଲା ପ୍ରତିନିଧି ଭାବେ କାର୍ଯ୍ୟରତ ଥିଲେ। ତାଙ୍କର କାର୍ଯ୍ୟଦକ୍ଷତା ପାଇଁ ଜିଲାର ବିଭିନ୍ନ ସଙ୍ଗଠନ ପକ୍ଷରୁ ସେ ବହୁବାର ସମ୍ମାନିତ ହୋଇଥିଲେ। ଖବରଦାତା ଜୀବନକାଳରେ ସେ ଚାଷୀ ସମସ୍ୟାଠାରୁ ଆରମ୍ଭ କରି ପଞ୍ଚାୟତସ୍ତରରୁ ଜିଲା ପର୍ଯ୍ୟନ୍ତ ବିଭିନ୍ନ ମୌଳିକ ସମସ୍ୟାକୁ ନିଜର କଲମ ମାଧ୍ୟମରେ ପ୍ରଶାସନ ତଥା ସରକାରଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ସେଥିପାଇଁ ସେ ଜିଲାର ☞ପୃଷ୍ଠା-୫

**ଆଜି 'ବିଶ୍ୱାସଘାତ ଦିବସ' ପାଳିବେ ଚାଷୀ**

କୃଷି ପ୍ରସଙ୍ଗରେ କେନ୍ଦ୍ର ସରକାର ଦେଶର କୃଷକମାନଙ୍କ ପ୍ରତି ବିଶ୍ୱାସଘାତ କରିଛନ୍ତି। ତେଣୁ ସୋମବାର ଦେଶବ୍ୟାପୀ 'ବିଶ୍ୱାସଘାତ ଦିବସ' ପାଳନ କରାଯିବ ବୋଲି ବିକେୟୁ ନେତା ରାକେଶ ଟିକାଏତ୍ ରବିବାର ଘୋଷଣା କରିଛନ୍ତି। ଗତ ଡିସେମ୍ବର ୯ରେ ସରକାରଙ୍କ ପ୍ରତିଶ୍ରୁତି କ୍ରମେ ଚାଷୀ ଆନ୍ଦୋଳନ ପ୍ରତ୍ୟାହାର କରାଯାଇଥିଲା। ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍ପି) ଉପରେ ଆଇନଗତ ଗ୍ୟାରେଣ୍ଟି ଚାଷୀମାନଙ୍କର ଅନ୍ୟତମ ମୁଖ୍ୟ ଦାବି ଥିଲା। ସରକାର ପ୍ରତିଶ୍ରୁତି ରକ୍ଷା ନ ଥିବାରୁ ଜାନୁୟାରୀ ୩୧ରେ ବିଶ୍ୱାସଘାତ ଦିବସ ପାଳନ କରାଯିବ ବୋଲି ସେ ଟ୍ୱିଟ୍ କରିଛନ୍ତି।

## ସଂକ୍ଷେପରେ

### ୫ ଆତଙ୍କବାଦୀ ନିହତ

**ଶ୍ରୀନଗର,୩୦।୧:** ଜମ୍ମୁ-କଶ୍ମୀରର ପୁଲଓ୍ୱାମା ଏବଂ ବଡଗାମ୍ ଜିଲାରେ ଦୁଇଟି ପୃଥକ ଏନ୍କାଉଣ୍ଟରରେ ଜୈଶ-ଇ-ମହମ୍ମଦ (ଜେଇଏମ୍) କମାଣ୍ଡରଙ୍କ ସମେତ ୫ ଆତଙ୍କବାଦୀ ନିହତ ହୋଇଛନ୍ତି। ଅନ୍ୟ ୪ ଜଣଙ୍କ ମଧ୍ୟରୁ ଜଣେ ଜେଇଏମ୍ର ବିଦେଶୀ ଆତଙ୍କବାଦୀ ହୋଇଥିବାବେଳେ ଜଣେ ଲଶ୍କର-ଇ-ତୋଇବା ସଦସ୍ୟ ରହିଛନ୍ତି। ଶନିବାର ରାତିରୁ ବଡଗାମ୍ ଜିଲାର ଚରାରେଶ୍ରିଫ୍ ଏବଂ ପୁଲ୍ୱାମା ଜିଲାର ନୈରା ଅଞ୍ଚଳରେ ସୁରକ୍ଷା ବଳ ପକ୍ଷରୁ ତଲାସି ଅଭିଯାନ ଆରମ୍ଭ ହୋଇଥିଲା। ବଡଗାମ୍ରେ ଜଣେ ଏବଂ ପୁଲ୍ୱାମାରେ ୪ ଆତଙ୍କବାଦୀ ନିହତ ହୋଇଥିବା ପୋଲିସ କହିଛି।

### ଶିଲଂ ପୋଲିସ ବଜାରରେ ବିସ୍ଫୋରଣ

**ଶିଲଂ,୩୦।୧:** ମେଘାଳୟର ଶିଲଂ ସହରରେ ଥିବା ପୋଲିସ ବଜାର ଅଞ୍ଚଳରେ ରବିବାର ସନ୍ଧ୍ୟାରେ ବିସ୍ଫୋରଣ ହୋଇଛି। ଏଥିରେ କେହି ମୃତାହତ ହୋଇନାହାନ୍ତି। ତେବେ ସେଠାରେ ଥିବା ମୋବାଇଲ ଫୋନ୍ ଦୋକାନ ଓ ମଦ ଦୋକାନ କ୍ଷତିଗ୍ରସ୍ତ ହୋଇଛି। ଆଇଇଡିରୁ ଏହି ବିସ୍ଫୋରଣ ହୋଇଥିବା ସନ୍ଦେହ କରାଯାଉଛି ବୋଲି ଜଣେ ପୋଲିସ ଅଧିକାରୀ କହିଛନ୍ତି। ଉକ୍ତ ଅଞ୍ଚଳକୁ ସୁରକ୍ଷା କର୍ମୀମାନେ ଚାରିପଟୁ ଘେରି ରହିଥିବାବେଳେ ମାର୍କେଟ ପ୍ରବେଶ ପଥକୁ ବନ୍ଦ କରିଦିଆଯାଇଛି। ପୋଲିସ ବଜାରରେ ବିସ୍ଫୋରଣକୁ ମୁଖ୍ୟମନ୍ତ୍ରୀ କର୍ନାଡ ସାଙ୍ଗମା ନିନ୍ଦା କରିଛନ୍ତି। ରାଜ୍ୟରେ ଶାନ୍ତି ଭଙ୍ଗୁର କରିବା ଲାଗି ଏଭଳି ବିସ୍ଫୋରଣ କରାଯାଇଥିବା ସେ କହିଛନ୍ତି।

### ସ୍ପଟିଫାଏରୁ ଗୀତ ହଟାଇବେ ଜୋନି ମିଚେଲ



**ନୂଆଦିଲ୍ଲୀ, ୩୦।୧:** ପ୍ରସିଦ୍ଧ କାନାଡା ଗାୟିକା ଜୋନି ମିଚେଲ(୭୮) ମ୍ୟୁଜିକ୍ ପ୍ଲାଟଫର୍ମ ସ୍ପଟିଫାଏରୁ ତାଙ୍କ ଗୀତ ହଟାଇବାକୁ ଘୋଷଣା କରିଛନ୍ତି। ଏହି ମ୍ୟୁଜିକ୍ ପ୍ଲାଟଫର୍ମରେ କୋଭିଡ୍ ସମ୍ପର୍କରେ ଭୁଲ ତଥ୍ୟ ପ୍ରସାର କରାଯାଉଥିବାରୁ ସେ ଏହି ନିଷ୍ପତ୍ତି ନେଇଥିବା କହିଛନ୍ତି। ପୂର୍ବରୁ ତାଙ୍କ ଦୀର୍ଘଦିନର ବନ୍ଧୁ କାନଡୀୟ-ଆମେରିକୀୟ ଗାୟକ ନେଲ୍ ୟଙ୍ଗ୍ ସମାନ କାରଣ ଯୋଗୁ ସ୍ପଟିଫାଏରୁ ଗୀତ ହଟାଇଥିଲେ। ଦାୟିତ୍ୱହୀନ ଲୋକେ ମିଥ୍ୟା ଓ ଭୁଲ୍ ଖବର ପ୍ରସାରଣ କରୁଛନ୍ତି। ଏହା ଅନେକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି ବୋଲି ମିଚେଲ କହିଛନ୍ତି। ଏହି ପ୍ରସଙ୍ଗରେ ସେ ନେଲ୍ଙ୍କ ସମେତ ବିଶ୍ୱର ବିଜ୍ଞାନ ଏବଂ ଚିକିତ୍ସା କମ୍ୟୁନିଟି ସହ ଏକମତ ଥିବା ମିଚେଲ ତାଙ୍କ ବ୍ୟକ୍ତିଗତ ୱେବସାଇଟ୍ରେ ଉଲ୍ଲେଖ କରିଛନ୍ତି। ସ୍ପଟିଫାଏ କୋଭିଡ୍ ଟିକାକୁ ନେଇ ଭୁଲ୍ ସୂଚନା ପ୍ରଚାର କରୁଥିବା ଏବଂ ଏହାକୁ ବିଶ୍ୱାସ କରୁଥିବା ଲୋକଙ୍କ ସ୍ୱାସ୍ଥ୍ୟ ବିପଦରେ ପଡୁଥିବା ନେଇ ନେଲ୍ ପୂର୍ବରୁ କହିଥିଲେ। ନେଲ୍ ୟଙ୍ଗ ସ୍ପଟିଫାଏରୁ ଓହରିବା ପରେ ଏହାର ଶେୟାର ମୂଲ୍ୟରେ ବଡ଼ଧରଣର ହ୍ରାସ ଘଟିଛି। ସ୍ପଟିଫାଏର ମାର୍କେଟ କ୍ୟାପିଟାଲାଇଜେଶନ ୨ ବିଲିୟନ ଡଲାର କମିଛି।

# କାନାଡା ପ୍ରଧାନମନ୍ତ୍ରୀଙ୍କ ଆତ୍ମଗୋପନ



ଜଷ୍ଟିନ୍ ଟ୍ରୁଡୋ



ଅଟାଓ୍ୱାର ପାର୍ଲାମେଣ୍ଟ ବିଲ୍ଡିଂ ନିକଟରେ ବିକ୍ଷୋଭକାରୀମାନେ ଟ୍ରକ୍ ଛିଡା କରାଇ ଆନ୍ଦୋଳନ କରୁଛନ୍ତି।

■ବାଧ୍ୟତାମୂଳକ ଟିକାକରଣ ବିରୋଧରେ ବିକ୍ଷୋଭ

■ଟ୍ରୁଡୋଙ୍କ ଘର ଚାରିପଟେ ହଜାର ହଜାର ଟ୍ରକ୍

**ଅଟାଓ୍ୱା, ୩୦।୧**

କାନାଡାରେ ବାଧ୍ୟତାମୂଳକ କରୋନା ଟିକାକରଣକୁ ନେଇ ବିକ୍ଷୋଭ ତୀବ୍ର ରୂପ ନେଇଛି। ମାସ୍କ ପରିଧାନ, ଲକ୍ଡାଉନକୁ ମଧ୍ୟ ବିରୋଧ କରି ଶନିବାର ରାଜଧାନୀ ଅଟାଓ୍ୱାରେ ହଜାର ହଜାର ସଂଖ୍ୟାରେ ଲୋକେ ରାସ୍ତାକୁ ଓହ୍ଲାଇଛନ୍ତି। ବିଶେଷକରି ସୀମା ପାର୍ ନିମନ୍ତେ ଟ୍ରକ୍ ଚାଳକଙ୍କ ପାଇଁ କୋଭିଡ୍ ଭାକ୍ସିନ ବାଧ୍ୟତାମୂଳକ କରାଯାଇଥିବାରୁ ବହୁ ସଂଖ୍ୟାରେ ଟ୍ରକର୍ସ ଜଷ୍ଟିନ୍ ଟ୍ରୁଡୋ ସରକାରଙ୍କ ବିରୋଧରେ ଆନ୍ଦୋଳନ କରିଛନ୍ତି। 'ଫ୍ରିଡମ୍ କନ୍ଭେ' ନାମରେ ଆରମ୍ଭ ହୋଇଥିବା ଏହି ବିକ୍ଷୋଭ ପ୍ରଧାନମନ୍ତ୍ରୀ ଟ୍ରୁଡୋଙ୍କ ଘର ନିକଟରେ ପହଞ୍ଚିବା ପରେ ସୁରକ୍ଷା ଦୃଷ୍ଟିରୁ ସେ ପରିବାର ସହ ସିକ୍ରେଟ ସ୍ଥାନକୁ ପଳାଇଛନ୍ତି।

ପ୍ରାୟ ୨,୭୦୦ ଟ୍ରକ୍ ଟ୍ରୁଡୋଙ୍କ ବାସଭବନ ଘେରାଉ କରିଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ସେମାନଙ୍କ ସହ ଅନ୍ୟ ବର୍ଗର ଲୋକେ ମଧ୍ୟ ସାମିଲ ହୋଇଥିଲେ। ବିକ୍ଷୋଭକାରୀଙ୍କ ମଧ୍ୟରେ ଛୋଟ ପିଲା ଏବଂ ବୟସ୍କ ଲୋକଙ୍କୁ ମଧ୍ୟ ଦେଖିବାକୁ ମିଳିଥିଲା। ପ୍ରବଳ ଶୀତ ଲହର (ପ୍ରାୟ ବିୟୁକ୍ତ ୨୧ ଡିଗ୍ରୀ ସେଲ୍ସିୟସ) ନେଇ ସଚେତନ କରାଯାଇଥିବା ସତ୍ତ୍ୱେ ଏତେ ସଂଖ୍ୟାରେ ଲୋକ ରୁଣ୍ଡ ହୋଇଥିବାରୁ ସେଠାରେ ହିଂସାକାଣ୍ଡର ଆଶଙ୍କା ଉପୁଜିଛି। ଏହାକୁ ନେଇ ପୋଲିସ ହାଇ ଆଲର୍ଟରେ ରହିଛି। ଟିକାକରଣ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ଲାଗିଥିବା କଟକଣା ହଟାଇବାକୁ ବିକ୍ଷୋଭକାରୀ ଦାବି କରିବା ସହ ଟ୍ରୁଡୋଙ୍କ ବିରୋଧରେ ନାରା ଦେଇଥିଲେ। ଏପରି କି କେତେଜଣ ଜାତୀୟ ଯୁଦ୍ଧ ସ୍ମାରକୀ ନିକଟରେ ନାଚୁଥିବା ଦେଖିବାକୁ ମିଳିଥିଲା। ବିକ୍ଷୋଭକାରୀ ହିଂସାକାଣ୍ଡ ଘଟାଇପାରନ୍ତି ବୋଲି ଶୁକ୍ରବାର ଟ୍ରୁଡୋ କାନାଡିଆନ ପ୍ରେସ୍କୁ କହିଥିଲେ। ଟିକା ନେଇ ନ ଥିବା ଟ୍ରକର୍ସମାନେ କେବଳ ନିଜ ପାଇଁ ନୁହେଁ, ସାରା ଦେଶ ଲାଗି ବିପଦ ସୃଷ୍ଟି କରୁଥିବା ସେ କହିଥିଲେ। କାନାଡାବାସୀଙ୍କ ଚିନ୍ତାଧାରା କିମ୍ବା ଦୃଷ୍ଟିକୋଣ ସହ ସହମତ ନ ଥିବା ସଂଖ୍ୟାଲଘୁଙ୍କ କେତେକ ଗୋଷ୍ଠୀ ଏପରି କରୁଥିବା ନେଇ ପୂର୍ବରୁ ମଧ୍ୟ ଟ୍ରୁଡୋ ପ୍ରକାଶ କରିଥିଲେ।

## ପେଗାସସ୍ ଡିଲ୍ର ତଦନ୍ତ ଦାବି

### ସୁପ୍ରିମକୋର୍ଟରେ ପିଟିଶନ




**ନୂଆଦିଲ୍ଲୀ, ୩୦।୧**

ଇସ୍ରାଏଲଠାରୁ ଅସ୍ତ୍ରଶସ୍ତ୍ର କ୍ରୟ ବାବଦ ୧୫ ହଜାର କୋଟି ଟଙ୍କାର ଚୁକ୍ତିରେ ୨୦୧୭ରେ କେନ୍ଦ୍ରର ନରେନ୍ଦ୍ର ମୋଦିଙ୍କ ସରକାର ପେଗାସସ୍କୁ ସାମିଲ କରିଥିବା ଅଭିଯୋଗର ତଦନ୍ତ ନିର୍ଦ୍ଦେଶ ପାଇଁ ଦାବି ହୋଇଛି। ଏ ବାବଦରେ ସୁପ୍ରିମକୋର୍ଟରେ ପୁଣି ଏକ ପିଟିଶନ ଦାଖଲ କରାଯାଇଛି। ଆଇନଜୀବୀ ଏମ୍. ଏଲ୍. ଶର୍ମା ଦାଖଲ କରିଥିବା ଏହି ପିଟିଶନରେ ଦର୍ଶାଇଛନ୍ତି ଯେ, ପାର୍ଲାମେଣ୍ଟରେ ଉକ୍ତ ଚୁକ୍ତିନାମା ଅନୁମୋଦିତ ହୋଇ ନ ଥିଲା। ତେଣୁ ଏହି ଡିଲ୍କୁ ବାତିଲ କରି ଟଙ୍କା ଫେରସ୍ତ କରାଯିବା ଦରକାର। ଜନସାଧାରଣଙ୍କ ଅର୍ଥର ଦୁରୁପଯୋଗ କରାଯାଇ ପେଗାସସ୍ ସ୍ପାଏଓ୍ୱେର କିଣାଯାଇଥିବାରୁ ଏହାର ତଦନ୍ତ ପାଇଁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦିଅନ୍ତୁ ବୋଲି ପିଆଇଏଲ୍ରେ ଦର୍ଶାଯାଇଛି। ସୂଚନାଯୋଗ୍ୟ, ଆମେରିକାର ଖବରକାଗଜ ନ୍ୟୁୟର୍କ ଟାଇମ୍ସରେ ପ୍ରକାଶିତ ସଦ୍ୟ ରିପୋର୍ଟ ଅନୁସାରେ ମୋଦି ସରକାର ଇସ୍ରାଏଲଠାରୁ ଯୁଦ୍ଧାସ୍ତ୍ର କିଣିବା ଚୁକ୍ତିରେ ପେଗାସସ୍କୁ ସାମିଲ କରିଥିଲେ। ଏହାକୁ ବ୍ୟବହାର କରାଯାଇ ଭାରତର ୩୦୦ରୁ ଊର୍ଦ୍ଧ୍ୱ ଚର୍ଚ୍ଚିତ ବ୍ୟକ୍ତିଙ୍କ ଫୋନ୍ ହ୍ୟାକ ସହ କଲ୍ ରେକର୍ଡ କରାଯାଇଥିଲା। ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ପୂର୍ବରୁ ଭାରତର ଶହ ଶହ ପ୍ରମୁଖ ବ୍ୟକ୍ତିଙ୍କ ଉପରେ ପେଗାସସ୍ ଦ୍ୱାରା ଗୁପ୍ତଚରଗିରି କରାଯାଇଥିବା ନେଇ ଆଉ ଏକ ୱେବସାଇଟ୍ ରିପୋର୍ଟ ପ୍ରକାଶ କରିଥିଲା। ଏବେ ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଆର୍. ଭି. ରବୀନ୍ଦ୍ରନଙ୍କ ତତ୍ତ୍ୱାବଧାନରେ ଗଠିତ କମିଟି ଏହି ମାମଲାର ତଦନ୍ତ କରୁଛି।

# 'ବିଚାର ପ୍ରକ୍ରିୟା ସାର୍ବଜନିକ ହେଉ'

**ନୂଆଦିଲ୍ଲୀ,୩୦।୧**

ବିଚାର ପ୍ରକ୍ରିୟାକୁ ସାର୍ବଜନିକ କରାଯିବା ଉପରେ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ଡି.ଓ୍ୱାଇ. ଚନ୍ଦ୍ରଚୂଡ଼ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି, କେବଳ ବିଚାରପତିମାନେ ଦେଇଥିବା ରାୟ ସଂଖ୍ୟା ବା ମାମଲା ଫଇସଲା ହାରକୁ ନେଇ ସେମାନଙ୍କୁ ମୂଲ୍ୟାୟନ କରାଯିବ ନାହିଁ, ବରଂ କୋର୍ଟରୁମ୍ ମଧ୍ୟରେ ସେମାନଙ୍କ ଆଚରଣକୁ ମଧ୍ୟ ବିଚାରକୁ ନିଆଯିବା ଆବଶ୍ୟକ। ବିଚାର ପ୍ରକ୍ରିୟା ସର୍ବସାଧାରଣଙ୍କ ଲାଗି ମୁକ୍ତ ନ ହେବା ପର୍ଯ୍ୟନ୍ତ କୋର୍ଟ ପରିସରରେ କିପରି କାର୍ଯ୍ୟ ଚାଲିଛି, ତାହା ଲୋକେ ବୁଝିବା ସମ୍ଭବ ହେବ ନାହିଁ। ଲେଖକ



ଜଷ୍ଟିସ ଡି.ଓ୍ୱାଇ. ଚନ୍ଦ୍ରଚୂଡ଼

ବଳରାମ କେ. ଗୁପ୍ତାଙ୍କ ଏକ ପୁସ୍ତକର ଭର୍ଚୁଆଲ ଉନ୍ମୋଚନ ଅବସରରେ ଜଷ୍ଟିସ ଚନ୍ଦ୍ରଚୂଡ଼ ଏହା କହିଛନ୍ତି। ବିଚାର ପ୍ରକ୍ରିୟା ସମସ୍ତଙ୍କ ପାଇଁ ମୁକ୍ତ ହୋଇପାରିଲେ, ଏହା ନ୍ୟାୟିକ ଅନୁଷ୍ଠାନକୁ ଉତ୍ତରଦାୟିତ୍ୱର ଗଣତାନ୍ତ୍ରିକ ନୈତିକତା ପ୍ରଦାନ କରିବ। ମାମଲା ଫଇସଲା ଓ ରାୟ ସମ୍ପର୍କିତ ତଥ୍ୟ ସହଜରେ ଉପଲବ୍ଧ ହେଉଛି। କିନ୍ତୁ କୋର୍ଟରୁମ୍ରେ ବିଚାରପତିମାନଙ୍କ ଆଚରଣ ଲୋକମାନଙ୍କ ସାମନାକୁ ଆସୁନାହିଁ। ସେମାନଙ୍କ ଆଚରଣ ସମ୍ପର୍କରେ ଲୋକେ ନ ଜାଣିବା ପର୍ଯ୍ୟନ୍ତ ସେମାନଙ୍କ ପ୍ରଦର୍ଶନକୁ ମୂଲ୍ୟାୟନ କରିବା ସହଜ ନୁହେଁ। ଏହା ନ୍ୟାୟିକ ଉତ୍ତରଦାୟିତ୍ୱ ପ୍ରତି ଚ୍ୟାଲେଞ୍ଜ ହୋଇ ରହିବ ବୋଲି ସୁପ୍ରିମକୋର୍ଟ ବିଚାରପତି କହିଛନ୍ତି। ଜଷ୍ଟିସ୍ ଚନ୍ଦ୍ରଚୂଡ଼ ପ୍ରଥମ ଥର ଲାଗି ବିଚାର ପ୍ରକ୍ରିୟାକୁ ସାର୍ବଜନିକ କରିବା ଉପରେ ଯୁକ୍ତି ବାଢ଼ିନାହାନ୍ତି, ଗତବର୍ଷ ଅକ୍ଟୋବରରେ ମଧ୍ୟ ସେ କୋର୍ଟ ପ୍ରୋସିଡିଂର ଲାଇଭ୍ ଷ୍ଟ୍ରିମିଂ ଉପରେ ଗୁରୁତ୍ୱାରୋପ କରିଥିଲେ।



ଶହୀଦ ଦିବସ ଅବସରରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ରାଜଘାଟଠାରେ ମହାତ୍ମା ଗାନ୍ଧୀଙ୍କ ସମାଧିସ୍ଥଳରେ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି।

# ପୁଣି ମିଶାଇଲ ପରୀକ୍ଷା କଲା ଉତ୍ତର କୋରିଆ

**ସିଓଲ, ୩୦।୧**

ଉତ୍ତର କୋରିଆ ରବିବାର ୨୦୧୭ ପରଠାରୁ ଏହାର ସବୁଠୁ ଦୀର୍ଘତମ ରେଞ୍ଜ ବିଶିଷ୍ଟ ମିଶାଇଲ ଟେଷ୍ଟ କରିଛି। ସ୍ଥାନୀୟ ସମୟ ସକାଳ ୭ଟା ୫୨ରେ ଉତ୍ତର କୋରିଆର ପୂର୍ବ ତଟରେ ଏହି କ୍ଷେପଣାସ୍ତ୍ର ପରୀକ୍ଷଣ କରାଯାଇଥିଲା। ମାତ୍ର ୩୦ ମିନିଟରେ ଏହି ମିଶାଇଲ ୮ଶହ କିଲୋମିଟର ଯାଇ ଜାପାନ ସମୁଦ୍ରରେ ପଡ଼ିଥିବା ଜାପାନ ଏବଂ ଦକ୍ଷିଣ କୋରିଆ ସେନା ପକ୍ଷରୁ କୁହାଯାଇଛି। ଚଳିତ ମାସରେ ଏହା ଉତ୍ତର କୋରିଆର ୭ମ ମିଶାଇଲ ପରୀକ୍ଷଣ। ବାଲିଷ୍ଟିକ୍ ଏବଂ ପରମାଣୁ ଅସ୍ତ୍ର ପରୀକ୍ଷଣକୁ ରୋକିବା ପାଇଁ ଜାତିସଂଘ ଉତ୍ତର କୋରିଆ ଉପରେ କଟକଣା ଲଗାଇଛି। କିନ୍ତୁ ପୂର୍ବ ଏସିଆର ଏହି ଦେଶ ଅନେକଥର କଟକଣା ନ ମାନି କ୍ଷେପଣାସ୍ତ୍ର ପରୀକ୍ଷା କରିଚାଲିଛି। ଉତ୍ତର କୋରିଆର ନୂଆ ମିଶାଇଲ ଟେଷ୍ଟ ଦକ୍ଷିଣ କୋରିଆ, ଆମେରିକା ସମେତ ଜାପାନ ପାଇଁ ବିପଦ ସୃଷ୍ଟି କରିଛି। ଏହାକୁ ନେଇ ଦକ୍ଷିଣ କୋରିଆ ରାଷ୍ଟ୍ରପତି ମୁନ୍ ଜେ-ଇନ୍ ଜାତୀୟ ସୁରକ୍ଷା କାଉନ୍ସିଲର ଜରୁରିକାଳୀନ ବୈଠକ ଡାକିଛନ୍ତି। ଅନ୍ୟ ଉପରେ ଚାପ ସୃଷ୍ଟି କରିବା ଏବଂ ବିବାଦ ବଢ଼ାଇବା ଭଳି କାମ ଉତ୍ତର କୋରିଆ ବନ୍ଦ କରୁ ବୋଲି ମୁନ୍ କହିଛନ୍ତି।

# ନିର୍ବାଚନ ଲଢ଼ିବେ ଟ୍ରମ୍ପ୍

**ଓ୍ୱାଶିଂଟନ୍, ୩୦।୧**

ଜିତିଲେ କ୍ୟାପିଟୋଲ ଦଙ୍ଗା ଅଭିଯୁକ୍ତଙ୍କୁ କ୍ଷମା ଦେବେ



ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ୨୦୨୪ ନିର୍ବାଚନ ଲଢ଼ିପାରନ୍ତି ବୋଲି କହିଛନ୍ତି। ସେ କ୍ଷମତାକୁ ଆସିଲେ ୨୦୨୧ ଜାନୁୟାରୀ ୬ରେ ହୋଇଥିବା କ୍ୟାପିଟୋଲ ଦଙ୍ଗା ଅଭିଯୁକ୍ତଙ୍କୁ କ୍ଷମା କରିଦେବେ ବୋଲି ଶନିବାର ଟେକ୍ସାସ୍ଠାରେ ଆୟୋଜିତ 'ସେଭ୍ ଆମେରିକା' ମେଗା ରାଲିରେ ପ୍ରକାଶ କରିଛନ୍ତି। ଅନେକ ଲୋକ ତାଙ୍କୁ ଏ ବିଷୟରେ ପ୍ରଶ୍ନ କରୁଛନ୍ତି। ଯଦି ସେ ୨୦୨୪ ରାଷ୍ଟ୍ରପତି ନିର୍ବାଚନରେ ଭାଗ ନିଅନ୍ତି ଏବଂ ଏଥିରେ ବିଜୟ ହୁଅନ୍ତି ତେବେ ଦଙ୍ଗାରେ ସମ୍ପୃକ୍ତ ଲୋକଙ୍କ ସହ ଉଚିତ ବ୍ୟବହାର କରିବେ। ଆବଶ୍ୟକ ପଡ଼ିଲେ ସେମାନଙ୍କୁ କ୍ଷମା ଦେବେ ବୋଲି ୭୫ ବର୍ଷୀୟ ଟ୍ରମ୍ପ୍ କହିଛନ୍ତି। ସୂଚନାଯୋଗ୍ୟ, ୧୮୧୨ ଯୁଦ୍ଧ ପରେ ଗତ ବର୍ଷ ଜାନୁୟାରୀରେ ଆମେରିକା କଂଗ୍ରେସକୁ ଟାର୍ଗେଟ କରାଯାଇଥିଲା। ବର୍ତ୍ତମାନ ରାଷ୍ଟ୍ରପତି ଜୋ ବାଇଡେନ୍ଙ୍କଠାରୁ ଟ୍ରମ୍ପ୍ ହାରିବା ପରେ ବହୁ ସଂଖ୍ୟାରେ ଟ୍ରମ୍ପ ସମର୍ଥକ କ୍ୟାପିଟୋଲ ମଧ୍ୟକୁ ଧସେଇ ପଶି ହିଂସାକାଣ୍ଡ ଘଟାଇଥିଲେ। ଏଥିରେ ସିକ୍ୟୁରିଟି ଅଧିକାରୀ ଓ ଦଙ୍ଗାକାରୀଙ୍କ ସମେତ ୫ ଜଣଙ୍କ ମୃତ୍ୟୁ ଘଟିଥିଲା। ଶହେରୁ ଊର୍ଦ୍ଧ୍ୱ ପୋଲିସ ଆହତ ହୋଇଥିଲେ।

## ବୁଲ୍ଲି ବାଈ ଆପ୍ ମାମଲା

### ନୀରଜଙ୍କ ଜାମିନ ଆବେଦନ ଖାରଜ

**ନୂଆଦିଲ୍ଲୀ,୩୦।୧(ପି.ଟି.)**

ବୁଲ୍ଲି ବାଈ ଆପ୍ର ସ୍ରଷ୍ଟା ନୀରଜ ବିଷ୍ଣୋଇଙ୍କ ଜାମିନ ଆବେଦନକୁ ଦିଲ୍ଲୀର ଏକ ଅଦାଲତ ଖାରଜ କରିଦେଇଛନ୍ତି। ସେ କେବଳ ମହିଳାମାନଙ୍କ ବିରୋଧରେ ଅପରାଧ କରିନାହାନ୍ତି ସାମ୍ପ୍ରଦାୟିକ ସଦ୍ଭାବ ଭଙ୍ଗ କରିବା ଲାଗି ଉଦ୍ୟମ କରିଥିବା ଅଦାଲତ କହିଛନ୍ତି। ତାଙ୍କ ବିରୋଧରେ ଅଣାଯାଇଥିବା ଅଭିଯୋଗ ଅତ୍ୟନ୍ତ ଗମ୍ଭୀର ବୋଲି ଅତିରିକ୍ତ ସେସନ୍ସ ଜଜ୍ ଧର୍ମେନ୍ଦ୍ର ରାଣା କହିଛନ୍ତି। ବୁଲ୍ଲି ବାଈ ମୋବାଇଲ୍ ଆପ୍ଲିକେଶନରେ ମୁସଲମାନ ମହିଳାମାନଙ୍କ ଆପତ୍ତିଜନକ ଫଟୋ ପୋଷ୍ଟ କରାଯାଇ ସେଗୁଡ଼ିକୁ ନିଲାମ କରାଯିବା ଲାଗି ତାଲିକାଭୁକ୍ତ କରାଯାଇଥିଲା। ବର୍ଷେ ମଧ୍ୟରେ ଏହା ଦ୍ୱିତୀୟ ଘଟଣା। ଗତବର୍ଷ ବିବାଦ ସୃଷ୍ଟି କରିଥିବା 'ସୁଲ୍ଲି ଡିଲ୍ସ' ଆପ୍ର ଏହା କ୍ଲୋନ୍ ବୋଲି କୁହାଯାଉଛି। ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ବିଚାରପତି ଉପରୋକ୍ତ ରାୟ ଦେଇଛନ୍ତି।

# ଦୁର୍ନୀତିରୁ ମୁକ୍ତି ପାଇଁ ଆହ୍ୱାନ

**ନୂଆଦିଲ୍ଲୀ,୩୦।୧**

ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଚଳିତ ବର୍ଷର ପ୍ରଥମ ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ରେ ଦେଶବାସୀଙ୍କୁ ଉଦ୍ବୋଧନ ଦେବା ଅବସରରେ ଦୁର୍ନୀତିରୁ ଦୂରେଇ ରହିବାକୁ ପରାମର୍ଶ ଦେଇଛନ୍ତି। ଦୁର୍ନୀତି ଉଇ ଭଳି, ଯାହା ଦେଶକୁ ଫମ୍ପା କରିଦେଇଥାଏ। ଏଥିରୁ ଦେଶ ମୁକ୍ତ ହେବା ଜରୁରୀ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। କୋଭିଡ୍ର ନୂଆ ଲହର ବିରୋଧରେ ଭାରତ ସଫଳତାର ସହ ଲଢ଼େଇ କରୁଛି। ଲୋକଙ୍କ ବିଶ୍ୱାସ ଏବଂ ସ୍ୱଦେଶୀ ଟିକା ଆମର ବଡ଼ ଶକ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ବର୍ତ୍ତମାନ ସୁଦ୍ଧା ଦେଶର ୪.୫ କୋଟି ପିଲା କୋଭିଡ୍ ଟିକା ନେଇସାରିଲେଣି। ଅର୍ଥାତ୍ ୩ରୁ ୪ ସପ୍ତାହ ମଧ୍ୟରେ ୧୫ରୁ ୧୮ ବର୍ଷ ବୟସ ବର୍ଗର ପିଲାଙ୍କ ମଧ୍ୟରୁ ୬୦ ପ୍ରତିଶତ ଟିକା ନେବା ଏକ ବଡ଼ ସଫଳତା। ସେହିପରି ୨୦ ଦିନରେ ପ୍ରାୟ ୧ କୋଟି ଲୋକ ପ୍ରିକଶନ ଡୋଜ୍ ନେଇଛନ୍ତି। ସାବାଳକଙ୍କ ମଧ୍ୟରୁ ୭୫ ପ୍ରତିଶତ ଡବଲ ଡୋଜ୍ ଟିକା ନେଇସାରିଛନ୍ତି।

ମନ୍ କୀ ବାତ୍ରେ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ପରିବାର ସହ ଜାତୀୟ ଯୁଦ୍ଧ ସ୍ମାରକୀ ପରିଦର୍ଶନ କରିଯିବା ଲାଗି ଆହ୍ୱାନ ଦେଇଥିଲେ। ଇଣ୍ଡିଆ ଗେଟ୍ ନିକଟରେ ରହିଥିବା ଅମର ଯବାନ ଜ୍ୟୋତିକୁ ନ୍ୟାଶନାଲ ଓ୍ୱାର ମେମୋରିଆଲରେ ମିଶାଇ ଦିଆଯାଇଛି। ଏହା ଉପରେ ଶହୀଦଙ୍କ ପରିବାର ସଦସ୍ୟ ଓ ଅନ୍ୟ କେତେଜଣ ଦୁଃଖ ପ୍ରକାଶ କରିଥିଲେ। ଏହା ଏକ ଆବେଗଭରା ମୁହୂର୍ତ୍ତ ଥିଲା ବୋଲି ମୋଦି କହିଛନ୍ତି।

# ଭାଜପା ପ୍ରାର୍ଥୀ ତାଲିକାକୁ ନେଇ ତୁମୁଳକାଣ୍ଡ

**ଗୁଆହାଟୀ,୩୦।୧**

ମଣିପୁର ବିଧାନସଭା ନିର୍ବାଚନ ଲାଗି ଭାଜପା ଏହାର ପ୍ରାର୍ଥୀ ତାଲିକା ଘୋଷଣା କରିବା ପରେ ଦଳୀୟ କର୍ମୀ ତୁମୁଳକାଣ୍ଡ କରିଛନ୍ତି। ରବିବାର ଭାଜପା ସମର୍ଥକମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବୀରେନ ସିଂଙ୍କ କୁଶପୁତ୍ତଳିକା ଦାହ କରିବା ସହ ସେମାନଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ଦଳୀୟ କାର୍ଯ୍ୟାଳୟରେ ଭଙ୍ଗାରୁଜା କରାଯାଇଛି। ଅନେକ ସ୍ଥାନରେ ଦଳୀୟ କର୍ମୀ ଓ ସମର୍ଥକମାନେ ପ୍ଲାକାର୍ଡ ଧରି ବିକ୍ଷୋଭକୁ ଓହ୍ଲାଇବା ପରେ ଇମ୍ଫାଲସ୍ଥିତ ଭାଜପା ମୁଖ୍ୟ କାର୍ଯ୍ୟାଳୟରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି।

ଭାଜପା ମଣିପୁରର ସମସ୍ତ ୬୦ ଆସନରେ ନିର୍ବାଚନ ଲଢ଼ିବ ବୋଲି ରବିବାର ଘୋଷଣା କରିବା ସହ ପ୍ରାର୍ଥୀମାନଙ୍କ ତାଲିକା ପ୍ରକାଶ କରିଥିଲା। ସେଥିରେ ୧୦ ଜଣ ପୂର୍ବତନ କଂଗ୍ରେସ



ନେତାଙ୍କ ସମେତ ୧୬ ବିଧାୟକ ରହିଛନ୍ତି। ସେମାନେ ଟିକେଟ ପାଇବା ପାଇଁ କିଛିଦିନ ପୂର୍ବରୁ ଭାଜପାରେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ବୀରେନ ସିଂ ତାଙ୍କର ପାରମ୍ପରିକ ହେଇଙ୍ଗାଙ୍ଗ ଆସନରୁ ଲଢ଼ିବାକୁ ଥିବାବେଳେ ଅନ୍ୟତମ ପ୍ରଭାବଶାଳୀ ମନ୍ତ୍ରୀ ବିଶ୍ୱଜିତ ସିଂଙ୍କୁ ଥୋଙ୍ଗଜୁରୁ ପ୍ରାର୍ଥୀ କରାଯାଇଛି। ତେବେ ଅନ୍ୟ ଦଳରୁ ଆସିଥିବା ଏତେସଂଖ୍ୟକ ନେତାଙ୍କୁ ଭାଜପା

## ମଣିପୁରରେ ବିକ୍ଷୋଭ, ବହୁ ନେତାଙ୍କ ଇସ୍ତଫା

ଟିକେଟ ଦେବାରୁ ବହୁ ଦଳୀୟ ଆଶାୟୀ ପ୍ରାର୍ଥୀ ହେବାରୁ ବଞ୍ଚିତ ହୋଇଛନ୍ତି। ଏହାକୁ ନେଇ ଦଳ ଭିତରେ ଅସନ୍ତୋଷ ଚରମ ସୀମାରେ ପହଞ୍ଚିଛି। ଟିକେଟ ଆଶାୟୀ ଥିବା କେତେଜଣ ଭାଜପା ନେତା ଇସ୍ତଫା ଦେଇଛନ୍ତି। ଫଳରେ ନିର୍ବାଚନ ପୂର୍ବରୁ ଦଳକୁ ଶକ୍ତ ଝଟକା ଲାଗିଛି।

୨୦୧୭ ନିର୍ବାଚନରେ ଭାଜପା ୨୧ ଆସନରେ ବିଜୟୀ ହୋଇଥିଲେ ମଧ୍ୟ ଛୋଟ ଦଳ ଏବଂ ସ୍ୱାଧୀନ ବିଧାୟକମାନଙ୍କ ସମର୍ଥନରେ ସରକାର ଗଢ଼ିଥିଲା। ଭାଜପାର ୨୧ ବିଧାୟକଙ୍କ ମଧ୍ୟରୁ ୧୯ ଜଣଙ୍କୁ ଟିକେଟ ମିଳିଥିବାବେଳେ ୨ ଜଣଙ୍କୁ ବାଦ୍ ଦିଆଯାଇଛି। ୩ ଜଣ ମହିଳା ଏବଂ ଜଣେ ମୁସଲମାନ ପ୍ରାର୍ଥୀ ହୋଇଛନ୍ତି। ଭାଜପାରେ ଯୋଗଦେଇଥିବା ପୂର୍ବତନ ମଣିପୁର କଂଗ୍ରେସ ସଭାପତି ଗୋବିନ୍ଦାସ କୋନ୍ଥୁଜାମ୍ଙ୍କୁ ଟିକେଟ ମିଳିଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୩୧ ଜାନୁୟାରୀ, ୨୦୨୨



## ସଂକ୍ଷେପରେ

### ପଟ୍ଟାମୁଣ୍ଡାଇ ବ୍ଲକ ଛାତ୍ର ବିଜେଡି ସଭାପତି, ଉପସଭାପତି ନିଲମ୍ବିତ

**ପଟ୍ଟାମୁଣ୍ଡାଇ,୩୦ା୧(ସ୍ୱ.ପ୍ର.):** ପଟ୍ଟାମୁଣ୍ଡାଇ ବ୍ଲକ ଛାତ୍ର ବିଜେଡି ସଭାପତି ପ୍ରିୟବ୍ରତ ପରିଡା ଓ ଉପସଭାପତି ଟ୍ୱିଙ୍କଲ ପରିଡାଙ୍କୁ ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗରେ ନିଲମ୍ବନ କରାଯାଇଛି। ତାଙ୍କୁ ଜିଲା ଛାତ୍ର ବିଜେଡି ସଭାପତିଙ୍କ ନିର୍ଦ୍ଦେଶରେ ଉପସଭାପତି ସ୍ୱରୂପ ରାଉତରାୟ ନିଲମ୍ବନ କରିଛନ୍ତି। ଖଡିପାଳ ଗାଁରେ ଆବାସ ଯୋଜନା ଘର ନ ଥାଇ ମରାମତି ଟଙ୍କା ନେଉଥିବା ଅଭିଯୋଗ ସେମାନଙ୍କ ନାମରେ ଥିଲା।

### କ୍ରିକେଟ: ମା’ ଖରାଖାଇ ଟିମ୍ ଚାମ୍ପିୟନ



**ଆଳି,୩୦ା୧(ଡି.ଏନ.ଏ.):** ଆଳି ବ୍ଲକ ନିଆଳ ପଞ୍ଚାୟତ ଅନ୍ତର୍ଗତ ତେଲିପାଟଣା କ୍ରିକେଟ ଗ୍ରାଉଣ୍ଡରେ ଗୌରହରି ସାହୁ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଶେଷ ହୋଇଛି। ଫାଇନାଲ ଖେଳ ତେଲିପାଟଣା କ୍ରିକେଟ ଟିମ୍ ଓ ଲୋକାପଡା ମା’ ଖରାଖାଇ କ୍ରିକେଟ ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ମା’ ଖରାଖାଇ କ୍ରିକେଟ ଟିମ୍ ବ୍ୟାଟିଂ କରି ୧୦ ଓଭରରେ ୯ ଉଇକେଟ ହରାଇ ୮୯ ରନ ସଂଗ୍ରହ କରିଥିଲା। ଜବାବରେ ତେଲିପାଟଣା କ୍ରିକେଟ ଟିମ୍ ନିର୍ଦ୍ଧାରିତ ଓଭର ମଧ୍ୟରେ ମାତ୍ର ୫୪ ରନ ସଂଗ୍ରହ କରି ୭ ଉଇକେଟ ହରାଇ ମ୍ୟାଚ ହାରିଯାଇଥିଲା। ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଜେଡି ଯୁବ ନେତା ଭୀଷ୍ମ ମହାନ୍ତି, ସମ୍ମାନିତ ଅତିଥି ଭାବେ ଆଳି ଥାନା ଆଇଆଇସି ସଲିଲ କୁମାର ପ୍ରଧାନ ଓ ସାହିତ୍ୟିକ ବି .ଏମ୍. ସେନାପତି ଯୋଗଦେଇ ଖରାଖାଇ ଟିମ୍‌କୁ ଚାମ୍ପିୟନ ଟ୍ରଫି ଓ ତେଲିପାଟଣା ଟିମ୍‌କୁ ରନର୍ସ ଅପ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ମ୍ୟାନ ଅଫ ଦି ସିରିଜ ସତ୍ୟରଞ୍ଜନ ମଲିକ ଓ ମ୍ୟାନ ଅଫ ଦି ମ୍ୟାଚ ଭବାନୀ ଶଙ୍କର ଲାହାଙ୍କୁ ପୁରସ୍କୃତ କରାଯାଇଥିଲା।

### ଶହୀଦ ପୀଠରେ ଗାନ୍ଧିଜୀଙ୍କ ମହାପ୍ରୟାଣ ଦିବସ

**ରାଜକନିକା,୩୦ା୧(ଡି.ଏନ.ଏ.):** କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଅନ୍ତର୍ଗତ କଣ୍ଡିଆ ଶହୀଦ ପୀଠରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ ରବିବାର ଶହୀଦ ସ୍ମୃତି କମିଟିର ସଭାପତି ଶିବରାମ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଣ୍ଡିଆ ଫାଣ୍ଡି ସବ୍‌ଇନ୍‌ସ୍ପେକ୍ଟର ସୌମ୍ୟରଞ୍ଜନ ଜେଲି ମୁଖ୍ୟଅତିଥି ଭାବେ ଯୋଗଦେଇ କଣ୍ଡିଆ ଗାଁର ସଚ୍ଚିଦାନନ୍ଦ ମଲ୍ଲିକ କାର୍‌ଗିଲ ଯୁଦ୍ଧରେ ଶହୀଦ ହେବା ପୂର୍ବରୁ ପାକିସ୍ତାନର ୯ ଜଣ ଆତଙ୍କବାଦୀଙ୍କୁ ହତ୍ୟା କରି ଭାରତବର୍ଷରେ ଚହଳ ସୃଷ୍ଟି କରିଥିଲେ। ଏହି ଅବସରରେ ମହାତ୍ମା ଗାନ୍ଧୀଙ୍କ ପଞ୍ଚଶିଷ୍ୟ ଯାଗୁଲାଇପଡା ଗ୍ରାମର ରଘୁ ନାୟକ ନାଥୁରାମ ଗଡ୍‌ସେଙ୍କୁ ଗାନ୍ଧୀଙ୍କୁ ଗୁଳି କରିବା ପରେ କାବୁ କରି ସମଗ୍ର ଭାରତବର୍ଷରେ ବୀରତ୍ୱର ପରିଚୟ ଦେଇଯାଇଛନ୍ତି। ସେଥିପାଇଁ ଭାରତର ପ୍ରଥମ ରାଷ୍ଟ୍ରପତି ଡ. ରାଜେନ୍ଦ୍ର ପ୍ରସାଦ ତାଙ୍କ ବୀରତ୍ୱ ପାଇଁ ପୁରସ୍କୃତ କରିଥିଲେ। ଏଥିରେ କଣ୍ଡିଆ ଫାଣ୍ଡି ଅଧିକାରୀ ସୁବାସ ପ୍ରଧାନ, ଖରସ୍ରୋତା ପରିଷଦର ସଭାପତି ଲକ୍ଷ୍ମୀଧର ରାଉତ, ଖରସ୍ରୋତା ପତ୍ରିକାର ମୁଖ୍ୟ ସମ୍ପାଦକ ନିରଞ୍ଜନ ବେହେରା, ଗଦାଧର ବାରିକ, ପ୍ରମୁଖ ଗାନ୍ଧିଜୀଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ।

### କ୍ଲଷ୍ଟରସ୍ତରୀୟ ତାଲିମ ଶିବିର

**ରାଜକନିକା,୩୦ା୧(ଡି.ଏନ.ଏ.):** ରାଜକନିକା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଶନିବାର ବାଘବୁଦା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତ୍ରିଲୋଚନ ଦାସ ପୌରୋହିତ୍ୟ କରିଥିଲେ। ରାଜକନିକା ବ୍ଲକ ଶିକ୍ଷାଧିକାରୀ ସରୋଜକାନ୍ତ ବିହାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ କେନ୍ଦ୍ରାପଡ଼ା ଜିଲା ପ୍ରଶିକ୍ଷଣ ପ୍ରତିଷ୍ଠାନର ପ୍ରଶିକ୍ଷକ ଅସିମା ବେଉରିଆ, ସୁନୀତା ବେହେରା ପ୍ରମୁଖ ଶିକ୍ଷକମାନଙ୍କୁ ତାଲିମ ଦେଇଥିଲେ। ବିଆର୍‌ସିସି କୈଳାସ ଚନ୍ଦ୍ର ସାହୁ, ଏବିଇଓ ସୁନୀତା ଦାସ, ହୃଷୀକେଶ ରଥ, ମୀନକେତନ ନାୟକ, ସଞ୍ଜୟ କୁମାର ବଳ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଶିବିରରେ ରବି ମିଶ୍ର, ସୁରେଶ ପରିଡା, ଶାନ୍ତିଲତା ବେହେରା, ସିଆର୍‌ସିସି ବୀରେନ୍ଦ୍ର କୁମାର ରାଉତ ଓ ମହେନ୍ଦ୍ର କୁମାର ରାଉତ ପ୍ରମୁଖ ତାଲିମ ଦେଇଥିଲେ।

# ଦାଦନ ଶ୍ରମିକଙ୍କ ଉପରେ ପ୍ରାର୍ଥୀଙ୍କ ଆଖି

**ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ -୨୨**

- ଘରକୁ ଫେରିବା ପାଇଁ କରାଯାଉଛି ଟିକେଟ ବ୍ୟବସ୍ଥା
- ପ୍ରତିଶ୍ରୁତିରେ ରହିଛି ଲୋକସମ୍ବଳ ବିନିଯୋଗ

**କେନ୍ଦ୍ରାପଡ଼ା ଅଫିସ, ୩୦ା୧**

କେନ୍ଦ୍ରାପଡ଼ା ଜିଲାର ଦାଦନ ସମସ୍ୟାରେ ପୀଡିତ ଶ୍ରମିକଙ୍କ ଉପରେ ପଞ୍ଚାୟତ ନିର୍ବାଚନର ପ୍ରାର୍ଥୀଙ୍କ ଆଖି ପଡିଛି। ଏଥିପାଇଁ ପରିବାର ଓ ଦଳୀୟ କର୍ମୀଙ୍କ ସହାୟତାରେ ଘରକୁ ସେମାନଙ୍କୁ ଫେରିବା ପାଇଁ ଟିକେଟ ବ୍ୟବସ୍ଥା ହେଉଛି। ଏକ ବେସରକାରୀ ସଂସ୍ଥାର ଆକଳନ ଅନୁଯାୟୀ ଆଳି, ରାଜନଗର, ମହାକାଳପଡ଼ା ବିଧାନସଭା କ୍ଷେତ୍ରର ପ୍ରାୟ ୪୬ ପ୍ରତିଶତ ଯୁବତୀଯୁବକ କର୍ମ ଅନ୍ୱେଷଣରେ ଜିଲା ବାହାରେ ରହୁଛନ୍ତି। ପଞ୍ଚାୟତ ନିର୍ବାଚନରେ ସୀମିତ ଭୋଟ ଫଳ ପ୍ରାର୍ଥୀଙ୍କୁ ବିଜୟ ଦେଉଥିବାରୁ ଶ୍ରମିକଙ୍କ ଗୁରୁତ୍ୱ ଅଧିକ ରହିଛି। ଅପରପକ୍ଷରେ ଜିଲାର ଲୋକଙ୍କୁ କର୍ମନିଯୁକ୍ତି ମିଳିପାରୁ ନ ଥିବାରୁ କ୍ଷୋଭ ପ୍ରକାଶ ପାଇଛି।

ଏ ସମ୍ପର୍କରେ ସାମାଜିକ କର୍ମୀ ସୁନୀଲ କୁମାର ପଣ୍ଡା କହିଛନ୍ତି, ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ରାଜ୍ୟର ପ୍ରମୁଖ ୩ ରାଜନୈତିକ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ। ୨୦୨୪ ସାଧାରଣ ନିର୍ବାଚନକୁ ଚଳିତ ନିର୍ବାଚନର ପରିଣାମ ପ୍ରଭାବିତ କରିବ। ତୃଣମୂଳସ୍ତରର ନିର୍ବାଚନରେ ସୀମିତ ସଂଖ୍ୟକ ଭୋଟର ଥିବାରୁ ଦେଶବିଦେଶରେ ରହୁଥିବା ଶ୍ରମିକଙ୍କ କଥା ଏବେ ଦଳୀୟ ନେତାଙ୍କ ମନେପଡୁଛି। ଜିଲାର ୫୭ ହଜାରରୁ ଅଧିକ ଯୁବବର୍ଗ ଜିଲା କର୍ମ ନିଯୁକ୍ତି ସଂସ୍ଥାରେ ନାମ ପଞ୍ଜୀକରଣ କରି ନିଯୁକ୍ତି ଅପେକ୍ଷାରେ ଅଛନ୍ତି। ସେହିପରି ପ୍ରାୟ ୩ ଲକ୍ଷ ଶ୍ରମିକ କର୍ମ ନିଯୁକ୍ତି ପାଇ ଜିଲା ବାହାରେ ଅଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି। ବୁଦ୍ଧିଜୀବୀ ସନ୍ତୋଷ କୁମାର ପଣ୍ଡା କହିଛନ୍ତି, ପ୍ରତ୍ୟେକ ରାଜନୈତିକ ଦଳ ଏବେ ଶ୍ରମିକଙ୍କ ଦୁଃଖ ପାଇଁ ସମବେଦନା ଜଣାଉଥିବା ବେଳେ ଜିଲାରେ କର୍ମ ନିଯୁକ୍ତି ଏକ ବଡ଼ ସମସ୍ୟା ହୋଇଛି। ଜିଲାର ଅର୍ଥନୀତି କୃଷିଭିତ୍ତିକ। ତେବେ କ୍ଷେତକୁ ଜଳ ପରିଚାଳନା, ଶୀତଳଭଣ୍ଡାର, ତାଲିମ ବ୍ୟବସ୍ଥା, ଅର୍ଥକରୀ ଫସଲ ପାଇଁ ଭିତ୍ତିଭୂମି ଆଦି ନିମନ୍ତେ କୌଣସି ଯୋଜନା ନାହିଁ। ପ୍ରତି ନିର୍ବାଚନ ସମୟରେ ଶିଳ୍ପ ପ୍ରତିଷ୍ଠା, ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ପ୍ରତିଷ୍ଠା, ଯୁବବର୍ଗଙ୍କୁ ଶିଳ୍ପୋଦ୍ୟୋଗୀ ପାଇଁ ବ୍ୟବସ୍ଥା ପ୍ରତିଶ୍ରୁତି ମିଳୁଥିଲେ ମଧ୍ୟ କାର୍ଯ୍ୟକାରୀ ହେଉନାହିଁ। ଏପରିକି ସବୁ ଗ୍ରାମକୁ ରାସ୍ତା ନ ଥିବାରୁ ମୌଳିକ ସମସ୍ୟାର ସମାଧାନ ହୋଇପାରୁନାହିଁ। ଜିଲାର ବଡସଂଖ୍ୟକ ଯୁବବର୍ଗ କର୍ମ ନିଯୁକ୍ତି ପାଇଁ ଜିଲା ବାହାରକୁ ଯାଉଥିବାରୁ ସେ କ୍ଷୋଭ ପ୍ରକାଶ କରିଛନ୍ତି। ବିଜେଡିର ଯୁବନେତା ରାଜେଶ କୁମାର ପଣ୍ଡା କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ




ରାଜନଗର ବ୍ଲକର ଶ୍ରମିକମାନେ କେରଳରୁ ଆସିଥିବା ବସ୍‌ରେ ଯାଉଛନ୍ତି। (ଫାଇଲ ଫଟୋ)

ପଟ୍ଟନାୟକଙ୍କ ଶାସନ କାଳରେ କର୍ମ ନିଯୁକ୍ତିକୁ ଗୁରୁତ୍ୱ ଦେଇଛନ୍ତି। ଚାଷୀଙ୍କ ପାଇଁ କାଳିଆ ଓ ବଳରାମ ଯୋଜନାଠାରୁ ଆରମ୍ଭ କରି ମହିଳା ସଶକ୍ତୀକରଣ ପାଇଁ ନାମକୁମାତ୍ର ସୁଧରେ ଅନୁଦାନ ଯୋଗାଇ ଦିଆଯାଉଛି। କୃଷି କ୍ଷେତ୍ର ପରି ଯୁବ ଶିଳ୍ପୋଦ୍ୟୋଗୀଙ୍କ ପାଇଁ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥାରେ ଋଣଠାରୁ ଆରମ୍ଭ କରି କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରୋତ୍ସାହିତ କରାଯାଉଛି। ଏହାବ୍ୟତୀତ ଏହି ଶିଳ୍ପବିହୀନ ଜିଲାରେ ବୃହତ୍ ଶିଳ୍ପ ପ୍ରତିଷ୍ଠା ପାଇଁ ଆର୍ସେଲର ମିତ୍ତଲ ସହିତ ଏମ୍‌ଓୟୁ ହୋଇଛି। ସେହିପରି ପଟ୍ଟାମୁଣ୍ଡାଇ ପାଣିପାଇପ ମରାମତି ତାଲିମ କେନ୍ଦ୍ର ସହିତ ଯୁବବର୍ଗଙ୍କ ଦକ୍ଷତା ବୃଦ୍ଧି ପାଇଁ ତାଲିମ କେନ୍ଦ୍ର ନିର୍ମାଣ, କର୍ମନିଯୁକ୍ତି ମେଳା ଆଦି ଆୟୋଜନ ହେଉଛି। ଭାଜପାର ଯୁବ ନେତା ଦିଲୀପ କୁମାର ଦାଶ କୁହନ୍ତି, କେନ୍ଦ୍ର ସରକାରଙ୍କ କୃଷି ଓ ଶିଳ୍ପ ନୀତି ଅତ୍ୟନ୍ତ ସ୍ୱଚ୍ଛ। ଏଥିରେ ଥିବା ଯୋଜନା କାର୍ଯ୍ୟକାରୀ ହେଲେ କୌଣସି ଶ୍ରମିକ ଜିଲା ବାହାରକୁ ଯିବାର ଆବଶ୍ୟକତା ନାହିଁ। ତେବେ କେନ୍ଦ୍ରାପଡ଼ା ଜିଲାରେ କେନ୍ଦ୍ରୀୟ ଯୋଜନାକୁ ଆତ୍ମସାତ କରାଯାଉଥିବା ତୃଣମୂଳସ୍ତରର ଶ୍ରମିକ ବୁଝିଥିବା ସେ ପ୍ରକାଶ କରିଛନ୍ତି। କଂଗ୍ରେସର ଯୁବନେତା ସମ୍ବିତ ଶ୍ରୀଚନ୍ଦନ କହିଛନ୍ତି, ଶ୍ରମିକଙ୍କ କଲ୍ୟାଣ ପାଇଁ କଂଗ୍ରେସ ସର୍ବଦା ଚିନ୍ତା କରିଛି। ଓଡ଼ିଶାର ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସମୟରେ ହଜାରେ ଦିନରେ ହଜାର ଶିଳ୍ପ ପ୍ରତିଷ୍ଠାଠାରୁ ଆରମ୍ଭ କରି ଉପା ସରକାର ସମୟରେ ଏମ୍‌ଜିଏନ୍‌ଆରଇଜିଏସ୍ ପ୍ରଣୟନ ଶ୍ରମିକଙ୍କ ପାଇଁ ଆଶ୍ୱସ୍ତି ଆଣିଥିଲା। ତେବେ ଚଳିତ ସରକାରଙ୍କ ଅମଳରେ ଏହା ବାଟବଣା ହୋଇଛି। ଦାଦନ ସମସ୍ୟାର ମୂଳ କାରଣ ଖୋଜିଏହାର ନିରାକରଣ କେବଳ କଂଗ୍ରେସ ଦ୍ୱାରା ସମ୍ଭବ ବୋଲି ସେ ପ୍ରକାଶ କରିଛନ୍ତି।

## ଜୟନଗର ସରପଞ୍ଚ ପ୍ରାର୍ଥୀଙ୍କୁ ମରଣାନ୍ତକ ଆକ୍ରମଣ

**ରାଜକନିକା, ୩୦ା୧(ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ନେଇ ହିଂସା ଘଟିଛି। ବ୍ଲକର ଜୟନଗର ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ପ୍ରତାପ ରାଉତଙ୍କୁ ଶନିବାର ରାତି ୧୦ରେ ଦୁର୍ବୃତ୍ତମାନେ ମରଣାନ୍ତକ ଆକ୍ରମଣ କରିଥିବା ଜଣାପଡିଛି। ସେ ପ୍ରଚାର ସାରି ଘରକୁ ଫେରୁଥିବା ବେଳେ ତାଙ୍କୁ ଦୁର୍ବୃତ୍ତମାନେ ବ୍ଲେଡରେ ଆକ୍ରମଣ କରିଥିବା ଜଣାପଡିଛି। ତାଙ୍କ ଶରୀରର ଅନେକ ସ୍ଥାନରେ କ୍ଷତ ହୋଇଛି। ସେହି ବାଟ ଦେଇ ଯାଉଥିବା ଦୁଇ ଜଣ ଯୁବକ ତଙ୍କୁ ଉଦ୍ଧାର କରି ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାର୍ଥିପତ୍ର ପ୍ରତ୍ୟାହାର ପାଇଁ ତାଙ୍କୁ ଧମକ ଦିଆଯାଇଥିବା ବେଳେ ସେ ନ ଶୁଣିବାରୁ ଏହି ଆକ୍ରମଣ ହୋଇଥିବା ଜଣାପଡିଛି। ତେବେ ଅଚିହ୍ନା ଯୁବକ ତାଙ୍କୁ ଅଟକାଇ ମାଡ ମାରିଥିବା ଏତଲାରେ ଉଲ୍ଲେଖ ରହିଛି। ଥାନାରେ ଦଫା ୩୪୧, ୩୨୩, ୩୨୪, ୫୦୬ ଓ ୫୯୪ (ନଂ. ୩୧/୨୨)ରେ ମାମଲା ରୁଜୁ ହୋଇଛି। ପୋଲିସ ପକ୍ଷରୁ ଘଟଣାର ତଦନ୍ତ ଜାରି ରହିଛି।

## ଦୋଷିଆ ବିଜେଡି ସମର୍ଥିତ ପ୍ରାର୍ଥୀଙ୍କୁ ନେଇ ଦ୍ୱନ୍ଦ୍ୱ

**ପଟ୍ଟାମୁଣ୍ଡାଇ,୩୦ା୧(ସ୍ୱ.ପ୍ର.)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ପଟ୍ଟାମୁଣ୍ଡାଇ ବ୍ଲକ ଦୋଷିଆ ପଞ୍ଚାୟତରେ ବିଜେଡି ସମର୍ଥିତ ପ୍ରାର୍ଥୀଙ୍କୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଏହାକୁ ନେଇ ବ୍ଲକ ବିଜେଡି ସଭାପତି କିଶୋର ସାହୁ ମୁହଁ ଖୋଲିଛନ୍ତି। ବ୍ଲକ ସଭାପତି ସାହୁ ଏକ ପ୍ରେସ୍ ବିବୃତିରେ କହିଛନ୍ତି, ଦୋଷିଆ ସରପଞ୍ଚ ପଦବୀ ପାଇଁ ବିଜେଡି ସମର୍ଥିତ ପ୍ରାର୍ଥୀ ଭାବେ ସ୍ମୃତିରେଖା ସ୍ୱାଇଁ ଓ ସମିତିସଭ୍ୟା ପ୍ରାର୍ଥୀ ଭାବେ ନିର୍ମଳା ପ୍ରଧାନଙ୍କ ନାମ ଘୋଷଣା କରାଯାଇଛି। ମାତ୍ର ଗତ ବିଧାନସଭା ନିର୍ବାଚନ ସମୟରେ ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗରେ ଦଳରୁ ବହିଷ୍କୃତ ହୋଇଥିବା ସରପଞ୍ଚ ପ୍ରଭାତ ରଞ୍ଜନ ପ୍ରଧାନଙ୍କ ସ୍ତ୍ରୀ ଉର୍ବଶୀ ପ୍ରଧାନ ନିଜକୁ ବିଜେଡି ପ୍ରାର୍ଥୀ ଭାବେ ଉପସ୍ଥାପିତ କରିଛନ୍ତି। ଏହା ପଞ୍ଚାୟତର ବିଜେଡି କର୍ମୀଙ୍କୁ ମର୍ମାହତ କରିଛି। ବିରୋଧୀ କଂଗ୍ରେସ ଓ ଭାଜପା ସମର୍ଥନରେ ସରପଞ୍ଚ ପଦବୀ ପାଇଁ ଉର୍ବଶୀ ଲଢୁଛନ୍ତି। ପ୍ରଭାତ ବିଜେଡିରେ ନାହାନ୍ତି ବୋଲି ସଭାପତି ସାହୁ ସ୍ପଷ୍ଟ କରିଛନ୍ତି। ଏ ସମ୍ପର୍କରେ ସରପଞ୍ଚ ପାର୍ଥିନୀ ଉର୍ବଶୀଙ୍କୁ ପଚାରିବାରେ ମୁଁ ଖୋଲାବହି ଚିହ୍ନରେ ନିର୍ବାଚନ ଲଢୁଛି। ପଞ୍ଚାୟତର ଭୋଟରମାନଙ୍କ ଉପରେ ମୋର ଭରସା ଓ ବିଶ୍ୱାସ ଅଛି। ନିଶ୍ଚୟ ବିଜୟୀ ହେବି ବୋଲି ସେ କହିଛନ୍ତି।

## ହଠାତ୍ ରାସ୍ତା ନିର୍ମାଣକୁ ବିରୋଧ



କେନାଲ ବନ୍ଧ ତେଲିସାହି ରାସ୍ତା କାମ ଚାଲିଛି।

**ରଘୁନାଥପୁର,୩୦ା୧(ଡି.ଏନ୍.ଏ.)**

ନିର୍ବାଚନ ଆଚରଣବିଧି ଲାଗୁ ସତ୍ତ୍ୱେ ରଘୁନାଥପୁର ବ୍ଲକ ଟିକିଣିଆ ପଞ୍ଚାୟତରେ ରାସ୍ତା କାର୍ଯ୍ୟ ଚାଲିଛି। ଶନିବାର ବିନା ସୂଚନା ଫଳକରେ ଟିକିଣିଆ ୯ ନଂ. କେନାଲ ବନ୍ଧ ତେଲିସାହି ରାସ୍ତାକୁ ଜେସିବି ଦ୍ୱାରା ଖୋଳାଯାଇଛି। ଦୀର୍ଘବର୍ଷ ଧରି ପଡି ରହିଥିବା ରାସ୍ତାର ନିର୍ମାଣ କାର୍ଯ୍ୟ ହଠାତ୍ କାହିଁକି ଆରମ୍ଭ ହୋଇଛି ସେନେଇ ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି। ରାସ୍ତାଟି ଖୋଳା ହେବା ଦ୍ୱାରା ଗ୍ରାମବାସୀ ଯାତାୟାତ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅପରପକ୍ଷେ ରାସ୍ତା କାର୍ଯ୍ୟ ଆରମ୍ଭ ସମ୍ପର୍କରେ ବ୍ଲକ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅମିୟଚାନ୍ଦ ମଲ୍ଲିକ କିଛି ଜାଣିନାହାନ୍ତି ବୋଲି କହିଛନ୍ତି। ସେହିପରି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ ଦାସଙ୍କ ନାମରେ କାର୍ଯ୍ୟାଦେଶ ଥିଲେ ସୁଦ୍ଧା ସେ ମଧ୍ୟ କାର୍ଯ୍ୟ ଆରମ୍ଭ ସମ୍ପର୍କରେ ଅବଗତ ନାହାନ୍ତି ବୋଲି କହିଛନ୍ତି। ତେବେ ୩ ମାସ ତଳୁ ବ୍ଲକ ଓ ପଞ୍ଚାୟତ ଫଣ୍ଡରେ କାର୍ଯ୍ୟାଦେଶ ଦିଆହୋଇଛି ବୋଲି ଯନ୍ତ୍ରୀ ଜ୍ୟୋତ୍ସ୍ନାମୟୀ ଦେବତା କହିଛନ୍ତି। ସେତେବେଳେ ଏହି କାର୍ଯ୍ୟ କରା ନ ଯାଇ ନିର୍ବାଚନ ସମୟରେ ରାସ୍ତା କାର୍ଯ୍ୟକୁ ଲୋକେ ବିରୋଧ କରିଛନ୍ତି। ନିର୍ବାଚନ କମିଶନ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହୋଇଛି।

## ୨ ପୂର୍ବତନ ସରପଞ୍ଚ ବିଜେଡିରୁ ନିଲମ୍ବିତ

**ତିର୍ତ୍ତୋଲ, ୩୦ା୧ (ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକର ୨ ଜଣ ପୂର୍ବତନ ସରପଞ୍ଚଙ୍କୁ ରବିବାର ବିଜେଡିର ପ୍ରାଥମିକ ସଦସ୍ୟତାରୁ ନିଲମ୍ବନ କରାଯାଇଛି। ଦଳ ବିରୋଧୀ କାର୍ଯ୍ୟ ପାଇଁ ବିଧାୟକ ବିଜୟ ଶଙ୍କର ଦାସଙ୍କ ନିର୍ଦ୍ଦେଶରେ ସେମାନଙ୍କୁ ନିଲମ୍ବନ କରାଯାଇଛି ବୋଲି ତିର୍ତ୍ତୋଲ ବ୍ଲକ ସଭାପତି ଗଙ୍ଗାଧର ବିଶ୍ୱାଳ କହିଛନ୍ତି। ସେମାନେ ହେଲେ ତେନ୍ତୁଳିପଦାର ପୂର୍ବତନ ସରପଞ୍ଚ ତଥା ଚଳିତ ନିର୍ବାଚନର ପ୍ରାର୍ଥୀ ଲକ୍ଷ୍ମୀପ୍ରିୟା ବେହେରା ଓ ମୁଳିସିଂ ପଞ୍ଚାୟତର ବିଜେଡି ସଭାପତି ତଥା ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ଦାସ। ଚଳିତ ନିର୍ବାଚନରେ ଦାସ ଏହି ପଞ୍ଚାୟତରେ ସରପଞ୍ଚ ପଦରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଦଳୀୟ ନିର୍ଦ୍ଦେଶ ଅବମାନନା କରି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବାରୁ ସେମାନଙ୍କୁ ନିଲମ୍ବିତ କରାଯାଇଛି। ଏ ସମ୍ପର୍କରେ ବେହେରା କହିଛନ୍ତି, ତାଙ୍କୁ ପ୍ରାର୍ଥୀ ହେବାକୁ ବାରଣ କରାଯାଇଥିଲା। ମାତ୍ର ସେ ପ୍ରାର୍ଥୀ ହେବାରୁ ଆକ୍ରୋଶମୂଳକ ମନୋଭାବ ରଖି ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସେହିପରି ଦାସ କହିଛନ୍ତି, ଦଳରୁ ନିଲମ୍ବନ ହୋଇଥିବାରୁ ଏବେ ସେ ବିନା ନିୟନ୍ତ୍ରଣରେ ସ୍ୱଚ୍ଛନ୍ଦରେ ନିର୍ବାଚନ ଭଲରେ ଲଢ଼ି ପାରିବେ।

## ଗାନ୍ଧୀ ପଢ଼ିଆରେ ଗାନ୍ଧିଜୀଙ୍କ ଶ୍ରାଦ୍ଧୋତ୍ସବ

**ଡେରାବିଶ ୩୦ା୧(ସ୍ୱ.ପ୍ର.)**

ଡେରାବିଶ ବ୍ଲକ ବାରିମୂଳସ୍ଥିତ ଗାନ୍ଧୀ ପଢ଼ିଆଠାରେ ମହାତ୍ମା ଗାନ୍ଧୀଙ୍କ ଶ୍ରାଦ୍ଧୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ବାରିମୂଳସ୍ଥିତ ମହାତ୍ମା ଗାନ୍ଧୀ ଫାଉଣ୍ଡେଶନ୍‌ର ଆବାହକ ଆଇନଜୀବୀ ପ୍ରତାପ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଓ ଶିକ୍ଷାବିତ୍ ପ୍ରଣବ କିଶୋର ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା ଯୋଗଦେଇଥିଲେ। ଅତିଥି ଭାବେ ପ୍ରାକ୍ତନ ବିଧାୟକ ଉତ୍କଳ କେଶରୀ ପରିଡ଼ା, ଶିକ୍ଷକ ପର୍ଶୁରାମ ସ୍ୱାଇଁ, ସମ୍ମାନିତ ଅତିଥି ମୁରଲୀଧର ବିଶ୍ୱାଳ ପ୍ରମୁଖ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କର ‘ଦର୍ଶନ ସତ୍ୟ ଓ ଅହଂସା’କୁ ସମଗ୍ର ବିଶ୍ୱ ଗ୍ରହଣ କରିଛି ବୋଲି କହିଥିଲେ। ସଭା ପ୍ରାରମ୍ଭରେ ଅତିଥିମାନେ ଗାନ୍ଧୀ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଚରଖା ପତାକା ଉତ୍ତୋଳନ କରିଥିଲେ। ବାରିମୂଳ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ବାରିମୂଳ ଗ୍ରାମବାସୀ ସହଯୋଗ କରିଥିଲେ।



ମହାତ୍ମା ଗାନ୍ଧୀଙ୍କ ଶ୍ରାଦ୍ଧୋତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

## ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ବିରିଡ଼ି,୩୦ା୧(ଡି.ଏନ.ଏ.)**

ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସରେ ବିରିଡି ବ୍ଲକ ଅଡଙ୍ଗଗଡ ପଞ୍ଚାୟତ ଛକ ନିକଟରେ ରବିବାର ତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ଅଡଙ୍ଗଗଡ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ଗିରିଶ ଚନ୍ଦ୍ର ପାତ୍ର ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ଏହି ଅବସରରେ ପ୍ରଥମେ ନୀରବ ପ୍ରାର୍ଥନା କରାଯାଇ ହୋମ ଯଜ୍ଞ, ଗୀତାପାଠ କରାଯାଇଥିଲା। ଏଥିରେ ଜଗତସିଂହପୁର ଜିଲା ବରିଷ୍ଠ ନାଗରିକ ମହାମଞ୍ଚର ଡ. ରଘୁନାଥ ଜେନା, ପ୍ରେମାନନ୍ଦ ପଢିଆରୀ, ହୃଦାନନ୍ଦ ଜେନା ଓ ନିକୁଞ୍ଜ କିଶୋର ବେହେରା ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଡଙ୍ଗମଞ୍ଚର ପଦ୍ମଲାଭ ଭୋଇ, ରବୀନ୍ଦ୍ରନାଥ ଜେନା, ରମେଶ ଚନ୍ଦ୍ର ମହାନ୍ତି, ସୁବାସ ଚନ୍ଦ୍ର ଜେନାମଣି, ପ୍ରଶାନ୍ତ ମିଶ୍ର ଓ ପ୍ରଫୁଲ୍ଲ ଦାସ ପ୍ରମୁଖ ଉପସ୍ଥିତ ଥିଲେ।




ଅଡଙ୍ଗଗଡ଼ ପଞ୍ଚାୟତ ଛକଠାରେ ଅତିଥିମାନେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରୁଛନ୍ତି।

## ବିଜେଡିର ମିଶ୍ରଣ ପର୍ବ

**ରାଜନଗର, ୩୦ା୧(ଡି.ଏନ.ଏ.)**

ରାଜନଗର ବ୍ଲକ କୁରୁଣ୍ଟି ପଞ୍ଚାୟତର ପ୍ରଭାତ କୁମାର ପ୍ରଧାନ ରବିବାର ବିଜେଡିରେ ଯୋଗ ଦେଇଛନ୍ତି। ପ୍ରଭାତ ପୂର୍ବରୁ ଏହି ପଞ୍ଚାୟତର ନାଏବ ସରପଞ୍ଚ ଥିଲେ। ସେ କଂଗ୍ରେସର ଆଗଧାଡିର ଯୁବନେତା ଥିଲେ। ରାଜନଗର ବିଧାୟକ ଧ୍ରୁବ ସାହୁ ଉତ୍ତରୀୟ ଦେଇ ସ୍ୱାଗତ କରିଛନ୍ତି। ଶିକ୍ଷାବିତ୍ ନିରଞ୍ଜନ ଶତପଥୀ ଓ ପ୍ରାଧ୍ୟାପକ ରମେଶ ବିଶ୍ୱାଳ ଉପସ୍ଥିତ ଥିଲେ।

## ଗାନ୍ଧୀଙ୍କ ତିରୋଧାନ ଦିବସ

**ରାଜନଗର, ୩୦ା୧(ଡି.ଏନ.ଏ.)**

ରାଜନଗର ବ୍ଲକ ବାରଗାଁସ୍ଥିତ ମା’ମାଟିଆମଙ୍ଗଳା ପାଠାଗାର ଆନୁକୂଲ୍ୟରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ରବିବାର ପାଳିତ ହୋଇଯାଇଛି। ବ୍ରାହ୍ମଣ ମହାସଂଘର ସଭାପତି ପଣ୍ଡିତ ସନ୍ତୋଷ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଅବସରପ୍ରାପ୍ତ ଶିକ୍ଷକ ପରମେଶ୍ୱର ନାୟକ ଯୋଗଦେଇ ଗାନ୍ଧିଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଧାନ ଶିକ୍ଷକ ସମୀରଣ ମଣ୍ଡଳ, ସମ୍ମାନିତ ଅତିଥି ଭାବେ ସିଆର୍‌ସିସି ସଞ୍ଜୟ ସେଠୀ, ଶିକ୍ଷାବିତ୍ ଗୋକୁଳ ଦାସ ପ୍ରମୁଖ ଯୋଗଦେଇ ଗାନ୍ଧୀ ଅହିଂସାର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ବୋଲି ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାଠାଗାରର ଉପଦେଷ୍ଟା ମାନସ ମିଶ୍ର, କବି ବାସୁଦେବ ରାଉତ, ରଙ୍ଗାଧର ଜେନା, ହେମନ୍ତ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ପାଠାଗାରର ସମ୍ପାଦକ ସୁଶ୍ରୀକାନ୍ତ ପରିଡା ସମ୍ପାଦକୀୟ ବିବରଣୀ ପାଠ କରିବା ସହିତ କୋଷାଧ୍ୟକ୍ଷ ଉମେଶ ରାଉତରାୟ ଧନ୍ୟବାଦ ଦେଇଥିଲେ।

# ପୁରୁଣା, ନୂଆମୁହଁକୁ ନେଇ ଲଢ଼େଇ

**ଜଗତ୍‌ସିଂହପୁର ଜିଲା ପରିଷଦ ୪ନଂ. ଜୋନ**

- ଓଡ଼ିଶୋ ପଞ୍ଚାୟତରେ କଡ଼ା ଟକ୍କର
- ବଳରାମପୁର, ମୁଦୁପୁର ଉପରେ ପ୍ରତ୍ୟେକଙ୍କ ନଜର

**ଜଗତ୍‌ସିଂହପୁର ଅଫିସ, ୩୦ା୧**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଜଗତ୍‌ସିଂହପୁର ୪ନଂ. ଜୋନ ସଭ୍ୟ ପଦ ଅଣସଂରକ୍ଷିତ ରହିଛି। ଗତ ନିର୍ବାଚନରେ ଏହି ଜୋନଟି ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ସଂରକ୍ଷିତ ଥିଲା। ଚଳିତ ଥର ଏହି ଆସନ ପାଇଁ ବିଜେଡି ଓ କଂଗ୍ରେସ ପ୍ରାର୍ଥୀ ପୂର୍ବରୁ ରାଜନୀତି ସହ ସମ୍ପୃକ୍ତ ଥିବା ବେଳେ ଭାଜପା ପକ୍ଷରୁ ନୂଆ ମୁହଁ ଦିଆଯାଇଛି। ପ୍ରାର୍ଥୀମାନେ ଜୋରଦାର ପ୍ରଚାର ଚଳାଇଥିବାବେଳେ ଜୋନରେ ତ୍ରିମୁଖୀ ଲଢେଇ ହେବ ବୋଲି ସାଧାରଣରେ ଆଲୋଚନା ହେଉଛି। ଜଗତ୍‌ସିଂହପୁର ୪ ନଂ.ଜିଲା ପରିଷଦ ଜୋନ ଓଡ଼ିଶୋ, କାଦୁଆପଡ଼ା, ବଳରାମପୁର, ପିତେଇପୁର, ମୁଦୁପୁର ଓ ଅଳସୁଧାକୁ ନେଇ ଗଠିତ। ଜୋନରୁ ବିଜେଡି ପ୍ରାର୍ଥୀ ଭାବେ ବିବେକାନନ୍ଦ ବେହେରା, କଂଗ୍ରେସରୁ ନାରାୟଣ ନାୟକ, ଭାଜପାରୁ ଲିଙ୍ଗରାଜ ଲେଙ୍କା ଓ ବିଏସ୍‌ପିରୁ ପରିନା ବିବି ପ୍ରାର୍ଥୀ ହୋଇଛନ୍ତି। ତେବେ ବିଜେଡି, କଂଗ୍ରେସ ଓ ଭାଜପା ମଧ୍ୟରେ ଏଠାରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ କହିଛନ୍ତି। ଗତ ନିର୍ବାଚନରେ ଏହି ଜୋନରୁ କଂଗ୍ରେସ ପ୍ରାର୍ଥୀ ଜାନକୀ ପ୍ରଧାନଙ୍କୁ ପରାସ୍ତ କରି ବିଜେଡିର ବିଳାସିନୀ ଦେବୀ ସଭ୍ୟ ହୋଇଥିଲେ। ଏଥର ମଧ୍ୟ ଅନୁରୂପ ଫଳ ବିଜେଡି ପ୍ରାର୍ଥୀ ବେହେରା ଆଶା କରିଛନ୍ତି। ଏ ସମ୍ପର୍କରେ ବେହେରା କହିଛନ୍ତି, ୨୦୧୨ରୁ ୧୭ ମଧ୍ୟରେ ତାଙ୍କ ସ୍ତ୍ରୀ ଏହି ଜୋନରୁ ଜିଲା ପରିଷଦ ସଭ୍ୟଭାବେ ନିର୍ବାଚିତ ହୋଇଥିଲେ। ସେ ପୂର୍ବରୁ ସଙ୍ଗଠନ ସହ ଜଡ଼ିତ ରହିଛନ୍ତି। ଏହା ତାଙ୍କ ସପକ୍ଷରେ ଅଧିକ ଭୋଟ ଜୁଟାଇବାରେ ସହାୟକ ହେବ ବୋଲି ସେ ଆଶା କରୁଛନ୍ତି। ଭାଜପା ପ୍ରାର୍ଥୀ ଲେଙ୍କା କହିଛନ୍ତି, ଲୋକେ ପରିବର୍ତ୍ତନ ଚାହୁଁଛନ୍ତି। କାରଣ ଅନେକ ଲୋକ ବିଜେଡି ପ୍ରାର୍ଥୀଙ୍କୁ ଭୋଟ ଦେଇ ପରବର୍ତ୍ତୀ ସମୟରେ ଅସହଯୋଗ ପାଇଛନ୍ତି। ପ୍ରତି ପଞ୍ଚାୟତରେ ବିଜେଡି ସମର୍ଥିତ ଏକାଧିକ ସରପଞ୍ଚ, ସମିତି ସଭ୍ୟ ପ୍ରାର୍ଥୀ ଥିବାରୁ କନ୍ଦଳ ଚାଲିଛି। ଅସନ୍ତୁଷ୍ଟ ପ୍ରାର୍ଥୀମାନେ ସ୍ୱତଃ ଭାବେ ତାଙ୍କୁ ସ୍ୱାଗତ କରୁଛନ୍ତି, ଯାହାକି ନିଆରା ପରିବେଶ ସୃଷ୍ଟି କରିଛି। କାଦୁଆପଡ଼ା, ମୁଦୁପୁର, ପିତେଇପୁର ପଞ୍ଚାୟତରେ ମଧ୍ୟ ଦଳ ଭଲ ପ୍ରଦର୍ଶନ କରିବ ବୋଲି ଲେଙ୍କା କହିଛନ୍ତି। କଂଗ୍ରେସ ପକ୍ଷରୁ କୁହାଯାଇଛି ପ୍ରାର୍ଥୀ ନାୟକ ଗତ ନିର୍ବାଚନରେ ବଳରାମପୁର ପଞ୍ଚାୟତ ସରପଞ୍ଚ ପ୍ରାର୍ଥୀ ଥିଲେ। ମାତ୍ର ୧୨୧ ଖଣ୍ଡ ଭୋଟ ବ୍ୟବଧାନରେ ହାରି ଯାଇଥିଲେ। ସେ ଜଣେ ସାମାଜିକକର୍ମୀ, ଶିକ୍ଷାବିତ୍ ସାଙ୍ଗକୁ ଭଲ ସଙ୍ଗଠକ ଭାବେ ଜଣାଶୁଣା। ତେଣୁ ତାଙ୍କ ସପକ୍ଷରେ ଜନମତ ଆସିବ। ଏ ସମ୍ପର୍କରେ ନାୟକ କହିଛନ୍ତି, ସେ ପିତେଇପୁର, ଅଳସୁଧା ଓ ମୁଦୁପୁର ପଞ୍ଚାୟତର ପ୍ରତି ଘରେ ପହଞ୍ଚି ଭୋଟ ଭିକ୍ଷା କରିଛନ୍ତି। ଏହି ସମୟରେ ଆଶାତୀତ ସମର୍ଥନ ମିଳିଛି ବୋଲି ସେ କହିଛନ୍ତି।

# ଓଡ଼ିଶା ସରକାର

# ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## ଅଧିସୂଚନା

ତାରିଖ ......................../ଢେଙ୍କାନାଳ

**SBTJ No. 421** **Dt: 27.09.2021**

No. II-11: ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଢେଙ୍କାନାଳ ଜିଲ୍ଲାର ଶାଳଗାଁ-ବୁଢାପଙ୍କ-ତାଳଚେର-ଜରପଡା ତୃତୀୟ ଓ ଚତୁର୍ଥ ରେଳ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ଜିଲ୍ଲାର ବଳରାମପ୍ରସାଦ ମୌଜାରେ ନିମ୍ନ ସୂଚୀତ ତଫସିଲ ମତେ ପ୍ରାୟ ୧୦.୦୬୦ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR & R Act. 2013) ର ଧାରା ୧୧(୧) ରେ ଭାରାପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚିରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ଏହି ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR & R Act. 2013) ର ଧାରା ୧୧(୧) ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ ବିଷୟରେ କୌଣସି ଆପତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ଢେଙ୍କାନାଳ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ - ଶାଳଗାଁ ବୁଢାପଙ୍କ ତାଳଚେର ଜରପଡା ତୃତୀୟ ଓ ଚତୁର୍ଥ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ –ମୁଖ୍ୟ ଯନ୍ତ୍ରୀ, ପୂର୍ବତଟ ରେଳପଥ, ଭୁବନେଶ୍ୱର ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ ଧାରା ୮(୨) ମୁତାବକ ପ୍ରକାଶିତ ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ-ଜିଲ୍ଲାପାଳ, ଢେଙ୍କାନାଳ ।
୬. ଜମିର ବିବରଣୀ ।

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଂଚଳ / ସହରାଂଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଢେଙ୍କାନାଳ | ଓଡାପଡା | ବଳରାମପ୍ରସାଦ | ଗ୍ରାମାଂଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ୧୦.୦୬୦ | ଏଥି ସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ........................... ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।
ଉକ୍ତ ଜମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ରେଳପଥ ପ୍ରକଳ୍ପ ଢେଙ୍କାନାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଢେଙ୍କାନାଳ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇ ପାରିବ ନାହିଁ ।
ରାଜ୍ୟପାଳଙ୍କ ଆଦେଶକ୍ରମେ

ଶ୍ରୀ ସରୋଜ କୁମାର ସେଠୀ
ଜିଲ୍ଲାପାଳ, ଢେଙ୍କାନାଳ

## ଅଧିସୂଚିତ ଭୂମି ଅନୁସୂଚୀ

### ମୌଜା – ବଳରାମପ୍ରସାଦ (ଗ୍ରାମାଂଚଳ) ଥାନା – ମୋଟଙ୍ଗା, ଥାନା ନଂ – ୫୦, ତହସିଲ – ଓଡାପଡା, ଜିଲ୍ଲା – ଢେଙ୍କାନାଳ, ଶାଳଗାଁ ବୁଢାପଙ୍କ ତାଳଚେରଠାରୁ ଜରପଡା ତୃତୀୟ ଓ ଚତୁର୍ଥ ରେଳ ପ୍ରକଳ୍ପ ନିର୍ମାଣ ନିମନ୍ତେ ।

| ଖାତା ନଂ | ସ୍ୱତ୍ୱ | ପ୍ଲଟ ନଂ | କିସମ | ମୋଟ ରକବା | ଅଧିଗ୍ରହଣ ରକବା | ରୟତଙ୍କ ନାମ |
|---|---|---|---|---|---|---|
| ୨୭୯ | ରୟତି | ୩୨୫୪ | ଶାରଦ ତିନି | ୦.୦୨୦ | ୦.୦୨୦ | ବିମଳା ମହାରଣା ପି: ଯୋଗୀ ମହାରଣା, ସାନ୍ତା ମହାରଣା ସ୍ୱା: ଯୋଗୀ ମହାରଣା, ଜା: ବଢ଼େଇ, ବା: ନିଜିଗାଁ, ପଡା: ଗୋଡିଡିହ |
| ୭୯୮ | ରୟତି | ୩୨୫୫ | ଶାରଦ ତିନି | ୦.୦୬୦ | ୦.୦୨୦ | ରୁଣୀ ସାହୁ ପି: ପୁନିଆ ସାହୁ, ଜା: ତେଲି, ବା: ନିଜିଗାଁ, ପଡା: ଗୋଡିଡିହ |
| ୧୪୯ | ରୟତି | ୩୨୫୬ | ଶାରଦ ତିନି | ୦.୧୭୦ | ୦.୦୩୦ | ଗତିକୃଷ୍ଣ ମହାରଣା ପି: କାଳନ୍ଦି ମହାରଣା, ଜା: ବଢ଼େଇ, ବା: ନିଜିଗାଁ, ପଡା: ଗୋଡିଡିହ |
| ୭୯୮ | ରୟତି | ୩୨୬୦ | ଶାରଦ ତିନି | ୦.୦୬୦ | ୦.୦୪୦ | ରୁଣୀ ସାହୁ ପି: ପୁନିଆ ସାହୁ, ଜା: ତେଲି, ବା: ନିଜିଗାଁ, ପଡା: ଗୋଡିଡିହ |
| ୯୪୧ | ରୟତି | ୩୨୬୧ | ଶାରଦ ତିନି | ୦.୦୧୦ | ୦.୦୧୦ | ସୁମତୀ ସାହୁ ପି: ଆନନ୍ଦ ସାହୁ, ଚିନି ସାହୁ, ସ୍ୱା: ଆନନ୍ଦ ସାହୁ, ପରମା ସାହୁ, ନିଳମଣୀ ସାହୁ, ପି: ଦଣ୍ଡି ସାହୁ, ଜା: ତେଲି, ବା: ନିଜିଗାଁ, ପଡା: ଗୋଡିଡିହ |
| ୭୧୪ | ରୟତି | ୩୨୬୩ | ଶାରଦ ତିନି | ୦.୦୨୦ | ୦.୦୧୦ | ମହୁର ମହାରଣା, ହରି ମହାରଣା, ନିଳମଣି ମହାରଣା ପି: ଅଧିକାରୀ ମହାରଣା, ଜା: ବଢ଼େଇ, ବା: ନିଜଗାଁ, ପଡା: ଗୋଡିଡିହ, ହେମ ମହାରଣା ପି: ଅଧିକାରୀ ମହାରଣା, ଜା: ବଢ଼େଇ, ବା: ଆମ୍ବଲିଣ୍ଡିଆ, ଥାନା: ରାସୋଳ, ଭାଲୁ ମହାରଣା ସ୍ୱା: ଅଧିକାରୀ ମହାରଣା, ମକୁନ୍ଦ ମହାରଣା, ନହିଆ ମହାରଣା ପି: ଭଜନ ମହାରଣା, ଜା: ବଢ଼େଇ, ବା: ନିଜିଗାଁ, ପଡା: ଗୋଡିଡିହ |
| ୭୧୪ | ରୟତି | ୩୨୬୪ | ଶାରଦ ତିନି | ୦.୦୩୦ | ୦.୦୧୦ | |
| ୯୪୧ | ରୟତି | ୩୨୬୬/୭୬୨୯ | ଘରବାରି ଦୁଇ | ୦.୦୨୦ | ୦.୦୧୦ | ସୁମତୀ ସାହୁ ପି: ଆନନ୍ଦ ସାହୁ, ଚିନି ସାହୁ ସ୍ୱା: ଆନନ୍ଦ ସାହୁ, ପରମା ସାହୁ, ନିଳମଣି ସାହୁ, ପି: ଦଣ୍ଡ ସାହୁ, ଜା: ତେଲି, ବା: ନିଜଗାଁ, ପଡା: ଗୋଡିଡିହ |
| ୫୦୫ | ରୟତି | ୩୨୬୮ | ଶାରଦ ତିନି | ୦.୦୯୦ | ୦.୦୩୦ | ପିତବାସ ମହାରଣା ପି: ବାଇଧର ମହାରଣା, ଡମୁଣି ମହାରଣା, ପି: ନଟ ମହାରଣା, ସ୍ୱା: ନଟ ମହାରଣା, ଭୋଳେଶ୍ୱର ମହାରଣା, ଭାଗୀରଥି ମହାରଣା ପି: ଗଦେଇ ମହାରଣା, ଜା: ବଢ଼େଇ, ବା: ନିଜିଗାଁ, ପଡା: ଗୋଡିଡିହ |
| ୫୦୫ | ରୟତି | ୩୨୬୯ | ଶାରଦ ତିନି | ୦.୦୮୦ | ୦.୦୨୦ | |
| ୫୦୫ | ରୟତି | ୩୨୭୦ | ଶାରଦ ତିନି | ୦.୦୮୦ | ୦.୦୧୦ | |
| ୯୪୧ | ରୟତି | ୩୦୦୫ | ଶାରଦ ଦୁଇ | ୦.୧୫୦ | ୦.୦୨୦ | ସୁମତୀ ସାହୁ ପି: ଆନନ୍ଦ ସାହୁ, ଚିନି ସାହୁ ସ୍ୱା: ଆନନ୍ଦ ସାହୁ, ପରମା ସାହୁ, ନିଳମଣି ସାହୁ ପି: ଦଣ୍ଡ ସାହୁ, ଜା: ତେଲି, ବା: ନିଜଗାଁ, ପଡା: ଗୋଡିଡିହ |
| ୯୮୮/୮୭୦ | ରୟତି | ୨୯୯୭ | ଶାରଦ ଦୁଇ | ୦.୦୫୦ | ୦.୦୫୦ | ନକୁଳ ବେହେରା ପି: ଭୀମ ବେହେରା, ଜା: ଗୋପାଳ, ବା: ନିଜିଗାଁ |
| ୯୮୮/୯୨୨ | ରୟତି | ୨୯୯୬ | ଶାରଦ ଦୁଇ | ୦.୦୭୦ | ୦.୦୫୦ | ପଂଚାନନ ସାହୁ ପି: କାଶିନାଥ ସାହୁ, ଜା: ତେଲି, ବା: ନିଜିଗାଁ |
| ୯୬୯ | ରୟତି | ୨୯୮୫ | ଶାରଦ ଦୁଇ | ୦.୦୪୦ | ୦.୦୪୦ | ହାଡିବନ୍ଧୁ ମହାରଣା ପି: ମାଗୁଣି ମହାରଣା, ହୃଦାନନ୍ଦ ମହାରଣା, ପି: ଭ୍ରମର ମହାରଣା, ଜା: ବଢ଼େଇ, ବା: ନିଜିଗାଁ, ପଡା: ଗୋଡିଡିହ |
| ୬୨ | ରୟତି | ୨୯୮୪/୭୨୨୬ | ଶାରଦ ଦୁଇ | ୦.୦୬୦ | ୦.୦୪୦ | ଉଛବ ମହାରଣା, ରୁଷି ମହାରଣା, ପଂଚାନନ୍ଦ ମହାରଣା, ନିତ୍ୟାନନ୍ଦ ମହାରଣା, ଶତ୍ରୁଘନ ମହାରଣା, ଅଖିଳ ମହାରଣା ପି: ମଦନ ମହାରଣା, ମନମୋହନ ମହାରଣା, ନାରାୟଣ ମହାରଣା, ଗୁଲୁରୀ ମହାରଣା ପି: ଜଗନ୍ନାଥ ମହାରଣା, ଜା: ବଢ଼େଇ, ବା: ନିଜିଗାଁ, ପ୍ରମିଳା ମହାରଣା ପି: ଜଗନ୍ନାଥ ମହାରଣା, ଜା: ବଢ଼େଇ, ବା: କାଳିଆ ହୋତା, ସୁରେଖା ମହାରଣା ପି: ଜଗନ୍ନାଥ ମହାରଣା, ନିହଲି ମହାରଣା ସ୍ୱା: ଜଗନ୍ନାଥ ମହାରଣା, ଜା: ବଢ଼େଇ, ବା: ନିଜିଗାଁ, ପଡା: ପତଳା |
| ୨୪୦ | ରୟତି | ୨୪୪୧/୨୮୯୪ | ଶାରଦ ଦୁଇ | ୦.୧୦୦ | ୦.୦୮୦ | ଜମ୍ୱେଶ୍ୱର ମହାରଣା, ମଗୁଲୁ ମହାରଣା ପି: ସନାତନ ମହାରଣା, ଜା: ବଢ଼େଇ, ବା: ନିଜିଗାଁ, ପଡା: ଗୋଡିଡିହ |
| ୯୪୧ | ରୟତି | ୨୯୭୯/୭୪୯୯ | ଶାରଦ ଦୁଇ | ୦.୦୫୦ | ୦.୦୫୦ | ସୁମତୀ ସାହୁ ପି: ଆନନ୍ଦ ସାହୁ, ଚିନି ସାହୁ ସ୍ୱା: ଆନନ୍ଦ ସାହୁ, ପରମା ସାହୁ, ନିଳମଣି ସାହୁ ପି: ଦଣ୍ଡି ସାହୁ, ଜା: ତେଲି, ବା: ନିଜଗାଁ, ପଡା: ଗୋଡିଡିହ |
| ୯୧୭ | ରୟତି | ୨୯୭୯ | ଶାରଦ ଦୁଇ | ୧.୩୨୦ | ୦.୪୫୦ | ଶ୍ରୀନିବାସ ସାହୁ, ମନମୋହନ ସାହୁ, ବଦନୀ ସାହୁ, ସଜନୀ ସାହୁ, କୋତରୀ ସାହୁ, ଚତୁରୀ ସାହୁ ପି: ଭାଗବତ ସାହୁ, ଜେମା ସାହୁ ସ୍ୱା: ଭାଗବତ ସାହୁ, ପୁରସ୍ତମ ସାହୁ ପି: ଗଙ୍ଗାଧର, ଜା: ତେଲି, ବା: ନିଜିଗାଁ, ବା: ନିଜଗାଁ, ପଡା: ଗୋଡିଡିହ |
| ୧୩୬ | ରୟତି | ୨୯୬୯ | ଶାରଦ ଦୁଇ | ୦.୦୩୦ | ୦.୦୩୦ | ଖଣ୍ଡିଆ ବେହେରା, ଦଣ୍ଡିଆ ବେହେରା ପି: ବାଂଛା ବେହେରା, ଜା: କେଉଟ, ବା: ନିଜଗାଁ, ପଡା: ଗୋଡିଡିହ, ଜବର ଦଖଲ ବା; ଭାଗବତ ସାହୁ, ପି: ଗଙ୍ଗା ସାହୁ, ଜା: ତେଲି, ବା: ନିଜିଗାଁ, ପଡା: ଗୋଡିଡିହ |
| ୯୮୮/୪୨୬ | ରୟତି | ୨୯୬୭ | ଶାରଦ ଦୁଇ | ୦.୦୨୦ | ୦.୦୨୦ | ମହେଶ୍ୱର ନାଏକ ପି: ଲକ୍ଷ୍ମଣ ନାଏକ, ଜା: ପାଣ, ବା: ନିଜିଗାଁ |
| ୩୪୧ | ରୟତି | ୨୯୬୮ | ଶାରଦ ଦୁଇ | ୦.୦୨୦ | ୦.୦୨୦ | ଦୁଃଖି ସାହୁ ପି: ନାରଣ ସାହୁ, ଇଶ୍ୱର ସାହୁ ପି: ଚିନ୍ତାମଣି ସାହୁ, ଜା: ଗୁଡିଆ, ବା: ନିଜିଗାଁ, ପଡା: ଗୋଡିଡିହ |
| ୨୪୦ | ରୟତି | ୨୯୬୬ | ଶାରଦ ଦୁଇ | ୦.୦୬୦ | ୦.୦୪୦ | ଜମ୍ୱେଶ୍ୱର ମହାରଣା, ମଗୁଲୁ ମହାରଣା ପି: ସନାତନ ମହାରଣା, ଜା: ବଢ଼େଇ, ବା: ନିଜିଗାଁ, ପଡା: ଗୋଡିଡିହ |
| ୯୧୭ | ରୟତି | ୨୯୬୫ | ଶାରଦ ଦୁଇ | ୦.୦୬୦ | ୦.୦୨୦ | ଶ୍ରୀନିବାସ ସାହୁ, ମନମୋହନ ସାହୁ, ବଦନୀ ସାହୁ, ସଜନୀ ସାହୁ, କୋତରୀ ସାହୁ, ଚତୁରୀ ସାହୁ ପି: ଭାଗବତ ସାହୁ, ଜେମା ସାହୁ ସ୍ୱା: ଭାଗବତ ସାହୁ, ପୁରସ୍ତମ ସାହୁ ପି: ଗଙ୍ଗାଧର ସାହୁ, ଜା: ତେଲି, ବା: ନିଜିଗାଁ, ପଡା: ଗୋଡିଡିହ |
| ୭୧୦ | ରୟତି | ୨୯୬୫/୭୫୦୩ | ଶାରଦ ଦୁଇ | ୦.୦୭୦ | ୦.୦୧୦ | ମହୁର ସାହୁ, ହରମୋହନ ସାହୁ ପି: ବାଜି ସାହୁ, ଜା: ତେଲି, ବା: ନିଜିଗାଁ ସାମିଲି ନିଜିଗାଁ |
| ୯୮୮/୩୮୪ | ରୟତି | ୨୯୫୯ | ଶାରଦ ଦୁଇ | ୦.୫୨୦ | ୦.୫୨୦ | ମୁରଲିଧର ମହାରଣା, ମଧୁସୂଦନ ମହାରଣା, ମଦନ ମହାରଣା ପି: ଗୋବର୍ଦ୍ଧନ ମହାରଣା, ଶୁକ ଓଝା ପି: ନବିନ ମହାରଣା, ଜୟ ମହାରଣା ପି: ନକଫୋଡି ମହାରଣା, ବୈଷ୍ଣବ ମହାରଣା ପି: ଫକିର ମହାରଣା, ଟଙ୍କଧର ମହାରଣା ପି: ନିଳାଦ୍ରୀ ମହାରଣା, କୁବେର ମହାରଣା, ଗୌରାଙ୍ଗ ମହାରଣା ପି: ଆନନ୍ଦ ମହାରଣା, ପିତବାସ ମହାରଣା, ପି: ବାଇଧର ମହାରଣା, ବା; ଭୋଳେଶ୍ୱର ମହାରଣା, ଭାଗୀରଥି ମହାରଣା ପି: ଗଦେଇ ମହାରଣା, ଜା: ବଢ଼େଇ, ବା: ବଳରାମପ୍ରସାଦ, ପଡା: ଗୋଡିଡିହ, ଥା: ମଟଙ୍ଗା |
| ୬୪୭ | ରୟତି | ୨୯୫୮ | ଶାରଦ ଦୁଇ | ୦.୧୩୦ | ୦.୧୩୦ | ଭାଇଗ ସାହୁ ପି: ବାଂଛା ସାହୁ, ଜା: ଗୁଡିଆ, ବା: ନିଜିଗାଁ, ପଡା: ଗୋଡିଡିହ |
| ୫୦୪ | ରୟତି | ୨୯୫୮/୮୦୧୪ | ଶାରଦ ଦୁଇ | ୦.୧୨୦ | ୦.୧୨୦ | ପିତବାସ ମହାରଣା ପି: ବାଇଧର ମହାରଣା, ଜା: ବଢ଼େଇ, ବା: ନିଜିଗାଁ, ପଡା: ଗୋଡିଡିହ |
| ୭୫୪ | ରୟତି | ୨୯୬୦ | ଶାରଦ ଦୁଇ | ୦.୧୭୦ | ୦.୦୯୦ | ମୁରଲିଧର ସାହୁ ପି: କାଶିନାଥ ସାହୁ, ଜା: ତେଲି, ବା: ନିଜିଗାଁ |
| ୭୫୫ | ରୟତି | ୨୯୬୧ | ଶାରଦ ଦୁଇ | ୦.୧୯୦ | ୦.୦୮୦ | ମୁରଲିଧର ସାହୁ, ବିଦ୍ୟାଧର ସାହୁ, ଦୟାନିଧି ସାହୁ, ପଂଚାନନ ସାହୁ ପି: କାଶିନାଥ ସାହୁ, ଜା: ତେଲି, ବା: ନିଜିଗାଁ |
| ୨୪୦ | ରୟତି | ୨୯୫୭ | ଶାରଦ ଦୁଇ | ୦.୩୦୦ | ୦.୧୯୦ | ଜମ୍ୱେଶ୍ୱର ମହାରଣା, ମଗୁଲୁ ମହାରଣା ପି: ସନାତନ ମହାରଣା, ଜା: ବଢ଼େଇ, ବା: ନିଜିଗାଁ, ପଡା: ଗୋଡିଡିହ |
| ୯୮୮/୨୫୫ | ରୟତି | ୨୭୦୦ | ଶାରଦ ଦୁଇ | ୦.୯୭୦ | ୦.୧୨୦ | ଶରତଚନ୍ଦ୍ର ସାହୁ ପି: ସତ୍ୟବାଦି ସାହୁ, ଜା: ଗୁଡିଆ, ବା: ନିଜିଗାଁ, ପଡା: ପତଳା |
| ୨୧୫ | ରୟତି | ୨୬୯୯ | ଶାରଦ ତିନି | ୦.୨୫୦ | ୦.୨୫୦ | ଛଇଳ ରାଉତ ପି: ଯୋଗୀ ରାଉତ, କହ୍ନେଇ ରାଉତ, କୈଳାସ ରାଉତ, ଅନେଇ ରାଉତ, ପଂଚୁ ରାଉତ, ପାଣ୍ଡିଆ ରାଉତ ପି: ହରି ରାଉତ, ଜା: ଖଣ୍ଡାୟତ, ବା: ନିଜିଗାଁ: ପଡା: ପତଳା, ନାବଣ୍ୟ ରାଉତ ପି: ହରି ରାଉତ, ଜା: ଖଣ୍ଡାୟତ, ବା: ମାହାଦିଆ, ନିହଲି ବେହେରା ପି: ହରି ରାଉତ, ଜା: ଖଣ୍ଡାୟତ, ବା: ଏକଘରିଆ, ରାଣିଆ ରାଉତ ସ୍ୱା: ହରି ରାଉତ, ଜା:ଖଣ୍ଡାୟତ, ବା: ନିଜିଗାଁ, ସୁମତି ରାଉତ, ପି: ବୁଧିଆ ରାଉତ, ଜା: ଖଣ୍ଡାୟତ, ବା: ଏକଘରିଆ |
| ୨୦୩ | ରୟତି | ୨୬୯୯/୭୪୨୭ | ଶାରଦ ତିନି | ୦.୦୩୦ | ୦.୦୩୦ | ଚଣ୍ଡାଳି ଜେନା ପି: ଡମା ଜେନା, ଗୋଲେଖ ଜେନା ପି: ଟିଙ୍କ ଜେନା, ପାନ ଜେନା ସ୍ୱା: ଟିଙ୍କ ଜେନା, ଜା: କ୍ଷତ୍ରିୟ, ବା: ନିଜିଗାଁ |
| ୨୭୫ | ରୟତି | ୨୬୯୮ | ଶାରଦ ତିନି | ୦.୩୩୦ | ୦.୩୧୦ | ଖଗୁଡୁ ସାହୁ, ଭଗବାନ ସାହୁ, ଦୁଃଖବନ୍ଧୁ ସାହୁ, ରେବ ସାହୁ ପି: ଗଙ୍ଗାଧର ସାହୁ, ଭାସ୍କର ସାହୁ, ଦେଇନ ସାହୁ, କୁନ୍ତ ସାହୁ, ଲବଣ୍ୟ ସାହୁ ପି: ରାଜୀବ ସାହୁ, ଜା: ତେଲି, ବା: ନିଜଗାଁ, ପଡା: ଗୋଡିଡିହ |
| ୧୨୪ | ରୟତି | ୨୯୯୫/୭୧୪୪ | ଶାରଦ ଦୁଇ | ୦.୧୦୦ | ୦.୦୬୦ | କୌଶଲ୍ୟା ରାଉତ, ବିଜୁଳି ରାଉତ, ଗଣ୍ଡେଇ ରାଉତ, କଇରି ରାଉତ, ଡେଙ୍ଗେଇ ରାଉତ ପି: ଧନେଶ୍ୱର ରାଉତ, ଅଖାରୀ ରାଉତ ସ୍ୱା: ଧନେଶ୍ୱର ରାଉତ, ଶଙ୍କର ରାଉତ ପି: ଚିନ୍ତାମଣି ରାଉତ, ରୋହିତ ରାଉତ, ପଦ୍ମଚରଣ ରାଉତ, ଅକ୍ଷୟ ରାଉତ, ଅଦୈତ ରାଉତ, ଅଞ୍ଜଳି ରାଉତ ପି: ନଟବର ରାଉତ, ଜିରା ରାଉତ ସ୍ୱା: ନଟବର ରାଉତ, ସୁଧିର ରାଉତ, କୋକିଳ ରାଉତ, ପି: ଲିଙ୍ଗରାଜ ରାଉତ, ପୁନି ରାଉତ ସ୍ୱା: ଲିଙ୍ଗରାଜ ରାଉତ, ଜା: ଖଣ୍ଡାୟତ, ବା: ନିଜିଗାଁ, ପଡା: ପତଳା |
| ୫୭୭ | ରୟତି | ୨୬୯୭ | ଶାରଦ ତିନି | ୦.୦୬୦ | ୦.୦୬୦ | ବାଉରିବନ୍ଧୁ ସ୍ୱାଇଁ ପି: ସତ୍ୟବାଦି ସ୍ୱାଇଁ, ଜା: ଖଣ୍ଡାୟତ, ବା: ନାଧରା |
| ୧୨୪ | ରୟତି | ୨୬୯୫ | ଶାରଦ ଦୁଇ | ୦.୩୦୦ | ୦.୦୩୦ | କୌଶଲ୍ୟା ରାଉତ, ବିଜୁଳି ରାଉତ, ଗଣ୍ଡେଇ ରାଉତ, କଇରି ରାଉତ, ଡେଙ୍ଗେଇ ରାଉତ ପି: ଧନେଶ୍ୱର ରାଉତ, ଅଖାରୀ ରାଉତ ସ୍ୱା: ଧନେଶ୍ୱର ରାଉତ, ଶଙ୍କର ରାଉତ ପି: ଚିନ୍ତାମଣି ରାଉତ, ରୋହିତ ରାଉତ, ପଦ୍ମଚରଣ ରାଉତ, ଅକ୍ଷୟ ରାଉତ, ଅଦୈତ ରାଉତ, ଅଞ୍ଜଳି ରାଉତ ପି: ନଟବର ରାଉତ, ଜିରା ରାଉତ ସ୍ୱା: ନଟବର ରାଉତ, ସୁଧିର ରାଉତ, କୋକିଳ ରାଉତ, ପି: ଲିଙ୍ଗରାଜ ରାଉତ, ପୁନି ରାଉତ ସ୍ୱା: ଲିଙ୍ଗରାଜ ରାଉତ, ଜା: ଖଣ୍ଡାୟତ, ବା: ନିଜିଗାଁ, ପଡା: ପତଳା |
| ୬୨ | ରୟତି | ୨୬୯୬ | ଶାରଦ ତିନି | ୦.୧୩୦ | ୦.୧୩୦ | ଉଛବ ମହାରଣା, ରୁଷି ମହାରଣା, ପଂଚାନନ୍ଦ ମହାରଣା, ନିତ୍ୟାନନ୍ଦ ମହାରଣା, ଶତ୍ରୁଘନ ମହାରଣା, ଅଖିଳ ମହାରଣା ପି: ମଦନ ମହାରଣା, ମନମୋହନ ମହାରଣା, ନାରାୟଣ ମହାରଣା, ଗୁଲୁରୀ ମହାରଣା ପି: ଜଗନ୍ନାଥ ମହାରଣା, ଜା: ବଢ଼େଇ, ବା: ନିଜିଗାଁ, ପ୍ରମିଳା ମହାରଣା ପି: ଜଗନ୍ନାଥ ମହାରଣା, ଜା: ବଢ଼େଇ, ବା: କାଳିଆ ହୋତା, ସୁରେଖା ମହାରଣା ପି: ଜଗନ୍ନାଥ ମହାରଣା, ନିହଲି ମହାରଣା ସ୍ୱା: ଜଗନ୍ନାଥ ମହାରଣା, ଜା: ବଢ଼େଇ, ବା: ନିଜିଗାଁ, ପଡା: ପତଳା |
| ୫୭୧ | ରୟତି | ୨୬୯୦ | ଶାରଦ ଦୁଇ | ୦.୩୫୦ | ୦.୨୩୦ | ବ୍ରଜବନ୍ଧୁ ଧିର, ଗଙ୍ଗାଧର ଧିର, ହୃଷିକେଶ ଧିର ପି: ହୃଷିକେଶ ଧିର, ରବିନ୍ଦ୍ର ଧିର, ଛବିନ୍ଦ୍ର ଧିର, ଦେବ ଧିର, ଗୋଲାପ ଧିର ପି: ନନ୍ଦକିଶୋର ଧିର, ହେମ ଧିର ସ୍ୱା: ନନ୍ଦ କିଶୋର ଧିର, ଜା: କ୍ଷତ୍ରିୟ, ବା: ନିଜଗାଁ |
| ୪୬୬ | ରୟତି | ୨୬୮୯ | ଶାରଦ ଦୁଇ | ୦.୦୮୦ | ୦.୦୮୦ | ପ୍ରମୋଦ କୁମାର ମହାନ୍ତି, ପ୍ରଶନ୍ନ କୁମାର ମହାନ୍ତି ପି: ରାମଚନ୍ଦ୍ର ମହାନ୍ତି, ଜାନକୀ ମହାନ୍ତି ସ୍ୱା: ରାମଚନ୍ଦ୍ର ମହାନ୍ତି, ଦାମୋଦର ମହାନ୍ତି, ଶ୍ରୀନିବାସ ମହାନ୍ତି, ଜମ୍ୱେଶ୍ୱର ମହାନ୍ତି, ବିରକିଶୋର ମହାନ୍ତି, ତରା ମହାନ୍ତି ପି: ମହାଦେବ ମହାନ୍ତି, ଜା: ଖଣ୍ଡାୟତ, ବା: ନାଧରା |
| ୮୭୦ | ରୟତି | ୨୬୮୮ | ଶାରଦ ଦୁଇ | ୦.୨୮୦ | ୦.୨୮୦ | ସଦାନନ୍ଦ ସ୍ୱାଇଁ ପି: କାଳିଆ ସ୍ୱାଇଁ, ଜା: ଖଣ୍ଡାୟତ, ବା: ନାଧରା |
| ୪୬୬ | ରୟତି | ୨୬୮୫ | ଶାରଦ ଦୁଇ | ୦.୪୯୦ | ୦.୦୭୦ | ପ୍ରମୋଦ କୁମାର ମହାନ୍ତି, ପ୍ରଶନ୍ନ କୁମାର ମହାନ୍ତି ପି: ରାମଚନ୍ଦ୍ର ମହାନ୍ତି, ଜାନକୀ ମହାନ୍ତି ସ୍ୱା: ରାମଚନ୍ଦ୍ର ମହାନ୍ତି, ଦାମୋଦର ମହାନ୍ତି, ଶ୍ରୀନିବାସ ମହାନ୍ତି, ଜମ୍ୱେଶ୍ୱର ମହାନ୍ତି, ବିରକିଶୋର ମହାନ୍ତି, ତରା ମହାନ୍ତି ପି: ମହାଦେବ ମହାନ୍ତି, ଜା: ଖଣ୍ଡାୟତ, ବା: ନାଧରା |
| ୮୭୦ | ରୟତି | ୨୬୮୭ | ଶାରଦ ଦୁଇ | ୦.୨୭୦ | ୦.୦୨୦ | ସଦାନନ୍ଦ ସ୍ୱାଇଁ ପି: କାଳିଆ ସ୍ୱାଇଁ, ଜା: ଖଣ୍ଡାୟତ, ବା: ନାଧରା |
| ୧୩୦ | ରୟତି | ୨୬୩୦ | ଶାରଦ ତିନି | ୦.୧୦୦ | ୦.୧୦୦ | ଖଗେଶ୍ୱର ଭୂୟାଁ ପି: ନନ୍ଦ ଭୂୟାଁ, ଜା: ଖଣ୍ଡାୟତ, ବା: ନାଧରା |
| ୯୨ | ରୟତି | ୨୬୩୧ | ଶାରଦ ଏକ | ୦.୨୦୦ | ୦.୦୯୦ | କୁବେର ମହାରଣା, ଗୌରାଙ୍ଗ ମହାରଣା ପି: ଆନନ୍ଦ ମହାରଣା, ଜା: ବଢ଼େଇ, ବା: ନିଜଗାଁ, ପଡା: ଗୋଡିଡିହ |
| ୩୯୬ | ରୟତି | ୨୬୨୯ | ଶାରଦ ତିନି/୭ | ୧.୩୬୦ | ୦.୫୫୦ | ନବକିଶୋର ଜେନା, ଦେବରାଜ ଜେନା ପି: ରଘୁନାଥ ଜେନା, କାଂଚନ ଜେନା ସ୍ୱା: ରଘୁନାଥ ଜେନା, ଜା: କ୍ଷତ୍ରିୟ, ବା: ନିଜିଗାଁ |
| ୬୨୧ | ରୟତି | ୨୬୦୮ | ଶାରଦ ତିନି | ୦.୪୨୦ | ୦.୨୩୦ | ବୁଦ୍ଧିମନ୍ତ ପୃଷ୍ଟି ପି: ନାରାୟଣ ପୃଷ୍ଟି, ଜା: ଖଣ୍ଡାୟତ, ବା: ନାଧରା |
| ୬୨୧ | ରୟତି | ୨୬୦୮ | ଶାରଦ ତିନି | ୦.୧୮୦ | ୦.୧୪୦ | |
| ୧୦୮ | ରୟତି | ୩୭୨୧ | ଶାରଦ ଦୁଇ | ୦.୪୮୦ | ୦.୧୭୦ | କୁଳମଣି ସାହୁ ପି: ରତ୍ନାକର ସାହୁ, ଜା: ଗୁଡିଆ, ବା: ଅର୍ତସାନ୍ତରାକାଟେଣୀ, ଗୁଆ ସାହୁ ପି: ରତ୍ନାକର ସାହୁ, ଜା: ଗୁଡିଆ, ବା: ବିଡୋ, ଦାଶରଥି ସାହୁ, ଭାସ୍କର ସାହୁ, ପଙ୍କଜ ସାହୁ ପି: ମଗୁଲୁ ସାହୁ, ଜା: ଗୁଡିଆ, ବା: ହଳଦିଆବାହାଳ, ଚକ୍ରଧର ସାହୁ, ଭଗିରଥି ସାହୁ, ସନାତନ ସାହୁ ପି: ଅଧିକାରୀ ସାହୁ, ଜା: ଗୁଡିଆ, ବା: ଆର୍ତସାନ୍ତରାକାଟେଣୀ, ଗୁଣ୍ଡି ସାହୁ, ଖଟୁଆ ହତା, ଖଇର ସାହୁ ପି: ଅଧିକାରୀ ସାହୁ, ଜା: ଗୁଡିଆ, ବା: ରାସୋଲ, କନ୍ଧ ସାହୁ ପି: ଅଧିକାରୀ ସାହୁ, ଜା: ଗୁଡିଆ, ବା: ଢେଙ୍କାନାଳ ଟାଉନ, ଲତା ସାହୁ, ପି: ଅଧିକାରୀ ସାହୁ, ଜା: ଗୁଡିଆ, ବା: ବଉଳପୁର, ପାରେଇ ପାତ୍ର ପି: ଅଧିକାରୀ ସାହୁ, ଜା: ଗୁଡିଆ, ବା: ଗୁଣଦେଇ, ଅମ୍ବୁ ସାହୁ ପି: ଅଧିକାରୀ ସାହୁ, ଜମୁନା ସାହୁ ସ୍ୱା: ଅଧିକାରୀ ସାହୁ, ଜା: ଗୁଡିଆ, ବା: ଆର୍ତସାନ୍ତରାକାଟେଣୀ |
| ୨୧୧ | ରୟତି | ୩୭୨୩ | ଶାରଦ ଦୁଇ | ୦.୦୮୦ | ୦.୦୮୦ | ଚୈତନ୍ୟ ଦାସ, ଦୁର୍ଯ୍ୟୋଧନ ଦାସ ପି: ବୁଦ୍ଧିଆ ଦାସ, ଜା: ଗୋପାଳ, ବା: ନାଧରା |
| ୯୮୮/୨୬୮ | ରୟତି | ୩୭୨୨ | ଶାରଦ ଦୁଇ | ୦.୩୩୦ | ୦.୦୪୦ | ବୈଦ୍ୟନାଥ ସାହୁ, ଗନ୍ଧର୍ବ ସାହୁ ପି: ଗୁରୁବାରି ସାହୁ, ଜା: ଗୁଡିଆ, ବା: ଆର୍ତସାନ୍ତରାକାଟେଣୀ |
| ୪୨୮ | ରୟତି | ୩୭୨୬ | ଶାରଦ ଦୁଇ | ୦.୨୦୦ | ୦.୦୨୦ | ନିଳମଣି ସାହୁ ପି: ଦଣ୍ଡି ସାହୁ, ଜା: ତେଲି, ବା: ନିଜିଗାଁ, ପଡା: ଗୋଡିଡିହ |
| ୧୩୦ | ରୟତି | ୩୭୨୪ | ଶାରଦ ଦୁଇ | ୦.୦୮୦ | ୦.୦୮୦ | ଖଗେଶ୍ୱର ଭୂୟାଁ ପି: ନନ୍ଦ ଭୂୟାଁ, ଜା: ଖଣ୍ଡାୟତ, ବା: ନାଧରା |
| ୬୫୪ | ରୟତି | ୩୭୨୫ | ଶାରଦ ତିନି | ୦.୩୨୦ | ୦.୩୨୦ | ଭାନୁମତୀ ରାଉତ ସ୍ୱା: ହରେକୃଷ୍ଣ ରାଉତ, ଜା: ଖଣ୍ଡାୟତ, ବା: ନିଜିଗାଁ, ପଡା: ପତଳା, ଖରିଦ ସୂତ୍ରେ ଦଖଲ, ମୁରଲି ସାହୁ, ବିଦ୍ୟାଧର ସାହୁ, ଦୟାନିଧି ସାହୁ, ପଂଚାନନ ସାହୁ ପି: କାଶି ସାହୁ, ଜା: ତେଲି, ବା: ନିଜିଗାଁ, ପଡା: ଗୋଡିଡିହ, ରେଜେଷ୍ଟ୍ରି ଦଲିଲ ନମ୍ବର ୩୩୧୯, ତା: ୧୯.୫ ସ୍ମ ୧୯୭୧, ଜରସମନ ଟ. ୨୦୦୦.୦୦ |
| ୪୬୬ | ରୟତି | ୩୭୯୫ | ଶାରଦ ଦୁଇ | ୦.୨୮୦ | ୦.୧୭୦ | ପ୍ରମୋଦ କୁମାର ମହାନ୍ତି, ପ୍ରଶନ୍ନ କୁମାର ମହାନ୍ତି ପି: ରାମଚନ୍ଦ୍ର ମହାନ୍ତି, ଜାନକୀ ମହାନ୍ତି ସ୍ୱା: ରାମଚନ୍ଦ୍ର ମହାନ୍ତି, ଦାମୋଦର ମହାନ୍ତି, ଶ୍ରୀନିବାସ ମହାନ୍ତି, ଜମ୍ୱେଶ୍ୱର ମହାନ୍ତି, ବିରକିଶୋର ମହାନ୍ତି, ତରା ମହାନ୍ତି ପି: ମହାଦେବ ମହାନ୍ତି, ଜା: ଖଣ୍ଡାୟତ, ବା: ନାଧରା |
| ୨୭୭ | ରୟତି | ୩୭୯୫/୭୩୦୪ | ଶାରଦ ଦୁଇ | ୦.୦୨୦ | ୦.୦୨୦ | ଖଡୁଗୁ ସାହୁ, ଭଗବାନ ସାହୁ, ଦୁଃଖବନ୍ଧୁ ସାହୁ ପି: ଗଙ୍ଗାଧର ସାହୁ, ଜା: ତେଲି, ବା: ନିଜିଗାଁ, ରେବ ମହାପାତ୍ର ପି: ଗଙ୍ଗାଧର ସାହୁ, ଜା: ତେଲି, ବା: ରସାସିଙ୍ଗା, ଅଜି ସାହୁ ସ୍ୱା: ଗଙ୍ଗାଧର ସାହୁ, ରାଜିବ ସାହୁ ପି: ନନ୍ଦ ସାହୁ, ଆରତ ସାହୁ ପି: କହ୍ନେଇ ସାହୁ, ଜା: ତେଲି, ବା: ନିଜିଗାଁ, ପଡା: ଗୋଡିଡିହ |
| ୨୭୬ | ରୟତି | ୩୭୯୭ | ଶାରଦ ଦୁଇ | ୦.୪୪୦ | ୦.୦୨୦ | ଖଡୁଗୁ ସାହୁ, ଭଗବାନ ସାହୁ, ଦୁଃଖବନ୍ଧୁ ସାହୁ ପି: ଗଙ୍ଗାଧର ସାହୁ, ଜା: ତେଲି, ବା: ନିଜିଗାଁ, ରେବ ମହାପାତ୍ର ପି: ଗଙ୍ଗାଧର ସାହୁ, ଜା: ତେଲି, ବା: ରସାସିଙ୍ଗା, ଅଜି ସାହୁ ସ୍ୱା: ଗଙ୍ଗାଧର ସାହୁ, ରାଜିବ ସାହୁ ପି: ନନ୍ଦ ସାହୁ, ଆରତ ସାହୁ ପି: କହ୍ନେଇ ସାହୁ, ଜା: ତେଲି, ବା: ନିଜିଗାଁ, ପଡା: ଗୋଡିଡିହ |
| ୫୭୭ | ରୟତି | ୩୭୯୮ | ଶାରଦ ଦୁଇ | ୦.୧୩୦ | ୦.୧୩୦ | ବାଉରିବନ୍ଧୁ ସ୍ୱାଇଁ ପି: ସତ୍ୟବାଦି ସ୍ୱାଇଁ, ଜା: ଖଣ୍ଡାୟତ, ବା: ନାଧରା |
| ୨୭୫ | ରୟତି | ୩୭୯୯ | ଶାରଦ ଦୁଇ | ୦.୧୮୦ | ୦.୧୫୦ | ଖଡୁଗୁ ସାହୁ, ଭଗବାନ ସାହୁ, ଦୁଃଖବନ୍ଧୁ ସାହୁ ରେବ ସାହୁ ପି: ଗଙ୍ଗାଧର ସାହୁ, ଦେଇନ ସାହୁ, କୁନ୍ତ ସାହୁ, ଲାବଣ୍ୟ ସାହୁ, ପି: ରାଜିବ ସାହୁ, ଜା: ତେଲି, ବା: ନିଜିଗାଁ, ପଡା: ଗୋଡିଡିହ |
| ୭୩୮ | ରୟତି | ୩୮୦୧ | ଶାରଦ ଦୁଇ | ୦.୨୬୦ | ୦.୦୪୦ | ମାଟିଆ ସାହୁ ପି: ଅର୍ଜୁନ ସାହୁ, ଜା: ତେଲି, ବା: ନିଜିଗାଁ, ପଡା: ଗୋଡିଡିହ, ବେଆଇନ ଖରିଦସୂତ୍ରେ ଦଖଲ ବା;, ଲମ୍ବୋଦର ସାହୁ ପି: ଯୁଧିଷ୍ଠିର ସାହୁ, ଜା: ଖଡରା, ବା: ନିଜିଗାଁ, ପଡା: ଗୋଡିଡିହ, ରେଜେଷ୍ଟ୍ରି ଦଲିଲ ନମ୍ବର ୪୬୨୨:, ତା: ୧୦.୦୬.୮୩ ଜରସମନ ଟ.୪୦୦୦.୦୦ ବା: |
| ୪୨୫ | ରୟତି | ୩୮୦୦ | ଶାରଦ ଦୁଇ | ୦.୩୪୦ | ୦.୩୩୦ | ଖଗେଶ୍ୱର ରାଉତ, ବ୍ରହ୍ମାନନ୍ଦ ରାଉତ, ମଧୁସୂଦନ ରାଉତ ପି: ନିରଞ୍ଜନ ରାଉତ, ଜା: ଖଣ୍ଡାୟତ, ବା: ନିଜିଗାଁ |
| ୯୮୮/୨୫୭ | ରୟତି | ୩୮୦୬ | ଶାରଦ ଦୁଇ | ୦.୫୧୦ | ୦.୪୭୦ | ଶରତ କୁମାର ସାହୁ, ଶେଶଦେବ ସାହୁ, ପି: ସତ୍ୟବାଦୀ ସାହୁ, ଜା: ଗୁଡିଆ, ବା: ନିଜଗାଁ, ପଡା: ପତଳା |
| ୬୪୭ | ରୟତି | ୩୮୩୬ | ଶାରଦ ଦୁଇ | ୦.୧୧୦ | ୦.୧୧୦ | ଭାଇଗ ସାହୁ ପି: ବାଂଛା ସାହୁ, ଜା: ଗୁଡିଆ, ବା: ନିଜିଗାଁ(ପଡା) ଗୋଡିଡିହ |
| ୭୧୦ | ରୟତି | ୩୮୩୫ | ଶାରଦ ଦୁଇ | ୦.୬୩୦ | ୦.୧୬୦ | ମହୁର ସାହୁ, ହରମୋହନ ସାହୁ ପି: ବାଜି ସାହୁ, ଜା: ତେଲି, ବା: ନିଜିଗାଁ ସାମିଲି ଗୋଡିଡିହ |
| ୫୩୯ | ରୟତି | ୩୮୩୭/୭୯୯୯ | ଶାରଦ ଦୁଇ | ୦.୦୩୦ | ୦.୦୩୦ | ବଚନ ସାହୁ ପି: ଦାଶରଥି ସାହୁ, ଜା: ତେଲି, ବା: କାଳିଆ ହୋତା, କାଂଚନ ସାହୁ ପି: ଦାଶରଥି ସାହୁ, ଜା: ତେଲି, ବା: ମେଣ୍ଢାପଦା, ଦର୍ପଣୀ ସାହୁ, ଟିକିଲି ସାହୁ ପି: ଦାଶରଥି ସାହୁ, ଜା: ତେଲି, ବା: ନିଜିଗାଁ, ମହେଶ୍ୱର ସାହୁ ପି: ବାଂଛା ସାହୁ, ପ୍ରଭାକର ସାହୁ, ଦିବାକର ସାହୁ ପି: ହାଡିବନ୍ଧୁ ସାହୁ, ଫୁଲ ସାହୁ, ସ୍ୱା: ହାଡିବନ୍ଧୁ ସାହୁ, ରତ୍ନାକର ସାହୁ, ଜମ୍ୱେଶ୍ୱର ସାହୁ ପି: ସାନନ୍ଦ ସାହୁ, ଜା: ତେଲି, ବା: ନିଜିଗାଁ, ପଡା: ଗୋଡିଡିହ |
| ୩୯୧ | ରୟତି | ୩୮୩୮ | ଶାରଦ ଦୁଇ | ୦.୦୩୦ | ୦.୦୩୦ | ନନ୍ଦ ସାହୁ, ହାଡିବନ୍ଧୁ ସାହୁ ପି: ରଷି ସାହୁ, ଜା: ତେଲି, ବା: ନିଜିଗାଁ, ପଡା: ଗୋଡିଡିହ, ସାବିତ୍ରୀ ସାହୁ ପି: ରଷି ସାହୁ, ଜା: ତେଲି, ବା: କାଳିଆହୋତା |
| ୬୧୧ | ରୟତି | ୩୮୩୯ | ଶାରଦ ଦୁଇ | ୦.୦୨୦ | ୦.୦୧୦ | ବିର ସାହୁ, କାହ୍ନୁ ସାହୁ, ବେନୁ ସାହୁ, ବିମ୍ବା ସାହୁ, ଝୁମରୁ ସାହୁ, ଦୁଲା ସାହୁ, ସୁନା ସାହୁ ପି: ବୈଷ୍ଣବ ସାହୁ, ଜହ୍ନ ସାହୁ ସ୍ୱା: ବୈଷ୍ଣବ ସାହୁ, ଅହଲ୍ୟା ସାହୁ ପି: ଯୋଗୀ ସାହୁ, ବିମ୍ବାଧର ସାହୁ ପି: ଚକ୍ରଧର ସାହୁ, ଚଂଚଳା ସାହୁ ସ୍ୱା: ଚକ୍ରଧର ସାହୁ, ଜା: ଗୁଡିଆ, ବା: ମୁର୍ଦ୍ଦଙ୍ଗାପାଲି |
| ୩୯୨ | ରୟତି | ୩୮୪୦ | ଶାରଦ ଦୁଇ | ୦.୦୭୦ | ୦.୦୫୦ | ନନ୍ଦ ସାହୁ ପି: ରଷି ସାହୁ, କୃପାସିନ୍ଧୁ ସାହୁ, ଅସନ ସାହୁ ପି: ହାଡିବନ୍ଧୁ ସାହୁ, ଜା: ତେଲି, ବା: ନିଜିଗାଁ, ପଡା: ଗୋଡିଡିହ |
| ୫୩୯ | ରୟତି | ୩୮୩୭ | ଶାରଦ ଦୁଇ | ୦.୦୪୦ | ୦.୦୪୦ | ବଚନ ସାହୁ ପି: ଦାଶରଥି ସାହୁ, ଜା: ତେଲି, ବା: କାଳିଆହୋତା, କାଂଚନ ସାହୁ ପି: ଦାଶରଥି ସାହୁ, ଜା: ତେଲି, ବା: ମେଣ୍ଢାପଦା, ଦର୍ପଣୀ ସାହୁ, ଟିକିଲି ସାହୁ ପି: ଦାଶରଥି ସାହୁ, ଜା: ତେଲି, ବା: ନିଜିଗାଁ, ମହେଶ୍ୱର ସାହୁ, ପି: ବାଂଛା ସାହୁ, ପ୍ରଭାକର ସାହୁ, ଦିବାକର ସାହୁ ପି: ହାଡିବନ୍ଧୁ ସାହୁ, ଫୁଲ ସାହୁ ସ୍ୱା: ହାଡିବନ୍ଧୁ ସାହୁ, ରତ୍ନାକର ସାହୁ, ଜମ୍ୱେଶ୍ୱର ସାହୁ ପି: ସାନନ୍ଦ ସାହୁ, ଜା: ତେଲି, ବା: ନିଜିଗାଁ, ପଡା: ଗୋଡିଡିହ |
| ୩୨୨ | ରୟତି | ୩୮୪୦/୭୫୧୬ | ଶାରଦ ଦୁଇ | ୦.୦୩୦ | ୦.୦୧୦ | ଦଣ୍ଡଧର ସାହୁ ପି: ନବିନା ସାହୁ, ଦୁଃଖି ସାହୁ ସ୍ୱା: ନବିନା ସାହୁ, ଜା: ତେଲି, ବା: ନିଜିଗାଁ, ପଡା: ଗୋଡିଡିହ |
| ୮୧୪ | ରୟତି | ୩୮୪୦/୭୫୧୭ | ଘରବାରି ଦୁଇ | ୦.୦୩୦ | ୦.୦୩୦ | ଲଣ୍ଡା ସାହୁ ପି: କାଶି ସାହୁ, ଦଣ୍ଡଧର ସାହୁ ପି: ନବିନା ସାହୁ, ଦୁଃଖି ସାହୁ ସ୍ୱା: ନବିନା ସାହୁ, ଭୁଲୁ ସାହୁ ପି: ଗୋପି ସାହୁ, ଜା: ତେଲି, ବା: ନିଜିଗାଁ, ପଡା: ଗୋଡିଡିହ |
| ୧୦୫୭ | ରୟତି | ୩୮୩୭/୭୩୯୨ | ଶାରଦ ଦୁଇ | ୦.୦୫୦ | ୦.୦୫୦ | ଲକ୍ଷ୍ମଣ ନାଏକ ପି: ନଟବର ନାଏକ, ଜା: ପାଣ, ବା: ନିଜିଗାଁ |
| ୯୮୮/୪୨୬ | ରୟତି | ୩୮୪୧ | ଶାରଦ ଦୁଇ | ୦.୦୬୦ | ୦.୦୪୦ | ମହେଶ୍ୱର ନାଏକ ପି: ଲକ୍ଷ୍ମଣ ନାଏକ, ଜା: ପାଣ, ବା: ନିଜିଗାଁ |
| ୭୨୭ | ରୟତି | ୩୮୪୨ | ଶାରଦ ଦୁଇ | ୦.୧୬୦ | ୦.୧୨୦ | ମାୟାଧର ସାହୁ ପି: ମହୁର ସାହୁ, ଜା: ତେଲି, ବା: ନିଜିଗାଁ, ପଡା:ଗୋଡିଡିହ |
| ୯୮୮/୩୮୪ | ରୟତି | ୪୦୧୧ | ଶାରଦ ଦୁଇ | ୦.୧୪୦ | ୦.୧୪୦ | ମୁରଲିଧର ମହାରଣା, ମଧୁସୂଦନ ମହାରଣା, ମଦନ ମହାରଣା ପି: ଗୋବର୍ଦ୍ଧନ ମହାରଣା, ଶୁକ ଓଝା ପି: ନବିନ ମହାରଣା, ଜୟ ମହାରଣା ପି: ନକଫୋଡି ମହାରଣା, ବୈଷ୍ଣବ ମହାରଣା ପି: ଫକିର ମହାରଣା, ଟଙ୍କଧର ମହାରଣା ପି: ନିଳାଦ୍ରୀ ମହାରଣା, କୁବେର ମହାରଣା, ଗୌରାଙ୍ଗ ମହାରଣା ପି: ଆନନ୍ଦ ମହାରଣା, ପିତବାସ ମହାରଣା, ପି: ବାଇଧର ମହାରଣା, ବା; ଭୋଳେଶ୍ୱର ମହାରଣା, ଭାଗୀରଥି ମହାରଣା ପି: ଗଦେଇ ମହାରଣା, ଜା: ବଢ଼େଇ, ବା: ବଳରାମପ୍ରସାଦ, ପଡା: ଗୋଡିଡିହ, ଥା: ମୋଟଙ୍ଗା |
| ୨୭୭ | ରୟତି | ୪୦୧୦ | ଶାରଦ ଦୁଇ | ୦.୧୦୦ | ୦.୧୦୦ | ଖଡୁଗୁ ସାହୁ, ଭଗବାନ ସାହୁ, ଦୁଃଖବନ୍ଧୁ ସାହୁ ପି: ଗଙ୍ଗାଧର ସାହୁ, ଜା: ତେଲି, ବା: ନିଜିଗାଁ, ରେବ ମହାପାତ୍ର ପି: ଗଙ୍ଗାଧର ସାହୁ, ଜା: ତେଲି, ବା: ରସାସିଙ୍ଗା, ଅଜି ସାହୁ ସ୍ୱା: ଗଙ୍ଗାଧର ସାହୁ, ରାଜିବ ସାହୁ ପି: ନନ୍ଦ ସାହୁ, ଆରତ ସାହୁ ପି: କହ୍ନେଇ ସାହୁ, ଜା: ତେଲି, ବା: ନିଜିଗାଁ, ପଡା: ଗୋଡିଡିହ |
| ୯୮୮/୭୦୭ | ରୟତି | ୪୦୧୨ | ଶାରଦ ଦୁଇ | ୦.୦୮୦ | ୦.୦୮୦ | ବିରବର ସାହୁ, ମିନକେତନ ସାହୁ ପି: ଖଗେଶ୍ୱର ସାହୁ, ସତ୍ୟାନନ୍ଦ ସାହୁ, ଗତିକୃଷ୍ଣ ସାହୁ ପି: ନିଳମଣି ସାହୁ, ଜା: ତେଲି, ବା: ନିଜିଗାଁ, ସାମିଲି ଗୋଡିଡିହ |
| ୬୧୧ | ରୟତି | ୪୦୧୪/୭୮୨୨ | ଶାରଦ ଦୁଇ | ୦.୦୪୦ | ୦.୦୧୦ | ବିର ସାହୁ, କାହ୍ନୁ ସାହୁ, ବେନୁ ସାହୁ, ବିମ୍ବା ସାହୁ, ଝୁମର ସାହୁ, ଦୁଲା ସାହୁ, ସୁନା ସାହୁ, ପି: ବୈଷ୍ଣବ ସାହୁ, ଜହ୍ନ ସାହୁ ସ୍ୱା: ବୈଷ୍ଣବ ସାହୁ, ଅହଲ୍ୟା ସାହୁ ପି: ଯୋଗୀ ସାହୁ, ବିମ୍ବାଧର ସାହୁ ପି: ଚକ୍ରଧର ସାହୁ, ଚଂଚଳା ସାହୁ ସ୍ୱା: ଚକ୍ରଧର ସାହୁ, ଜା: ଗୁଡିଆ, ବା: ମୁର୍ଦ୍ଦଙ୍ଗାପାଲି |
| ୨୯୯ | ରୟତି | ୪୦୧୭ | ଶାରଦ ଦୁଇ | ୦.୦୭୦ | ୦.୦୭୦ | ଡମ୍ବରୁଧର ସାହୁ, ଦେବରାଜ ସାହୁ ପି: ରାମଚନ୍ଦ୍ର ସାହୁ, ଜା: ତେଲି, ବା: ନିଜିଗାଁ, ଝୁମର ସାହୁ ପି: ରାମଚନ୍ଦ୍ର ସାହୁ, ଜା: ତେଲି, ବା: ଖଡ୍ଗପ୍ରସାଦ, ଭୀମା ସାହୁ ପି: ରାମଚନ୍ଦ୍ର ସାହୁ, ଜା: ତେଲି, ବା: ପାଣିଭଣ୍ଡାରୀ, ପ୍ରମିଳା ସାହୁ ପି: ରାମଚନ୍ଦ୍ର ସାହୁ, ଜା: ତେଲି, ବା: ବାଙ୍ଗୁରୁସିଙ୍ଗା, ରାହାସ ସାହୁ, ସୁନ୍ଦରି ସାହୁ, ପି: ଦିନବନ୍ଧୁ ସାହୁ, ଜା: ତେଲି, ବା: ନିଜିଗାଁ, କିସମତ ଦଶଅଣା ଆଠପାହୁଲା । ବା:, ଖଣ୍ଡିଆ ସାହୁ, ନିଳମଣି ସାହୁ ପି: ଯଦୁ ସାହୁ, ଜା: ତେଲି, ବା: ନିଜିଗାଁ, ସୁନା ମହାପାତ୍ର, ତୁଳେଇ ମହାପାତ୍ର ପି: ଯଦୁ ସାହୁ, ଜା: ତେଲି, ବା: ରଂଜାସିଙ୍ଗା, ସୁଶିଳା ସାହୁ ପି: ଯଦୁ ସାହୁ, ଜା: ତେଲି, ବା: ବାଙ୍ଗୁରୁସିଙ୍ଗା ନିଜଗାଁ, ପଡା:ଗୋଡିଡିହ, କିସମତ ପାଂଚଅଣା ଚାରି ପାହୁଲା ବା: |
| ୨୯୯ | ରୟତି | ୪୦୧୮ | ପଥରବଣି | ୦.୦୯୦ | ୦.୦୯୦ | |
| ୯୮୮/୪୪୩ | ରୟତି | ୪୦୧୯ | ପଥରବଣି | ୦.୦୮୦ | ୦.୦୮୦ | ଶ୍ରୀ ରାମଚଣ୍ଡୀ ଠାକୁରାଣୀ ବିଜେ ନାଧରା ମାରଫତ୍ ଦେବୋତର ଅଧିକାରୀ, ଢେଙ୍କାନାଳ । |
| ୯୨ | ରୟତି | ୪୦୧୯/୭୫୬୫ | ଶାରଦଦୁଇ | ୦.୦୬୦ | ୦.୦୪୦ | କୁବେର ମହାରଣା, ଗୌରାଙ୍ଗ ମହାରଣା ପି: ଆନନ୍ଦ ମହାରଣା, ଜା: ବଢ଼େଇ, ବା: ନିଜିଗାଁ ପଡା: ଗୋଡିଡିହ |
| ୫୧୮ | ରୟତି | ୪୦୨୦ | ଶାରଦଦୁଇ | ୦.୦୨୦ | ୦.୦୨୦ | ପୂର୍ଣ୍ଣଚନ୍ଦ୍ର ମହାରଣା, ସୁରେନ୍ଦ୍ର ମହାରଣା, ଝୁମର ମହାରଣା ପି: ଲୋଚନ ମହାରଣା, ଶ୍ରୀବସ୍ ମହାରଣା ପି: ସାଉଁଟି ମହାରଣା, ଜା: ବଢ଼େଇ, ବା: ନିଜିଗାଁ, ଗୁଣନିଧି ମହାରଣା, ମୁରଲିଧର ମହାରଣା ପି: ଗୋବିନ୍ଦ ମହାରଣା, ଜା: ବଢ଼େଇ, ବା: କାଳିଆହୋତା |
| ୭୦ | ରୟତି | ୪୦୨୧ | ଶାରଦଦୁଇ | ୦.୦୨୦ | ୦.୦୨୦ | କପିଳ ମହାରଣା ପି: କୁଞ୍ଜ ମହାରଣା, ରୁଷି ମହାରଣା ପି: ଲକ୍ଷ୍ମଣ ମହାରଣା, ଅନ୍ତର୍ଯ୍ୟାମି ମହାରଣା ପି: ମହାରଣା, ଜା: ବଢ଼େଇ, ବା: ନିଜିଗାଁ, ପଡା: ଗୋଡିଡିହ |
| ୫୧୮ | ରୟତି | ୪୦୨୨ | ଶାରଦଦୁଇ | ୦.୦୪୦ | ୦.୦୨୦ | ପୂର୍ଣ୍ଣଚନ୍ଦ୍ର ମହାରଣା, ସୁରେନ୍ଦ୍ର ମହାରଣା, ଝୁମର ମହାରଣା ପି: ଲୋଚନ ମହାରଣା, ଶ୍ରୀବସ୍ ମହାରଣା ପି: ସାଉଁଟି ମହାରଣା, ଜା: ବଢ଼େଇ, ବା: ନିଜିଗାଁ, ଗୁଣନିଧି ମହାରଣା, ମୁରଲିଧର ମହାରଣା ପି: ଗୋବିନ୍ଦ ମହାରଣା, ଜା: ବଢ଼େଇ, ବା: କାଳିଆହୋତା |
| ୮୨୪ | ରୟତି | ୪୦୨୬ | ଶାରଦଦୁଇ | ୦.୦୪୦ | ୦.୦୪୦ | ଲମ୍ବୋଦର ସାହୁ ପି: ଭରତ ସାହୁ, ଜା: ତେଲି, ବା: ଗୋଡିଡିହ |
| ୫୧୮ | ରୟତି | ୪୦୨୭ | ଶାରଦଦୁଇ | ୦.୦୩୦ | ୦.୦୩୦ | ପୂର୍ଣ୍ଣଚନ୍ଦ୍ର ମହାରଣା, ସୁରେନ୍ଦ୍ର ମହାରଣା, ଝୁମର ମହାରଣା ପି: ଲୋଚନ ମହାରଣା, ଶ୍ରୀବସ୍ ମହାରଣା ପି: ସାଉଁଟି ମହାରଣା, ଜା: ବଢ଼େଇ, ବା: ନିଜିଗାଁ, ଗୁଣନିଧି ମହାରଣା, ମୁରଲିଧର ମହାରଣା ପି: ଗୋବିନ୍ଦ ମହାରଣା, ଜା: ବଢ଼େଇ, ବା: କାଳିଆହୋତା |
| ୫୧୮ | ରୟତି | ୪୦୨୮ | ଶାରଦଦୁଇ | ୦.୦୨୦ | ୦.୦୨୦ | |
| ୮୨୪ | ରୟତି | ୪୦୨୯ | ଶାରଦଦୁଇ | ୦.୦୪୦ | ୦.୦୪୦ | ଲମ୍ବୋଦର ସାହୁ ପି: ଭରତ ସାହୁ, ଜା: ତେଲି, ବା: ଗୋଡିଡିହ |
| ୮୨୪ | ରୟତି | ୪୦୩୨/୭୫୫୭ | ଶାରଦଦୁଇ | ୦.୦୪୦ | ୦.୦୪୦ | |
| ୭୧୦ | ରୟତି | ୪୦୩୨ | ଶାରଦଦୁଇ | ୦.୦୩୦ | ୦.୦୩୦ | ମହୁର ସାହୁ, ହରମୋହନ ସାହୁ ପି: ବାଜି ସାହୁ, ଜା: ତେଲି, ବା: ନିଜିଗାଁ ସାମିଲି ଗୋଡିଡିହ |
| ୯୮୮/୧୪୯ | ରୟତି | ୪୦୩୩ | ଶାରଦଦୁଇ | ୦.୦୫୦ | ୦.୦୧୦ | ମୁରଲିଧର ସାହୁ, ବିଦ୍ୟାଧର ସାହୁ, ଦୟାନିଧି ସାହୁ, ପଂଚାନନ ସାହୁ, ପି: କାଶିନାଥ ସାହୁ, ଜା: ତେଲି, ବା: ନିଜିଗାଁ, ପଡା: ଗୋଡିଡିହ |
| ୭୫୭ | ରୟତି | ୪୦୩୦ | ଶାରଦଦୁଇ | ୦.୦୬୦ | ୦.୦୬୦ | ମୁରଲିଧର ସାହୁ, ବିଦ୍ୟାଧର ସାହୁ, ଦୟାନିଧି ସାହୁ, ପଂଚାନନ ସାହୁ, ପି: କାଶିନାଥ ସାହୁ, ମୋହନ ସାହୁ, ଗିରିଧାରୀ ସାହୁ ପି: ଭୋଳି ସାହୁ, ଜା: ତେଲି, ବା: ନିଜିଗାଁ, ପଡା: ଗୋଡିଡିହ |

# କୋରାପୁଟରୁ ବଜ୍ରକାପ୍ତା ଉଦ୍ଧାର, ୨ ଗିରଫ



**କୋରାପୁଟ(ସ୍ୱ.ପ୍ର)/ ଭୁବନେଶ୍ୱର,୩୦।୧(ବ୍ୟୁରୋ)**

କୋରାପୁଟ ଜିଲାରେ ବଜ୍ରକାପ୍ତା ଚୋରାଚାଲାଣ ର୍ୟାକେଟ ସକ୍ରିୟ ରହିଛି। କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କଫୋର୍ସ (ଏସ୍‌ଟିଏଫ୍) ସ୍ଥାନୀୟ ବନ ବିଭାଗ ସହାୟତାରେ ସଦର ଥାନା ଅନ୍ତର୍ଗତ କୋରାପୁଟ-ବୋରିଗୁମ୍ମା ବାଇପାସ୍ ରୋଡର ମାଙ୍ଗିରା ଗ୍ରାମ ନିକଟରେ ଚଢ଼ାଉ କରି ୨ଜଣ ବନ୍ୟଜନ୍ତୁ ଶିକାରୀଙ୍କୁ ଗିରଫ କରିଛି। ଏଥିସହ ସେମାନଙ୍କଠାରୁ ଏକ ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର କରାଯାଇଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ବିଷିଙ୍ଗପୁର ଥାନା ବିନ୍ଧାରିଗୁଡା ଗ୍ରାମର ମାଧବ ପରଜା ଓ ଜଗବନ୍ଧୁ ପରଜା। ଉଭୟଙ୍କୁ ଏସ୍‌ଟିଏଫ୍ କୋରାପୁଟ ବନବିଭାଗକୁ ହସ୍ତାନ୍ତର କରିବା ପରେ ତାଙ୍କ ବିରୋଧରେ ଏକ ମାମଲା ରୁଜୁ କରାଯାଇ ସୋମବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ୍ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ସୁରକ୍ଷା ଦୃଷ୍ଟିରୁ ଏସ୍‌ଟିଏଫ୍ କୋରାପୁଟ ଡିଏଫ୍‌ଓଙ୍କୁ ଉଦ୍ଧାର ବଜ୍ରକାପ୍ତାକୁ ହସ୍ତାନ୍ତର କରିଛି। ତେବେ ଅଭିଯୁକ୍ତଦ୍ୱୟ କେଉଁଠୁ ବଜ୍ରକାପ୍ତା ଆଣିଲେ, ସେମାନଙ୍କ ସହ ଆଉ କିଏ କିଏ ସମ୍ପୃକ୍ତ ଅଛନ୍ତି, ଏହା ପୂର୍ବରୁ ସେମାନେ କେତୋଟି ବଜ୍ରକାପ୍ତା ଚାଲାଣ କରିଛନ୍ତି, ଉଦ୍ଧାର ବଜ୍ରକାପ୍ତାକୁ କାହାକୁ ବିକ୍ରି କରିଥାନ୍ତେ ଏଭଳି ବିଭିନ୍ନ ଦିଗକୁ ନେଇ ଏସ୍‌ଟିଏଫ୍ ଓ ବନ ବିଭାଗ ପକ୍ଷରୁ ମିଳିତ ତଦନ୍ତ ଜାରି ରହିଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ଅଭିଯୁକ୍ତଦ୍ୱୟ ଏକ ବଜ୍ରକାପ୍ତା ରଖି ତାହାକୁ ବିକ୍ରି ପାଇଁ ଗ୍ରାହକ ଖୋଜୁଥିଲେ। ଏନେଇ ଏସ୍‌ଟିଏଫ୍ ବିଶ୍ୱସ୍ତ ସୂତ୍ରରୁ ଖବର ପାଇବା ପରେ ବନବିଭାଗକୁ ଜଣାଇଥିଲା। ରବିବାର ସକାଳେ କୋରାପୁଟ-ବୋରିଗୁମ୍ମା ବାଇପାସ୍ ରୋଡ ଦେଇ ଅଭିଯୁକ୍ତଦ୍ୱୟ ବଜ୍ରକାପ୍ତାକୁ ଚାଲାଣ ଉଦ୍ଦେଶ୍ୟରେ ନେଇଯାଉଥିଲେ। ଏନେଇ ପୂର୍ବ ସୂଚନା ଆଧାରରେ ସେଠାରେ ଛକି ରହିଥିବା ଏସ୍‌ଟିଏଫ୍ ଓ ବନବିଭାଗର ମିଳିତ ଟିମ୍ ଉଭୟଙ୍କୁ କାବୁ କରିଥିଲା। ବାରମ୍ବାର ଚଢ଼ାଉ ଓ ପଦକ୍ଷେପ ସତ୍ତ୍ୱେ ବନ୍ୟଜନ୍ତୁ ଶିକାର ଓ ଚୋରା ଚାଲାଣ ବନ୍ଦ ହେଉନାହିଁ। ଏସ୍‌ଟିଏଫ୍‌ର ରିପୋର୍ଟ ଅନୁଯାୟୀ, ୨୦୨୦ରୁ ୨୫ଟି ବାଘ ଛାଲ, ୧୩ଟି ହାତୀ ଦାନ୍ତ, ୭ଟି ହରୀଣ ଛାଲ, ୧୧ ଜୀବନ୍ତ ବଜ୍ରକାପ୍ତା, ୧୬ କେଜି ବଜ୍ରକାପ୍ତା କାତି ଜବତ କରାଯିବା ସହ ସମ୍ପୃକ୍ତ ୫୭ ଜଣଙ୍କୁ ଗିରଫ କରାଯାଇଛି।

**ପ୍ରଥମ ପୃଷ୍ଠାରୁ...**

## ଆର୍‌ଏସ୍‌ଏସ୍ ଛାଡ଼ି...

କମିଶନ ମଧ୍ୟ ସତ ପଦାକୁ ଆଣିବା ପାଇଁ ବିଶେଷ କିଛି ପଦକ୍ଷେପ ନେଇ ନ ଥିଲେ ବୋଲି ଧୀରେନ୍ଦ୍ର ଦାବି କରିଛନ୍ତି। ସେ ଆହୁରି କହିଛନ୍ତି, ଗଡ୍‌ସେ ଆର୍‌ଏସ୍‌ଏସ୍ ଛାଡ଼ି ହିନ୍ଦୁ ମହାସଭାରେ ଯୋଗଦେଇଥିବା କୁହାଯାଉଥିଲେ ହେଁ ନାଗପୁରସ୍ଥିତ ସଂଘ ମୁଖ୍ୟାଳୟରୁ ମିଳିଥିବା ଦସ୍ତାବିଜଗୁଡ଼ିକ ଏଭଳି ଦାବିକୁ ମିଛ ପ୍ରମାଣିତ କରିଛି। ପ୍ରଥମେ ଆର୍‌ଏସ୍‌ଏସ୍ ସପକ୍ଷବାଦୀ ଲେଖକମାନେ ଏଭଳି ମନଗଢ଼ା କଥା ଲୋକଙ୍କୁ କହିଥିଲେ। ପରବର୍ତ୍ତୀ ସମୟରେ ଅନ୍ୟ ଗବେଷକ ଓ ଅଣଆର୍‌ଏସ୍‌ଏସ୍ ଲେଖକମାନେ ମଧ୍ୟ ଉକ୍ତ ସିଦ୍ଧାନ୍ତକୁ ବଳିଷ୍ଠ କରିଥିଲେ। ଏଭଳି ଭାବେ ଆର୍‌ଏସ୍‌ଏସ୍ ନିଜ ଅତୀତର କଳଙ୍କକୁ ଧୋଇବାରେ ସଫଳ ହୋଇଥିଲା। ହିନ୍ଦୁ ମହାସଭା ଅଧ୍ୟକ୍ଷ ବୀର ସାବରକରଙ୍କ ସହ ନାଥୁରାମଙ୍କ ସମ୍ପର୍କ ଉପରେ ମଧ୍ୟ ଧୀରେନ୍ଦ୍ର ଏଥିରେ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି, ଗଡ୍‌ସେ ଗାନ୍ଧିଜୀଙ୍କୁ ଏକୁଟିଆ ଯୋଜନା କରି ହତ୍ୟା କରିଥିବା ଧାରଣା ସୃଷ୍ଟି କରିବାକୁ ଚାହୁଁଥିଲେ। ତେଣୁ ସେ ଜଣେ ପରେ ଜଣେ ସମସ୍ତ ଅଭିଯୁକ୍ତଙ୍କ ଓ ସଙ୍ଗଠନଗୁଡ଼ିକୁ ଏହି ମାମଲାରୁ ଖସାଇବାରେ ଲାଗିଥିଲେ। ୧୯୨୯ରେ ଗଡ୍‌ସେ ସାବରକରଙ୍କ ସଂସ୍ପର୍ଶରେ ଆସିଥିଲେ। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ୧୯୩୪ରେ ଆର୍‌ଏସ୍‌ଏସ୍‌ରେ ସାମିଲ ହୋଇଥିଲେ। ପରେ ସେ ହିନ୍ଦୁ ମହାସଭାରେ ମଧ୍ୟ ସକ୍ରିୟ ଭାବେ କାର୍ଯ୍ୟ କରିଥିଲେ ବୋଲି ଉକ୍ତ ପୁସ୍ତକରେ ଦାବି କରାଯାଇଛି। ପ୍ରକାଶ ଯେ ଗାନ୍ଧିଜୀଙ୍କୁ ହତ୍ୟା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହେବା ପରେ ଗଡ୍‌ସେଙ୍କୁ ୧୯୪୯ ନଭେମ୍ବର ୧୫ରେ ଅମ୍ବାଲାର ସେଣ୍ଟ୍ରାଲ ଜେଲରେ ଫାଶୀ ଦିଆଯାଇଥିଲା।

## 'ଧରିତ୍ରୀ' ଖବରଦାତାଙ୍କ...

କୋଣ ଅନୁକୋଣରେ ଜଣେ ଦକ୍ଷ ଖବରଦାତା ଭାବେ ପରିଚିତ ଥିଲେ। ସଞ୍ଜୀବଙ୍କ ବିୟୋଗରେ 'ଧରିତ୍ରୀ' ଓ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀଙ୍କ ସମେତ ଧରିତ୍ରୀ ପରିବାର ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ତାଙ୍କ ପରଲୋକରେ କଳାହାଣ୍ଡି ଜିଲା ଧରିତ୍ରୀ ସ୍ୱତନ୍ତ୍ର ପ୍ରତିନିଧି ଉତ୍ତମ କୁମାର ଦାଶ, ଖବରଦାତା ଅଂଶୁମାନ ପାତ୍ର, ଦେବେନ୍ଦ୍ର କୁମାର ବିଶି, ସତ୍ୟ ନାରାୟଣ ମହାପାତ୍ର, ଉମାଶଙ୍କର କର, ରାଜକୁମାର ସିଂଦେଓ, ଲଳିତ କାନୁନଗୋ, ରଜନୀ ମିଶ୍ର, ଶାନ୍ତନୁ ବେହେରା, ହୃଷୀକେଶ ମିଶ୍ରଙ୍କ ସମେତ କଳାହାଣ୍ଡି ସାମ୍ବାଦିକ ୟୁନିୟନ ଓ ପେସାଦାର ସାମ୍ବାଦିକ ସଂଘ ପକ୍ଷରୁ ମଧ୍ୟ ଶୋକ ପ୍ରକାଶ ପାଇଛି।

# କେରାଣ୍ଡିମାଳରୁ ଶାଳିଆ ନଦୀ ଦେଇ ଆସିଥିଲା ପଥର

## ଦୁର୍ଗମ ନଦୀପଥ, ବିପଦପୂର୍ଣ୍ଣ ଚାପଚାଳନା: ତଥାପି ଏ ଜାତି ଡରି ନ ଥିଲା

**ଡ. ସୁରେନ୍ଦ୍ର କୁମାର ମିଶ୍ର**



ଶାଳିଆ ନଦୀ

ଫଟୋ: ଶଙ୍କର ବସ୍ତିଆ




ତେର ଥର ପଥର ଆସିବା ସୂଚନା ଆମେ ପାଇଥିଲେ। ବର୍ତ୍ତମାନ ଚଉଦ ଥର ପଥର ଆସିବା କଥା ଜାଣିବା। କେରାଣ୍ଡିମାଳରୁ ଯେଉଁ ପଥର କଟାଗଲା, ତାହା ୭୦ଟି ଚାପରେ ରଖାଗଲା। ରଖିଲେ ୩୨୪ ଜଣ ପାଇଟିଆଳ। ଋଷିକୂଲ୍ୟା ନଦୀରେ ଚାପ ଦଳେଇମାନେ ୭୦ଟି ଚାପକୁ ବାହିଆଣିଲେ ବାହାର ଦଣ୍ଡା ବା କେନାଲକୁ। ଏହି କେନାଲ ଖୋଳାଯାଇ ଶାଳିଆ ନଦୀ ସଂଲଗ୍ନ କରାଯାଇଥିଲା କେବଳ ପଥର ଚାପ ଆସିବା ପାଇଁ। ଚାପଗୁଡ଼ିକ ବାହାର ଦଣ୍ଡାରେ ଆସି ଶାଳିଆ ନଦୀରେ ପହଞ୍ଚିବା ପରେ ମଲାଗୁଣି ନଦୀକୁ ଆସିଥିଲା। ସେଠାରୁ ମନେହୁଏ ଦୟାନଦୀକୁ ଆସି ମହାନଦୀରେ ପହଞ୍ଚିଥିଲା। ଆମ୍ଭେ ସମ୍ଭାବନା କରୁଛୁ ଏଥିପାଇଁ ଯେ ମଲାଗୁଣି ନଦୀ ପରେ ଆଉ ନିର୍ଦ୍ଦିଷ୍ଟ ବର୍ଣ୍ଣନା ପୋଥିରେ ନାହିଁ। ଆଣିବା ପାଇଁ ଖର୍ଚ୍ଚ ହୋଇଥିଲା ୭୦ ମାଢ଼ ସୁନା। ଶିବିର ପଡ଼ିଥିଲା ୭ମାସ ୧୪ଦିନ। ତେବେ କ'ଣ ଚାପ ଆଣିବାକୁ ପ୍ରାୟ ସେତିକିଦିନ ଲାଗିଯାଇଥିଲା, ଲାଗିଥିବ। କାରଣ ଚାପ ଦଳେଇ ଓ ଅନ୍ୟାନ୍ୟ ବାହକମାନଙ୍କ ପାଇଁ ଭୀମନଗର ଦଣ୍ଡପାଟ ଭଣ୍ଡାରରୁ ଦିଆଯାଇଥିଲା ୨୨ ଭରଣ ଧାନ।

କେତେ ମନ୍ତ୍ରଣା, କେତେ ଯନ୍ତ୍ରଣା, କେତେ ପରିଶ୍ରମ, କେତେ ଦାୟିତ୍ୱ ପୁଣି କୁମ୍ଭୀର ଭେଳା ଭେଳା ହେଉଥିବେ ନଈରେ। ବଣଜଙ୍ଗଲ ଦେଇ ନଈ ବହିଯାଇଛି। ବିଭିନ୍ନ ଜନ୍ତୁଙ୍କ ଭୟ, ବର୍ଷା ଅଛି, ପବନ ଅଛି, ଘଡ଼ଘଡ଼ି ଚଡ଼ଚଡ଼ି ଅଛି, ନଈରେ ଡଆଁର ଅଛି, ଦିନରେ ଚାପଚାଳନା ବନ୍ଦ କରି ଖା' ପିଅ କରିଥିବେ, ରାତି କଥା ଅଜଣା, ତଥାପି ଏ ଜାତି କାମରେ ହାର୍ ମାନିନି, ବାହାନା ଖୋଜିନି, ମନମତାଣିଆ ନ ହେଲେ ଯେ ଯାତ୍ରା କ'ଣ ସୁଖ ଲାଗିଥିବ! ପୋଲାଙ୍ଗ ତେଲର ଦୁହୁଡ଼ି ଜାଳି ଚାପ ବାହିଥିବେ ଏ ଜାତିର ନମସ୍ୟ ଦଳବେହେରା।

ଟିକରପଡ଼ା ଦଳବେହେରାଙ୍କ ନେତୃତ୍ୱରେ ପଥର ଚିହ୍ନଟ ପାଇଁ ଯାଇଥିବା ପଥୁରିଆଙ୍କୁ ସ୍ୱାଗତ କରିଥିଲେ ଜଗଦଳପୁର ମୁଖିଆ। ତାଙ୍କର ପଦବୀ ଥିଲା 'ଲେଙ୍କା'। ଶିବିର ପଡ଼ିଲା ୪ ମାସ ୧୩ ଦିନ। ଜଗଦଳପୁର 'ବରେନ୍' ପାହାଡ଼ରୁ ପଥର ଚିହ୍ନଟ ହେବ। ଏଠି ବି ଖର୍ଚ୍ଚ ହୋଇଥିଲା ୧୦୪ ମାଢ଼ ସୁନା।

ପଥର କାଟିବା ପରେ ୨୩୦ ଜଣ ପାଇଟିଆଳ ଦୟା ନଦୀକୂଳକୁ ପଥର ବୋହି ଆଣିଥିଲେ। ୩୧ଟି ଚାପରେ ତାହା ଲଦିବା ପରେ ଦୟା ନଦୀରୁ ଚାପ ଆସି ପହଞ୍ଚିଥିଲା 'ସୋଲ' ନଦୀରେ। ଶିବିର ପାଇଁ ଖର୍ଚ୍ଚ ହୋଇଥିଲା ୩ ଭରଣ ୦୭ ଗୌଣୀ, କିନ୍ତୁ ଚାପରେ ଲଦିବା ଓ ଚାପ ବାହିବାରେ ଖର୍ଚ୍ଚ ହେଲା ୬୪ ଭରଣ ଚାଉଳ। ସବୁ ଯେମିତି ଯଥାରୀତି ଚାଲିଛି...। ଡେଲାଙ୍ଗ ପାଖାପାଖି ଅଞ୍ଚଳ ପରିଚିତ ଥିଲା 'ଖିଲେଶ୍ୱରୀ ଦଣ୍ଡପାଟ' ଭାବରେ। ଏଇ ଦଣ୍ଡପାଟରେ ରହିଥିଲା 'ତରାବୋଇ'। ଦଣ୍ଡପାଟର ନାମ ଲୋପ ହୋଇଯାଇଛି। ତରାବୋଇ ଗ୍ରାମ ଅଛି। ଏଇ ଗାଁରୁ ଯୋଗେଇ ଦିଆଯାଇଥିଲା ୬୪ ଭରଣ ଚାଉଳ। ଏହା ଥିଲା ପନ୍ଦରତମ ପଥର ଆସିବାର ଐତିହ୍ୟ।

ଆମେ ସୂଚନା ଦେଇଥିଲୁ ବାରଶହ ବଢ଼େଇଙ୍କ ବାହାରେ କେତେ ଯେ ଗଡ଼, ଦଣ୍ଡପାଟ, ଗାଁ ତଥା ସାଧାରଣ ଜନତା ମାନସିକ ସ୍ତରରେ କୋଣାର୍କଠାରେ ନିର୍ମିତ ହୋଇଥିବା ମନ୍ଦିର ସହିତ ସେକାଳ ଖଣ୍ଡରେ ଜଡ଼ିତ ହୋଇଥିବେ, ତା'ର ସବୁ ହିସାବ କିଏ ବା ଦବ! ମାନସିକ ସ୍ତରରେ ଯୋଡ଼ି ହୋଇ ନ ଥିଲେ କାର୍ଯ୍ୟରେ ସହଯୋଗ କରିବା ସମ୍ଭବ ନୁହେଁ। ସମସ୍ତେ ଯେ ପାଉଣା ପାଉଥିଲେ ତାହା ନୁହେଁ, ପାଉଣାର ଆଶା ନ ରଖି ଘରୁ ଚାଉଳଠାରୁ ମୁଗ, ପନିପରିବା ଯୋଗାଇ ଦେଉଥିଲେ ଚାପ ଦଳେଇମାନଙ୍କୁ। ରଥକାଠ ନଈରେ ଭେଳା ହୋଇ ଆସିଲେ ଯେମିତି ହରିବୋଲ ହୁଳହୁଳିରେ ନଈ ଘାଟ କମ୍ପି ଉଠେ, ସୂର୍ଯ୍ୟ ଦେବତାଙ୍କ ମନ୍ଦିର ପାଇଁ ପଥର ଆସିଲାବେଳେ ସେମିତି ହରିବୋଲ ହୁଳହୁଳିରେ ନଈଘାଟ ଯେ କମ୍ପି ଉଠି ନ ଥିବ କିଏ କହିବ! ଘାଟକୁ ଘାଟ ତ ପାଇକ ନଜର ରଖିଥିଲେ ପଥର ଚାପ ବିନା ଅଘଟଣରେ ସୁରୁଖୁରୁରେ କେମିତି ଗତି କରିଯାଉ! ଜାତିର ସାଂସ୍କୃତିକ ରଥଚକ ଆଗକୁ ଆଗକୁ ଗଡ଼ିଚାଲୁ।

# ୩ ମିନିଟ୍‌ରେ ୨୦୪ଥର 'ନି ଷ୍ଟାଇକ୍'

## ଗିନିଜ୍ ବୁକ୍ ଅଫ୍ ରେକର୍ଡ୍ ନିଶାରେ ଓଡ଼ିଆ ପୁଅ ସଚିନ

**ଭୁବନେଶ୍ୱର, ୩୦।୧(ବ୍ୟୁରୋ)**




ନି ଷ୍ଟାଇକର ଭାବରେ ପରିଚିତ ସଚିନ ବେହେରା ଗିନିଜ୍ ବୁକ୍‌ରେ ନୂଆ ରେକର୍ଡ଼ ସ୍ଥାପନ କରି ଓଡ଼ିଶା ପାଇଁ ଗର୍ବ ଆଣିବାକୁ ଯାଉଛନ୍ତି। ପୂର୍ବରୁ ପାକିସ୍ତାନର ମୁଷ୍ଟିଯୋଦ୍ଧା ମହମ୍ମଦ ରସିଦ୍‌ଙ୍କ ନାମରେ ଥିବା ଗିନିଜ୍ ବୁକ୍ ଅଫ୍ ରେକର୍ଡକୁ ଭାଙ୍ଗିବାକୁ ପ୍ରୟାସ କରିଛନ୍ତି। ମହମ୍ମଦ ୩ ମିନିଟ୍‌ରେ ୧୭୮ଥର ନି ଷ୍ଟାଇକ୍ କରିଥିବାବେଳେ ସଚିନ୍ ଏହି ସମୟରେ ୨୦୪ଥର ନିଷ୍ଟାଇକ୍ କରିଛନ୍ତି। ରବିବାର ବୁଦ୍ଧମନ୍ଦିରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସଚିନ ଆଣ୍ଠୁରେ ୫ କେଜିର ଏଙ୍କେଲ ୱେଟ୍ ବାନ୍ଧି ସଫଳତାର ସହ ଲକ୍ଷ୍ୟ ପୂରଣ କରିଛନ୍ତି। ଖୁବ୍‌ଶୀଘ୍ର ଏହି ରେକର୍ଡର ସମସ୍ତ ତଥ୍ୟ ଓ ଆବଶ୍ୟକ ସୂଚନା ଗିନିଜ୍ ବିଶ୍ୱ ରେକର୍ଡକୁ ପଠାଯିବ ବୋଲି ସେ କହିଛନ୍ତି।

କାର୍ଯ୍ୟକ୍ରମରେ ଏକ୍ସପୋର୍ଟ ୱିଟନେସ୍ ଭାବରେ ସୌମ୍ୟରଞ୍ଜନ ଦାସ, ସନ୍ଦିପ ମହାନ୍ତି, କିକ୍‌ପ୍ୟାଡ଼ କିପର ଅମନ ପାଣ୍ଡେ, ଟାଇମ୍ କିପର ଗୁରୁପ୍ରସାଦ ପଟ୍ଟନାୟକ, ସସ୍ମିତା ରାଉତରାୟ ଉପସ୍ଥିତ ଥିଲେ। ସେହିପରି ଅତିଥି ଭାବେ ଭୁବନେଶ୍ୱର ଜିଲ୍ଲା ଆଥଲେଟିକ୍ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ଓଲିଉଡ଼ କଳାକାର ଅଖିଳେଶ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ସଚିନଙ୍କୁ ଉତ୍ସାହିତ କରିଥିଲେ।

ସୂଚନାଯୋଗ୍ୟ, ନୂଆପଡ଼ା ଜିଲା ବୋଡ଼େନ ବ୍ଲକ ଲରକା ଗ୍ରାମର ଲକ୍ଷ୍ମୀପ୍ରସାଦ ବେହେରା ଓ ଆରତୀ ବେହେରାଙ୍କ ପୁଅ ସଚିନଙ୍କର ପିଲାଟି ଦିନରୁ କ୍ରୀଡ଼ା ପ୍ରତି ଆଗ୍ରହ ଥିଲା। ତେବେ ନି ଷ୍ଟାଇକ୍ ଭଳି କ୍ରୀଡାରେ ରେକର୍ଡ ସୃଷ୍ଟି ଲାଗି ସେ ୪ମାସ ହେଲା ଦିନକୁ ୧୦ ଘଣ୍ଟା ଲେଖାଏ ଅଭ୍ୟାସ ଜାରି ରଖିଥିଲେ।

# ବାଲ୍ୟ ବିବାହ ରୋକିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୩୦।୧(ବ୍ୟୁରୋ)**

ରାଜ୍ୟରେ ବାଲ୍ୟ ବିବାହ ରୋକିବା ପାଇଁ ପଦକ୍ଷେପ ନେବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ମହିଳା ଓ ଶିଶୁ ବିକାଶ ବିଭାଗ ସମସ୍ତ ଜିଲାପାଳ ଓ ମହାନଗର ନିଗମ କମିଶନରଙ୍କୁ ଚିଠି ଲେଖିଛନ୍ତି। ଉକ୍ତ ଚିଠିରେ ଉଲ୍ଲେଖ ରହିଛି, ରାଜ୍ୟରେ ବାଲ୍ୟ ବିବାହ ରୋକିବାକୁ କେତେକ ଜିଲା ଅଭିନବ ପ୍ରୟାସ କରୁଥିବାବେଳେ ୧୬ ଜିଲାରେ ଝିଅଙ୍କ ବାଲ୍ୟ ବିବାହ ସଂଖ୍ୟା ଅଧିକ ହୋଇଥିବା ନ୍ୟାଶନାଲ ଫ୍ୟାମିଲି ହେଲ୍‌ଥ ସର୍ଭେ(ଏନ୍‌ଏଫ୍‌ଏଚ୍‌ଏସ୍)-୪ର ତଥ୍ୟରୁ ଜଣାପଡ଼ିଛି। ତେଣୁ ଏସବୁ ଜିଲା ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟାନୁଷ୍ଠାନ ଓ ଅନ୍ୟାନ୍ୟ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦିଆଯାଇଛି। ଏଥି ସହିତ ଅନ୍ୟ ୧୪ଟି ଜିଲା ଓ ୫ଟି ମହାନଗର ନିଗମରେ ବି ଏ ଦିଗରେ କାର୍ଯ୍ୟ କରିବା ଉଚିତ। ବାଲ୍ୟ ବିଭାହ ରୋକିବା ପାଇଁ ଜିଲାସ୍ତରରେ ଆନ୍ତଃ କ୍ଷେତ୍ରିୟ ଏକାଭିମୁଖୀ କାର୍ଯ୍ୟାନ୍ୱୟନ ଯୋଜନା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ବାଲ୍ୟ ବିବାହ ରୋକିବା ପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିବା ପାଇଁ କୁହାଯାଇଛି।

# କେନ୍ଦ୍ର, ରାଜ୍ୟ ସରକାରଙ୍କ ବିଫଳତାକୁ ବୁଥ୍ ସ୍ତରରେ ପହଞ୍ଚାଇବ କଂଗ୍ରେସ

**ଭୁବନେଶ୍ୱର,୩୦।୧(ବ୍ୟୁରୋ)**

ପ୍ରଦେଶ କଂଗ୍ରେସ କମିଟି (ପିସିସି) ସାମାଜିକ ଗଣମାଧ୍ୟମ ବିଭାଗର ରାଜ୍ୟ ପରିବର୍ତ୍ତିତ କାର୍ଯ୍ୟକାରିଣୀ ଓ ତ୍ରିସ୍ତରୀୟ ନିର୍ବାଚନ ପରିଚାଳନା ବୈଠକ ରବିବାର କଂଗ୍ରେସ ଭବନରେ ଅନୁଷ୍ଠିତ ହୋଇଯାଇଛି। ବିଭାଗ ଅଧ୍ୟକ୍ଷ ଅଭିଷେକ ମହାନନ୍ଦ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ସୋସିଆଲ ମିଡିଆ କିପରି ପ୍ରତି ବୁଥ୍ ସ୍ତରକୁ ଯାଇ ପ୍ରାର୍ଥୀଙ୍କ କଥା ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତାକୁ ବୁଥ ସ୍ତରରେ ପହଞ୍ଚେଇବ ସେନେଇ ରଣନୀତି ପ୍ରସ୍ତୁତ କରାଯାଇଥିଲା। ଏଥିସହ ପ୍ରତି ବୁଥ୍‌ରେ ୧୦ଜଣ ସୋସିଆଲ ମିଡିଆ କର୍ମୀ ଚୟନ କରାଯାଇ ବିଭାଗର କାର୍ଯ୍ୟକ୍ରମକୁ ମଜବୁତ କରାଯିବ ତାହା ଉପରେ ଆଲୋଚନା ହୋଇ ପ୍ରସ୍ତାବ ଗ୍ରହଣ କରାଯାଇଥିଲା।

ଅତିଥି ଭାବେ ପିସିସି ଉପ ସଭାପତି ଜଗେଶ୍ୱର ବାବୁ, ମିଡିଆ ବିଭାଗ ଆବାହକ ସତ୍ୟପ୍ରକାଶ ନାୟକ, ପିସିସି ମୁଖପାତ୍ର ମନୋଜ ମହାପାତ୍ର, ସାଧାରଣ ସମ୍ପାଦକ ବିଶ୍ୱଭୂଷଣ ଦାସ ଓ ବିସ୍ମୟ ମହାପାତ୍ର, କିଷାନ ସେଲ ଅଧକ୍ଷ ଅମିୟ ପଟ୍ଟନାୟକ, ସଂଖ୍ୟା ଲଘୁ ସେଲ ଅଧକ୍ଷ ଜିଆଉଲ୍ ହକ୍ ପ୍ରମୁଖ ଉପସ୍ଥିତ ଥିଲେ। ସୋସିଆଲ ମିଡ଼ିଆ ଉପସଭାପତି ପ୍ରମୋଦ ସାହୁ, ବିନୋଦ ବିହାରୀ ନାୟକ,ସୋସିଆଲ ମିଡିଆ ସାଧାରଣ ସମ୍ପାଦକ ଜଗତ ଜୀବନ୍ ମହାନ୍ତି, ଅନ୍ୟ ସୋସିଆଲ ମିଡିଆ କର୍ମକର୍ତ୍ତା ଓ ସମସ୍ତ ଜିଲା ଅଧକ୍ଷ ଓ ସଂଯୋଜକ ଯୋଗଦେଇଥିଲେ।


| | | | | | | |
|---|---|---|---|---|---|---|
| ୯୭୫ | ରୟତି | ୪୦୩୧ | ଶାରଦଦୁଇ | ୦.୧୨୦ | ୦.୦୮୦ | ପ୍ରଭାକର ନାୟକ, କୌଶଲ୍ୟା ନାୟକ ପି: ନବଘନ ନାୟକ, ଦୁର୍ଯ୍ୟୋଧନ ନାୟକ, ଡମ୍ବୁଣି ନାୟକ ପି: ହାଡିବନ୍ଧୁ ନାୟକ, ଲୋକନାଥ ନାୟକ, ରବି ନାୟକ, ସିଲି ନାୟକ, ଝିଲି ନାୟକ ପି: ପଦିଆ ନାୟକ, ବା: ମୁର୍ଦ୍ଦଙ୍ଗାପାଲି, କ୍ଷିରୋଦ ବେହେରା, ନିରୋଦ ବେହେରା, ଉତମ ବେହେରା ପି: ଦୁଃଖବନ୍ଧୁ ବେହେରା, ବା: ପାଣିଭଣ୍ଡାରୀଳ ପୁଷ୍ପଲତା ନାୟକ ପି: ସନ୍ତୋଷ ନାୟକ, ଚିନା ନାୟକ ସ୍ୱା: ସନ୍ତୋଷ ନାୟକ, ଉର୍ମିଳା ନାୟକ ପି: ଅଧିକାରୀ ନାୟକ, ଜା: ଗୋପାଳ, ବା: ମୁର୍ଦ୍ଦଙ୍ଗାପାଲି |
| ୨ | ରୟତି | ୪୦୪୦ | ଶାରଦଦୁଇ | ୦.୦୫୦ | ୦.୦୩୦ | ଅଇଁଠୁ ସାହୁ, ମଙ୍ଗୁଲୁ ସାହୁ ପି: ଦୁର୍ଲଭ ସାହୁ, ଜା: ଗୁଡିଆ, ବା: ନିଜିଗାଁ, ପଡା: ଗୋଡିଡିହ |
| ୭୫୭ | ରୟତି | ୪୦୪୧ | ଶାରଦଦୁଇ | ୦.୦୪୦ | ୦.୦୪୦ | ମୁରଲିଧର ସାହୁ, ବିଦ୍ୟାଧର ସାହୁ, ଦୟାନିଧି ସାହୁ, ପଂଚାନନ ସାହୁ, ପି: କାଶିନାଥ ସାହୁ, ମୋହନ ସାହୁ, ଗିରିଧାରୀ ସାହୁ ପି: ଭୋଳି ସାହୁ, ଜା: ତେଲି, ବା: ନିଜିଗାଁ, ପଡା: ଗୋଡିଡିହ |
| ୯୬୨ | ରୟତି | ୪୦୪୨ | ଶାରଦଦୁଇ | ୦.୦୩୦ | ୦.୦୩୦ | ହରେକୃଷ୍ଣ ମହାପାତ୍ର, ନାଥ ମହାପାତ୍ର ପି: ସନେଇ ମହାପାତ୍ର, କୁଳମଣି ମହାପାତ୍ର ପି: ବୈଷ୍ଣବ ମହାପାତ୍ର, ଜା: ମାଳି, ବା: ମର୍ଦ୍ଦଙ୍ଗାପାଲି |
| ୯୮୮/୮୩ | ରୟତି | ୪୦୪୭ | ଶାରଦଦୁଇ | ୦.୦୩୦ | ୦.୦୩୦ | ରୁକ୍ଷି ସାହୁ ପି: ପୂର୍ଣ୍ଣଚନ୍ଦ୍ର ସାହୁ, ଜା: ତେଲି, ବା: ଗୋଡିଡିହ |
| ୯୮୮/୫୭୮ | ରୟତି | ୪୦୪୯ | ଶାରଦଦୁଇ | ୦.୧୦୦ | ୦.୦୯୦ | ଦୁଃଖବନ୍ଧୁ ପରିଡା ପି: ଗଣେଶ୍ୱର ପରିଡା, ଜା: ଖଣ୍ଡାୟତ, ବା: ନାଧରା |
| ୫୧୧ | ରୟତି | ୪୦୪୩ | ଶାରଦ ଦୁଇ | ୦.୦୭୦ | ୦.୦୨୦ | ପୂର୍ଣ୍ଣଚନ୍ଦ୍ର ସାହୁ ପି: ଯଦୁ ସାହୁ, ଜା: ତେଲି, ବା: ନିଜିଗାଁ, ପଡା: ଗୋଡିଡିହ |
| ୯୮୮/୫୮୨ | ରୟତି | ୪୦୪୪ | ଶାରଦ ଦୁଇ | ୦.୦୭୦ | ୦.୦୧୦ | ରୁକ୍ଷି ସାହୁ ପି: ପୂର୍ଣ୍ଣଚନ୍ଦ୍ର ସାହୁ, ଜା: ତେଲି, ବା: ଗୋଡିଡିହ |
| ୭୫୨ | ରୟତି | ୪୦୪୬ | ଶାରଦ ଦୁଇ | ୦.୦୩୦ | ୦.୦୧୦ | ମିଟୁ ମହାପାତ୍ର ପି: ନୃସିଂହ ମହାପାତ୍ର, ସାରଙ୍ଗ ମହାପାତ୍ର ପି: କାଶି ମହାପାତ୍ର, ଜା: ମାଳି, ବା: ମୃଦଙ୍ଗାପାଲି |
| ୭୮୯ | ରୟତି | ୪୦୪୮ | ଶାରଦ ଦୁଇ | ୦.୦୮୦ | ୦.୦୧୦ | ରୁଣି ସାହୁ ପି: ପୁନିଆ ସାହୁ, ଜା: ତେଲି, ବା: ନିଜିଗାଁ, ପଡା: ଗୋଡିଡିହ |
| ୩୬୧ | ରୟତି | ୪୦୫୧ | ଶାରଦ ଦୁଇ | ୦.୦୩୦ | ୦.୦୩୦ | ଧନି ମହାପାତ୍ର ପି: ଭାବ ମହାପାତ୍ର, ଲାଭ ମହାପାତ୍ର ପି: ବଚନ ମହାପାତ୍ର, ଜା: ମାଳି, ବା: ମୃଦଙ୍ଗାପାଲି |
| ୯୮୮/୫୭୮ | ରୟତି | ୪୦୫୦ | ଶାରଦ ଏକ | ୦.୧୪୦ | ୦.୦୨୦ | ଦୁଃଖବନ୍ଧୁ ପରିଡା ପି: ଗଣେଶ୍ୱର ପରିଡା, ଜା: ଖଣ୍ଡାୟତ, ବା: ନାଧରା |
| ୭୫୫ | ରୟତି | ୪୦୫୬ | ଶାରଦ ଦୁଇ | ୦.୦୫୦ | ୦.୦୩୦ | ମୁରଲିଧର ସାହୁ, ବିଦ୍ୟାଧର ସାହୁ, ଦୟାନିଧି ସାହୁ, ପଂଚାନନ ସାହୁ, ପି: କାଶିନାଥ ସାହୁ, ଜା: ତେଲି, ବା: ନିଜିଗାଁ, ପଡା: ଗୋଡିଡିହ |
| ୫୮୩ | ରୟତି | ୪୦୫୫ | ଶାରଦ ଦୁଇ | ୦.୦୩୦ | ୦.୦୧୦ | ବାଉରି ସାହୁ ପି: ଦୈତାରୀ ସାହୁ, ରତ୍ନାକର ସାହୁ, ଲମ୍ବୋଦର ସାହୁ, ନନ୍ଦ ସାହୁ, ଚନ୍ଦ୍ରମଣି ସାହୁ ପି: ଫକିର ସାହୁ, ଜା: ଗୁଡିଆ, ବା: ନିଜିଗାଁ, ପଡା: ଗୋଡିଡିହ |
| ୪୩୦ | ରୟତି | ୪୦୫୪ | ଶାରଦ ଦୁଇ | ୦.୦୨୦ | ୦.୦୨୦ | ନିଳକଣ୍ଠ ମହାପାତ୍ର ପି: ପର୍ଶୁ ମହାପାତ୍ର, ଜା; ମାଳି, ବା: ମୃଦଙ୍ଗାପାଲି, ଉଜଳ ମହାପାତ୍ର ପି: ପର୍ଶୁ ମହାପାତ୍ର, ଜା: ମାଳି, ବା: କନ୍ଦର ସିଂହା, ଅଠିଲ ମହାପାତ୍ର ପି: ପର୍ଶୁ ମହାପାତ୍ର, ଜା: ମାଳି, ବା: ବଳରାମ ପ୍ରସାଦ, ସବଡିଭିଜନ ଅନୁଗୋଳ, ମହାଦେଇ ମହାପାତ୍ର, ସ୍ୱା: ପର୍ଶୁ ମହାପାତ୍ର, ଜା: ମାଳି, ବା: ମୃଦଙ୍ଗାପାଲି |
| ୯୮୮/୧୦୯ | ରୟତି | ୪୧୬୪ | ଶାରଦ ଏକ | ୦.୪୬୦ | ୦.୪୦୦ | ଖଗେଶ୍ୱର ମହାନ୍ତି ପି: ପିତବାସ ମହାନ୍ତି, ଜା: ଖଣ୍ଡାୟତ, ବା: ନିଜିଗାଁ |
| ୧୭୬ | ରୟତି | ୪୧୬୪/୭୭୬୦ | ଶାରଦ ଏକ | ୦.୦୩୦ | ୦.୦୨୦ | ଗୋପାଳ ମହାପାତ୍ର ପି: ଲକ୍ଷ୍ମଣ ମହାପାତ୍ର, ମଧୁ ମହାପାତ୍ର, ମହର୍ଗା ମହାପାତ୍ର, ହରିଆ ମହାପାତ୍ର ପି: ସପନି ମହାପାତ୍ର, ଜା: ମାଳି, ବା: ନିଜିଗାଁ, ପଡା: ମୃଦଙ୍ଗାପାଲି |
| ୯୪୧ | ରୟତି | ୪୧୬୭ | ଶାରଦ ତିନି | ୦.୦୪୦ | ୦.୦୪୦ | ସୁମତୀ ସାହୁ ପି: ଆନନ୍ଦ ସାହୁ, ଚିନି ସାହୁ ସ୍ୱା: ଆନନ୍ଦ ସାହୁ, ପରମା ସାହୁ, ନିଳମଣି ସାହୁ ପି: ଦଣ୍ଡି ସାହୁ, ଜା: ତେଲି, ବା: ନିଜିଗାଁ, ପଡା: ଗୋଡିଡିହ |
| ୯୪୧ | ରୟତି | ୪୧୬୮ | ଶାରଦ ତିନି | ୦.୦୭୦ | ୦.୦୭୦ | |
| ୭୯୭ | ରୟତି | ୪୧୬୯ | ଶାରଦ ତିନି | ୦.୧୧୦ | ୦.୦୭୦ | ରୁକ୍ଷି ସାହୁ ପି: ପୂର୍ଣ୍ଣଚନ୍ଦ୍ର ସାହୁ, ଜା: ତେଲି, ବା: ଗୋଡିଡିହ |
| ୯୪୧ | ରୟତି | ୪୧୭୦ | ଶାରଦ ତିନି | ୦.୦୫୦ | ୦.୦୩୦ | ସୁମତୀ ସାହୁ ପି: ଆନନ୍ଦ ସାହୁ, ଚିନି ସାହୁ ସ୍ୱା: ଆନନ୍ଦ ସାହୁ, ପରମା ସାହୁ, ନିଳମଣି ସାହୁ ପି: ଦଣ୍ଡି ସାହୁ, ଜା: ତେଲି, ବା: ନିଜିଗାଁ, ପଡା: ଗୋଡିଡିହ |
| ୧୫ | ରୟତି | ୪୧୭୧ | ଶାରଦ ତିନି | ୦.୦୪୦ | ୦.୦୨୦ | ଅର୍ଜୁନ ସାହୁ, କାନ୍ତ ସାହୁ ପି: ଭୋଳେଶ୍ୱର ସାହୁ, ଜା: ତେଲି, ବା: ନିଜଗାଁ, ପଡା: ଗୋଡିଡିହ, ବଚନୀ ସାହୁ ପି: ଭୋଳେଶ୍ୱର ସାହୁ, ଜା: ତେଲି, ବା: ଶିବପୁର, ମଲିକା ସାହୁ ପି: ଭୋଳେଶ୍ୱର ସାହୁ, ଜା: ତେଲି, ବା: ବାଙ୍ଗୁରୁସିଙ୍ଗା |
| ୭୯୭ | ରୟତି | ୪୧୭୨ | ଶାରଦ ତିନି | ୦.୦୬୦ | ୦.୦୩୦ | ରୁକ୍ଷି ସାହୁ ପି: ପୂର୍ଣ୍ଣଚନ୍ଦ୍ର ସାହୁ, ଜା: ତେଲି, ବା: ନିଜିଗାଁ, ପଡା: ଗୋଡିଡିହ, |
| ୫୧୫ | ରୟତି | ୪୧୭୩ | ଶାରଦ ତିନି | ୦.୩୪୦ | ୦.୦୩୦ | ପୂର୍ଣ୍ଣଚନ୍ଦ୍ର ମହାରଣା, ସୁରେନ୍ଦ୍ର ମହାରଣା, ଝୁମର ମହାରଣା ପି: ଲୋଚନ ମହାରଣା, ଜା: ବଢ଼େଇ, ବା: ନିଜିଗାଁ, ଗୁଣନିଧି ମହାରଣା, ମୁରଲିଧର ମହାରଣା ପି: ଗୋବିନ୍ଦ ମହାରଣା, ଜା: ବଢ଼େଇ, ବା: କାଳିଆହୋତା |
| ୫୬୪ | ରୟତି | ୨୫୮୭ | ଶାରଦ ଏକ | ୦.୭୪୦ | ୦.୦୧୦ | ବଂଶୀଧର ନାଏକ ପି: ବିଦେଶୀ ନାଏକ, ଜା: ହାଡି, ବା: ନିଜିଗାଁ |
| ୫୭୧ | ରୟତି | ୩୮୦୬/୬୮୨ | ଶାରଦ ଦୁଇ | ୦.୦୨୦ | ୦.୦୧୦ | ବ୍ରଜବନ୍ଧୁ ଧୀର, ଗଙ୍ଗାଧର ଧୀର, ହୃଷିକେଶ ଧୀର ପି: ହରେକୃଷ୍ଣ ଧୀର, ରବିନ୍ଦ୍ର ଧୀର, ଛବିନ୍ଦ୍ର ଧୀର, ଦେବ ଧୀର, ଗୋଲାପ ଧୀର ପି: ନନ୍ଦକିଶୋର ଧୀର, ହେମ ଧୀର ସ୍ୱା: ନନ୍ଦକିଶୋର ଧୀର, ଜା: କ୍ଷତ୍ରିୟ, ବା: ନିଜିଗାଁ |
| ୭୮୯ | ରୟତି | ୪୦୨୫ | ଶାରଦ ଦୁଇ | ୦.୦୪୦ | ୦.୦୧୦ | ରୁଣି ସାହୁ ପି: ପୁନିଆ ସାହୁ, ଜା: ତେଲି, ବା: ନିଜିଗାଁ, ପଡା: ଗୋଡିଡିହ |
| ୯୬୩ | ରୟତି | ୩୨୫୩ | ଶାରଦ ତିନି | ୦.୦୪୦ | ୦.୦୧୦ | ହରେକୃଷ୍ଣ ମହାପାତ୍ର, ନାଥ ମହାପାତ୍ର ପି: ସନେଇ ମହାପାତ୍ର, ମାଟିଆ ମହାପାତ୍ର ପି: ଚନ୍ଦ୍ର ମହାପାତ୍ର, ଜା: ମାଳି, ବା: ମୃଦଙ୍ଗାପାଲି |
| ୭୧୪ | ରୟତି | ୩୨୬୪ | ଶାରଦ ତିନି | ୦.୦୩୦ | ୦.୦୨୦ | ମହୁର ମହାରଣା, ହରି ମହାରଣା, ନିଳମଣି ମହାରଣା ପି: ଅଧିକାରୀ ମହାରଣା, ଜା: ବଢ଼େଇ, ବା: ନିଜଗାଁ, ପଡା: ଗୋଡିଡିହ, ହେମ ମହାରଣା ପି: ଅଧିକାରୀ ମହାରଣା, ଜା: ବଢ଼େଇ, ବା: ଆମ୍ଳଲୁଣ୍ଡିଆ, ଥାନା: ରାସୋଳ, ଭାଲୁ ମହାରଣା ସ୍ୱା: ଅଧିକାରୀ ମହାରଣା, ମକୁନ୍ଦ ମହାରଣା, ନହିଆ ମହାରଣା ପି: ଭଜନ ମହାରଣା, ଜା: ବଢ଼େଇ, ବା: ନିଜିଗାଁ, ପଡା: ଗୋଡିଡିହ |
| ୩୨୧ | ରୟତି | ୨୯୭୯/୭୫୦୦ | ଶାରଦ ଦୁଇ | ୦.୦୫୦ | ୦.୦୨୦ | ଦଣ୍ଡଧର ସାହୁ ପି: ନବିନ ସାହୁ, ଜା: ତେଲି, ବା: ନିଜିଗାଁ, ପଡା: ଗୋଡିଡିହ |
| ୬୨୧ | ରୟତି | ୨୬୦୭ | ଶାରଦ ତିନି | ୦.୧୧୦ | ୦.୧୧୦ | ବୁଧିମନ୍ତ ପୃଷ୍ଟି ପି: ନାରାୟଣ ପୃଷ୍ଟି, ଜା: ଖଣ୍ଡାୟତ, ବା: ନାଧରା |
| | | | | ମୋଟ | ୧୦.୦୬୦ | |

ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ଶାଳଗାଁ ବୁଢ଼ାପଙ୍କ
ତାଳଚେର ଜରପଡା ତୃତୀୟ ଓ ଚତୁର୍ଥ ରେଳପଥଙ୍କ
କାର୍ଯ୍ୟାଳୟ, ଢେଙ୍କାନାଳ

ଶ୍ରୀ ସରୋଜ କୁମାର ସେଠୀ
ଜିଲ୍ଲାପାଳ, ଢେଙ୍କାନାଳ

OIPR-24034/14/0012/2122

# ଭୋଟ ନ ଦେଲେ ରାଶନ କାର୍ଡ କଟିବା ଧମକ

**ଯାଜପୁର ଅଫିସ,୩୦।୧**

ପଞ୍ଚାୟତ ନିର୍ବାଚନ ତାରିଖ ଯେତେ ପାଖେଇ ଆସୁଛି ତିନି ପ୍ରମୁଖ ଦଳର ପ୍ରଚାର ସେତେ ତେଜିବାରେ ଲାଗିଛି। ଭୋଟରଙ୍କ ନିକଟରେ ପହଞ୍ଚିବାକୁ ସବୁ ଦଳ ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇଛନ୍ତି। ଯାଜପୁର ଜିଲାର ବିଜେଡି ଗଡ଼ ଭାବେ ପରିଚିତ କୋରେଇ ବ୍ଲକରେ ସମୀକରଣ ବଦଳୁଥିବା ଲକ୍ଷ୍ୟ କରାଯାଉଛି। ଏଥିରେ ବିଚଳିତ ହୋଇ କେତେଜଣ ଡିଲର, ଦଳୀୟ କର୍ମୀ ଓ ନେତା ଭୋଟ ନ ଦେଲେ ରାଶନ କାର୍ଡ କାଟିଦିଆଯିବ ବୋଲି ଭୋଟରଙ୍କୁ ଧମକ ଦେଉଥିବା ସୂଚନା ମିଳିଛି। ଏହି ମର୍ମରେ ଶନିବାର କୁଆଖିଆଠାରେ କୋରେଇ ବ୍ଲକର ସମସ୍ତ ଡିଲରମାନଙ୍କୁ ଡାକି ଏକ ବୈଠକରେ ହିତାଧିକାରୀଙ୍କୁ ଚେତାଇ ଦେବାକୁ ପରାମର୍ଶ ଦିଆଯାଇଥିବା ଚର୍ଚ୍ଚା ହେଉଛି।

କୋରେଇ ବ୍ଲକରେ ୨୮ଟି ପଞ୍ଚାୟତ, ୩ ଜିଲା ପରିଷଦ ଓ ୪୦୮ଟି ୱାର୍ଡ ରହିଛି। ୨୦୧୭ ପଞ୍ଚାୟତ ନିର୍ବାଚନରେ ବିଜେଡି ୩ ଜିଲା ପରିଷଦ ଆସନ ହାତେଇ ପାରିଥିଲା। ହେଲେ ଭାଜପା ହାରିଥିଲେ ମଧ୍ୟ ଭୋଟହାର ବଢ଼ିବା ଯୋଗୁ ବିଜେଡି ପାଇଁ ଚିନ୍ତାର କାରଣ ହୋଇଥିଲା। କୋରେଇ ବିଜେଡି ଅଳ୍ପକେ ବର୍ତ୍ତି ଯାଇଥିଲା ବୋଲି ସେତେବେଳେ ଚର୍ଚ୍ଚା ହୋଇଥିଲା। କୋରେଇ ବ୍ଲକର ୧ ନମ୍ବର ଜିଲା ପରିଷଦ ଜୋନରେ ବିଜେଡି ୫୪% ଭୋଟ ପାଇଥିଲାବେଳେ ୨ ଓ ୩ ନମ୍ବର ଜୋନରେ ୪୫% ଭୋଟ ପାଇଥିଲା। ତେବେ ଭାଜପା ୧ ନମ୍ବର ଜୋନରେ ୨୭%, ୨ ନମ୍ବର ଜୋନ୍‌ରେ ୨୯% ଓ ୩ ନମ୍ବର ଜୋନରେ ୩୩% ଭୋଟ ହାସଲ କରି ପ୍ରଥମଥର ଦ୍ୱିତୀୟ ସ୍ଥାନରେ ରହିଥିଲା। ୨୦୧୯ ସାଧାରଣ ନିର୍ବାଚନକୁ ଏହା ପ୍ରଭାବିତ କରିଥିଲା। ବିଜେଡିର ଅଶୋକ ବଳ ୭୩,୪୦୩ (୪୯.୬%) ଭୋଟ ପାଇଥିଲାବେଳେ ଭାଜପାର

**କୋରେଇ ବ୍ଲକ**

ବିଶ୍ୱଜିତ ନାୟକ ୪୨,୬୭୯(୨୮.୪%) ଭୋଟ ପାଇଥିଲେ। ତେବେ କଂଗ୍ରେସର ବନ୍ଦିତା ପରିଡା ମଧ ଏଠାରେ ୨୮,୪୮୭(୧୯.୨୫%) ଭୋଟ ପାଇଥିବାରୁ ତ୍ରିମୁଖୀ ଲଢ଼େଇ ହୋଇଥିଲା। ଏବେ ପରିସ୍ଥିତି ସମ୍ପୂର୍ଣ୍ଣ ବଦଳି ଯାଇଛି। ଅନ୍ୟ ନିର୍ବାଚନ ମଣ୍ଡଳୀଠାରୁ କୋରେଇ ବିକାଶ କ୍ଷେତ୍ରରେ ବହୁ ପଛରେ ପଡ଼ିଯାଇଛି ବୋଲି ଅଭିଯୋଗ ହେଉଛି। କୋରେଇ ବ୍ଲକରେ ମହାଦୁର୍ନୀତି ଓ ପିସି କାରବାର, ବିଧବା ଭତ୍ତା, ପାଇଖାନା ନିର୍ମାଣ ଓ ମୋ ଗୁହାଳ ପ୍ରଭୃତି ଉନ୍ନୟନ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଆସୁଛି। ୨୦ହଜାର ଟଙ୍କା ଲେଖାଏ ହାତଗୁଞ୍ଜା ନେଇ ଥିଲାବାଲା ଲୋକଙ୍କୁ ମୋ କୁଡ଼ିଆ ଓ ଇନ୍ଦିରା ଆବାସ ପ୍ରଦାନ କରାଯାଉଛି। ଅଭିଯୋଗ ହେଲେ ବି ସେ ସମ୍ପର୍କରେ ତଦନ୍ତ ହେଉନାହିଁ। ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ବ୍ୟାପକ ହରିଲୁଟ ହେଉଥିବା ନେଇ ଲୋକେ ପ୍ରଶାସନର ଦ୍ୱାରସ୍ଥ ହେଉଛନ୍ତି। ଏଭଳି ସ୍ଥିତିରେ ରାଶନ କାର୍ଡ ହିତାଧିକାରୀଙ୍କୁ ଧମକ ଦେବା ଅଭିଯୋଗ ପଞ୍ଚାୟତ ନିର୍ବାଚନକୁ ବହୁଳ ଭାବେ ପ୍ରଭାବିତ କରିବ ବୋଲି ମତପ୍ରକାଶ ପାଇଛି।

ବ୍ଲକରେ ୩୨,୯୪୬ ରାଶନ କାର୍ଡ ହିତାଧିକାରୀ ରହିଛନ୍ତି। ୨୦୨୦ ଲକ୍‌ଡାଉନ୍ ସମୟରେ ରାଶନ କାର୍ଡ ହିତାଧିକାରୀଙ୍କୁ ଚାଉଳ/ଗହମ ମୁଣ୍ଡପିଛା ୫ କେଜି ଏବଂ କିରୋସିନ ରାଶନ କାର୍ଡ ପିଛା ୨ ଲିଟର ଲେଖାଏ ବଣ୍ଟନ ହୋଇଥିଲା। ଏହାବାଦ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଗରିବୀ କଲ୍ୟାଣ ଅନ୍ନ ଯୋଜନା (ପିଏମ୍‌ଜିକେଏୱାଇ) ରେ ୨୦୨୦ ଏପ୍ରିଲରୁ ଜୁନ ପର୍ଯ୍ୟନ୍ତ ମାଗଣାରେ ହିତାଧିକାରୀ ପିଛା ୫ କେଜି ଲେଖାଏ ଚାଉଳ/ଗହମ ବଣ୍ଟନ ହୋଇଥିଲା। ଅନୁରୂପ ଭାବେ ୬।୪।୨୦୨୦ରେ ମୁଖ୍ୟମନ୍ତ୍ରୀ ରାଶନ କାର୍ଡ ପିଛା ୧୦୦୦ ଟଙ୍କା ଲେଖାଏ ଦେବାକୁ ଘୋଷଣା କରିଥିଲେ। ତଦନୁସାରେ କୋରେଇ ବ୍ଲକ ପାଇଁ ୩,୩୭,୫୦,୦୦୦ ଟଙ୍କା ଆସିଥିଲା। କିନ୍ତୁ ପ୍ରଶାସନ ପକ୍ଷରୁ ମାତ୍ର ୩,୨୯,୪୬,୦୦୦ ଟଙ୍କା ବଣ୍ଟନ ହୋଇପାରିଥିଲା। ଏଥିରୁ ୮୦୪ ହିତାଧିକାରୀଙ୍କ ୮,୦୪,୦୦୦ଟଙ୍କା ବଣ୍ଟନ ହୋଇପାରି ନ ଥିଲା। ଏଥିରୁ ଏହି ବ୍ଲକରେ ବି ଜାଲ ହିତାଧିକାରୀ ରହିଥିବା ସେତେବେଳେ ସନ୍ଦେହ ହୋଇଥିଲା। ଏନେଇ ରାଜ୍ୟରେ ଲୋକାୟୁକ୍ତ ମାମଲା (ଏଲୱାଇ-୧୨୩/୨୦୨୧)ବିଚାରାଧୀନ ରହିଛି। ଏହାର ଫାଇଦା ନେବାକୁ ଯାଇ ରାଶନ କାର୍ଡ କାଟିଦେବାର ଧମକ ଦିଆଯାଉଥିବା କେତେଜଣ ଡିଲର ନିଜର ନାମ ଗୋପନ ରଖିବା ସର୍ତ୍ତରେ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ସରପଞ୍ଚ ପ୍ରାର୍ଥୀଙ୍କ ହୃଦ୍‌ଘାତରେ ମୃତ୍ୟୁ

**ଚଣ୍ଡିଖୋଲ,୩୦।୧(ଡି.ଏନ.ଏ.):** ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଧନମଣ୍ଡଳ ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ସରୋଜ କୁମାର ସ୍ୱାଇଁ(୫୮)ଙ୍କ ରବିବାର ରାତି ପ୍ରାୟ ୯ଟାରେ ହୃଦ୍‌ଘାତରେ ପରଲୋକ ହୋଇଛି। ସେ ନିର୍ବାଚନ ପ୍ରଚାର ଶେଷ କରି ତାଙ୍କ ଶାସନସୀମା ଗ୍ରାମ ଘରକୁ ଫେରିଥିଲେ। ଏହାପରେ ତାଙ୍କ ଶରୀର ଅସୁସ୍ଥ ହୋଇ ପଡ଼ିଥିଲା। ଫଳରେ ପରିବାର ଲୋକେ ତାଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ନିର୍ବାଚନ ଲାଗି ତାରିଖ ଘୋଷଣା ସରିଥିବାରୁ ପଞ୍ଚାୟତରେ ପ୍ରଚାର ଜୋରଦାର ହୋଇଛି। ତେବେ ଏହି ସମୟରେ ପ୍ରାର୍ଥୀଙ୍କ ମୃତ୍ୟୁକୁ ନେଇ କର୍ମୀ ଓ ଭୋଟର ଦ୍ୱନ୍ଦ୍ୱରେ ପଡ଼ିଛନ୍ତି।

### କ୍ରିକେଟ୍ ଟୁର୍ନାମେଣ୍ଟ: ଫାଇନାଲରେ ସୁଙ୍ଗୁଡ଼ା

**ଧର୍ମଶାଳା,୩୦।୧(ଡି.ଏନ.ଏ.):** ଧର୍ମଶାଳା ବ୍ଲକ ଅଧୀନ ଚୋରମୁହାଁ ଯୁଥ୍ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ମଜାର ପଡ଼ିଆରେ ଚାଲିଥିବା ହରେକୃଷ୍ଣ ରାଉତ ଓ ମଧୁସୂଦନ ରାଉତ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟରେ ରବିବାର ଆୟୋଜକ ଟାଇଗର ଯୁଥ କ୍ଲବ ବାମଦେଇପୁରକୁ ୪ ଉଇକେଟରେ ପରାସ୍ତ କରି କେସିସି ସୁଙ୍ଗୁଡ଼ା ଫାଇନାଲରେ ପ୍ରବେଶ କରିଛି। ବାମଦେଇପୁର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର ମଧ୍ୟରୁ ୧୮.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୫୦ ରନ କରିଥିଲା। ଦଳ ପକ୍ଷରୁ ଚନ୍ଦନ ଜେନା ୬୧ରନ୍ କରିଥିବାବେଳେ ବିପକ୍ଷ ଦଳର ଆଶିଷ ବଳ ୫ ଉଇକେଟ ନେଇଥିଲେ। ଜବାବରେ ସୁଙ୍ଗୁଡ଼ା ଟିମ୍ ବ୍ୟାଟିଂ କରି ୧୬.୩ ଓଭରରେ ୬ ଉଇକେଟ ହରାଇ ୧୫୧ ରନ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ହାପି ସେଠୀ ୩୭ ରନ କରିଥିବାବେଳେ ବିପକ୍ଷ ଦଳର କଳ୍ପତରୁ ଦାସ ୨ ଉଇକେଟ ନେଇଥିଲେ। ମ୍ୟାଚ୍‌କୁ ସଞ୍ଜୟ ମହାନ୍ତି ଓ ପ୍ରଦୀପ ଜେନା ପରିଚାଳନା କରିଥିଲେ। ସୋମବାର ଫାଇନାଲ ମ୍ୟାଚ୍ ଇଲେଭେନ ଷ୍ଟାର ଜାରକା ଓ କେସିସି ସୁଙ୍ଗୁଡ଼ା ମଧ୍ୟରେ ଅନୁଷ୍ଠିତ ହେବ ବୋଲି କ୍ଲବ ସମ୍ପାଦକ ପ୍ରବୋଧ ପାତ୍ର ସୂଚନା ଦେଇଛନ୍ତି।

### ଗାନ୍ଧିଜୀଙ୍କ ମହାପ୍ରୟାଣ ଦିବସ

**ଧର୍ମଶାଳା,୩୦।୧(ଡି.ଏନ.ଏ.):** ଧର୍ମଶାଳା ବ୍ଲକ ଅଧୀନ ଭାଲୁଖାଇସ୍ଥିତ ମହାତ୍ମା ଗାନ୍ଧୀ ଫାଉଣ୍ଡେଶନ ପକ୍ଷରୁ ଗାନ୍ଧିଜୀଙ୍କ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି। ଭାଲୁଖାଇସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଆୟୋଜିତ କାର୍ଯ୍ୟକ୍ରମରେ ଫାଉଣ୍ଡେଶନ ସଭାପତି ଅଖିଳ କୁମାର ସ୍ୱାଇଁ ଅଧକ୍ଷତା କରିଥିଲେ। ପୂର୍ବତନ ବ୍ଲକ ଅଧକ୍ଷ କିଷାନ ପଣ୍ଡା, ସମର୍ଥର ସଭାପତି କାହ୍ନୁଚରଣ ଦାଶ, ପ୍ରାଧ୍ୟାପକ ସୁଶାନ୍ତ କୁମାର ପଣ୍ଡା, ରାଧାଶ୍ୟାମ ସାହୁ, ରାଜ୍ୟ ଯୁବ କଂଗ୍ରେସ ମୁଖପାତ୍ର ମାନସ ରଞ୍ଜନ କର, ଇନର ହୁଇଲ କ୍ଲବ ପୂର୍ବତନ ସଭାନେତ୍ରୀ ମାଧୁରୀ ଶତପଥୀ, ମିନତି ସାହୁ, ଶିକ୍ଷକ ନେତା ଯୁଧିଷ୍ଠିର ସ୍ୱାଇଁ, ଡ. ପ୍ରଶାନ୍ତ କୁମାର ସ୍ୱାଇଁ, ନବଘନ ଜେନା, କୃଷକ ନେତା ବସନ୍ତ ପରିଡ଼ା, ନରେଶ କୁମାର ଜେନା ଓ ନୃସିଂହ ମିଶ୍ର ପ୍ରମୁଖ ଯୋଗଦେଇ ପରାଧୀନ ଭାରତକୁ ସ୍ୱାଧୀନ କରିବାରେ ଗାନ୍ଧିଜୀଙ୍କ ସତ୍ୟ ଓ ଅହିଂସା ଅମୋଘ ଅସ୍ତ୍ର ଥିଲା ବୋଲି ମତବ୍ୟକ୍ତ କରିଥିଲେ। ଗୋଲକ ଚନ୍ଦ୍ର ପଲେଇ, ଯୁବ ସଙ୍ଗଠକ ପ୍ରଭୁଦତ୍ତ ଜେନା, ଅଭୟ କୁମାର ରାଉତ ଓ ପ୍ରସନ୍ନ ପାଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କବି ସୁବାସ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

### ଶିକ୍ଷାବିତ୍ ନିରଞ୍ଜନ ଆଚାର୍ଯ୍ୟଙ୍କ ପରଲୋକ

**ଯାଜପୁର ଟାଉନ/ଯାଜପୁର ସଦର,୩୦।୧ (ଡି.ଏନ.ଏ.):** ବିଞ୍ଝାରପୁର ବ୍ଲକ୍ ଅଧୀନ ଫତେପୁର ପଞ୍ଚାୟତ ନଛିପୁର ଗ୍ରାମର ବିଶିଷ୍ଟ ଶିକ୍ଷାବିତ୍ ଓ ଧର୍ମପରାୟଣ ବ୍ୟକ୍ତି ନିରଞ୍ଜନ ଆଚାର୍ଯ୍ୟ(୬୯)ଙ୍କ ହୃଦ୍‌ଘାତରେ ପରଲୋକ ହୋଇଛି। ତାଙ୍କ ମରଶରୀରକୁ ବାରୁଣୀ ପଡ଼ିଆସ୍ଥିତ ମହାଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି। ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ବଡ଼ପୁଅ ଦେବାଶିଷ ଆଚାର୍ଯ୍ୟ ମୁଖାଗ୍ନି ଦେଇଥିବା ବେଳେ ସାନପୁଅ ଅମ୍ବରୀଶ ଆଚାର୍ଯ୍ୟଙ୍କ ସମେତ ୨ଭାଇ ଗଗନ, ଅଶୋକ, ପୁତୁରା, ଗ୍ରାମବାସୀ ଓ ବନ୍ଧୁ ପରିଜନ ଅନ୍ତିମ ସଂସ୍କାରରେ ଉପସ୍ଥିତ ରହି ସ୍ୱର୍ଗତ ଆତ୍ମାଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଆଚାର୍ଯ୍ୟଙ୍କ ଅକାଳ ବିୟୋଗରେ ବିଞ୍ଝାରପୁର ଓ ଯାଜପୁର ଅଞ୍ଚଳରେ ଶୋକର ଛାଇ ଖେଳିଯାଇଛି। ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।

## ନିର୍ବାଚନ ପ୍ରଚାର ସତ୍ତ୍ୱେ ବଜାର ଖାଁ ଖାଁ

**କୁଜଙ୍ଗ,୩୦।୧(ଡି.ଏନ୍.ଏ.)**

କରୋନା ମହାମାରୀ ପରଠୁ ଭଲ ବେପାର ହୋଇ ନ ଥିବା ବେଳେ ଚା'ଦୋକାନଠାରୁ ଜଳଖିଆ ଦୋକାନୀ ପର୍ଯ୍ୟନ୍ତ ସମସ୍ତେ ପଞ୍ଚାୟତ ନିର୍ବାଚନ ଉପରେ ଆଶା ରଖିଥିଲେ। ଏହି ସମୟରେ ଭଲ କାରବାର କରିବାକୁ ସେମାନେ ଆଶାବାନ୍ଧି ବସିଥିଲେ। ସାଧାରଣତଃ ନିର୍ବାଚନ ସମୟରେ ଗ୍ରାମାଞ୍ଚଳର ଛୋଟବଡ ବଜାର ଚଳଚଞ୍ଚଳ ହୋଇଉଠେ। କିନ୍ତୁ ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ତାହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ସାଧାରଣ ଭୋଟରଠାରୁ ଆରମ୍ଭକରି ରାଜନୈତିକ କର୍ମୀ ଓ ପ୍ରାର୍ଥୀମାନେ ବଜାର ମାଡୁ ନ ଥିବାର ଲକ୍ଷ୍ୟ କରାଯାଉଛି। ବଜାର ଖାଁ ଖାଁ ଲାଗୁଥିବାରୁ ବ୍ୟବସାୟୀଙ୍କ ଆଶା ମରିଯାଇଛି। ଏ ସମ୍ପର୍କରେ ଚା'ଦୋକାନୀ ସୁମିତ୍ରା ସାହୁ କୁହନ୍ତି, ବିଗତ ନିର୍ବାଚନଗୁଡ଼ିକରେ ବହୁତ ଜନଗହଳି ହେଉଥିଲା। ବିଶେଷକରି ଚା ଦୋକାନରେ ଅଧିକ ଗହଳି ଜମୁଥିଲା। କିନ୍ତୁ ଚଳିତଥର ନିର୍ବାଚନ ହେଉଛି ବୋଲି ଜଣାପଡୁନି। ଏହାର କାରଣ ସମ୍ପର୍କରେ ପଚାରିବାରେ ସେ କହିଥିଲେ, ଭୋଟରମାନେ ଆଉ ଚା ପାନରେ ଭଳିବେନି ବୋଲି ନିଷ୍ପତ୍ତି ନେଇଛନ୍ତି। ପ୍ରାର୍ଥୀମାନେ ମଧ୍ୟ କୋଭିଡ କଟକଣାକୁ ଆଖିଆଗରେ ରଖି ଗାଁରେ ଘରକୁ ଘର ବୁଲି ପ୍ରଚାର ଜାରି ରଖିଛନ୍ତି। କୁଜଙ୍ଗର ସଚେତନ ନାଗରିକ ହୃଷୀକେଶ ନାଥ କୁହନ୍ତି, ସାଧାରଣ ଭୋଟର ସଚେତନ ହୋଇଗଲେଣି। ଭୋଟରମାନେ ଏଥର ଦଳକୁ ବିଚାରକୁ ନ ନେଇ ପ୍ରାର୍ଥୀଙ୍କୁ ତୁଳନା କରି ଭୋଟ ଦେବାକୁ ସ୍ଥିର କରିଥିବାରୁ ହାଉଯାଉ କମିଯାଇଛି।

## ଶିଶୁ ମହୋତ୍ସବ ଉଦ୍‌ଯାପିତ



ଶିଶୁ ମହୋତ୍ସବରେ ସମ୍ମାନିତ ହୋଇଥିବା ପ୍ରତିଭା।

**ବରୀ,୩୦।୧(ଡି.ଏନ.ଏ.)**

ବରୀ ବ୍ଲକ୍ ଅଧୀନ ଅଜାଣବନ ଶୋଭନୀୟ ଶିକ୍ଷାଶ୍ରମ ପକ୍ଷରୁ ରବିବାର ଏକ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାତ୍ମା ଗାନ୍ଧୀଙ୍କ ମହାପ୍ରଣାୟ ଦିବସ ଅବସରରେ ଅନୁଷ୍ଠିତ ଉତ୍ସବରେ ବରୀ ଅଞ୍ଚଳର ମହିଳା ଭାରତୀ ଘୋଷ (ସେବିକା)ଙ୍କୁ ରମା ଦାସ ସେବା ସଂଗଠନ ପକ୍ଷରୁ 'ରମା ଦାସ ପ୍ରତିଭା' ସମ୍ମାନରେ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ କରୁଣାକର ଗୁରୁଜୀଙ୍କୁ ମା' ଭବାନୀ କଳାପରିଷଦ ପକ୍ଷରୁ 'ଦୁର୍ଯ୍ୟୋଧନ ଶତପଥୀ ପ୍ରତିଭା ସମ୍ମାନ' ଓ ସାମାଜିକ କର୍ମୀ ପଦ୍ମନାଭ ଜେନାଙ୍କୁ ଶୋଭନୀୟ ଶିକ୍ଷାଶ୍ରମ ପକ୍ଷରୁ 'ଅଜାଣ ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯାଇଛି। ଅଜାଣବନ ଶୋଭନୀୟ ଶିକ୍ଷାଶ୍ରମ ସଭାପତି ଲୋକନାଥ ଦାସ ଉତ୍ସବରେ ଅଧକ୍ଷତା କରିଥିଲେ। ମୁଖ୍ୟ ସେବକ ଡ. ନୃସିଂହ ଚରଣ ବେହେରା ଅତିଥି ପରିଚୟ ଓ ଉତ୍ସବର ଆଭିମୁଖ୍ୟ ପ୍ରଦାନ କରିଥିଲେ। ଆଗାମୀ ଦିନରେ ଏହି ଅନୁଷ୍ଠାନ ପକ୍ଷରୁ ସମାଜସେବା, ପରିବେଶ ସୁରକ୍ଷା ଓ ଜନହିତକର କାର୍ଯ୍ୟରତ ପ୍ରତିଭାଙ୍କୁ ସମ୍ମାନିତ କରାଯିବ ବୋଲି ରମା ଦାସ ସଂଗଠନ ପକ୍ଷରୁ କୁହାଯାଇଛି। ଶିକ୍ଷକନେତା ନିର୍ମଳ ଚନ୍ଦ୍ର ଜେନା, ବୃନ୍ଦାବନ ସାମଲ, ବିଷ୍ଣୁ ଚରଣ ମହାନ୍ତି, କର୍ଣ୍ଣଚନ୍ଦ୍ର ଘଡ଼େଇ, ରମା ଦାସ ସେବା ସଂଗଠନ ସଭାପତି ଅଶୋକ ଦାସ ଓ ରମା ଦାସ ମଞ୍ଚାସୀନ ହୋଇ ଆଲୋଚନାରେ ଭାଗ ନେଇଥିଲେ। ପ୍ରଧାନଶିକ୍ଷକ ସୌଭାଗ୍ୟ କୁମାର ଜେନା ଧନ୍ୟବାଦ ଦେଇଥିଲେ।

## ଆବାସ ନାହିଁ, ମିଳିଲା ମରାମତି ସହାୟତା

**ପଟ୍ଟାମୁଣ୍ଡାଇ,୩୦।୧(ସ୍ୱ.ପ୍ର.)**

ହିତାଧିକାରୀଙ୍କୁ ଆବାସ ମିଳିନାହିଁ। ଏଥିପାଇଁ ୪ ବର୍ଷ ତଳୁ ତାଙ୍କୁ ନିରାଶ ହେବାକୁ ପଡ଼ିଛି। ମାତ୍ର, ଆବାସ ମରାମତି ବାବଦରେ ତାଙ୍କ ନାଁରେ ୩ ହଜାର ଟଙ୍କା ଆସିଛି। ଏହା କେବଳ ଏକ ବିଚିତ୍ର ସ୍ଥିତି ନୁହେଁ, ଆବାସ ଦୁର୍ନୀତିକୁ ସ୍ପଷ୍ଟ କରିଛି।

ସୂଚନା ଅନୁଯାୟୀ, ପଟ୍ଟାମୁଣ୍ଡାଇ ବ୍ଲକ୍ ବାଲିପାଟଣା ପଞ୍ଚାୟତ ଖଡିପାଳ ଗାଁର ସୁବାସିନୀ ସ୍ୱାଇଁଙ୍କୁ ପକ୍କା ଘର ଯୋଗାଇ ଦେବାକୁ ଆବାସ ଯୋଜନାରେ ସାମିଲ କରାଯାଇଥିଲା। ଏପରିକି ତାଙ୍କ ନାମ ତାଲିକା ପଞ୍ଚାୟତ ପକ୍ଷରୁ ପ୍ରକାଶ ପାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଘର ନିର୍ମାଣ ବାବଦରେ ତାଙ୍କୁ କୌଣସି ଅନୁଦାନ ମିଳି ନ ଥିଲା। ଜଣେ ଜନ ପ୍ରତିନିଧି ଏହି ହିତାଧିକାରୀଙ୍କୁ ଭେଟି ଘର କରାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଅନୁଦାନ ମିଳିବା ନିମନ୍ତେ କୌଣସି ବ୍ୟବସ୍ଥା କରି ନ ଥିଲେ। ଏମିତି ଦିନ ପରେ ଦିନ ବିତିଥିଲେ ମଧ୍ୟ ଅନୁଦାନକୁ ଅପେକ୍ଷା କରି ରହିଥିଲେ ହିତାଧିକାରୀ। ଇତିମଧ୍ୟରେ ରାଜ୍ୟ ସରକାର ଘର ମରାମତି ପାଇଁ ୩ ହଜାର ଟଙ୍କା ଯୋଗାଇ ଦେବାକୁ ଘୋଷଣା କଲେ। ସେହି ଅନୁଯାୟୀ ପଞ୍ଚାୟତ କାର୍ଯ୍ୟାଳୟରୁ ତାଙ୍କ ଘର ଆଗରେ ପୋଷ୍ଟର ଲଗାଗଲା। ମରାମତି ସହାୟତା ୩ ହଜାର ଟଙ୍କା ନେଇ ଯିବାକୁ ଉପରୋକ୍ତ ହିତାଧିକାରୀଙ୍କୁ କୁହାଯାଇଥିଲା। ଯାହାକି ପ୍ରବାସିନୀଙ୍କୁ ପ୍ରଥମେ ଆଶ୍ଚର୍ଯ୍ୟ ଲାଗିଥିଲା। ଆଧାର କାର୍ଡ ନେଇ ହିତାଧିକାରୀ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିବା ବେଳକୁ ତାଙ୍କ ନାମରେ ବିଜୁ ପକ୍କା ଘର ରହିଥିବା ଜାଣିବାକୁ ମିଳିଥିଲା। ସନ୍ଦେହ ହେବାରୁ ଖୋଳତାଡ଼ କରିଥିଲେ। ଯେଉଁ ତଥ୍ୟ ମିଳିଲା ତାହା ତାଙ୍କୁ ଚକିତ କରିଥିଲା। ନିଜ ନାମ ବିଜୁ ପକ୍କାଘର ଯୋଜନାରେ ସାମିଲ ହୋଇଥିବା ବେଳେ ଆକାଉଣ୍ଟକୁ ଗୋଟିଏ ବି ଟଙ୍କା ଆସି ନ ଥିଲା। ଏ ସଂକ୍ରାନ୍ତରେ ସୁବାସିନୀ କହିଛନ୍ତି, ୩ବର୍ଷ ତଳେ ପକ୍କା ଘର ନିର୍ମାଣ କରିବାକୁ ତାଙ୍କୁ ଅନୁଦାନ ମିଳୁଥିବା ନେଇ ଜଣେ ଲୋକପ୍ରତିନିଧି ଜଣାଇଥିଲେ। ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ବୁଝାବୁଝି କରିବାରୁ ତାଲିକାରେ ତାଙ୍କ ନାମ ରହିଥିବା ଦେଖିବାକୁ ପାଇଥିଲେ। ସରକାରୀ ଅନୁଦାନ ମିଳିଲେ ଘର ନିର୍ମାଣ କରିବେ ବୋଲି ଅପେକ୍ଷା କରି ରହିଥିଲେ। କିନ୍ତୁ ଦିନେ ଲୋକପ୍ରତିନିଧି ଜଣକ ଘରକୁ ଆସି ତାଙ୍କ ନାମ ତାଲିକାରୁ କଟି ଯାଇଥିବା କହିଥିଲେ। ତେବେ ନିରାଶ ନ ହେବାକୁ କହି ଆଗାମୀ ଦିନରେ ଅନୁଦାନ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଇତିମଧ୍ୟରେ ୪ବର୍ଷ ବିତି ଯାଇଥିବା ବେଳେ ଅନୁଦାନ ପାଇ ନ ଥିଲେ। ଶେଷରେ ଘର ମରାମତି ଅନୁଦାନ ଆସିବାରୁ ତାଙ୍କ ଅନୁଦାନକୁ କିଏ ଆତ୍ମସାତ୍ କରିଥିବା ଜାଣିବାକୁ ପଟ୍ଟାମୁଣ୍ଡାଇ ବିଡ଼ିଓ ଭରତ ଚନ୍ଦ୍ର ପରିଡ଼ାଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରାଯିବ ବୋଲି ବିଡ଼ିଓ ପ୍ରତିଶ୍ରୁତି ଦେଇଛନ୍ତି।



ନିଜ ଘର ସମ୍ମୁଖରେ ସୁବାସିନୀ ସ୍ୱାଇଁ।

## ସରପଞ୍ଚ ପଦରେ ତ୍ରିମୁଖୀ ଲଢ଼େଇ

**ରଘୁନାଥପୁର,୩୦।୧(ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ ଅଢେଇକୁଳ ପଞ୍ଚାୟତରେ ସରପଞ୍ଚ ପଦବୀରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବାର ଚର୍ଚ୍ଚା ହେଉଛି। ଏଠାରେ ରାଖି ସେଠୀ, ରୀନା ସ୍ୱାଇଁ ଓ ବବିତା ବିଶ୍ୱାଳ ସରପଞ୍ଚ ପଦରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ରାଖି ଏବେର ସରପଞ୍ଚ ଶେଷଦେବ ସେଠୀଙ୍କ ସ୍ତ୍ରୀ। ରୀନା ନୂଆମୁହଁ ହୋଇଥିଲେ ମଧ୍ୟ ଲୋକସମ୍ପର୍କ ବଢ଼ାଇ ଚାଲିଛନ୍ତି। ଅପରପକ୍ଷେ ବବିତା ପ୍ରଚାର କାର୍ଯ୍ୟ ଜୋରଦାର କରିଛନ୍ତି। ସେହିପରି ସମିତିସଭ୍ୟ ଭାବେ ମାମାଲି ନାୟକ ବିଜେଡି ସମର୍ଥନରେ ପ୍ରଚାର ମଇଦାନକୁ ଓହ୍ଲାଇଥିବାବେଳେ ଅସନ୍ତୁଷ୍ଟ ଭାବେ ଗିତାଞ୍ଜଳି ପଣ୍ଡା, ଗିନିକା ଜେନା ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଭାଜପା ସମର୍ଥନରେ ମାମୁନି ବାରିକ ନିଜ ସପକ୍ଷରେ ଭୋଟ ପାଇଁ ଲୋକଙ୍କ ନିକଟତର ହେଉଛନ୍ତି।

## ହତ୍ୟା ଧମକ ଅଭିଯୋଗରେ ଶ୍ରମିକ ନେତା ଗିରଫ

**ପାରାଦୀପ,୩୦।୧(ସ୍ୱ.ପ୍ର.)**

ପାରାଦୀପ ଅଭୟଚାନ୍ଦପୁର ପୋଲିସ ଶନିବାର ଶ୍ରମିକ ନେତା ପ୍ରକାଶ ଚନ୍ଦ୍ର ତ୍ରିପାଠୀଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଏ ନେଇ ମାମଲା (ନଂ.୩୬/୨୨) ରୁଜୁ ହୋଇଛି। ପ୍ରକାଶ ଓ ତାଙ୍କ ୟୁନିୟନର କେତେଜଣ ତୈଳ ବିଶୋଧନାଗାର ପରିସରରେ ଥିବା ଠିକା କମ୍ପାନୀ ମ୍ୟାକଲାଇନ୍ ଇଞ୍ଜିନିୟରିଂ ଲିମିଟେଡ୍‌ର ମ୍ୟାନେଜର ସୌମ୍ୟରଞ୍ଜନ ଦାଶଙ୍କୁ ଗତ ୨୪ ତାରିଖରେ ବଳପୂର୍ବକ ଉଠାଇ ନେଇଥିଲେ। ଏଥିସହ ଉକ୍ତ କମ୍ପାନୀରେ ୨୦ ଜଣଙ୍କ ନିଯୁକ୍ତି ବାବଦ ଅର୍ଥ ପୈଠ କରିବା ପାଇଁ ଧମକ ଦେଇଥିଲେ। ଏନେଇ ମ୍ୟାନେଜର ଦାଶ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଆଧାର କରି ତାଙ୍କୁ ଗିରଫ କରାଯାଇଛି ବୋଲି ଥାନାଧିକାରୀ ଜୀବନାନନ୍ଦ ଜେନା ସୂଚନା ଦେଇଛନ୍ତି।

**ଭୂମିହରା ଏକତା ମଞ୍ଚର ଥାନା ଘେରାଉ ଚେତାବନୀ**

ଅପରପକ୍ଷେ ପ୍ରକାଶଙ୍କ ଗିରଫ ଘଟଣାକୁ ବିରୋଧ କରି ସନ୍ଧ୍ୟାରେ ଭୂମିହରା କୃଷକ ଏକତା ମଞ୍ଚ ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଇଛି। ମଞ୍ଚର ସଭାପତି ଚୈତନ୍ୟ ଖଟୁଆ, ସମ୍ପାଦକ ରବି ସାମଲ କହିଛନ୍ତି ଯେ, ତୈଳ ବିଶୋଧନାଗାର ପ୍ରକଳ୍ପରେ ଜମିହରାଙ୍କୁ ନିଯୁକ୍ତି ପାଇଁ ଉକ୍ତ କମ୍ପାନୀ ପାଖରେ ଦାବି କରାଯାଇଥିଲା। ଗତବର୍ଷ ସେପ୍ଟେମ୍ବର ୨୪ରେ ୧୦ ଜଣଙ୍କୁ ନିଯୁକ୍ତି ଦିଆଯିବ ବୋଲି କମ୍ପାନୀ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ମିଳିଥିଲା। ଏହା କାର୍ଯ୍ୟକାରୀ ନ ହେବାରୁ ପ୍ରକାଶ ଓ ସଂଗଠନର କେତେଜଣ କର୍ମକର୍ତ୍ତା କମ୍ପାନୀ ମ୍ୟାନେଜର ଦାଶଙ୍କୁ ପଚାରିଥିଲେ। ଏହି ଘଟଣାରେ ପୋଲିସ ଏକତରଫା ନିଷ୍ପତ୍ତି ନେଇ ତାଙ୍କୁ ଗିରଫ କରିଛି। ଏହାକୁ ବିରୋଧ କରି ସୋମବାର ଥାନା ଘେରାଉ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏ ସମ୍ପର୍କରେ ମ୍ୟାନେଜର ଦାଶ କହିଛନ୍ତି, କମ୍ପାନୀ ପ୍ରତିଶ୍ରୁତି ଅନୁସାରେ ୧୦ ଜଣଙ୍କୁ ଚାକିରି ଦେଇଥିଲା। ସେଥିରୁ ୩ ଜଣ ଚାକିରି ଛାଡ଼ି ଚାଲିଯାଇଛନ୍ତି। କିନ୍ତୁ ୟୁନିୟନ ପକ୍ଷରୁ ୨୦ ଜଣଙ୍କ ନିଯୁକ୍ତି ଦାବି କରି ମାସିକ ଟଙ୍କା ମଗାଯାଉଛି।

## ପୋର୍ଟ ଶ୍ରମିକ ସଂଘର କର୍ମକର୍ତ୍ତା ଚୟନ

**ପାରାଦୀପ,୩୦।୧(ସ୍ୱ.ପ୍ର.)**

ପାରାଦୀପ ପୋର୍ଟ ଶ୍ରମିକ ସଂଘର ୫୭ତମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିସହ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ କର୍ମକର୍ତ୍ତା ଚୟନ କରାଯାଇଛି। ଏଥିରେ ସଭାପତି ଭାବେ ରାମଶଙ୍କର, କାର୍ଯ୍ୟକାରୀ ସଭାପତି ଭାବେ ବସନ୍ତ ବିଶ୍ୱାଳ, ଉପସଭାପତି ଚିତ୍ତରଞ୍ଜନ ବିଶ୍ୱାଳ, ମହେଶ୍ୱର ସୋରେନ ଓ ବିଜୟ କୁମାର ରଥଙ୍କୁ ଚୟନ କରାଯାଇଛି। ସେହିପରି ସାଧାରଣ ସମ୍ପାଦକ ଭାବେ ନନ୍ଦଲାଲ ସିଂ, ସମ୍ପାଦକ ଭାବେ ବିଶ୍ୱରଞ୍ଜନ ଦାସଙ୍କୁ ମନୋନୀତ କରାଯାଇଛି। ଏଥିସହ ଅନ୍ୟାନ୍ୟ ପଦବୀରେ କର୍ମକର୍ତ୍ତା ଚୟନ କରାଯାଇ ବନ୍ଦର ପ୍ରଶାସନ ଓ ଅନ୍ୟମାନଙ୍କ ପାଖକୁ ପଠାଯାଇଛି।

## ଗାନ୍ଧିଜୀଙ୍କ ତିରୋଧାନ ଦିବସ



ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ କଂଗ୍ରେସକର୍ମୀମାନେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି।

**ଯାଜପୁର ଟାଉନ/ ଯାଜପୁର ସଦର,୩୦।୧(ଡି.ଏନ.ଏ.)**

ଯାଜପୁର ଜିଲା କଂଗ୍ରେସ କମିଟି ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ଜିଲା କାର୍ଯ୍ୟାଳୟରେ କାର୍ଯ୍ୟକାରୀ ସଭାପତି ବିଷ୍ଣୁଚରଣ ରାଉତଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଏହିଅବସରରେ ଗାନ୍ଧୀଛକଠାରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହିତ ରାମଧୂନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ପିସିସି ସମ୍ପାଦକ ତଥା ଯାଜପୁର ବିଧାନ ସଭା କଂଗ୍ରେସ ପ୍ରାର୍ଥୀ ସନ୍ତୋଷ କୁମାର ନନ୍ଦ ଯୋଗଦେଇ ଗାନ୍ଧିଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ସମ୍ମାନିତ ଅତିଥିଭାବେ ନଗର କଂଗ୍ରେସ ସଭାପତି ନାରାୟଣ ସାମନ୍ତ ଯୋଗ ଦେଇଥିଲେ। ପୂର୍ବତନ ଏମ୍‌ପି ଅଞ୍ଚଳ ଦାସ, ବିଭୂତି ମହାପାତ୍ର, ପ୍ରଶାନ୍ତ ସାହୁ, ଅରଜିତ୍ ନାୟକ, ବିଜୟ କୁମାର ମହାପାତ୍ର, କନକଲତା ରାଉତ, ନିତାଇଚାନ୍ଦ ମହାନ୍ତି, ଓ ହରିହର ସାମନ୍ତ ପ୍ରମୁଖ ଯୋଗଦେଇ ଗାନ୍ଧିଜୀଙ୍କ ସ୍ତୁତିଚାରଣ କରିଥିଲେ।

## ୫୦ ପରିବାରକୁ କର୍ମ ସଂସ୍ଥାନ ଯୋଗାଇଛନ୍ତି ସୁମନ୍ତ

**ରାଜକନିକା ,୩୦।୧(ଡି.ଏନ.ଏ.)**

ଉଦ୍ୟମ ଥିଲେ ସଫଳତା ମିଳେ ଏହାକୁ ପ୍ରମାଣ କରି ଦେଖାଇଛନ୍ତି କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ନମତରା ପଞ୍ଚାୟତର ସୁମନ୍ତ ଦାସ। ଏବେ ସେ ଜଣେ ସଫଳ ଉଦ୍ୟୋଗପତି। ତାଙ୍କ ଚେଷ୍ଟାରେ ବହୁ ପରିବାର ବିଭିନ୍ନ କ୍ଷେତ୍ରରେ କର୍ମ ସଂସ୍ଥାନ ପାଇଛନ୍ତି।

ଦିନ ଥିଲା ସୁମନ୍ତଙ୍କ ପରିବାରର ଆର୍ଥିକ ସ୍ଥିତି ଏତେ ଦୁର୍ବଳ ଥିଲା ଯେ ବହୁ କଷ୍ଟରେ ମାଟ୍ରିକ ପାସ୍ କରିଥିଲେ। ପରେ ସେ ରାଜକନିକା ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟରେ ଯୁକ୍ତ ୨ ଶ୍ରେଣୀରେ ନାମ ଲେଖାଇଥିଲେ। ପରେ ଉଚ୍ଚତର ଶିକ୍ଷା ପାଇଁ ସେ କୋଲକାତାରେ ବାଣିଜ୍ୟ ବିଭାଗରେ ଯୁକ୍ତ ୩ ଶ୍ରେଣୀରେ ଅଧ୍ୟୟନ କରିଥିଲେ। ହେଲେ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ପାଠପଢାରେ ଡୋରି ବନ୍ଧା ହେଲା। ପୁଅ ଚାକିରି କରି ଦି ପଇସା ରୋଜଗାର କରୁ ବୋଲି ତାଙ୍କ ବାପା ଆଶାବାନ୍ଧି ଥିଲେ। ହେଲେ ପରିବାରର ଆର୍ଥିକ ଅନଟନ ଏଥିରେ ପ୍ରତିବନ୍ଧକ ସାଜିଥିଲା। ଶେଷରେ କିଛି ଟଙ୍କା କରଜ ନେଇ ସେ ମୁମ୍ବାଇ ଚାଲି ଯାଇଥିଲେ। ନିଜର ଗୁଜୁରାଣ ମେଣ୍ଟାଇବାକୁ ଗୋଟିଏ ହୋଟେଲରେ ଚାକିରି କଲେ। ସେଠାରେ ତାଙ୍କ ମନ ମାନିଲା ନାହିଁ। କିଛି ଟଙ୍କା ସଞ୍ଚୟ କରି ସେ ଅଧିକ ରୋଜଗାର ଆଶାରେ ଆଫ୍ରିକା ଚାଲି ଯାଇଥିଲେ। ନିଜକୁ ଆତ୍ମ ନିର୍ଭରଶୀଳ କିପରି କରାଯାଇ ପାରିବ ସେଠାକାର ଲୋକଙ୍କଠାରୁ ଶିକ୍ଷାଲାଭ କରିଥିଲେ। ଭଲ ରୋଜଗାର କରିବା ପରେ ସେ ଆଫ୍ରିକାରେ ଏକ ହୋଟେଲ ନିର୍ମାଣ କରି ପାରିଥିଲେ। ଏବେ ସେ ନିଜ ଜନ୍ମମାଟିକୁ ଫେରି ଆସିଛନ୍ତି। ସେ କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ହାଟସାହି ଚାଷୀମାନଙ୍କଠାରୁ ପ୍ରାୟ ୯୦ ଏକର ଚାଷଜମି ଲିଜ୍ ନେଇ ୫୦ରୁ ଅଧିକ ଗରିବ ପରିବାରକୁ ଚଳାଉଛନ୍ତି। ସଫଳ



ଉଦ୍ୟୋଗୀ ଭାବେ ସେ ରାଜକନିକା, ଆଳି ଓ ବିଞ୍ଝାରପୁର ଅଞ୍ଚଳରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। କୃଷି କ୍ଷେତ୍ରରେ ଆତ୍ମ ନିର୍ଭରଶୀଳ ହେବାକୁ ସେ ଉଦ୍ୟମ ଆରମ୍ଭ କରିଛନ୍ତି। ନିଜ ପୁଅକୁ ସେ ଗୋରୁ ଫାର୍ମ ହାଉସ୍‌ରେ ନିଯୁକ୍ତି ଦେଇଛନ୍ତି। ସେ ଭାରତୀୟ ଗୋବଂଶର ସୁରକ୍ଷା ପାଇଁ ହରିଆନାରୁ ଷଣ୍ଢ ଆଣି ବ୍ରିଡିଂ ମାଧ୍ୟମରେ ଭଲ ବାଛୁରୀ କିପରି ଜନ୍ମନେବ ସେ ଦିଗରେ ଉଦ୍ୟମ ଆରମ୍ଭ କରିଛନ୍ତି। ସେ ଗୋରୁ ମୂତ୍ର ସହିତ ବିଭିନ୍ନ ସାମଗ୍ରୀ ମିଶାଇ ସାର ପ୍ରସ୍ତୁତ କରି ଜମିରେ ପକାଇ ବିଭିନ୍ନ ପନିପରିବା ଉତ୍ପାଦନ କରୁଛନ୍ତି। ଗାଈ ଚାଷ କରି କ୍ଷୀରକୁ ବାହାରକୁ ପଠାଉଛନ୍ତି। ସେହିପରି ପୋଖରୀ ଖୋଳି ମାଛ ଯାଆଁଳ ଉତ୍ପାଦନ କରୁଛନ୍ତି। ପ୍ରାକୃତିକ ପରିବେଶର ସୁରକ୍ଷା ପାଇଁ ୧ ହଜାର ୟୁକାଲିପଟାସ, ଶାଳ, ପିଆଶାଳ ଗଛ ଲଗାଇ ସବୁଜ ବନାନୀ ସୃଷ୍ଟି କରିଛନ୍ତି। ପଶ୍ଚିମକନିକା ଅଞ୍ଚଳରେ ସେ ୧୨ଟି ପୋଖରୀ ଖୋଳି ମାଛ ଚାଷ କରୁଛନ୍ତି। ଫାର୍ମ ହାଉସକୁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଚାଷୀମାନେ ଆସି ମାଗଣାରେ ପ୍ରଶିକ୍ଷଣ ଦେଉଥିବା ସୁମନ୍ତ କହିଛନ୍ତି।

## ବ୍ୟବସାୟୀ ସଂଘର ୩ ବର୍ଷିୟା କର୍ମକର୍ତ୍ତା ମନୋନୀତ

**ପାରାଦୀପ,୩୦।୧(ସ୍ୱ.ପ୍ର.)**

ପାରାଦୀପ ପୌରାଞ୍ଚଳ ୪ନଂ. ୱାର୍ଡ ଶୁଖୁଆଖଳାସ୍ଥିତ ଆଖଣ୍ଡଳମଣି ବଣିକ ସଂଘର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିସହ ୩ ବର୍ଷିୟା କର୍ମକର୍ତ୍ତା ଚୟନ କରାଯାଇଛି। ଏଥିରେ ସଭାପତି ଭାବେ ବସନ୍ତ ବେହେରା, ଉପସଭାପତି ହାଡିବନ୍ଧୁ ବେହେରା, ସମ୍ପାଦକ ଦୁଷ୍ମନ୍ତ ସାମଲ ଓ କୋଷାଧକ୍ଷ ରୂପ ବେହେରା ରହିଛନ୍ତି। ଉପଦେଷ୍ଟା ମଣ୍ଡଳୀରେ ୬ ଜଣ ଅଛନ୍ତି। ୧୯୭୫ରୁ ଚାଲିଥିବା ଏହି ସଂଘର ବୈଠକ ଗତ ୨ ବର୍ଷ ହେବ କରୋନା କଟକଣା ପାଇଁ ବସି ନ ଥିଲା।

## ଆଙ୍ଗୁଠି ଫୁଟାଇବା ଓ ଆର୍ଥ୍ରାଇଟିସ୍

**ପ୍ର**ତିଦିନ ଆଙ୍ଗୁଠି ଫୁଟାଇବା ଅନେକ ଲୋକଙ୍କର ଅଭ୍ୟାସ। ଆଉ ଯଦି ଏପରି ଅଭ୍ୟାସ ଦୀର୍ଘ ବର୍ଷ ଧରି ଲାଗିରୁହେ, ତେବେ ଭବିଷ୍ୟତରେ ଆର୍ଥ୍ରାଇଟିସ୍ ପରି ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ଏ ସମ୍ପର୍କରେ ସୂଚନା ଦେଇଛନ୍ତି କାନାଡ଼ା ୟୁନିଭର୍ସିଟିର ବିଶେଷଜ୍ଞମାନେ। ସେମାନଙ୍କ ଦ୍ୱାରା ହୋଇଥିବା ଏକ ସର୍ଭେରୁ ଜଣାପଡ଼ିଛି ଯେ ଯଦି ଜଣେ ବ୍ୟକ୍ତି ଅଧିକ ସମୟ ଆଙ୍ଗୁଠି ଫୁଟାଏ, ତେବେ ସେ ଆର୍ଥ୍ରାଇଟିସ୍ ପରି ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ (ଯେଉଁମାନଙ୍କର ଆଙ୍ଗୁଠି ଫୁଟାଇବା ଏକ ଅଭ୍ୟାସରେ ପରିଣତ ହୋଇଯାଇଥିଲା) ମଧ୍ୟରୁ ପ୍ରାୟ ୪୦%ଙ୍କଠାରେ ଆର୍ଥ୍ରାଇଟିସ୍‌ର ପ୍ରାରମ୍ଭିକ



ଲକ୍ଷଣ ଦେଖିବାକୁ ମିଳିଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେଣୁ ଏଭଳି ଅଭ୍ୟାସରୁ ବିରତ ରହିବା ସହ ଆଇରନ୍, ପୋଟାସିୟମ୍ ଏବଂ କ୍ୟାଲ୍‌ସିୟମ୍‌ଯୁକ୍ତ ଖାଦ୍ୟ ଖାଇବାକୁ ସେମାନେ ପରାମର୍ଶ ଦେଇଛନ୍ତି।

## ଅତ୍ୟଧିକ ଟେନ୍‌ସନ ଯୋଗୁ ହୋଇପାରେ ଆଜ୍‌ମା

**ଆ**ଜିକାଲିର ବ୍ୟସ୍ତମୟ ଜୀବନରେ ଅନେକେ ଟେନ୍‌ସନର ସମ୍ମୁଖୀନ ହୋଇଥାଆନ୍ତି। ତେବେ ଏହି ସମୟରେ ଏଭଳି ସମସ୍ୟାରୁ ନିଜକୁ ମୁକୁଳାଇବା ବଡ଼ କଥା। ଯଦି ଆପଣ ଅଧିକାଂଶ ସମୟ ଟେନସନ୍‌ରେ ରହୁଥାଆନ୍ତି, ତେବେ ତାହା ଆଜ୍‌ମା ପରି ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିପାରେ।



ଏଭଳି ସତର୍କ ସୂଚନା ଦେଇଛନ୍ତି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ। ଅଧିକାଂଶ ସମୟ ଟେନ୍‌ସନର ବଶବର୍ତ୍ତୀ ହେଉଥିବା କିଛି ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ସେମାନେ ଏ ବିଷୟରେ ଜାଣିପାରିଥିଲେ। କେବଳ ଆଜ୍‌ମା ନୁହେଁ, ଅତ୍ୟଧିକ ଟେନ୍‌ସନ ଆଉ କେତେକ ରୋଗର କାରଣ ହୋଇଥାଏ। ସେଗୁଡ଼ିକ ମଧ୍ୟରେ ରହିଛି ହୃଦ୍‌ରୋଗ, ଡାଇବେଟିସ୍ ଏବଂ ମେଦବହୁଳତା ବା ଓବେସିଟି। ତେଣୁ ଏପରି ସମସ୍ୟାଗୁଡ଼ିକର ସମ୍ମୁଖୀନ ନ ହେବା ପାଇଁ ନିଜକୁ ଯେତେ ସମ୍ଭବ ଟେନ୍‌ସନଠାରୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ।

## ବ୍ଲଡ୍ କ୍ଲଟ୍ ହେବାର ନୂଆ କାରଣ

**ବ୍ଲ**ଡ କ୍ଲଟ୍ ହେବା ଦ୍ୱାରା ଆମ ଶରୀରରେ ରକ୍ତ ସଞ୍ଚାଳନ ବ୍ୟାହତ ହୋଇଥାଏ। ଏହାଦ୍ୱାରା ବ୍ରେନ୍ ଷ୍ଟ୍ରୋକ୍, ହୃଦ୍‌ଘାତ ପରି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ମଧ୍ୟ ରହିଛି। ତେବେ ଏହାର କାରଣ ତାଲିକାରେ ଆଉ ଏକ କଥା ଯୋଡ଼ାଯାଇଛି। ୟୁନିଭର୍ସିଟି ଅଫ୍ ସିଡ୍‌ନୀର ବିଶେଷଜ୍ଞମାନେ ଏ ନେଇ ଗବେଷଣା କରିବା ପରେ ଏପରି ତଥ୍ୟକୁ ଲୋକଲୋଚନକୁ ଆଣିଛନ୍ତି। ସେମାନଙ୍କ ଦ୍ୱାରା ପ୍ରସ୍ତୁତ ରିପୋର୍ଟରେ ଦର୍ଶାଯାଇଛି ଯେ, ଯଦି ଜଣେ ବ୍ୟକ୍ତି ଆବଶ୍ୟକତାଠାରୁ ଅଧିକ ସମୟ ଟିଭି ଦେଖନ୍ତି, ତେବେ ତାହାର ଖରାପ ପ୍ରଭାବ ରକ୍ତ ସଞ୍ଚାଳନ ଉପରେ ପଡ଼ିବାର ଆଶଙ୍କା ରହିଛି। ଏପରି କି ଏହାଦ୍ୱାରା ବ୍ଲଡ୍ କ୍ଲଟ୍ ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଅନ୍ୟପକ୍ଷରେ ବ୍ଲଡ୍ କ୍ଲଟ୍ ପରି ସମସ୍ୟାର ସମ୍ମୁଖୀନ ହୋଇଥିବା କେତେକ ବ୍ୟକ୍ତିଙ୍କ ମଧ୍ୟରୁ କିଛି ବ୍ୟକ୍ତି ଆବଶ୍ୟକତାଠାରୁ ଅଧିକାଂଶ ସମୟ ଟିଭି ଦେଖୁଥିବାର ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଜାଣିବାକୁ ପାଇଥିଲେ।



# ୫ ଜି ପ୍ରଯୁକ୍ତି ବିଦ୍ୟା



ଇଂ. ମାୟାଧର ସ୍ୱାଇଁ



**ମୋ**ବାଇଲ୍ ଫୋନ୍ ବର୍ତ୍ତମାନ ଏକ ଅପରିହାର୍ଯ୍ୟ ଉପକରଣ ଭାବେ ବିବେଚିତ ହେଉଛି। ଆଜିର ସ୍ମାର୍ଟଫୋନ୍‌ରେ କଥାହେବା ସହିତ ବାର୍ତ୍ତା (ମ୍ୟାସେଜ୍), ଭିଡିଓ, ଚିତ୍ର ଆଦି ପ୍ରେରଣ କରିବା ସହ ଚଳଚ୍ଚିତ୍ର ଓ ଟିଭି କାର୍ଯ୍ୟକ୍ରମ ଦେଖିବା ଏବଂ ଇଣ୍ଟରନେଟ୍ ଆଦିର ସୁବିଧା ରହିଛି। '୫ ଜି' ହେଉଛି ମୋବାଇଲ୍ ଫୋନ୍‌ର ସଦ୍ୟତମ ନେଟ୍‌ୱର୍କ। ଯୁକ୍ତରାଷ୍ଟ୍ର ଆମେରିକାରେ ଏହା ଚଳିତବର୍ଷ ଜାନୁୟାରୀ ୨୦ରେ ଆରମ୍ଭ ହେବାର ଅବ୍ୟବହିତ ପୂର୍ବରୁ ସେଠାକୁ ଅନେକ ଦେଶ ବିମାନ ଉଡାଣକୁ ବାତିଲ କରିଦେଲେ। କେତେଜଣ ବିଶେଷଜ୍ଞ ସତର୍କ ସୂଚନା ଦେଲେ ଯେ ୫ ଜି ନେଟ୍‌ୱର୍କରୁ ନିର୍ଗତ ବିକିରଣ ବିମାନର ନାଭିଗେସନ ସିଷ୍ଟମକୁ ପ୍ରଭାବିତ କରିବାର ସମ୍ଭାବନା ରହିଛି। ଏହି ବିକିରଣ ବିମାନର ଉଚ୍ଚତା ନିରୂପଣ କରୁଥିବା ଏବଂ ସ୍ୱୟଂକ୍ରିୟ ଅବତରଣରେ ସାହାଯ୍ୟ କରୁଥିବା ଅଲଟିମିଟର କାର୍ଯ୍ୟରେ ବାଧା ପହଞ୍ଚାଇପାରେ ବୋଲି ଫେଡେରାଲ ଆଭିଏସନ ଆଡ୍‌ମିନିଷ୍ଟ୍ରେଶନ ସତର୍କ କରାଇଥିଲା। ଅଲଟିମିଟର ୪.୨ରୁ ୪.୪ ଗିଗାହର୍ଜ ଆବୃତ୍ତିରେ କାର୍ଯ୍ୟ କରିଥାଏ ଏବଂ ୫ ଜି ଆବୃତ୍ତି ଏହାର ଅତି ନିକଟତର ହୋଇଥିବାରୁ ଏପରି ଆଶଙ୍କା ସୃଷ୍ଟି ହୋଇଛି। ଏହା ପରଦିନ ବିମାନ ବନ୍ଦର ନିକଟରେ ୫ ଜି ସେବା ବନ୍ଦ କରାଯିବା ପରେ ପୁଣି ବିମାନ ସେବା ଆରମ୍ଭ ହୋଇଛି।

୫ ଜି ପ୍ରଯୁକ୍ତି ବିଦ୍ୟାକୁ ଆଲୋଚନା କରିବା ପୂର୍ବରୁ ମୋବାଇଲ୍ ବା ସେଲ୍ ଫୋନ୍ କିପରି କାର୍ଯ୍ୟ କରେ ଜାଣିବା। ଆମ ଫୋନ୍ ନିକଟସ୍ଥ ଟାୱାର ସହ ରେଡିଓ ତରଙ୍ଗ ଦ୍ୱାରା ସଂଯୋଗ ହୋଇଥାଏ। ଆମ କଥାବାର୍ତ୍ତା ଟାୱାରରେ ପହଞ୍ଚିବା ପରେ ସେଠାରୁ ଏହା ଅପ୍‌ଟିକାଲ ଫାଇବର (ଆଲୋକୀୟ ତନ୍ତୁ) ତାର ସାହାଯ୍ୟରେ ଆମେ କଥାବାର୍ତ୍ତା ହେବାକୁ ଚାହୁଁଥିବା ବ୍ୟକ୍ତିର ଫୋନ୍ ନିକଟରେ ଥିବା ଟାୱାରକୁ ଯାଇଥାଏ ଏବଂ ସେଠାରୁ ରେଡିଓ ତରଙ୍ଗ ଦ୍ୱାରା ସଂଗ୍ରାହୀ ଫୋନ୍‌କୁ ବାର୍ତ୍ତା ଯାଇଥାଏ। ପାଖାପାଖି ନ ଥିଲେ ବିଭିନ୍ନ ଟାୱାର ସମାନ ଆବୃତ୍ତିରେ କାର୍ଯ୍ୟ କରିଥାଆନ୍ତି।

ଯୁକ୍ତରାଷ୍ଟ୍ର ଆମେରିକାର ମାର୍ଟି କୁପର ୧୯୭୩ ମସିହାରେ ମୋବାଇଲ୍ ଫୋନ୍ ଉଦ୍ଭାବନ କରିଥିଲେ ଏବଂ ୧୯୮୩ ମସିହାରେ ଏହା ବଜାରକୁ ଆସି ସୀମିତ ଭାବେ ୧ ଜି ନେଟ୍‌ୱର୍କରେ କାର୍ଯ୍ୟ କରିଥିଲା। ମାତ୍ର ୧୯୯୦ ଦଶକରେ ୨ ଜି ବିକାଶ ପରେ ଏହାର ଲୋକପ୍ରିୟତା ଓ ବ୍ୟବହାର ବଢ଼ିଲା।

୫ ଜି ହେଉଛି ମୋବାଇଲ୍ ଫୋନ୍ ପ୍ରଯୁକ୍ତି ବିଦ୍ୟାର ପଞ୍ଚମ ପିଢ଼ି (ପିଢ଼ି ବା ଜେନେରେସନରୁ 'ଜି' ଆସିଛି)। ପ୍ରଥମ ପିଢ଼ି '୧ ଜି'ରୁ ଆରମ୍ଭ ହୋଇ କ୍ରମଶଃ ଅଭିବୃଦ୍ଧି ହୋଇ '୨ ଜି', '୩ ଜି', '୪ ଜି' ପରେ ଆଜି ଆମେ '୫ ଜି'ରେ ପହଞ୍ଚିଛେ। ୧୯୮୦ ଦଶକରେ ୧ ଜି ଆରମ୍ଭ ହୋଇ ୧୯୯୦ରେ ୨ ଜି, ୨୦୦୦ରେ ୩ ଜି ଓ ୨୦୧୦ରେ ୪ ଜି ସେବା ପରେ ୨୦୨୦ ମସିହା ପରଠାରୁ ୫ ଜି ବିକଶିତ ହୋଇଛି। ୧ ଜି ଆନାଲୋଗ୍ ଥିବା ବେଳେ ଅନ୍ୟଗୁଡିକ ହେଉଛି ଡିଜିଟାଲ ପ୍ରସାରଣ। ୨ ଜିରୁ ମୋବାଇଲ୍ ସେବା ଆରମ୍ଭ ହେଲା ଏବଂ ଏଥିରେ ଫୋନ୍ ସହିତ ସମ୍ବାଦ ମଧ୍ୟ ପଠାଇହେଲା। ୩ ଜି ସେବାରେ ଭିଡିଓ ପଠାଇବା ସହିତ ଇଣ୍ଟରନେଟ୍ ସଂଯୋଗ ହୋଇପାରିଲା। ୪ ଜି ପ୍ରଯୁକ୍ତି ବିଦ୍ୟାରେ ଇଣ୍ଟରନେଟ୍ ବେଗ ବଢ଼ିବା ସହ ଅଧିକ ଡାଟା ଡାଉନଲୋଡ୍ କରିବାର ସୁବିଧା ହେଲା। ବର୍ତ୍ତମାନ ଅଧିକାଂଶ ଦେଶରେ ୪ ଜି ସେବା ଉପଲବ୍ଧ ଅଛି।

୧ ଜି ଠାରୁ ୫ ଜି ପର୍ଯ୍ୟନ୍ତ ପ୍ରଯୁକ୍ତି ବିଦ୍ୟାର ଉପଲବ୍ଧ ସ୍ପେକ୍ଟ୍ରମ ବା ବର୍ଣ୍ଣାଳୀକୁ ନେଇ ହୋଇଛି। ୧ ଜି ଠାରୁ ୫ ଜି ପର୍ଯ୍ୟନ୍ତ କ୍ରମଶଃ ସ୍ପେକ୍ଟ୍ରମ ଆବୃତ୍ତି ବଢ଼ିଛି, ତରଙ୍ଗର ଦୈର୍ଘ୍ୟ ହ୍ରାସ ପାଇଛି ଏବଂ ବ୍ୟାଣ୍ଡ ଉଇଡିଥ୍

> "୧ ଜି ଠାରୁ ୫ ଜି ପର୍ଯ୍ୟନ୍ତ ପ୍ରଯୁକ୍ତି ବିଦ୍ୟାର ଉପଲବ୍ଧ ସ୍ପେକ୍ଟ୍ରମ ବା ବର୍ଣ୍ଣାଳୀକୁ ନେଇ ହୋଇଛି। ୧ ଜି ଠାରୁ ୫ ଜି ପର୍ଯ୍ୟନ୍ତ କ୍ରମଶଃ ସ୍ପେକ୍ଟ୍ରମ ଆବୃତ୍ତି ବଢ଼ିଛି, ତରଙ୍ଗର ଦୈର୍ଘ୍ୟ ହ୍ରାସ ପାଇଛି ଏବଂ ବ୍ୟାଣ୍ଡ ଉଇଡିଥ୍ ବୃଦ୍ଧି ପାଇଛି। ୪ ଜି ସେବାରେ ତିନି ଗିଗାହର୍ଜ ଆବୃତ୍ତି ବ୍ୟବହୃତ ହେଉଥିବା ବେଳେ ୫ ଜି ପାଇଁ ୩.୩ ଗିଗାହର୍ଜରୁ ୧୦୦ ଗିଗାହର୍ଜ ଆବୃତ୍ତି ପର୍ଯ୍ୟନ୍ତ ବ୍ୟବହାର ହୋଇପାରିବାର ସୁବିଧା ଅଛି।"



ବୃଦ୍ଧି ପାଇଛି। ୪ ଜି ସେବାରେ ତିନି ଗିଗାହର୍ଜ ଆବୃତ୍ତି ବ୍ୟବହୃତ ହେଉଥିବା ବେଳେ ୫ ଜି ପାଇଁ ୩.୩ ଗିଗାହର୍ଜରୁ ୧୦୦ ଗିଗାହର୍ଜ ଆବୃତ୍ତି ପର୍ଯ୍ୟନ୍ତ ବ୍ୟବହାର ହୋଇପାରିବାର ସୁବିଧା ଅଛି। ଏହା ତିନୋଟି ଆବୃତ୍ତି ସ୍ତରରେ ଉପଲବ୍ଧ ଅଛି। ଏହାର କ୍ଷମତା ହେଉଛି ୪ ଜି ଠାରୁ ପ୍ରାୟ ୧୦୦ ଗୁଣ। ୪ ଜି ପାଇଁ ଇଣ୍ଟରନେଟ୍ ବେଗ ସର୍ବାଧିକ ସେକେଣ୍ଡ ପ୍ରତି ୩୦୦ ମେଗାବାଇଟ୍ ହୋଇଥିବା ବେଳେ ୫ ଜି ପାଇଁ ଏହାର ବେଗ ହେଉଛି ସେକେଣ୍ଡ ପ୍ରତି ୨୦ ଗିଗାବାଇଟ୍। ଏଣୁ ଏହା ସାହାଯ୍ୟରେ ଇଣ୍ଟରନେଟ୍‌ରୁ ବଡ଼ ବଡ଼ ଫାଇଲକୁ ଶୀଘ୍ର ଡାଉନଲୋଡ୍ କରିହୁଏ। ଏହା ବ୍ୟତୀତ କମ୍ପ୍ୟୁଟରର କେତୋଟି ଆଧୁନିକ ପ୍ରଯୁକ୍ତିବିଦ୍ୟାର ପ୍ରସାରଣ ପାଇଁ ଏହା ହେଉଛି ଉପଯୁକ୍ତ। ଏଗୁଡ଼ିକ ହେଉଛି 'କ୍ଲାଉଡ୍ କମ୍ପ୍ୟୁଟିଙ୍ଗ' ଓ 'ଇଣ୍ଟରନେଟ୍ ଅଫ ଥିଙ୍ଗସ'। ଏହା ଦ୍ୱାରା ମଧ କେତେକ ଜରୁରୀ ଆନୁଷଙ୍ଗିକ ବ୍ୟବସ୍ଥାକୁ ଦୂରରୁ ନିୟନ୍ତ୍ରଣ କରାଯାଇପାରିବ, ଯାହା ଶିଳ୍ପ ଜଗତକୁ ଅନେକ ସାହାଯ୍ୟ କରିବ। ଉଦାହରଣ ସ୍ୱରୂପ ମାନବବିହୀନ କାର୍, ବସ୍, ଟ୍ରାକ୍ଟର ଓ ବିମାନ ଚଳାଇବା ଏହା ଦ୍ୱାରା ସମ୍ଭବ ହୋଇପାରିଛି।

କରୋନା ମହାମାରୀ ଯୋଗୁ ମୋବାଇଲ୍ ଫୋନ୍ ମାଧ୍ୟମରେ ଭିଡିଓ ସମ୍ମିଳନୀ, ଅନ୍‌ଲାଇନ୍ ପାଠପଢ଼ା, କିଣାବିକା, ଖାଦ୍ୟଯୋଗାଣ, ମନୋରଞ୍ଜନ ଆଦି କାର୍ଯ୍ୟକ୍ରମର ପରିମାଣ ବୃଦ୍ଧି ପାଇଛି। ଅଧ୍ୟୟନରୁ ଜଣାପଡିଛି ଜଣେ ଗ୍ରାହକ ୨୦୨୨ ମସିହାରେ ମାସକୁ ହାରାହାରି ୧୧ ଗିଗାବାଇଟ୍ ତଥ୍ୟ ବ୍ୟବହାର କରିବ। ୫ ଜି ଦ୍ୱାରା କେବଳ ଏହା ସମ୍ଭବ ହୋଇପାରିବ।

ପ୍ରାୟ ୬୦ଟି ଦେଶରେ ସୀମିତ ଭାବରେ ୫ ଜି ପ୍ରଯୁକ୍ତି ବିଦ୍ୟାର ପ୍ରଚଳନ ଆରମ୍ଭ ହୋଇଛି। ଏହାକୁ ବ୍ୟବହାର କରିବା ପାଇଁ ନୂଆ ସ୍ମାର୍ଟଫୋନ୍ ଆବଶ୍ୟକ ହେଉଛି। ପୁନଶ୍ଚ ଏହି ସେବା ଯୋଗାଣକାରୀ କମ୍ପାନୀ ମଧ ଏଥିପାଇଁ ଅଧିକ ମୂଲ୍ୟ ନେଇପାରେ। ଅବଶ୍ୟ କ୍ରମେ ଏହା ଶସ୍ତା ହୋଇ ଲୋକପ୍ରିୟ ହୋଇପାରିବ। ଆକଳନ କରାଯାଇଛି ଯେ, ୨୦୨୨ ମସିହା ଶେଷ ସୁଦ୍ଧା ପୃଥିବୀର ଏକ-ତୃତୀୟାଂଶ ଏବଂ ୨୦୨୫ ସୁଦ୍ଧା ଅଧା ଲୋକ ଏହାର ବ୍ୟବହାର କରିବେ।

କେନ୍ଦ୍ର ସରକାରଙ୍କ ଯୋଗାଯୋଗ ବିଭାଗ ପ୍ରକାଶ କରିଛି ଯେ, ଭାରତରେ ୨୦୨୨ ମସିହାରେ ପ୍ରଥମେ ୧୩ଟି ସହର (ଗୁରୁଗ୍ରାମ, ବେଙ୍ଗାଲୁରୁ, କୋଲକାତା, ମୁମ୍ବାଇ, ଚଣ୍ଡିଗଡ଼, ଦିଲ୍ଲୀ, ଜାମନଗର, ଅହମ୍ମଦାବାଦ, ଚେନ୍ନାଇ, ହାଇଦ୍ରାବାଦ, ଲକ୍ଷ୍ନୌ, ପୁନେ ଏବଂ ଗାନ୍ଧୀନଗର)ରେ ୫ ଜି ସେବା ଉପଲବ୍ଧ ହେବ। କେତେକ ସେବାଯୋଗାଣକାରୀ କମ୍ପାନୀ ଏହି ସହରଗୁଡିକରେ ଏଥିପାଇଁ ପରୀକ୍ଷା କଲେଣି।

- ୭୦, ଲକ୍ଷ୍ମୀବିହାର, ଫେଜ୍-୧
ଭୁବନେଶ୍ୱର-୧୮
ମୋ: ୯୪୩୮୬୯୩୭୨୪

## ମଣିଷଠାରେ ଘୁଷୁରି ହୃତ୍‌ପିଣ୍ଡ ପ୍ରତିରୋପଣ

(ଶେଷ ଭାଗ)

**ଇ**ତିମଧ୍ୟରେ ସ୍ପେନ୍‌ର ଗବେଷକ ଜୁଆନ୍ କାର୍ଲୋସ ଚାଇନାର ଏକ ବିଜ୍ଞାନାଗାରରେ (ତାଙ୍କ ଦେଶରେ ଏ ଗବେଷଣାକୁ ଅନୁମତି ନ ଥିବାରୁ) ଘୁଷୁରିଠାରେ ମଣିଷର କାଣ୍ଡକୋଷିକା ପ୍ରତିରୋପଣ କରି ତହିଁରୁ ବିଭିନ୍ନ ଅଂଶ ଉତ୍ପନ୍ନ କରିବା ଲାଗି ଉଦ୍ୟମ କରିଥିଲେ। ତେବେ ଏଥିରେ ସେ ସଫଳ ହୋଇ ପାରି ନଥିଲେ। ଏଣୁ ଘୁଷୁରି ବଦଳରେ ମାଙ୍କଡ଼ ଦେଇ ସେ ଏହା ପୁନର୍ବାର କଲେ। ଫଳରେ ଭ୍ରୁଣଟିଏ ଉତ୍ପନ୍ନ ହେଲା, ଯାହାର ଅଂଶଗୁଡ଼ିକ ମଣିଷଠାରେ ସହଜରେ ପ୍ରତିରୋପଣ କରାଯାଇ ପାରିବ।



ବର୍ତ୍ତମାନ 'ଜେନୋଟ୍ରାନ୍ସପ୍ଲାଣ୍ଟେସନ୍' କ୍ଷେତ୍ରରେ ସର୍ବୋଚ୍ଚ ସଫଳତା ରୂପେ ଜିନ୍ ସଂପାଦିତ ଘୁଷୁରିର ଏଇ ହୃତ୍‌ପିଣ୍ଡ ପ୍ରତିରୋପଣକୁ ଗଣନା କରାଯାଉଛି। ଏହା ପ୍ରତିରୋପିତ ହୋଇଛି ଡ୍ରାଭିଡ୍ ବ୍ରେନେଟ୍ ନାମକ ଜନୈକ ବ୍ୟକ୍ତିଙ୍କଠାରେ। ସେ ଜୀବନଘାତକ ଆର୍ହିଥମିଆ ରୋଗରେ ପୀଡ଼ିତ ଥିବାରୁ ଏବଂ ପ୍ରାୟ ୬ ମାସ ଧରି ହୃତ୍‌ପିଣ୍ଡ ଫୁସ୍‌ଫୁସ୍ ଯନ୍ତ୍ର ସାହାଯ୍ୟରେ ବଞ୍ଚି ରହିଥିଲେ। ଅବସ୍ଥା ଏପରିଥିଲା ଯେ, ତାଙ୍କଠାରେ ଅନ୍ୟ ଜଣେ ମଣିଷର ହୃତ୍‌ପିଣ୍ଡ କିମ୍ବା କୃତ୍ରିମ ହୃତ୍‌ପିଣ୍ଡ ପ୍ରତିରୋପଣ ସମ୍ଭବ ନ ଥିଲା। ସେଥିପାଇଁ ଡାକ୍ତରମାନେ ଏ ଦିଗରେ ଚିନ୍ତା କଲେ ଏବଂ ତାଙ୍କୁ ଏଥିରେ ଥିବା ସମ୍ଭାବ୍ୟ ବିପଦ ସମ୍ପର୍କରେ ଅବଗତ କରାଇଥିଲେ। ତେବେ ନିଶ୍ଚିତ ମୃତ୍ୟୁ ଅପେକ୍ଷା ବଞ୍ଚିବା ପାଇଁ ଏବର ସର୍ବଶ୍ରେଷ୍ଠ ଉଦ୍ୟମ ଶ୍ରେୟସ୍କର ବୋଲି ମତ ଦେଇ ସେ ଏଥିରେ ସମ୍ମତି ପ୍ରଦାନ କଲେ। ତତ୍ପରେ ଆମେରିକାର ଖାଦ୍ୟ ଓ ଔଷଧ ପ୍ରଶାସନରେ ଅନୁମୋଦନ ନେଇ ଏଥିପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା।

ଦୀର୍ଘ ୮ ଘଣ୍ଟା ଧରି ଚାଲିଥିବା ଏବର ଜଟିଳ ଅସ୍ତ୍ର ଚିକିତ୍ସାରେ ଗ୍ରିଫିଥ୍‌ଙ୍କ ପ୍ରମୁଖ ସହଯୋଗୀ ଥିଲେ କରାଚୀ ମେଡିକାଲ କଲେଜର ପୂର୍ବତନ ଡାକ୍ତର ମହମ୍ମଦ ମୋହରଉଦ୍ଦିନ୍। ତାଙ୍କ ମତରେ ଏବେ ରୋଗୀର ଅବସ୍ଥା ସ୍ଥିର ରହିଛି ଏବଂ ସେଥିପାଇଁ ତାଙ୍କଠାରୁ ହୃତ୍‌ପିଣ୍ଡ-ଫୁସ୍‌ଫୁସ୍ ଯନ୍ତ୍ର କାଢ଼ି ନେବା କଥା ଚିନ୍ତା କରାଯାଉଛି।

ୟୁନିଭରସିଟି ଅଫ୍ ମେରିଲ୍ୟାଣ୍ଡ ମେଡିକାଲ ସ୍କୁଲର ପ୍ରେସିଡେଣ୍ଟ ଡାକ୍ତର ମୋହନ ସୁନ୍‌ଥାଙ୍କ ସୂଚନା ଅନୁସାରେ ଉପରୋକ୍ତ ପ୍ରକ୍ରିୟାରେ ଜିନ୍ ସଂପାଦନା ଲାଗି ମଣିଷଠାରେ ସମସ୍ୟା ସୃଷ୍ଟି କରିବାର ସମ୍ଭାବନା ଥିବା ୬ଟି ଜିନ୍ ଘୁଷୁରିର ଜିନୋମ୍‌ରୁ କାଢି ନିଆ ଯାଇଥିଲା ଏବଂ ତା' ଅଂଶକୁ ମଣିଷ ଦ୍ୱାରା ଗ୍ରହଣୀୟ କରିବା ଲାଗି ଉଦ୍ଦିଷ୍ଟ ୪ଟି ଜିନ୍ ସେଠାରେ ଭରି ଦିଆଯାଇଥିଲା। ଅତଏବ ତାହାର ସମୁଦାୟ ୧୦ଟି ଜିନ୍‌କୁ ସମ୍ପାଦିତ କରାଯାଇଥିଲା। ଏ କାର୍ଯ୍ୟ କରିଥିଲେ ଭର୍ଜିନିଆର ବାୟୋଟେକ୍ କମ୍ପାନୀ 'ରେଭିଭାଇକର'। ତା' ପରେ ତା'ଠାରୁ ହୃତ୍‌ପିଣ୍ଡଟି କାଢ଼ି ନେଇ ପ୍ରତିରୋପଣ କରାଗଲା। ତାଙ୍କ ମତରେ ଏ ରୋଗୀ ଯଦି ୬ମାସ କିମ୍ବା ତଦୂର୍ଦ୍ଧ୍ୱ କାଳ ବଞ୍ଚି ରୁହନ୍ତି, ତେବେ ଏହାକୁ ଏକ ପୂର୍ଣ୍ଣାଙ୍ଗ ସଫଳତା ବୋଲି ଗ୍ରହଣ କରାଯିବ। ତାହା ନ ହେଲେ ମଧ ଏହା ହେବ ପ୍ରତିରୋପଣ ଚିକିତ୍ସା ବିଜ୍ଞାନରେ ଏକ ଯୁଗାନ୍ତକାରୀ ଘଟଣା। କାରଣ, ଘୁଷୁରି ସମେତ ଅନ୍ୟାନ୍ୟ ଜୀବଜନ୍ତୁଙ୍କଠାରୁ ପ୍ରତିରୋପଣକ୍ଷମ ଅଂଶ ସଂଗ୍ରହ କରିବାର ପଥ ଏହା ଦ୍ୱାରା ଉନ୍ମୁକ୍ତ ହୋଇଛି। ଅତଏବ ଏହାରି ଅଭାବରୁ ପ୍ରତିବର୍ଷ ବିଶ୍ୱରେ ପ୍ରାଣ ହରାଉଥିବା ପ୍ରାୟ ୬ ନିୟୁତ ବ୍ୟକ୍ତିଙ୍କ ଜୀବନ ରକ୍ଷା ହେବାର ସମ୍ଭାବନା ଏହା ଦ୍ୱାରା ଉଜ୍ଜ୍ୱଳ ହୋଇପାରୁଛି।

- ପ୍ର. ରମେଶ ଚନ୍ଦ୍ର ପରିଡ଼ା
ଉଷା ନିବାସ, ୧୨୪/୨୪୪୫
ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ : ୯୯୩୭୯୮୫୭୬୭

## କ୍ୟାଲ୍‌ସିୟମ

**କ୍ୟା**ଲ୍‌ସିୟମଜାତୀୟ ଖାଦ୍ୟ ଆମ ଶରୀର ପାଇଁ କେତେ ଉପକାରୀ ତାହା କହିବା ଅନାବଶ୍ୟକ। ବିଶେଷଭାବରେ ଅସ୍ଥିକୁ ମଜଭୁତ ରଖିବା ସହ ଦାନ୍ତମୂଳକୁ ଦୃଢ଼ କରିବାରେ ଏହା ପ୍ରମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଜଣେ ବ୍ୟକ୍ତି ଦିନକୁ ଅତିକମ୍‌ରେ ୧୦୦-୧୨୦୦ ଗ୍ରାମ କ୍ୟାଲସିୟମଜାତୀୟ ଖାଦ୍ୟ ଖାଇବା ଦରକାର। ଆମ ଶରୀର ଭିତରକୁ ଯେତେ ପରିମାଣରେ କ୍ୟାଲ୍‌ସିୟମ ଯାଏ, ତନ୍ମଧ୍ୟରୁ କେତେକ ଝାଳ, ପରିସ୍ରା ବାଟେ ବାହାରିଯାଏ। ତେଣୁ ଏହାର ପରିମାଣ ସବୁବେଳେ ସନ୍ତୁଳିତ ରହିବା ନିହାତି ଦରକାର। ସବୁଜ ପନିପରିବା, କ୍ଷୀରଜାତୀୟ ଖାଦ୍ୟ, ମାଛ, ପୋଇ, ବ୍ରୋକଲି, ଫଳମୂଳ, ବିନ୍, ବାଦାମ ଆଦିରେ କ୍ୟାଲ୍‌ସିୟମ ଭରି ରହିଛି।

## ସ୍ୱାସ୍ଥ୍ୟୋପକାରୀ କିସ୍‌ମିସ୍

- କେତେକ ବ୍ୟକ୍ତି ମନଲୋଭା ଖାଦ୍ୟ ଦେଖି ଆବଶ୍ୟକତାଠାରୁ ଅଧିକ ଖାଇଦିଅନ୍ତି। ତେଣୁ ସେମାନେ ଅଜୀର୍ଣ୍ଣ ପରି ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। ତେବେ ନିୟମିତ କିସ୍‌ମିସ୍ ଖାଇବା ଦ୍ୱାରା ଏପରି ସମସ୍ୟା କେତେକାଂଶରେ ଦୂର ହୋଇଥାଏ।
- କୋଷ୍ଠକାଠିନ୍ୟ ପରି ସମସ୍ୟାରୁ ଅନେକାଂଶରେ ଉପଶମ ଦେଇଥାଏ କିସ୍‌ମିସ୍।
- ମେଦବହୁଳତା ବା ଓଜନ ବୃଦ୍ଧି ଏବେ ଏକ ସାଧାରଣ କଥା ପାଲଟି ଗଲାଣି। କିସ୍‌ମିସ୍‌ରେ କମ୍ କ୍ୟାଲୋରୀ ଥିବାରୁ ଏହା ଏପରି ସମସ୍ୟାକୁ କେତେକାଂଶରେ ଦୂର କରିଥାଏ।
- କିସ୍‌ମିସ୍‌ରେ ଫାଇବର୍ ଭରି ରହିଛି। ତା' ସହ ଗ୍ଲାଇସେମିକ୍ ଇଣ୍ଡେକ୍ସ ରହୁଥିବାରୁ ଏହା ରକ୍ତରେ ସୁଗାର ଲେଭଲ୍‌କୁ ସନ୍ତୁଳିତ ରଖିଥାଏ।
- ଆପଣମାନେ ଜାଣିଲେ ହୁଏତ ଆଶ୍ଚର୍ଯ୍ୟ ହେବେ, ଏହା ଆମ ଚର୍ମ ପାଇଁ କେତେ ଉପକାରୀ। ସାଧାରଣତଃ ବୟସ ଅଧିକ ହୋଇଗଲେ ଚର୍ମରେ ଶୁଷ୍କତା ଦେଖାଯାଏ। ଚର୍ମକୁ ଚିକ୍କଣ ରଖିବାରେ ଏହା ସାହାଯ୍ୟ କରିଥାଏ।
- ଏହାର ଆଣ୍ଟି ଅକ୍ସିଡାଣ୍ଟ ଗୁଣ ଆଖି ପାଇଁ ମହୌଷଧି ସଦୃଶ। ଏଥିରେ ପଲିଫେନୋଲ୍ ନାମକ ଏକ ତତ୍ତ୍ୱ ରହିଛି, ଯାହା ଆଖି ତଳ ଭାଗରେ କଳା ଦାଗ ହେବାରୁ ରକ୍ଷା କରେ।
- ଶରୀରରେ ଯେତେବେଳେ ଆଇରନ୍‌ର ପରିମାଣ କମିଯାଏ, ସେତେବେଳେ ଆମକୁ ଆନେମିଆ ହୋଇଥାଏ। ମାତ୍ର କିସ୍‌ମିସ୍ ଖାଇବା ଦ୍ୱାରା ରକ୍ତରେ ଲୋହିତ ରକ୍ତକଣିକା ସୃଷ୍ଟି ହୁଏ, ଫଳରେ ଆମକୁ ନିଦ ଭଲ ହେବା ସହ ଆନେମିଆରୁ ମୁକ୍ତି ମିଳେ।
- ପାଣିରେ ବତୁରି ରହିଥିବା କିସ୍‌ମିସ୍‌କୁ ପ୍ରତିଦିନ ଖାଇଲେ ଏହା ଶରୀରରେ କ୍ୟାଲ୍‌ସିୟମ୍ ପରିମାଣକୁ ସନ୍ତୁଳିତ ରଖେ। ଏହା ମଧ ଆଣ୍ଠୁ, ଗଣ୍ଠି ଓ ଅସ୍ଥିକୁ ମଜଭୁତ ରଖିବାରେ ସାହାଯ୍ୟ କରେ।



## କ୍ୟାନ୍‌ସର ଆଶଙ୍କା କମାଏ ହଳଦୀ



**ହ**ଳଦୀରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏହି ତାଲିକାରେ ନିକଟରେ ଆଉ ଏକ ରୋଗକୁ ସାମିଲ କରାଯାଇଛି। ତାହା ହେଲା କ୍ୟାନ୍‌ସର। ଅର୍ଥାତ୍, ଯଦି ଜଣେ ବ୍ୟକ୍ତି ନିୟମିତ ହଳଦୀ ଖାଆନ୍ତି, ତେବେ ସେ ନିଜକୁ କ୍ୟାନ୍‌ସରଠାରୁ କେତେକାଂଶରେ ଦୂରେଇ ରଖିପାରିବେ ବୋଲି ମତବ୍ୟକ୍ତ କରିଛନ୍ତି ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞମାନେ। ହଳଦୀରେ 'କରକ୍ୟୁମିନ୍' ନାମକ ତତ୍ତ୍ୱ ରହିଛି, ଯାହା ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ବିଶେଷଭାବରେ ଏହି ତତ୍ତ୍ୱ କ୍ୟାନ୍‌ସର ଆଶଙ୍କାକୁ କେତେକାଂଶରେ ଦୂରେଇ ରଖିଥାଏ ବୋଲି ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ଗବେଷଣାରୁ ଜାଣିପାରିଛନ୍ତି। କେବଳ ସେତିକି ନୁହେଁ, ହଳଦୀ ଖାଇବା ଦ୍ୱାରା ଆଣ୍ଠୁଗଣ୍ଠି ଦରଜରୁ ଉପଶମ ମିଳିଥାଏ। ଏହାବ୍ୟତୀତ ଡାଇବେଟିସ୍ ଏବଂ ଆଲ୍‌ଜିମର୍ସ ରୋଗୀ ଏହାକୁ ଖାଇପାରନ୍ତି ବୋଲି ରିପୋର୍ଟରେ ଦର୍ଶାଯାଇଛି।

## ସ୍ୱାସ୍ଥ୍ୟ ସୂଚନା

- କୌଣସି ସ୍ୱାସ୍ଥ୍ୟଜନିତ ସମସ୍ୟା ଦେଖାଦେଲେ ପ୍ରଥମେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ଅନ୍ୟ କାହାର ପରାମର୍ଶ ଅନୁସାରେ ମେଡିସିନ୍ ଖାଉଥିଲେ ସେ ନେଇ ପ୍ରଥମେ ଗଭୀର ଭାବରେ ଚିନ୍ତା କରନ୍ତୁ।
- ରାତିରେ ମସଲାଯୁକ୍ତ କିମ୍ବା ଫାଷ୍ଟଫୁଡ୍‌ଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ସେତେ ଭଲ। ରାତ୍ର ଭୋଜନରେ ସବୁବେଳେ ସୁପାଚ୍ୟ ତଥା ହାଲୁକା ଖାଦ୍ୟ ଖାଆନ୍ତୁ।
- ଯଦି ଅଧିକାଂଶ ସମୟ କମ୍ପ୍ୟୁଟର ସାମ୍ନାରେ କାମ କରୁଛନ୍ତି, ତେବେ ନିୟମିତ ସମୟ ଅନ୍ତରାଳରେ ନିଜର ଚକ୍ଷୁ ପରୀକ୍ଷା କରାଇ ନିଅନ୍ତୁ।
- ଯଦି ଆପଣଙ୍କର ଅଣ୍ଟାଜନିତ ସମସ୍ୟା ରହିଛି, ତେବେ ବସିଥିଲେ ହଠାତ୍ ଉଠନ୍ତୁ ନାହିଁ। ଏପରି ଉଠନ୍ତୁ, ଯେମିତି ତାହାର ପ୍ରଭାବ ଅଣ୍ଟା ଉପରେ ନ ପଡ଼େ।
- ସକାଳୁ ଅତିକମ୍‌ରେ ଅଧଘଣ୍ଟାଏ ଚାଲନ୍ତୁ। ଏଥିପାଇଁ ପାର୍କ କିମ୍ବା ପ୍ରଦୂଷଣମୁକ୍ତ ସ୍ଥାନ ଚୟନ କରନ୍ତୁ।
- ଖାଦ୍ୟ ଖାଇବା ସମୟରେ ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଆନ୍ତୁ ନାହିଁ। ଅଳ୍ପ ଅଳ୍ପ ଖାଦ୍ୟ ନିୟମିତ ସମୟ ଅନ୍ତରାଳରେ ଖାଇଲେ ଭଲ।



# ଉନ୍ନତି, କିରନ ଚାମ୍ପିୟନ



ଚାମ୍ପିୟନ ଉନ୍ନତି ହୁଦା, କିରନ ଜର୍ଜ ଏବଂ ତ୍ରିଶା ଜୋଲି-ଗାୟତ୍ରୀ ଗୋପୀଚାନ୍ଦ ପୁରସ୍କାର ସହ।

**ଭୁବନେଶ୍ୱର, ୩୦।୧ (କ୍ରୀଡ଼ା ପ୍ରତିନିଧି)**

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଓଡ଼ିଶା ଓପନ ସୁପର-୧୦୦୦ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଏହାର ମହିଳା ସିଙ୍ଗଲ୍ସରେ ଉନ୍ନତି ହୁଦା ଏବଂ ପୁରୁଷରେ କିରନ ଜର୍ଜ ଚାମ୍ପିୟନ ହୋଇଛନ୍ତି। ତ୍ରିସା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ ମହିଳା ଡବଲ୍ସ ଟାଇଟଲ ହାସଲ କରିଛନ୍ତି।

ଅନେକ ମ୍ୟାଚରେ ବିପର୍ଯ୍ୟୟ ଘଟାଇ ଫାଇନାଲରେ ପ୍ରବେଶ କରିଥିବା ୧୪ ବର୍ଷୀୟା ଉନ୍ନତି ଟାଇଟଲ ମୁକାବିଲାରେ ସ୍ମିତ୍ ତୋଶନିୱାଲଙ୍କୁ ୨୧-୧୮, ୨୧-୧୧ରେ ପରାସ୍ତ କରିଛନ୍ତି। ଏହା ତାଙ୍କ କ୍ୟାରିୟରର ପ୍ରଥମ ଅନ୍ତର୍ଜାତୀୟ ଟାଇଟଲ। ମ୍ୟାଚ ଜିତିବା ପାଇଁ ସେ ମାତ୍ର ୩୫ ମିନିଟ ସମୟ ନେଇଥିଲେ। ସେହିପରି ପୁରୁଷ ସିଙ୍ଗଲ୍ସ ଫାଇନାଲରେ କିରନ ୨୧-୧୫, ୧୪-୨୧, ୨୧-୧୮ରେ ପ୍ରିୟାଂଶୁ ରାଜାୱତଙ୍କୁ ପରାସ୍ତ କରିଛନ୍ତି। ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚଟି ୫୮ ମିନିଟଧରି ଚାଲିଥିଲା। ପ୍ରଥମ ଗେମ୍‌ରେ କିରନ ବିଜୟୀ ହୋଇଥିଲେ ହେଁ ପ୍ରିୟାଂଶୁ ଦ୍ୱିତୀୟ ଗେମ୍ ଜିତି ସଫଳ ପ୍ରତ୍ୟାବର୍ତ୍ତନ କରିଥିଲେ। ମାତ୍ର ନିର୍ଣ୍ଣାୟକ ଗେମ୍‌ରେ ଅଭିଜ୍ଞତାର ଉପଯୋଗ କରି କିରନ ଟାଇଟଲ ଜିତିଥିଲେ। ଡବଲ୍ସ କାଟେଗୋରିରେ ତ୍ରିଶା ଜୋଲି ଡବଲ ଟାଇଟଲ ହାସଲରୁ ଅଳ୍ପକେ ବଞ୍ଚିତ ହୋଇଥିଲେ। ସେ ମହିଳା ଡବଲ୍ସ ଜିତିଥିଲେ ହେଁ ମିକ୍ସଡ ଡବଲ୍ସ ଫାଇନାଲରେ ହାରି ଯାଇଥିଲେ। ସୟଦ ମୋଦି ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଫାଇନାଲିଷ୍ଟ ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ ଏଠାରେ ମହିଳା ଡବଲ୍ସ ଫାଇନାଲରେ ସାଥି ଖେଳାଳି ଶ୍ରୁତି ମିଶ୍ର ଓ ସାନ୍ୟୋଗୀତା ଘୋରପଡ଼େଙ୍କୁ ୨୧-୧୨, ୨୧-୧୦ରେ ପରାସ୍ତ କରିଥିଲେ। ମାତ୍ର ଏମ୍.ଆର୍. ଅର୍ଜୁନ ଓ ଜୋଲି ଯୋଡ଼ି ମିକ୍ସଡ ଡବଲ୍ସ ଫାଇନାଲରେ ଶ୍ରୀଲଙ୍କାର ସଚିନ ଡିଆସ ଓ ଥିଲିନି ହେଣ୍ଡାହେୱାଙ୍କଠାରୁ ୧୬-୨୧, ୨୦-୨୨ରେ ହାରି ଯାଇଥିଲେ। ପୁରୁଷ ଡବଲ୍ସ ଫାଇନାଲରେ ଭାରତୀୟ ଯୋଡ଼ି ପି.ଏସ. ରବିକ୍ରିଷ୍ଣା ଓ ଉଦୟକୁମାର ଶଙ୍କର ପ୍ରସାଦ ପ୍ରଥମ ଗେମ୍‌ରେ ବିଜୟୀ ହୋଇଥିଲେ ହେଁ ମୋମେଣ୍ଟମ ବଜାୟ ରଖି ନ ପାରି ମାଲେସିଆର

## ଓଡ଼ିଶା ଓପନ ବ୍ୟାଡ୍‌ମିଣ୍ଟନ ଉଦ୍‌ଯାପିତ

ନୁର୍ ମହମ୍ମଦ ଆଜରିନ୍ ଓ ଖିମ୍ ୱା ଲିମ୍‌ଙ୍କଠାରୁ ୨୧-୧୮, ୧୪-୨୧, ୧୬-୨୧ରେ ହାରି ଯାଇଥିଲେ।

ରାଜ୍ୟ କ୍ରୀଡ଼ା ବିଭାଗ ସଚିବ ତଥା କମିଶନର ଆର. ଭିନିଲ କ୍ରିଷ୍ଣା, ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ (ବାଇ) ସାଧାରଣ ସମ୍ପାଦକ ଅଜୟ କେ. ସିଙ୍ଘାଣିଆ, ପ୍ରାୟୋଜକ ଡାଲମିଆ ଭାରତ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ପୁନିତ ଡାଲମିଆ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଟୁର୍ନାମେଣ୍ଟର ସଫଳ ପରିଚାଳନା ପାଇଁ ଅବଦାନ ରଖିଥିବା ବ୍ୟକ୍ତିଙ୍କୁ ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ ସରକାରଙ୍କ ପକ୍ଷରୁ ଭିନିଲ କ୍ରିଷ୍ଣା ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧିତ ବ୍ୟକ୍ତିମାନେ ହେଲେ 'ବାଇ' ସାଧାରଣ ସମ୍ପାଦକ ଅଜୟ ସିଙ୍ଘାଣିଆ, ପର୍ଯ୍ୟବେକ୍ଷକ ରାଜିନ୍ଦର ଶର୍ମା, ଡାଲମିଆ ଭାରତର ସିନିୟର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଗଣେଶ ଜିରକୁନ୍ତ୍ୱାର, ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ରେଫରି ଏରିକ୍ ଲିଗ୍‌ଭୋଏଟ, ସହକାରୀ ରେଫରି ଗିରିଶ୍ ନାଟୁ, ବାଇର ସ୍ଥାନୀୟ ସହକାରୀ ରେଫରି ଶରଦ ବର୍ମା, ସିନିୟର ଟୁର୍ନାମେଣ୍ଟ ସିରିଜ ମ୍ୟାନେଜର ସେଲଭାନ ସୁବ୍ରମଣିଆନ, କମ୍ପିଟିଶନ ମ୍ୟାନେଜର ରାଜୀବ ମେହେଟା। ''ପ୍ରଥମଥର ପାଇଁ ଓଡ଼ିଶା ଏକ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଆୟୋଜନ କରିଛି। ଆମେ ବ୍ୟାଡ୍‌ମିଣ୍ଟନକୁ ଅଗ୍ରାଧିକାର ଦେଉଥିବାରୁ ଏପରି ଟୁର୍ନାମେଣ୍ଟ ଆୟୋଜନ କରିବା ଗର୍ବର କଥା। ଟୁର୍ନାମେଣ୍ଟର ସଫଳ ଆୟୋଜନ ପାଇଁ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ, ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ ଓ ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନକୁ ଧନ୍ୟବାଦ ଜଣାଉଛି। ଗତ କିଛିଦିନଧରି ଆମେ ଯୁବ ପ୍ରତିଭାମାନଙ୍କର ଚମତ୍କାର ପ୍ରଦର୍ଶନ ଦେଖି ଆସିଛୁ। ତେଣୁ ବ୍ୟାଡ୍‌ମିଣ୍ଟନ କ୍ରୀଡ଼ାରେ ଭାରତର ଭବିଷ୍ୟତ ସୁରକ୍ଷିତ ବୋଲି କହିବାକୁ ହେବ। ସମସ୍ତ ବିଜେତାଙ୍କୁ ମୁଁ ଅଭିନନ୍ଦନ ଜଣାଉଛି। ବ୍ୟାଡ୍‌ମିଣ୍ଟନର ବିକାଶ ପାଇଁ ଓଡ଼ିଶାର ବଡ଼ ଯୋଜନା ଅଛି। ଓଡ଼ିଶା ଓପନ ୨୦୨୨ ଆମକୁ ଉତ୍ସାହିତ କରିଛି। ଏହାକୁ ଏକ ବାର୍ଷିକ ଇଭେଣ୍ଟରେ ପରିଣତ କରିବା ସହ ଆସନ୍ତା ବର୍ଷ ଆହୁରି ବଡ଼ ଆକାରରେ ଆୟୋଜନ କରିବାକୁ ଆଶା ରଖିଛୁ'' ବୋଲି ଭିନିଲ କ୍ରିଷ୍ଣା ପ୍ରକାଶ କରିଛନ୍ତି।

# କର୍ତ୍ତବ୍ୟ ଅନାଡକଟ୍‌ଙ୍କୁ ଟାଇଟଲ

**ଭୁବନେଶ୍ୱର, ୩୦।୧ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ୫ମ ଆର୍.ଏନ. ଦାଶ ସ୍ମାରକୀ ଅନ୍‌ଲାଇନ୍ ଓପନ ଚେସ୍‌ରେ ଗୁଜରାଟର କର୍ତ୍ତବ୍ୟ ଅନାଡକଟ୍ ଚାମ୍ପିୟନ ହୋଇଛନ୍ତି। ୮ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସେ ୬.୫ ପଏଣ୍ଟ ପାଇଛନ୍ତି। ସମାନ ପଏଣ୍ଟ ପାଇଥିବା ଅନ୍ୟ ଦୁଇ ଖେଳାଳି

## ଆର.ଏନ୍. ଦାଶ ସ୍ମାରକୀ ଓପନ ଚେସ୍

ହାଇଦ୍ରାବାଦର ସାଇ ଚିଦ୍‌ଭିଲାଶ ସୁରପାନେନି ଓ ଚେନ୍ନାଇର ପ୍ରଣବ କେ.ପି. ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ହର୍ଷିତ ରଞ୍ଜନ ସାହୁ, ସୌମ୍ୟରଞ୍ଜନ ମିଶ୍ର, ଭାରତୀ ମଣି (ସମସ୍ତେ ୬ ପଏଣ୍ଟ), ଜ୍ଞାନ ରଞ୍ଜନ ସେଠୀ, ମଣିନ୍ଦ୍ର କାର୍ଜି, ଅଭିଷେକ ଜୁନିୟର (ସମସ୍ତେ ୫.୫), ରବୀନ୍ଦ୍ର କୁମାର ଓଝା, ଶୁଭ୍ ସିଂ ସଇନୀ ଓ ସାଇ ଶକ୍ତି ପଣ୍ଡା (ସମସ୍ତେ ୫) ଟପ୍-୧୨ ଫିନିଶ୍ କରିଛନ୍ତି। ଏହା ବ୍ୟତୀତ ବିଭିନ୍ନ


ଟାଇଟଲ ବିଜୟୀ କର୍ତ୍ତବ୍ୟ ଅନାଡକଟ୍।

ବୟସ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଭିନିତ ମହାପାତ୍ର, ଅକ୍ଷଜ ନାୟକ, ସାରାଂଶ ମିଶ୍ର, ଆଦିତ୍ୟ ବିକ୍ରମ ମିଶ୍ର, ସୌମ୍ୟ ଶାଶ୍ୱତ ରଥ, ସାଇ ଅମୃତ ପରିଜା, ସିଦ୍ଧାର୍ଥ ମିଶ୍ର, ସାହାନା ଲେଙ୍କା, ସ୍ୱୟମ ପ୍ରକାଶ ସାହୁ, ଅଦିତି ମୁଖାର୍ଜୀ ଓ ପି. ନନ୍ଦିନୀଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ଦେବେନ୍ଦ୍ର କୁମାର ସାହୁ ଶ୍ରେଷ୍ଠ ଭେଟେରାନ ଖେଳାଳି ପୁରସ୍କାର ପାଇଥିଲେ। ଗୁଗ୍‌ଲ ମିଟ୍‌ରେ ଉଦ୍‌ଘାଟିତ ପ୍ରତିଯୋଗିତାରେ ଅଶ୍ୱିନୀ ପାଢ଼ୀ ଓ ସର୍ବେଶ୍ୱର ସାମନ୍ତରାୟ ଅତିଥିଭାବେ ଯୋଗ ଦେଇଥିଲେ। ସୁବ୍ରତ ଦାଶ, ରତ୍ନା ଦାଶ, ସ୍ମୃତି ଦାଶ, ସୁଜିତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଦେବାଶିଷ ପାଣିଗ୍ରାହୀ ମୁଖ୍ୟ ଆର୍ବିଟର ଦାୟିତ୍ୱ ନିର୍ବାହ କରିଥିଲେ।

## ଗ୍ରୀନ୍ସ ଶିଲ୍‌ଡ ଜୁନିୟର କ୍ରିକେଟ

# ପ୍ରଗତି ସ୍ପୋର୍ଟିଂ ଚାମ୍ପିୟନ



ପ୍ରଗତି ସ୍ପୋର୍ଟିଂର ଖେଳାଳିମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୩୦।୧ (କ୍ରୀଡ଼ା ପ୍ରତିନିଧି):** ଭୁବନେଶ୍ୱର ଗାଡ଼କଣସ୍ଥିତ ଗଡ଼େଶ୍ୱର ଖେଳପଡିଆରେ ଗ୍ରୀନ୍ସ କ୍ରିକେଟ ଆସୋସିଏଶନ ଓ ଗଡ଼େଶ୍ୱର ସ୍ପୋର୍ଟ୍ସ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଜୁନିୟର କ୍ରିକେଟ ଟୁର୍ନାମେଣ୍ଟ ରବିବାର ଶେଷ ହୋଇଛି। ଏହାର ଫାଇନାଲରେ ଆୟୋଜକ ଗ୍ରୀନ୍ସକୁ ୫ ଉଇକେଟରେ ପରାସ୍ତ କରି ପ୍ରଗତି ସ୍ପୋର୍ଟିଂ ଚାମ୍ପିୟନ ହୋଇଛି। ଟସ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଗ୍ରୀନ୍ସ ନିର୍ଦ୍ଧାରିତ ୫୦ ଓଭରରେ ୯ ଉଇକେଟ ହରାଇ ୧୭୧ ରନ କରିଥିଲା। ଦଳ ପକ୍ଷରୁ ମୃତ୍ୟୁଞ୍ଜୟ ମହାପାତ୍ର ୫୪, ବିଶ୍ୱଜିତ ପ୍ରଧାନ ୩୧ରନ କରିଥିଲେ। ପ୍ରଗତି ପକ୍ଷରୁ ଅସୀମ ବରାଡ଼ ୩ ଟି ଏବଂ ସୌମ୍ୟରଞ୍ଜନ ମହାରଣା, କୁବେର ସାହୁ ଓ ସାର୍ଥକ କୁମାର ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ୧୭୨ ରନ ବିଜୟ ଲକ୍ଷ୍ୟ ନେଇ ପ୍ରଗତି ୪୩.୨ ଓଭରରେ ୫ ଉଇକେଟ ହରାଇ ୧୭୫ ରନ ସଂଗ୍ରହ କରି ନେଇଥିଲା। ଅସୀମ ବରାଡ଼ ୨୬, ଆୟୁଷ ସୁତାର ୪୪ ଓ ଅମନ ଦାଶ ୪୬ ରନ କରିଥିଲେ। ଗ୍ରୀନ୍ସ ପକ୍ଷରୁ ସୁମିତ ମିଶ୍ର ସର୍ବାଧିକ ୩ଟି ଉଇକେଟ ନେଇଥିଲେ। ପ୍ରଗତିର ଅସୀମ ବରାଡ଼ ମ୍ୟାନ ଅଫ ଦ ମ୍ୟାଚ ଓ ମ୍ୟାନ ଅଫ ଦ ସିରିଜ ବିବେଚିତ ହୋଇଥିଲେ। ଏହା ବ୍ୟତୀତ ଶ୍ରେଷ୍ଠ ବ୍ୟାଟର ଆୟୁଷ ମହାନ୍ତି (ଗ୍ରୀନ୍ସ), ଶ୍ରେଷ୍ଠ ଫିଲ୍ଡର ବିଶ୍ୱଜିତ ପ୍ରଧାନ (ଗ୍ରୀନ୍ସ), ଶ୍ରେଷ୍ଠ ଉଇକେଟ କିପର ମୃତ୍ୟୁଞ୍ଜୟ ମହାପାତ୍ର (ଗ୍ରୀନ୍ସ) ଏବଂ ଶ୍ରେଷ୍ଠ ବୋଲର କୁବେର ସାହୁ (ପ୍ରଗତି)ଙ୍କୁ ପୁରସ୍କୃତ କରାଯାଇଥିଲା। ଓସିଏ ପ୍ୟାନେଲ ଅମ୍ପାୟର ପ୍ରଦୀପ ଜେନା, ପ୍ରସନ୍ନ ବେଉରା ଓ ସୁଶୀଲ ପରିଡ଼ାଙ୍କୁ ସମ୍ମାନିତ କରାଯାଇଥିଲା। ଚଳିତ ବର୍ଷ ରାଜ୍ୟ ଦଳରେ ସାମିଲ ହୋଇଥିବା ଗ୍ରୀନ୍ସ ଆସୋସିଏଶନ ଖେଳାଳି ଆଦିତ୍ୟ ଜୟସିଂ, ରାଜେଶ ପାତ୍ର, ସୁମିତ ମିଶ୍ର ଏବଂ ମୃତ୍ୟୁଞ୍ଜୟ ମହାପାତ୍ରଙ୍କୁ ଭୁବନେଶ୍ୱର ଆଥ୍‌ଲେଟିକ ଆସୋସିଏଶନର ସାଧାରଣ ସମ୍ପାଦକ ସୌର୍ଯ୍ୟ ରଞ୍ଜନ ପରିଜା ସମ୍ମାନିତ କରିଥିଲେ।




# ବିଶ୍ୱକପ୍ ମ୍ୟାଚ ବେଳେ ଭୂମିକମ୍ପ

**ପୋର୍ଟ ଅଫ୍ ସ୍ପେନ୍, ୩୦।୧ (ପି.ଟି.):** ସ୍ଥାନୀୟ କୁଇନ୍ସ ପାର୍କ ଓଭାଲରେ ଶନିବାର ଆୟର୍ଲାଣ୍ଡ ବନାମ ଜିମ୍ବାୱେ ୧୯ ବର୍ଷରୁ କମ୍ ଆଇସିସି ବିଶ୍ୱକପ୍ ମ୍ୟାଚ ଚାଲିଥିବା ବେଳେ କିଛି ସେକେଣ୍ଡ ପାଇଁ ମୃଦୁ ଭୂମିକମ୍ପ ଅନୁଭୂତ ହୋଇଥିବା ଖବର ମିଳିଛି। ଏହାର ତୀବ୍ରତା ରିକ୍ଟର ସ୍କେଲରେ ୫.୨ ରହିଥିଲା। ଖେଳାଳିମାନେ ଏ ବିଷୟରେ ହଠାତ୍ କିଛି ଜାଣି ପାରି ନ ଥିଲେ। ସେତେବେଳେ କମେଣ୍ଟ୍ରି ବକ୍ସ ଥରିବାରେ ଲାଗିଥିଲା। କମେଣ୍ଟେଟରମାନେ ତାହା ଅନୁଭବ ମଧ୍ୟ କରିପାରିଥିଲେ। କମେଣ୍ଟେଟର ଆଣ୍ଡ୍ରୁ ଲିଓନାର୍ଡ କହିଛନ୍ତି, ୧୫ରୁ ୨୦ ସେକେଣ୍ଡ ଭୂମିକମ୍ପ ହୋଇଥିଲା। ସେତେବେଳେ ଆମ ପଛପଟେ ଏକ ରେଳଗାଡ଼ି ଯାଉଥିବା ଭଳି ମନେ ହେଉଥିଲା। ସେତେବେଳ ଆୟର୍ଲାଣ୍ଡ ସ୍ପିନର ମାଥ୍ୟୁ ହମ୍ଫ୍ରେସ୍ ୬ଷ୍ଠ ଓଭରର ୫ମ ବଲ୍ ଜିମ୍ବାୱେର ବ୍ରାଏନ୍ ବେନେଟଙ୍କୁ ପକାଉଥିଲେ। ବଲ୍ ପକାଇବା ବେଳେ ସେ ସାମାନ୍ୟ ଦୋହଲି ଯାଇଥିବା ଦୃଶ୍ୟ ଫ୍ରଣ୍ଟ-ଅନ୍ କ୍ୟାମେରାରେ ଦେଖିବାକୁ ମିଳିଥିଲା। ଖେଳ କିନ୍ତୁ ସ୍ଥଗିତ ରଖାଯାଇ ନ ଥିଲା। ବେନେଟ୍ ବଲ୍‌ଟିରେ ମିଡ୍ ଅଫ୍ ଅଞ୍ଚଳକୁ ରକ୍ଷଣାତ୍ମକ ଶଟ୍ ଖେଳିଥିଲେ। ପରବର୍ତ୍ତୀ ବଲ୍‌କୁ ସେ ଚୌକା ଲଗାଇଥିଲେ। ସୂଚନାଯୋଗ୍ୟ, ବିଶ୍ୱକପ୍ ପ୍ଲେଟ୍ ଲିଗ୍‌ରେ ନବମରୁ ଦ୍ୱାଦଶ ସ୍ଥାନ ପାଇଁ ଆୟର୍ଲାଣ୍ଡ ଓ ଜିମ୍ବାୱେ ମଧ୍ୟରେ ଏହି ମ୍ୟାଚ ଖେଳାଯାଉଥିଲା।

# ବାର୍ଟି, ଜୋକୋଭିଚ୍ ନମ୍ବର ୱାନ ସ୍ଥାନ ବଜାୟ ରଖିଲେ

**ମେଲବୋର୍ନ, ୩୦।୧(ଏପି):** ବିଶ୍ୱ ଟେନିସ ର୍‍ୟାଙ୍କିଙ୍ଗ ତାଲିକା ପ୍ରକାଶ ପାଇଛି। ଏଥିରେ ଆଶଲେ ବାର୍ଟି ମହିଳା ଏବଂ ନୋଭାକ୍ ଜୋକୋଭିଚ୍ ପୁରୁଷ ସିଙ୍ଗଲ୍ସରେ ସେମାନଙ୍କ ନମ୍ବର ୱାନ ସ୍ଥାନ ବଜାୟ ରଖିଛନ୍ତି। ଶନିବାର ଡାନିଲ କଲିନ୍ସଙ୍କୁ ସିଧାସଳଖ ସେଟ୍‌ରେ ପରାସ୍ତ କରି ଅଷ୍ଟ୍ରେଲିଆନ ଓପନ ମହିଳା ସିଙ୍ଗଲ୍ସ ଟାଇଟଲ ଜିତିବା ଦ୍ୱାରା ବାର୍ଟି ର୍‍ୟାଙ୍କିଙ୍ଗ ତାଲିକାରେ ୨ବର୍ଷରୁ ଅଧିକ ସମୟ ଧରି ନମ୍ବର ୱାନ ସ୍ଥାନ ବଜାୟ ରଖିଛନ୍ତି। ୨୦୧୯ ଫ୍ରେଞ୍ଚ ଓପନ ବିଜୟିନୀ ବାର୍ଟି ୨୦୨୦ରେ ୱିମ୍ବେଲଡନ ଜିତିଥିଲେ। ଅଷ୍ଟ୍ରେଲିଆନ ଓପନ ଜିତିବା ଦ୍ୱାରା ସେ ନମ୍ବର ୱାନ ସ୍ଥାନ ବଜାୟ ରଖିବା ସହ ଦ୍ୱିତୀୟ ସ୍ଥାନରେ ରହିଥିବା ବେଲାରୁଷର ଆରିନା ସାବାଲେଙ୍କାଙ୍କଠାରୁ ର୍‍ୟାଙ୍କିଙ୍ଗ ପଏଣ୍ଟ ଅଗ୍ରଣୀ ବ୍ୟବଧାନ ବୃଦ୍ଧି କରିପାରିଛନ୍ତି। ଅନ୍ୟପକ୍ଷରେ ପୁରୁଷ ର୍‍ୟାଙ୍କିଙ୍ଗରେ ଇଟାଲୀର ମାଟେଓ ବରେଟେନି ଟପ୍ ଟେନ୍‌ରେ ପ୍ରବେଶ କରିବାରେ ସମର୍ଥ ହୋଇଛନ୍ତି। ସେ କ୍ୟାରିୟର ଶ୍ରେଷ୍ଠ ୬ଷ୍ଠ ସ୍ଥାନ ଅଧିକାର କରିଛନ୍ତି। ରୁଷିଆର ଆନ୍ଦ୍ରେ ରୁବ୍ଲେଭ ୭ମ ସ୍ଥାନକୁ ଖସି ଆସିଛନ୍ତି। ଅଷ୍ଟ୍ରେଲିଆନ ଓପନରେ ଅଂଶଗ୍ରହଣ କରି ନ ଥିଲେ ସୁଦ୍ଧା ନୋଭାକ ଜୋକୋଭିଚ୍ ନମ୍ବର ୱାନ ସ୍ଥାନ ବଜାୟ ରଖିଛନ୍ତି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ୧୯୪ କରୋନା ଆକ୍ରାନ୍ତ ଚିହ୍ନଟ

**ନୟାଗଡ଼ ଅଫିସ,୩୦।୧:** ନୟାଗଡ଼ ଜିଲାରେ ରବିବାର ୧୯୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ଭାପୁର ବ୍ଲକର ୧୫, ଦଶପଲ୍ଲା ବ୍ଲକର ୧୮, ଗଣିଆ ବ୍ଲକର ୩, ଖଣ୍ଡପଡ଼ା ବ୍ଲକର ୨୯, ନୟାଗଡ଼ ବ୍ଲକର ୩୬, ନୂଆଗାଁ ବ୍ଲକର ୨୯, ଓଡ଼ଗାଁ ବ୍ଲକର ୨୦, ରଣପୁର ବ୍ଲକର ୧୬, ନୟାଗଡ଼ ମ୍ୟୁନିସିପାଲିଟିର ୨୮ ରହିଛନ୍ତି। ରବିବାର ଆକ୍ରାନ୍ତଙ୍କ ସଂଖ୍ୟା ମିଶାଇଲେ ଜିଲାରେ ମୋଟ ସଂଖ୍ୟା ୩୬୦୦ରେ ପହଞ୍ଚିଛି ।

### ବଳଦ ବୋଝେଇ ପିକ୍‌ଅପ୍ ଭ୍ୟାନ ଜବତ

**ନୟାଗଡ଼ ଅଫିସ,୩୦।୧:**ଇଟାମାଟି ଥାନା ପୋଲିସ ପିକ୍‌ଅପ୍ ଭ୍ୟାନ୍ ସହ ୫ ବଳଦ ଜବତ କରିଛି । ବେଆଇନ ଗୋଚାଲାଣ ଅଭିଯୋଗରେ ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଦେଉଳି ଜାମୁସାହିର ଫିରୋଜ ଖାନ୍(୨୦)ଙ୍କୁ ଗିରଫ କରିଛି । ସୋମବାର ଫିରୋଜଙ୍କୁ କୋର୍ଟ ଚାଲାଣ କରାଯିବ । ଫିରୋଜ ଓଡି୨୫ ଏନ ୧୧୩୮ ପିକ୍‌ଅପ୍ ଭ୍ୟାନ୍‌ରେ ୫ଟି ବଳଦକୁ ନୟାଗଡରୁ ନେଇ ଖୋର୍ଦ୍ଧା ଯାଉଥିଲେ । ପରେ ଏହାକୁ କୋଲକତା ପଠାଇଥାନ୍ତେ ବୋଲି ସୂଚନା ମିଳିଛି। ପୋଲିସ ୧୪/୨୨ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

### ଗାଡ଼ି ଚୋର ଜେଲ୍ ଗଲେ

**ନୟାଗଡ଼ ଅଫିସ,୩୦।୧:**ନୟାଗଡ଼ ସଦର ଥାନା ପୋଲିସ ଜଣେ ଲୁନା ଚୋରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ଗଞ୍ଜାମ ଜିଲା ବେଲଗୁଣ୍ଠା ଟିକରପଡ଼ା ଗାଁର କେଶବ ଚନ୍ଦ୍ର ଗୌଡ(୩୫)ଙ୍କୁ ରବିବାର ନୟାଗଡ଼ ସବ୍‌ଜେଲକୁ ଯିବାକୁ ପଡିଛି । ପ୍ରାପ୍ତ ସୂଚନା ଅନୁସାରେ ଓଡି୨୫ ଏଫ ୬୬୩୨ ଲୁନାକୁ ମାଛିପଡାର ବିଜୟ ଗଡତିଆ ଧରି ଠିଆ ହୋଇଥିଲେ । କେଶବ ଲୁନାକୁ ନେଇ ପଳାଇ ଯାଇଥିଲେ । ବିଜୟଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକମାନେ ଚୋରକୁ ଧରିବାକୁ ଜାଲ ବଛାଇଥିଲେ । ପରେ ପୋଲିସ ପହଞ୍ଚି ଚୋରକୁ ଗିରଫ ଥିଲା । ଏ ସଂକ୍ରାନ୍ତରେ ୧୫/୨୨ରେ ଏକ ମାମଲା ରୁଜୁ ହୋଇଥିଲା ।

### ବିଦ୍ୟୁତ୍ ଆଘାତରେ ମହିଳା ମୃତ

**ଧରାକୋଟ,୩୦।୧(ଡି.ଏନ.ଏ.):** ଧରାକୋଟ ଥାନା ଅନ୍ତର୍ଗତ ରେଡ୍ଡୀ ଦାମୋଦର ପଲ୍ଲୀ ଗ୍ରାମରେ ବିଦ୍ୟୁତ୍ ଆଘାତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଆର୍. ଭାରତୀ ରେଡ୍ଡୀ। ଆରତୀଙ୍କ ଗୃହ ନିର୍ମାଣ କାର୍ଯ୍ୟ ଚାଲିଥିଲା। ସେ ପାଣି ମୋଟର ଚଲାଇବାକୁ ଯାଇଥିବା ବେଳେ କୌଣସି ପ୍ରକାରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଛିଟିକି ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଆସିକା ଡାକ୍ତରଖାନାକୁ ନେଇଥିଲେ ମଧ ସେଠାରେ ତାଙ୍କର ମତ୍ୟୁ ଘଟିଥିଲା। ଧରାକୋଟ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ନଂ.୧/୨୦୨୨ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଧରାକୋଟ ରାଜା ସୁଲକ୍ଷଣା ଗୀତାଞ୍ଜଳି ଦେବୀ ମୃତ ମହିଳାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।

### ଆକ୍ରମଣ, ଲୁଟ୍ ମାମଲା: ମୁଖ୍ୟ ଅଭିଯୁକ୍ତ ଗିରଫ

**ଦିଗପହଣ୍ଡି,୩୦।୧(ଡି.ଏନ.ଏ.):** ଦିଗପହଣ୍ଡି ପୋଲିସ ରବିବାର ବ୍ରହ୍ମପୁର ବଡ଼ ବଜାର ଥାନା ଉତ୍ତର ମୁଖି ସାହିର ରାମ ପାତ୍ରଙ୍କୁ ଗିରଫ କରି ବ୍ରହ୍ମପୁର ସଦର କୋର୍ଟକୁ ଚାଲାଣ କରିଛି। ଥାନା ମାମଲା ନଂ. ୩୪୮/୨୧ ଅନୁଯାୟୀ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ଜେଲକୁ ପଠାଯାଇଛି। ସେହିପରି ଏହି ମାମଲାରେ ସମ୍ପୃକ୍ତ ଜଣେ ନାବାଳକଙ୍କୁ ପୋଲିସ ବ୍ରହ୍ମପୁର ସ୍ଥିତ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରିବା ପରେ ତାଙ୍କୁ ବ୍ରହ୍ମପୁର ସ୍ଥିତ ବାଳ ସୁଧାର ଗୃହକୁ ପଠାଇ ଦିଆଯାଇଛି। ପୋଲିସ ସୂଚନାନୁସାରେ, ଗତ ଡିସେମ୍ବର ୨୩ରେ ବ୍ରହ୍ମପୁର ବଡ଼ ବଜାର ଥାନା ଜଗବନ୍ଧୁ ସାହିର ପ୍ରଭୁ ପ୍ରସାଦ ପଟ୍ଟନାୟକ ମହୁଡ଼ା ବିକାଶପୁର ଗାଁ ନିକଟ ରାମଗୁଡ଼ା ଘାଟିରେ ସାଙ୍ଗମାନଙ୍କ ସହ ଫେରୁଥିବା ବେଳେ ଅଭିଯୁକ୍ତ ରାମ ପାତ୍ର ଏବଂ ତାଙ୍କ କିଛି ସହଯୋଗୀ ପ୍ରଭୁ ପ୍ରସାଦଙ୍କୁ ଛୁରୀରେ ଆକ୍ରମଣ କରି ତାଙ୍କ ମୋବାଇଲ ଏବଂ କ୍ୟାମେରାକୁ ଜବରଦସ୍ତ ଲୁଟି ନେଇଥିଲେ। ଅଭିଯୁକ୍ତ ରାମଙ୍କ ନିକଟରୁ ପୋଲିସ ଲୁଟ ହୋଇଥିବା କ୍ୟାମେରା ଏବଂ ମୋବାଇଲ ଫୋନ ଜବତ କରିଥିବା ଆଇଆଇସି ବସନ୍ତ କୁମାର ସେଠୀ କହିଛନ୍ତି।

# ଗଡ଼ ରକ୍ଷା ପାଇଁ ଶାସକ ଦଳର ଉଦ୍ୟମ

- ବିରୋଧିଙ୍କୁ ଭାଗ କରି ଦଖଲ କରୁଛି ପଞ୍ଚାୟତ
- ୧୨ନଂ. ଜୋନ୍‌ରେ ନିର୍ବାଚନୀ ତାତି

**ନୟାଗଡ଼ ଅଫିସ,୩୦।୧**



୧୨ନଂ ଜୋନ୍‌ରେ ମନ୍ତ୍ରୀ ଅରୁଣ ସାହୁ ନିର୍ବାଚନୀ ପ୍ରଚାର କରୁଛନ୍ତି।

ନୟାଗଡ଼ ବ୍ଲକ୍ ୧୨ ନଂ. ଜିଲା ପରିଷଦ ଜୋନ୍‌ରେ ରହିଛି ବାଲୁଗାଁ, ଚମ୍ପତିପୁର, ଗଦାଧରପ୍ରସାଦ, କ୍ରୀଡାଶପୁର, ନାଟୁଗାଁ, ଲକ୍ଷ୍ମୀପ୍ରସାଦ, ଶରଧାପୁର ପରି ୭ ପଞ୍ଚାୟତ । ଉପରୋକ୍ତ ପଞ୍ଚାୟତରେ ବହୁ ସମସ୍ୟା ରହିଥିଲେ ହେଁ ସମାଧାନ ପାଇଁ ଶାସକ ଦଳର ଆନ୍ତରିକତା ନ ଥିବା ଅଭିଯୋଗ ହୋଇଛି । ଏଣୁ ୧୨ନଂ. ଜୋନ୍ ବିକାଶ ବଦଳରେ ଉପେକ୍ଷିତ ଓ ଅବହେଳିତ ହୋଇ ଚାଲିଛି। ଏଭଳିସ୍ଥଳେ ଭୋଟରଙ୍କ ପ୍ରଶ୍ନବାଣରେ ପ୍ରାର୍ଥୀମାନେ ହଇରାଣ ହେଉଛନ୍ତି । ଏଠାରେ ଶାସକ ଦଳ ଗଡ଼ ରକ୍ଷା କରିବାକୁ ଉଦ୍ୟମ ଆରମ୍ଭ କରିଛି । ବିରୋଧିଙ୍କୁ ଭାଗ କରି ଶାସକ ଦଳ ଗଡ଼ ଦଖଲ କରିବାର କୌଶଳ ଆପଣେଇଛି । ଗତ କିଛି ଦିନ ତଳେ କ୍ରୀଡାଶପୁର ପଞ୍ଚାୟତରେ ସରପଞ୍ଚ, ସମିତିସଭ୍ୟ ଓ ୱାର୍ଡମେମ୍ବର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ଏହାର ନଜିର ରହିଛି । ଶାସକ ଦଳର କ୍ଷମତା ଦଖଲ ନିଶାକୁ ଭୋଟର ପରଖୁଛନ୍ତି ବୋଲି ଚର୍ଚ୍ଚା ହେଉଛି।

ଏହି ଜୋନ୍‌ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବିଜୁ ପକ୍କାଘର ଗରିବ ହିତାଧିକାରୀ ପାଉ ନ ଥିବା ଅଭିଯୋଗ ରହିଛି । ଗୁହାଳ ଯୋଜନାରେ ଚାଷୀ ଅସନ୍ତୁଷ୍ଟ । ପ୍ରକୃତ ଚାଷୀ ଗୁହାଳ କରିବାକୁ ଟଙ୍କା ପାଉନି । ରାଶନ କାର୍ଡରୁ ବଞ୍ଚିତ ହୋଇଛନ୍ତି ଅନେକ ଯୋଗ୍ୟ ହିତାଧିକାରୀ। କାଳିଆ ଯୋଜନା ଓ ପିଏମ୍ କିଶାନ ସମ୍ମାନ ନିଧି ଯୋଜନାରେ ପ୍ରକୃତ ଚାଷୀ ଉପେକ୍ଷିତ । କାଳିଆ ଯୋଜନାରେ ୨ଟି କିସ୍ତିରେ ୧୦ ହଜାର ଟଙ୍କା ମିଳିଥିଲା। ଏବେ କିନ୍ତୁ ୧୦ ହଜାର ସ୍ଥାନରେ ୪ ହଜାର ଟଙ୍କା ମିଳୁଛି। ଧାନ ମଣ୍ଡିରେ ଚାଷୀ ଧାନ ବିକ୍ରି କରି ନ ପାରି ଫେରୁଛି। କଟ୍‌ନୀ ଛଟ୍‌ନୀରେ ରାଜି ହେଲେ ବିକ୍ରି ହେଉଛି ଧାନ । ୧୦ରୁ ୧୮ କେଜି ଧାନ ୧ କୁଇଣ୍ଟାଲରେ କଟୁଛି । ବିକାଶ ନାଁରେ ଅଧିକାଂଶ ସ୍ଥାନରେ ଫଲ୍‌ସ ବିଲ୍ ହୋଇଥିବା ଅଭିଯୋଗ ହୋଇଛି। ପୁଣି ବିଭିନ୍ନ ଗାଁରେ ରାସ୍ତା ନିର୍ମାଣରେ ଦୁର୍ନୀତି ହୋଇଛି । ଚେକ୍‌ଡ୍ୟାମ ହୋଇଛି, ଜମିକୁ ପାଣି ମାଡୁନି । ନଦୀବନ୍ଧ ପଥର ପ୍ୟାଚିଂ ଓ ମରାମତି ନାଁରେ ହରିଲୁଟ୍ ଚାଲିଛି। ବାତ୍ୟା କ୍ଷୟକ୍ଷତି ମିଳୁନି। ବାଲୁଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ୨ ଡାକ୍ତର ଅଛନ୍ତି, କିନ୍ତୁ ସେବା ମିଳୁନି। ନାନା ଅସୁବିଧାରେ ରହୁଥିବା ଲୋକମାନେ ଭୋଟ ଦେବା ପାଇଁ ଉପଯୁକ୍ତ ପ୍ରାର୍ଥୀ ଖୋଜୁଛନ୍ତି । ପ୍ରାର୍ଥୀଙ୍କ କାର୍ଯ୍ୟ ଓ ଭୋଟ ପ୍ରଚାରର ତରିକାକୁ ପରଖୁଛନ୍ତି । ଏହି ଜୋନ୍‌ରେ ଭାଜପାରୁ ସନ୍ତୋଷ ପ୍ରଧାନ, କଂଗ୍ରେସରୁ ବୃନ୍ଦାବନ ନାୟକ ଓ ବିଜେଡିରୁ ସୁବାସ ଚନ୍ଦ୍ର କଅଁର ନିର୍ବାଚନ ଲଢ଼ୁଛନ୍ତି । ସୁବାସ ୨୦୧୭ରୁ ୨୦୨୨ ପର୍ଯ୍ୟନ୍ତ ନୟାଗଡ଼ ବ୍ଲକର ବ୍ଲକ ଉପାଧ୍ୟକ୍ଷ ଥିଲେ । ପ୍ରାର୍ଥୀ ଚୟନରେ ଅନେକ ଆଶାୟୀ ଟିକେଟ୍ ନ ପାଇ ଅସନ୍ତୁଷ୍ଟ ଅଛନ୍ତି । ଯେଉଁମାନେ ସୁବାସଙ୍କୁ ପରାଜିତ କରିବା ପାଇଁ ଲାଗି ପଡ଼ିଛନ୍ତି । ଏଭଳିସ୍ଥଳେ ନୟାଗଡ଼ ବିଧାୟକ ଅରୁଣ ସାହୁ ଏହି ଜୋନ୍‌ରେ ରବିବାର ପ୍ରଚାର ଆରମ୍ଭ କରିଛନ୍ତି। ଅନ୍ୟପକ୍ଷେ ଭାଜପାର ସନ୍ତୋଷ ପ୍ରଧାନ ୨୦୧୭ ନିର୍ବାଚନରେ ବିଜେଡି ପ୍ରାର୍ଥୀଙ୍କ ଠାରୁ ସ୍ୱଳ୍ପ ଭୋଟରେ ପରାସ୍ତ ହୋଇଥିଲେ। ଚଳିତ ଥର ବିଜୟୀ ହେବାକୁ ଆପ୍ରାଣ ଉଦ୍ୟମ ଜାରି ରଖିଛନ୍ତି। କଂଗ୍ରେସ ପ୍ରାର୍ଥୀ ପ୍ରଚାରକୁ ତ୍ୱରାନ୍ୱିତ କରି ବିଜୟୀ ପାଇଁ ଲାଗି ପଡ଼ିଛନ୍ତି ।

## ରାଣୀପଡ଼ା ପଞ୍ଚାୟତରେ ନିର୍ବାଚନୀ ତାତି

**ସରପଞ୍ଚ, ସମିତି ସଭ୍ୟ ପଦବୀ ପାଇଁ ୧୭ ପ୍ରାର୍ଥୀ**

**ଖଣ୍ଡପଡ଼ା,୩୦।୧(ସ୍ୱ.ପ୍ର.)**

ଆସନ୍ତା ଫେବୃୟାରୀ ୨୪ ଶେଷ ପର୍ଯ୍ୟାୟରେ ଖଣ୍ଡପଡ଼ା ବ୍ଲକ ଅଞ୍ଚଳରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବ । ଏହି ପରିପ୍ରେକ୍ଷୀରେ ପ୍ରତି ପଞ୍ଚାୟତରେ ନିର୍ବାଚନୀ ତାତି ଅନୁଭବ ହେଲାଣି । ୧୧ ୱାର୍ଡ ଏବଂ ୨୩୯୦ ଭୋଟରଙ୍କୁ ନେଇ ଗଠିତ ରାଣୀପଡ଼ା ପଞ୍ଚାୟତରେ ସର୍ବାଧିକ ୧୭ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି । ସରପଞ୍ଚ ପଦବୀ ମହିଳାଙ୍କ ପାଇଁ ସଂରକ୍ଷିତ ଥିବାରୁ ୮ମହିଳା ଭୋଟରଙ୍କୁ ନିଜ ସପକ୍ଷରେ ନେବା ପାଇଁ ଅଣ୍ଟା ଭିଡ଼ିଛନ୍ତି। ପ୍ରାର୍ଥୀମାନେ ନିଜ ସମର୍ଥକମାନଙ୍କୁ ନେଇ ଘରକୁ ଘର ବୁଲି ଭୋଟ ଭିକ୍ଷା କରୁଛନ୍ତି। ପୂର୍ବତନ ସରପଞ୍ଚ ନମିତା କୁମାରୀ ମହାନ୍ତି, ସରପଞ୍ଚ ଅକ୍ରୁର ମହାରଣାଙ୍କ ବୋହୂ ମାଳତି ବସନ୍ତରାୟ, ପୂର୍ବତନ ସମିତି ସଭ୍ୟ ଗୋପାଳ କୃଷ୍ଣ ପଣ୍ଡାଙ୍କ ସ୍ତ୍ରୀ ରମାମଣି ପଣ୍ଡା, ସମିତି ସଭ୍ୟ ରାମଚନ୍ଦ୍ର ବେହେରାଙ୍କ ସ୍ତ୍ରୀ ବୀଣାପାଣି ବେହେରା, ଉଚ୍ଚ ଶିକ୍ଷିତା ମହିଳା ରଶ୍ମିରେଖା ସ୍ୱାଇଁ, ସୁନୀତା ପ୍ରଧାନ ଓ ଲକ୍ଷ୍ମୀପ୍ରିୟା ମଲ୍ଲିକ ପ୍ରମୁଖ ଏହି ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ସେହିପରି ସମିତି ସଭ୍ୟ ପଦବୀଟି ଅସଂରକ୍ଷିତ ରହିଥିବାରୁ ଶିଖରପୁର ପଞ୍ଚାୟତ ସରପଞ୍ଚ ନବ କିଶୋର ସାହୁ, ପୂର୍ବତନ ଖଣ୍ଡପଡ଼ା ବ୍ଲକ ଅଧ୍ୟକ୍ଷ ଶିଶିର କୁମାର ସାହୁ, ପୂର୍ବତନ ସମିତି ସଭ୍ୟ ଶ୍ରୀଧର ସ୍ୱାଇଁ, ପୂର୍ବତନ ନାଏବ ସରପଞ୍ଚ ସଦାଶିବ ପଣ୍ଡା, ପୂର୍ବତନ ଖଣ୍ଡପଡ଼ା ବ୍ଲକ ଉପାଧ୍ୟକ୍ଷାଙ୍କ ସ୍ୱାମୀ ହୀନ ଚରଣ ପଣ୍ଡା, ବିଭୂତି ଭୂଷଣ ନାୟକ, ସନାତନ ବାରିକ, ପ୍ରଦୀପ କୁମାର ସାହୁ ଓ ରାମଚନ୍ଦ୍ର ପଣ୍ଡା ପ୍ରମୁଖ ୯ଜଣ ପ୍ରାର୍ଥୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ସମସ୍ତ ପ୍ରାର୍ଥୀ ବିଭିନ୍ନ ପ୍ରସଙ୍ଗ ଉତ୍ଥାପନ କରିବା ସହିତ ବିକାଶର ପ୍ରତିଶ୍ରୁତି ଦେଇ ଭୋଟରଙ୍କ ମନ କିଣିବାକୁ ଚେଷ୍ଟା ଚଳାଇଛନ୍ତି । ସେହିପରି ଖଣ୍ଡପଡ଼ା ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ଆସନଟି ସାଧାରଣ ବର୍ଗଙ୍କ ନିମନ୍ତେ ଉଦ୍ଦିଷ୍ଟ ଥିବାରୁ ବହୁ ଆଶାୟୀ ଉକ୍ତ ପଦବୀ ନିମନ୍ତେ ରାଣୀପଡ଼ା ପଞ୍ଚାୟତରୁ ନିର୍ବାଚନ ଲଢୁଥିବା ନେଇ ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି ।

## ୨୧ନଂ.ଜୋନ୍, ବଦଳୁଛି ସମୀକରଣ

**ନୟାଗଡ଼ ଅଫିସ,୩୦।୧**

ନୟାଗଡ଼ ଜିଲାର ରଣପୁର ନିର୍ବାଚନ ମଣ୍ଡଳୀରେ ସମୀକରଣ ବାରମ୍ବାର ବଦଳି ଚାଲିଛି । ଏଠାରେ ଭୋଟର ବି ବଦଳିବାରେ ଲାଗିଛନ୍ତି । କଂଗ୍ରେସ ଦୁର୍ଗ କୁହାଯାଉଥିବା ରଣପୁର ନିର୍ବାଚନମଣ୍ଡଳୀକୁ ଭାଜପା ଦଖଲକୁ ନେଇ ସୁରମା ପାଢ଼ୀ ବିଧାୟକ ହୋଇଥିଲେ । ପରେ ଭାଜପା ଦୁର୍ଗରେ ବିଜେଡି ବିଜୟ ବାନା ଉଡାଇଥିଲା । ଏଠାରେ ବିଜେଡିର ବିଧାୟକ ଲଗାତାର ଭାବେ ବିଜୟୀ ହୋଇ ଆସୁଛନ୍ତି । ତେବେ ଶାସକ ଦଳରେ ବିଧାୟକ ଥାଇ ୨୦୧୭ ପଞ୍ଚାୟତ ନିର୍ବାଚନରେ ରଣପୁର ନିର୍ବାଚନ ମଣ୍ଡଳୀରେ ୬ ଜୋନ୍‌ରୁ ଭାଜପା ୪ଟି ଦଖଲ କରିଥିଲା । ଯାହାକି ବିଜେଡିର ଲୋକପ୍ରିୟତା କମିଥିବା ପ୍ରମାଣିତ କରିଥିଲା । ପୁଣି ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନଙ୍କୁ ବିଭିନ୍ନ ସ୍ଥାନରେ ବିରୋଧ କରାଯାଉଛି । ଏହାରି ଭିତରେ ପଞ୍ଚାୟତ ନିର୍ବାଚନ ଆସିଛି ।

ରଣପୁର ନିର୍ବାଚନମଣ୍ଡଳୀ ରଣପୁର ବ୍ଲକର ୨୧ ନଂ. ଜିଲା ପରିଷଦ ଜୋନ୍‌ରେ ଜୋର ଧରିଲାଣି ପ୍ରଚାର। ବଢ଼ିଲାଣି ରାଜନୈତିକ ଉଷ୍ମତା । ଭୋଟରଙ୍କୁ ଆକୃଷ୍ଟ କରିବାକୁ ପ୍ରାର୍ଥୀ ଘରକୁ ଘର ବୁଲୁଛନ୍ତି । ଏଠାରେ ସସ୍ମିତା ମାର୍ଥା (ଭାଜପା), ସରୋଜିନୀ ପରିଡା (କଂଗ୍ରେସ) ଓ ରଜନୀ ରାଣୀ ପଟ୍ଟନାୟକ(ବିଜେଡି) ପ୍ରାର୍ଥୀ ହୋଇଛନ୍ତି । ଏହି ଜୋନ୍‌ରେ ବ୍ରଜରାଜପୁର, ଡମସାହି, ଦର୍ପନାରାୟଣପୁର, ଗୌରାଙ୍ଗପୁର, ପିମ୍ପଲ, ରଙ୍କଦେଉଳି, ବାଉଁଶଗଡ଼, ଖଡିଆ, ବଜ୍ରକୋଟ ପଞ୍ଚାୟତ ରହିଛି । ଏହି ଜୋନ୍ ଗତ ୨୦୧୭ ନିର୍ବାଚନରେ ବିଜେଡି ଦଖଲରେ ଥିଲା । ଏଠାରେ ଭାଜପା ୨ୟ ସ୍ଥାନରେ ଥିବାବେଳେ କଂଗ୍ରେସ ପଛରେ ପଡ଼ି ଯାଇଥିଲା । କଂଗ୍ରେସର ଭୋଟ ବ୍ୟାଙ୍କ ବଢ଼ୁଥିଲେ ମଧ ବିଜେଡି ସହ ଟକ୍କର ଦେବା ପରି ଲାଗୁ ନାହିଁ । ବିଜେଡି ପକ୍ଷରୁ ୨୧ନଂ. ଜୋନ୍‌କୁ ଦଖଲ କରିବା ସମ୍ମାନର ପ୍ରଶ୍ନ ହୋଇଥିବାବେଳେ ଭାଜପା କଷ୍ଟେମେଷ୍ଟ ଦଖଲ କରିବାକୁ ଉଦ୍ୟମ ଆରମ୍ଭ କରିଛି। ୩ ପ୍ରମୁଖ ରାଜନୈତିକ ଦଳ ଭଲ କରିବାର କହୁଛନ୍ତି । ଶାସକ ବିଜେଡି ଓ ଭାଜପା ଉଭୟ ସରକାରଙ୍କ ତ୍ରୁଟିକୁ ଧରି ଭୋଟରଙ୍କ ପାଖକୁ ଯାଉଛନ୍ତି । କଂଗ୍ରେସ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଦୁର୍ନୀତିକୁ ପର୍ଦ୍ଦାଫାସ କରି ବିଜୟୀ ହେବାକୁ ଟାର୍ଗେଟ କରି ଭୋଟ ପ୍ରଚାର କରୁଛି । ହେଲେ ତୃଣମୂଳସ୍ଥଳରେ ୩ ଦଳର ଭଲ ସଙ୍ଗଠନ ନାହିଁ । ବିଜେଡିର ଭୋଟ ଭାଗ ଭାଗ ହୋଇ ରହିଥିବାବେଳେ ଭାଜପା କି କଂଗ୍ରେସ ଏଯାବତ ଫାଇଦା ଉଠାଇ ପାରୁ ନାହାନ୍ତି । ଭୋଟର ଭଲ ନେତା ଖୋଜି ପାଉ ନାହାନ୍ତି । ମନପସନ୍ଦର ପ୍ରାର୍ଥୀ ନ ଥିଲେ ବି ୩ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ଜଣକୁ ବାଛିବାକୁ ପ୍ରାର୍ଥୀଙ୍କୁ ପରଖୁଛନ୍ତି ।

## ନିର୍ବାଚନ ସମ୍ପର୍କିତ ପ୍ରଶିକ୍ଷଣ


ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ପ୍ରାର୍ଥୀମାନେ।

**ନୂଆଗାଁ, ୩୦।୧(ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ସଭାଗୃହରେ ଶନିବାର ଓ ରବିବାର ୨ ଦିନ ଧରି ସରପଞ୍ଚ ଓ ସମିତି ସଭ୍ୟ ପ୍ରାର୍ଥୀମାନଙ୍କୁ ନିର୍ବାଚନୀ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ନିର୍ବାଚନ ପ୍ରଚାର ସମୟରେ ଓ ନିର୍ବାଚନ ଦିନ କେଉଁ ନିୟମ ମାନିବାକୁ ପଡିବ , କିଭଳି ଖର୍ଚ୍ଚର ବିବରଣୀ ଦେବାକୁ ପଡିବ ଓ ଯାନ ବାହାନର ବ୍ୟବହାର ଆଦି ବିଷୟରେ ଶନିବାର ସରପଞ୍ଚ ପ୍ରାର୍ଥୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା । ରବିବାର ସମିତି ସଭ୍ୟ ପ୍ରାର୍ଥୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ନୂଆଗାଁ ବିଡ଼ିଓ ତଥା ନୂଆଗାଁ ବ୍ଲକ ନିର୍ବାଚନ ଅଧିକାରୀ ପ୍ରମୋଦ କୁମାର ନାୟକ ଯୋଗ ଦେଇଥିବା ବେଳେ ନୂଆଗାଁ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସାଧୁ ଚରଣ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଆଦର୍ଶ ଆଚରଣ ବିଧି ଭାଙ୍ଗିଲେ ବିଧାୟକ

**ନୂଆଗାଁ,୩୦।୧(ଡି.ଏନ.ଏ.)**

**ଭୋଟ ପାଇଁ ଡାକିଲେ ବୈଠକ**


ବୈଠକରେ ଯୋଗଦେଇଥିବା କର୍ମୀମାନେ।

ଦଶପଲ୍ଲା ବିଧାୟକ ନିର୍ବାଚନୀ ଆଦର୍ଶ ଆଚରଣ ବିଧି ଓ କୋଭିଡ୍ ନିୟମ ଉଲ୍ଲଂଘନ କରିଥିବା ବିରୋଧୀ ଦଳ ପକ୍ଷରୁ ଅଭିଯୋଗ କରାଯାଇଛି । ରବିବାର ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ଅଧୀନ ନୂଆଗାଁ ବ୍ଲକରେ ସେ ଏକ ଦଳୀୟ ବୈଠକ ଡାକିବା ପରେ ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁଯାୟୀ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ନୂଆଗାଁ ବ୍ଲକର ୧୭ ନମ୍ବର ଜୋନ୍ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ମହିପୁର ନିକଟସ୍ଥ ରାମଚଣ୍ଡୀ କଲ୍ୟାଣ ମଣ୍ଡପରେ ୧୧ ପଞ୍ଚାୟତର ଦଳୀୟ କର୍ମୀମାନଙ୍କୁ ଡାକି ଏକ ବୈଠକର ଆୟୋଜନ କରିଥିଲେ। ଯେଉଁଥିରେ କି ଶତାଧିକ କର୍ମୀ ଯୋଗ ଦେଇଥିଲେ। ଏପରିକି ଜଣେ ଜିଆରଏସ୍ (ପଞ୍ଚାୟତ କର୍ମଚାରୀ) ବୈଠକରେ ଯୋଗଦେଇଥିବା ସୂଚନା ମିଳିଛି । ଏ ସଂକ୍ରାନ୍ତରେ ବିଧାୟକଙ୍କୁ ଯୋଗାଯୋଗ କରାଯାଇଥିଲା । ହେଲେ ସେ ଫୋନ୍ ଉଠାଇ ନ ଥିଲେ। ଏ ବାବଦରେ ନୂଆଗାଁ ବ୍ଲକ ନିର୍ବାଚନ ଅଧିକାରୀ ତଥା ନୂଆଗାଁ ବିଡ଼ିଓ ପ୍ରମୋଦ କୁମାର ନାୟକଙ୍କୁ ପଚାରିବାରେ ବିଧାୟକ ବାରମ୍ବାର ଏଭଳି କରୁଛନ୍ତି । ସେଥିପ୍ରତି ମୁଁ ଦୃଷ୍ଟି ଦେବି ଏବଂ ବୈଠକରେ ଯୋଗ ଦେଇଥିବା କର୍ମଚାରୀ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି ବୋଲି କହିଛନ୍ତି ।

## ନୂଆଗାଁ ବ୍ଲକରେ ପହଞ୍ଚିଲା ବାଲଟ୍ ବାକ୍ସ

**୧୭୧ ଉତ୍ତେଜନାପୂର୍ଣ୍ଣ, ୭ ଅତି ଉତ୍ତେଜନାପୂର୍ଣ୍ଣ ବୁଥ୍**

**ନୂଆଗାଁ,୩୧।୧(ଡି.ଏନ.ଏ.)**



ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତି ଜୋରଦାର ଚାଲିଥିବା ବେଳେ ରବିବାର ନୂଆଗାଁ ବ୍ଲକରେ ପହଞ୍ଚିଛି ବାଲାଟ୍‌ବକ୍ସ । ନୂଆଗାଁ ବ୍ଲକର ୨୨ ପଞ୍ଚାୟତର ୩୪୩ ବୁଥ୍‌ରେ ୭୭ ହଜାର ୧୭୩ ଜଣ ଭୋଟର ନିଜର ମତଦାନ କରିବେ । ସମୁଦାୟ ବୁଥ୍ ମଧ୍ୟରୁ ୧୭୧ ଉତ୍ତେଜନାପୂର୍ଣ୍ଣ ରହିଥିବା ବେଳେ ୭ ବୁଥ ଅତି ଉତ୍ତେଜନାପୂର୍ଣ୍ଣ ବୋଲି ସୂଚନା ମିଳିଛି । ଅତି ଉତ୍ତେଜନାପୂର୍ଣ୍ଣ ଭୋଟ ଗ୍ରହଣ କେନ୍ଦ୍ରରେ ସିସିଟିଭି ଲାଗିବା ସହ ଅଧିକ ପୋଲିସ ମୁତୟନ ରହିବାର ବ୍ୟବସ୍ଥା କରାଯାଇଛି ବୋଲି ନୂଆଗାଁ ବ୍ଲକ ନିର୍ବାଚନ ଅଧିକାରୀ ତଥା ବିଡିଓ ପ୍ରମୋଦ କୁମାର ନାୟକ ସୂଚନା ଦେଇଛନ୍ତି ।

## ଗୋଚାଲାଣ, ୩ ଗିରଫ

**କାଶୀନଗର,୩୦।୧**

କାଶୀନଗର ଥାନା ଅନ୍ତର୍ଗତ ହାଡୁଭଙ୍ଗି ଠାରେ କାଶୀନଗର ପୋଲିସ ରବିବାର ପାଟ୍ରୋଲିଂ କରୁଥିବା ବେଳେ ଗୋରୁ ବଳଦଭର୍ତ୍ତି ତିନୋଟି ଗାଡ଼ି ଜବତ କରିଛି। ଏହି ଘଟଣାରେ ୩ ଜଣଙ୍କୁ କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ଆନ୍ଧ୍ରପ୍ରଦେଶର ଗୋଚାଲାଣକାରୀ ମାନିପୁଲି ଲଛନା, ଘାଗିଗୋଡ଼ା ଗୋପାଳ, ତୁଙ୍ଗାନା ଶ୍ରୀକାନ୍ତ। ଆନ୍ଧ୍ରର ବଳଦା ଗ୍ରାମରୁ ଗୋରୁଙ୍କୁ ବିଜୟନଗରମ୍‌କୁ ନେଉଥିବା ବେଳେ ହାଡୁଭଙ୍ଗିଠାରେ ପୋଲିସ ଧରିଥିଲା। ଏହି ତିନୋଟି ଗାଡ଼ିରେ ୧୫ ଗୋରୁ ଥିଲେ। ଥାନାଧିକାରୀ ସୁଶାନ୍ତ ସାହୁଙ୍କ ନିର୍ଦ୍ଦେଶକ୍ରମେ ଗୋଚାଲାଣ ଖବର ପାଇ ଥାନା କର୍ମଚାରୀମାନେ ଗାଡ଼ି ଜବତ କରିଥିଲେ। ଏ ନେଇ ନଂ. ୧୬/୨୨ରେ ମାମଲା ରୁଜୁ କରାଯାଇଛି।

## ଏଫ୍‌ଇସିସି କ୍ରିକେଟ ଟୁର୍ନାମେଣ୍ଟ : ମଧ୍ୟଖଣ୍ଡ ଟିମ୍ ଚାମ୍ପିୟନ

**ନୂଆଗାଁ,୩୧।୧(ଡି.ଏନ.ଏ.)**

ନୂଆଗାଁ ବ୍ଲକ କଲେଜ ନିକଟ ପଡ଼ିଆରେ ଚାଲିଥିବା ଏଫ୍‌ଇସିସି(ଫ୍ରେଣ୍ଡସ ଇଲେଭେନ କ୍ରିକେଟ କ୍ଲବ୍) କ୍ରିକେଟ ଟୁର୍ନାମେଣ୍ଟ ରବିବାର ଶେଷ ହୋଇଛି । ଏଥିରେ ମଧ୍ୟଖଣ୍ଡ ଟିମ୍ ଚାମ୍ପିୟନ ହୋଇଛି । ଫାଇନାଲ୍ ମ୍ୟାଚ୍ ମଧ୍ୟଖଣ୍ଡ ଟିମ୍ ଓ ଦଶପଲ୍ଲା କ୍ରିକେଟ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ମଧ୍ୟଖଣ୍ଡ ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ୨୦ ଓଭରରେ ୧୦୮ ରନ ସଂଗ୍ରହ କରି ଅଲ୍‌ଆଉଟ ହୋଇଥିଲା । ଦଶପଲ୍ଲା ଟିମ୍ ୧୩ ଓଭରରେ ସମସ୍ତ ଉଇକେଟ୍ ହରାଇ ୪୦ ରନ୍ ସଂଗ୍ରହ କରିଥିଲା। ଉକ୍ତ ମ୍ୟାଚ୍‌ରେ ଜଗନ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ଦଶପଲ୍ଲା ଟିମର ଶଙ୍କର ମ୍ୟାନ୍ ଅଫ୍ ଦି ସିରିଜ ଟ୍ରଫି ଗ୍ରହଣ କରିଥିଲେ । ସାମାଜିକ କର୍ମୀ ନିରଞ୍ଜନ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ନୂଆଗାଁ ସମିତି ସଭ୍ୟ ରମେଶ ଚନ୍ଦ୍ର ପ୍ରଧାନ, ସରପଞ୍ଚ ଗଜେନ୍ଦ୍ର ନାଥ ପ୍ରଧାନ, ପ୍ରମୋଦ କୁମାର ପ୍ରଧାନ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଥିଲେ। ଉକ୍ତ ମ୍ୟାଚ୍‌କୁ ଅଶୋକ କୁମାର ନାୟକ, ବନଜିତ ସାହୁ, ମିଲନ କୁମାର ସାହୁଙ୍କ ସମେତ ଅନ୍ୟମାନେ ପରିଚାଳନା କରିଥିଲେ ।


ଚାମ୍ପିୟନ ଦଳକୁ ମୁଖ୍ୟ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

# ବଞ୍ଚିବା ପାଇଁ ସଂଗ୍ରାମ

- କନ୍ଦା, ମଳା ମୂଷା, ଗୋଧି ସେମାନଙ୍କ ଖାଦ୍ୟ
- ପଲିଥିନଟଣା ଅସ୍ଥାୟୀ ଘରେ ବିତୁଛି ଦିନ

**ନୟାଗଡ଼ ଅଫିସ,୩୦।୧**


ଓଡ଼ଗାଁ ବ୍ଲକ କଜଳାଇପଲ୍ଲୀରେ ରହୁଥିବା କେଳା ମାଟିଆ ସମ୍ପ୍ରଦାୟର ସଦସ୍ୟମାନେ।

ଯାଯାବର ଜୀବନ । ଗୋଟିଏ ଜଙ୍ଗଲରୁ ଆଉ ଗୋଟିଏ ଜଙ୍ଗଲରେ ବିତୁଛି ସେମାନଙ୍କ ସମୟ । ଭୟ ନାହିଁ କି ଦୁଃଖ। ପ୍ରକୃତି ସହିତ ତାଳ ଦେଇ ବଞ୍ଚୁଥିବା କେଳା ମାଟିଆ ସମ୍ପ୍ରଦାୟର ଅଧିକାଂଶ ପରିବାର ସଦସ୍ୟ ଆଜି ପର୍ଯ୍ୟନ୍ତ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିନାହାନ୍ତି । ଦେଶ ସ୍ୱାଧୀନତାର ୭୫ ବର୍ଷ ବିତିଯିବାକୁ ବସିଥିବାବେଳେ ସରକାର କ'ଣ, କିପରି ସରକାରୀ କାର୍ଯ୍ୟ ଚାଲେ ତାହା ସେମାନଙ୍କୁ ଜଣାନାହିଁ । ଜଙ୍ଗଲରୁ ଜଙ୍ଗଲ ବୁଲି ଫଳମୂଳ ସଂଗ୍ରହ, କନ୍ଦା, ମଳା ମୂଷା ଓ ଗୋଧି ଖାଇ ସେହି ମଣିଷମାନେ ବଞ୍ଚନ୍ତି । ଆବାସ ଯୋଜନାରେ ଘର, ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ କାର୍ଡ, ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା, ପିଲାମାନଙ୍କ ପାଠପଢ଼ା ଏମାନଙ୍କ ପାଇଁ ସ୍ୱପ୍ନ । ଏମିତି କେତେକ ପରିବାର ଓଡ଼ଗାଁ ବ୍ଲକ କଜଳାଇପଲ୍ଲୀରେ ରହୁଛନ୍ତି । ଯାଯାବର ଜୀବନ ଛାଡ଼ି କଜଳାଇପଲ୍ଲୀରେ ପ୍ରାୟ ୧୨ ବର୍ଷ ହେଲା ସ୍ଥାୟୀ ଭାବେ ରହି ଆସୁଥିଲେ ବି ଏହି ପରିବାର ସଦସ୍ୟମାନଙ୍କ ସ୍ୱର ଏ ପର୍ଯ୍ୟନ୍ତ ବ୍ଲକ, ପଞ୍ଚାୟତ, ଜିଲା ପ୍ରଶାସନ ନିକଟରେ ପହଞ୍ଚି ପାରିନାହିଁ। ଭଙ୍ଗା ଛଣଛପର ଘରେ ଜରିପାଲ ପକାଇ ଅଭିଶପ୍ତ ଜୀବନ ଜିଉଥିବା ଏହି ମଣିଷମାନେ ଆଜି ପର୍ଯ୍ୟନ୍ତ କାହାକୁ ନିଜର ସମସ୍ୟା ସଂକ୍ରାନ୍ତରେ ଜଣାଇ ନାହାନ୍ତି। କଜଳାଇପଲ୍ଲୀରେ ରହୁଛନ୍ତି ୩ କେଳା ପରିବାରର ୧୫ ସଦସ୍ୟ । ଏମାନଙ୍କ ପିଲାମାନେ ପାଠ ନ ପଢ଼ି ବାପା, ଜେଜ ଓ ଭାଇ ଭଉଣୀଙ୍କ ପରି ଜଙ୍ଗଲରେ ଘୁରିବୁଲନ୍ତି । ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ଲୋକଙ୍କୁ ବିକନ୍ତି। ଜଙ୍ଗଲରୁ ଫଳ ମୂଳ ସଂଗ୍ରହ କରି ନିଜେ ଖାଇ ଥାଆନ୍ତି । ମୂଷା, ଗୋଧି ବି ସେମାନଙ୍କ ଖାଦ୍ୟ । ଏନେଇ ରମା ନାମ୍ନୀ ଜଣେ ମହିଳା କୁହନ୍ତି, ବାହାର ଦୁନିଆ ସହ ଆମର କୌଣସି ସମ୍ପର୍କ ନ ଥାଏ । ଆମ ପରିବାରର କେହି ବେକାର ନୁହନ୍ତି। ସମସ୍ତେ କିଛି ନା କିଛି ରୋଜଗାର କରିଥାନ୍ତି । ସହର ଓ ଗାଁର ଚାକଚକ୍ୟ ଜୀବନ ନେଇ ପଚାରିଲେ ରମା କୁହନ୍ତି, ଆମ ପାଖରେ ତୁଳନା କରିବାକୁ ସମୟ ନାହିଁ । ଆମେ ଯେପରି ଚଳୁଛୁ ଖୁସିରେ ଅଛୁ । ତେବେ ଆମ ପାଇଁ ସରକାର ଘର ଓ ରାଶନ କାର୍ଡରେ ଚାଉଳ ବ୍ୟବସ୍ଥା କଲେ ଉପକୃତ ହୁଅନ୍ତୁ । ହେଲେ ଆମେ ଏ ସଂକ୍ରାନ୍ତରେ କାହା ପାଖରେ କିଛି କହି ପାରୁ ନାହୁଁ, ଆମକୁ କେହି ପଚାରୁ ନାହାନ୍ତି କହି ରମା କ୍ଷୋଭ ପ୍ରକାଶ କରିଥିଲେ ।

## ସଂକ୍ଷେପରେ

### ଗଜପତିରେ ପୁଣି ୬୨ ସଂକ୍ରମିତ ଚିହ୍ନଟ

**ପାରଳାଖେମୁଣ୍ଡି,୩୦।୧(ଡି.ଏନ୍.ଏ.):** ଗଜପତି ଜିଲାରେ ପୁଣି ୬୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ରବିବାର ସୂଚନା ମିଳିଛି। ଏହାକୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୧,୬୦୮ରେ ପହଞ୍ଚିଛି। ସଂକ୍ରମିତଙ୍କ ସଂଖ୍ୟା ବଢୁଥିବାରୁ ପ୍ରଶାସନ ପକ୍ଷରୁ ସମସ୍ତ ନାକା ପଏଣ୍ଟ ଗୁଡ଼ିକରେ କଡ଼ାକଡ଼ି ଯାଞ୍ଚ କରାଯାଉଛି। ଶନିବାର ଜିଲାରେ ୧୨୫୬ ଜଣଙ୍କ କୋଭିଡ୍ ପରୀକ୍ଷା କରାଯାଇଥିଲା।

### ପ୍ରଚାରର ପ୍ରମୁଖ ମାଧ୍ୟମ ସାମାଜିକ ଗଣମାଧ୍ୟମ

**ବୁଗୁଡ଼ା,୩୦।୧(ଡି.ଏନ.ଏ.):** ସମ୍ପ୍ରତି ବୁଗୁଡ଼ା ବ୍ଲକର ଗ୍ରାମାଞ୍ଚଳଗୁଡିକରେ ସାମାଜିକ ଗଣମାଧ୍ୟମ ଏବେ ପ୍ରଚାରର ପ୍ରମୁଖ ମାଧ୍ୟମ ସାଜିଛି ବୋଲି ସଚେତନ ନାଗରିକ ଓ ଯୁବପିଢ଼ିଙ୍କ ମହଲରେ ଚର୍ଚ୍ଚା ହେଉଛି। ରାଜ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ପଞ୍ଚାୟତ ନିର୍ବାଚନ ପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଥିବା ବେଳେ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିବା ପ୍ରାର୍ଥୀମାନେ ଏବେ ସାମାଜିକ ଗଣମାଧ୍ୟମ, ହ୍ୱାଟ୍ସଆପ୍, ଫେସବୁକ୍, ଇନଷ୍ଟାଗ୍ରାମ୍ ଏବଂ ଟୁଇଟର ମାଧ୍ୟମରେ ଭୋଟରଙ୍କ ନିକଟତର ହେବାକୁ ପ୍ରୟାସ କରିଛନ୍ତି।

### ବିଜେଡିରେ ମିଶିଲେ ୨୦୦ରୁ ଊର୍ଦ୍ଧ୍ୱ ଭାଜପା କର୍ମୀ

**ପାରଳାଖେମୁଣ୍ଡି,୩୦।୧(ଡି.ଏନ୍.ଏ.):** ଗଜପତି ଜିଲା ଗୁମ୍ମା ବ୍ଲକର ତରଙ୍ଗଡା ପଞ୍ଚାୟତ ଅନ୍ତର୍ଗତ ଆମ୍ବାଝରି ଓ ଅଣ୍ଡରସିଂ ଗ୍ରାମର ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଭାଜପା କର୍ମୀ ବିଜେଡିରେ ଯୋଗଦେଇଛନ୍ତି। ଏହି ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ଜିଲା ବିଜେଡି ସଭାପତି ପ୍ରଦୀପ ନାୟକ, ବିଜେଡି ନେତା ଡ. ତିରୁପତି ପାଣିଗ୍ରାହୀ, ଯୁବନେତା ଇଂ. ରୂପେଶ ପାଣିଗ୍ରାହୀ, ଜୋନ ନଂ.-୪ର ଜିଲାପରିଷଦ ବିଜେଡି ପ୍ରାର୍ଥୀ ସନ୍ଧ୍ୟା ଶବର ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସ୍ଥାନୀୟ ନେତାମାନଙ୍କୁ ସମର୍ଥନ କରି ବିଜେଡିରେ ସାମିଲ ହେଲୁ ବୋଲି ଭାଜପା ଦଳ ପରିତ୍ୟାଗ କରିଥିବା କର୍ମୀମାନେ ପ୍ରକାଶ କରିଛନ୍ତି।

### ପ୍ରାର୍ଥୀଙ୍କ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ରାଇକିଆ,୩୦।୧(ଡି.ଏନ.ଏ):** ରାଇକିଆ ବ୍ଲକ ସଭାଗୃହଠାରେ ଶନିବାର ପଞ୍ଚାୟତ ନିର୍ବାଚନରେ ଅବତୀର୍ଣ୍ଣ ପ୍ରାର୍ଥୀଙ୍କୁ ନିର୍ବାଚନ ଆଚରଣ ବିଧି ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ବିଡିଓ ତଥା ନିର୍ବାଚନ ଅଧିକାରୀ ସ୍ମରଣିକା ତୁଲୋ ବିଭିନ୍ନ ପଞ୍ଚାୟତରୁ ଆସିଥିବା ସରପଞ୍ଚ ଓ ସମିତି ସଭ୍ୟ ପ୍ରାର୍ଥୀଙ୍କୁ ନିର୍ବାଚନରେ ଟଙ୍କା ଖର୍ଚ୍ଚ କେଉଁ ଭଳି ଭାବେ କେଉଁ ଉଦ୍ଦେଶ୍ୟରେ ଖର୍ଚ୍ଚ କରାଯାଇପାରିବ ସେ ନେଇ ସୂଚନା ଦେବା ସହ ନିର୍ବାଚନ କମିଶନରଙ୍କ ଗାଇଡ ଲାଇନ ଅନୁସାରେ ଖର୍ଚ୍ଚ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

### ଜବରଦଖଲ କଲେ ଜରିମାନା

**ଜୟପୁର, ୩୦।୧ (ନି.ପ୍ର.):** ଜୟପୁର ସହରରେ ଦିନକୁ ଦିନ ଜବରଦଖଲ ବଢ଼ିବାରେ ଲାଗିଛି। ଏହାକୁ ରୋକ୍ ଲଗାଇବା ପାଇଁ ପୌର ପରିଷଦ ପଦକ୍ଷେପ ନେବା ଆରମ୍ଭ କରିଛି। କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ପୌରପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ପ୍ରଥମେ ଜବରଦଖଲକାରୀଙ୍କୁ ବ୍ୟାନର ଲଗାଇ ସଚେତନ କରାଯାଇଛି। ଯେଉଁମାନେ ପୌର ପରିଷଦର ଜାଗା ଜବରଦଖଲ କରିବେ ସେମାନଙ୍କୁ ଉଚ୍ଛେଦ କରାଯିବା ସହ ଜରିମାନା ମଧ୍ୟ ଆଦାୟ କରାଯିବ ବୋଲି ଏଥିରେ ଉଲ୍ଲେଖ ରହିଛି। ଫଳରେ ଜବରଦଖଲରେ ରୋକ୍ ଲାଗିପାରିବ ବୋଲି ଆଶା କରାଯାଉଛି।

# ଟକଲି, ବିଜୁଳି ଗ୍ରାମବାସୀଙ୍କ ଭୋଟ ବର୍ଜନ ନିଷ୍ପତ୍ତି

- ଦୁଇ ଗାଁରେ ବିକାଶ ଅପହଞ୍ଚ
- ୪ କି.ମି. ଭାରରେ ଯାଆନ୍ତି ରୋଗୀ

**ଫୁଲବାଣୀ ଅଫିସ, ୩୦।୧**

କନ୍ଧମାଳ ଜିଲା ଖଜୁରିପଡା ବ୍ଲକ ଦୂତିମେଣ୍ଡି ପଞ୍ଚାୟତର ଟକଲି ଏବଂ ବିଜୁଳି ଗ୍ରାମବାସୀ ସାଧାରଣ ମୌଳିକ ସୁବିଧାରୁ ବଞ୍ଚିତ ଅଛନ୍ତି। ଗ୍ରାମକୁ କେବଳ ପାଦଚଲା ରାସ୍ତାଟିଏ ଅଛି। ଲୋକେ କୌଣସି ସୁବିଧା ପାଉନାହାନ୍ତି। ଯାଯାବର ଭଳି ଜୀବନ ଅତିବାହିତ କରୁଥିବା ଏହି ଦୁଇ ଗ୍ରାମବାସୀ ଯେ କନ୍ଧମାଳ ଜିଲାର ଲୋକ ତାହା ପ୍ରଶାସନ ଏବଂ ସ୍ଥାନୀୟ ଜନପ୍ରତିନିଧି ଭୁଲିଯାଆନ୍ତି। ସେମାନଙ୍କ ପାଇଁ ସର୍ବନିମ୍ନ ସୁବିଧା ବି ଯୋଗାଇ ଦେଉନାହାନ୍ତି। ନିର୍ବାଚନ ଆସିଲେ ଗାଁରେ ପ୍ରଶାସନ ଏବଂ ରାଜନୈତିକ ଦଳର ନେତାଙ୍କ ପାଦ ପଡେ। ନିର୍ବାଚନ ସରିଲେ ପୁଣି ପୂର୍ବ ଅବସ୍ଥାକୁ ଫେରିଯାଆନ୍ତି ଲୋକେ। ତେଣୁ ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଭୋଟ ଦେବେନି ବୋଲି ଗ୍ରାମବାସୀ ନିଷ୍ପତ୍ତି ନେଇଛନ୍ତି।

ଟକଲି ଓ ବିଜୁଳି ଗ୍ରାମକୁ ଏ ଯାଏ ରାସ୍ତାଟିଏ ହୋଇ ପାରିଲାନାହିଁ। ପାନୀୟ ଜଳ ସମସ୍ୟା କଥା ନ କହିବା ଭଲ।


ମହିଳାମାନେ ୨ କି.ମି. ଦୂରରୁ ପାଣି ଆଣୁଛନ୍ତି।

ଲୋକେ ୨ କି.ମି. ଦୂରକୁ ଯାଇ ଏକ ପାହାଡି ନାଳରୁ ପାଣି ଆଣନ୍ତି। ତାହା ଦୂଷିତ ହୋଇଥିଲେ ମଧ୍ୟ ପିଇବାକୁ ବାଧ୍ୟ ହୁଅନ୍ତି। ଅଙ୍ଗନୱାଡି କି ସ୍କୁଲ କିଛି ହୋଇନି। ବୃଦ୍ଧାବୃଦ୍ଧ ଭତ୍ତା ପାଇଁ ଏବଂ ଗରିବ ଲୋକେ ଚାଉଳ ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ଯିବାକୁ ହେଲେ ୯ କି.ମି. ପାହାଡ ଚଢ଼ି ଯିବାକୁ ପଡେ। ରାଶନ ସାମଗ୍ରୀ, ହାଟ ସଉଦା କରିବାକୁ ଲୋକେ ଭାର ନେଇ ଯାଆନ୍ତି। ଆମ୍ବୁଲାନ୍ସ କ'ଣ ଲୋକେ ଜାଣନ୍ତି ନାହିଁ। କାହାର ଦେହ ଅଧିକ ଖରାପ ହେଲେ ୪ କି.ମି. ଭାରରେ ବୋହି ବୈକୁମ୍ପାକୁ ନେବାକୁ ପଡ଼େ। ସେଠାରୁ ପରେ ଗାଡିରେ ମେଡିକାଲ ଯିବାକୁ ହୁଏ। ଗ୍ରାମର ଶିଶୁମାନଙ୍କୁ ବୈକୁମ୍ପା ଗ୍ରାମ ଅଙ୍ଗନୱାଡିକୁ ନେବାକୁ ହୁଏ।

ଗ୍ରାମବାସୀ ଏ ନେଇ ପ୍ରଶାସନ ଏବଂ ଲୋକ ପ୍ରତିନିଧିଙ୍କ ପାଖରେ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ୍ୟ କେହି ଗୁହାରି ଶୁଣୁ ନାହାନ୍ତି। ଦୟନୀୟ ଅବସ୍ଥାରେ ଲୋକେ ବଞ୍ଚୁଛନ୍ତି। ଏପରି ସ୍ଥିତିରେ ଭୋଟ କାହିଁକି ଦେବୁ। ସମସ୍ୟା ସମାଧାନ ହେଉନି। ତେଣୁ ଚଳିତ ନିର୍ବାଚନରେ ଭୋଟ ଦେବୁ ନାହିଁ ବୋଲି ଗ୍ରାମବାସୀ କହିଛନ୍ତି।

## ମୋହନା ବ୍ଲକ: ନିର୍ବାଚନ ପ୍ରଚାରରେ କଂଗ୍ରେସ ଆଗରେ

**ଆର.ଉଦୟଗିରି,୩୦।୧(ଡି.ଏନ୍.ଏ.)**

ଗଜପତି ଜିଲା ମୋହନା ବ୍ଲକ ଏକ ଦୁର୍ଗମ ଅଞ୍ଚଳ। ଏହି ବ୍ଲକ ୩୯ଟି ଗ୍ରାମ ପଞ୍ଚାୟତକୁ ନେଇ ଗଠିତ। ଏହି ବ୍ଲକରେ ୩ଟି ଜିଲାପରିଷଦ ଆସନ ରହିଛି। ମୋହନା ବ୍ଲକର ଅଡବା ଜୋନ ୮ ନମ୍ବର ହୋଇଥିବା ବେଳେ ମୋହନା ଜୋନ ୯ନମ୍ବର ହେବା ସହ ଚନ୍ଦ୍ରଗିରି ଜୋନ ୧୦ ନମ୍ବର ନାମରେ ନାମିତ ହୋଇଛି। ଏହି ତିନିଟି ଜୋନରେ କଂଗ୍ରେସ ଦଳର କର୍ମୀ ଏବଂ ନେତା ଡୋର ଟୁ ଡୋର ପ୍ରଚାର ଆରମ୍ଭ କରି ଆଗୁଆ ଥିବା ବେଳେ ବିଜେଡି ଦଳ ପ୍ରଚାରରେ ଦଳର ନେତାଙ୍କୁ ବିଶ୍ୱାସକୁ ନ ନେଇ ପ୍ରାର୍ଥୀମାନେ ଏକୁଟିଆ ଗାଁ ଗାଁ ବୁଲି ପ୍ରଚାର କରୁଛନ୍ତି। ସେହିପରି କଂଗ୍ରେସ ଦଳର ପ୍ରାର୍ଥୀମାନେ ସ୍ଥାନୀୟ ବିଧାୟକ ଦାଶରଥି ଗମାଙ୍ଗଙ୍କ ନେତୃତ୍ୱରେ ମୋହନାର ୩ଟିଯାକ ଜୋନରେ କଂଗ୍ରେସ ପ୍ରାର୍ଥୀଙ୍କୁ ବିଜୟୀ କରାଇବା ପାଇଁ ପ୍ରଚାର ଜାରି ରଖିଛନ୍ତି। ଭାଜପା ଦଳର କର୍ମୀ, ନେତା ଏବଂ ତାଙ୍କ ଛାମୁଆ ସଂଗଠନ ମୋହନା ବ୍ଲକର ତିନିଟି ଜୋନରେ ଗାଁ ଗାଁ ବୁଲି ଦିବାରାତ୍ର ଲୋକଙ୍କୁ ଡାକି ବୈଠକ କରି ଜନମତ ସଂଗ୍ରହ କରୁଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଏମ୍‌ପି ଚନ୍ଦ୍ରଶେଖର ସାହୁଙ୍କ ସମେତ ଜିଲାର ନେତାମାନେ ମିଳିତ ହୋଇ ସ୍ଥାନୀୟ କର୍ମୀଙ୍କୁ ଏକ କରି ପ୍ରଚାର କଲେ ହିଁ ବିଜେଡି ଦଳ ମୋହନା ବ୍ଲକ ଦଖଲ ହେବ ବୋଲି ଚର୍ଚ୍ଚା ଚାଲିଛି।

## ନିର୍ବାଚନ ବର୍ଜନରୁ ଓହରିଲେ ଆଡାସିପଡ଼ାବାସୀ

**ବଲସକୁମ୍ପା,୩୦।୧**

ମୋବାଇଲ୍ ଟାୱାର ନାହିଁ ତ ଭୋଟ ନାହିଁ। ଏହି ନିଷ୍ପତ୍ତିରେ ଅଟଳ ରହିଥିଲେ ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ଆଡାସିପଡ଼ା ପଞ୍ଚାୟତବାସୀ। ଦୀର୍ଘଦିନ ପରେ ମଧ୍ୟ ଏହି ପଞ୍ଚାୟତକୁ ମୋବାଇଲ୍ ସଂଯୋଗ ନ ହେବାରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲୋକମାନେ। ସ୍ୱାସ୍ଥ୍ୟ ଓ ଶିକ୍ଷା ସେବାରୁ ବଞ୍ଚିତ ହେବା ସହ ଅନେକ ଜରୁରିକାଳୀନ ସେବା ପାଇ ପାରୁନାହାନ୍ତି। ସେଥିପାଇଁ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ବର୍ଜନ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହିପରି କି କେହି ବି ପଞ୍ଚାୟତରେ ଜଣେ ହେଲେ ନାମାଙ୍କନ ଦାଖଲ କରି ନ ଥିଲେ। ତେବେ ଏମ୍‌ପି ଡ. ଅଚ୍ୟୁତ ସାମନ୍ତଙ୍କୁ ଫୁଲବାଣୀରେ ଆସି ଭେଟିଥିଲେ ପଞ୍ଚାୟତର ପୁରୁଖା ନେତୃସ୍ଥାନୀୟ ବ୍ୟକ୍ତି ବିଶେଷ। ପଞ୍ଚାୟତରେ ମୋବାଇଲ୍ ଟାୱାର ସ୍ଥାପନ କରିବାକୁ ଏମ୍‌ପି ପ୍ରତିଶ୍ରୁତି ଦେବା ସହ ଭୋଟ ବର୍ଜନରୁ ଓହରିବାକୁ ଲୋକଙ୍କୁ ଅନୁରୋଧ କରିଥିଲେ। ଏମ୍‌ପିଙ୍କ ସହ ପୂର୍ବତନ ସରପଞ୍ଚ ବନମାଳୀ ପ୍ରଧାନ, ପରମାନନ୍ଦ ସାହାଣୀ, ସୁଦର୍ଶନ ବିଶୋଇ, ମହେଶ୍ୱର ମଲ୍ଲିକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହା ପରେ ଏମ୍‌ପିଙ୍କ ପ୍ରତିନିଧି ମଧ୍ୟ ଗାଁକୁ ଯାଇ ଲୋକଙ୍କୁ ବୁଝାଇଥିଲେ। ପଞ୍ଚାୟତ କମିଟିରେ ଆଲୋଚନା ହେବା ପରେ ଭୋଟ ବର୍ଜନରୁ ଫେରିଛନ୍ତି ପଞ୍ଚାୟତବାସୀ। ପୁଣି ଥରେ ନିର୍ବାଚନ କମିଶନ ନାମାଙ୍କନ ପାଇଁ ସୁଯୋଗ ଦେଇଛନ୍ତି। ଫଳରେ ଏହି ପଞ୍ଚାୟତରୁ ରବିବାର ସରପଞ୍ଚ ପାଇଁ ୨, ୱାର୍ଡ ମେମ୍ବର ପାଇଁ ୫, ସମିତିସଭ୍ୟ ପାଇଁ ଜଣେ ପ୍ରାର୍ଥୀ ନିଜ ନିଜର ପ୍ରସ୍ତାବକ ଓ ସମର୍ଥକଙ୍କୁ ସାଙ୍ଗରେ ନେଇ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି ବୋଲି ଜିପିଓ ସୋନମ୍ ବେହେରା ସୂଚନା ଦେଇଛନ୍ତି।

## ସୋରଡ଼ାରେ ଖଳା ପୂଜା


ପାରମ୍ପରିକ ଧରଣୀ ପୂଜା।

**ସୋରଡା, ୩୦।୧(ଡି.ଏନ୍.ଏ.)**

ସୋରଡ଼ା ଅଞ୍ଚଳରେ ଚାଲିଛି ଖଳା ପୂଜା ପରମ୍ପରା। ଧାନ ଫସଲ ଅଦାୟ ପରେ ପ୍ରତିଟି ଚାଷୀ ଖୁସିରେ ନିଜ ନିଜ ଧାନ ଖଳାରେ ଧାନକୁ ଗଚ୍ଛିତ କରନ୍ତି। ପରିବାର, ସମ୍ପର୍କୀୟମାନଙ୍କୁ ଡାକି ଏକତ୍ରିତ ହୋଇ ପୂଜା ପାଠ କରନ୍ତି। ପ୍ରତିଗ୍ରାମଠାରୁ ଅନତି ଦୂରରେ ଗୋଟିଏ ଗ୍ରାମଦେବତୀ ପୀଠ ରହିଛି। କୋଟିବାଡି ଗ୍ରାମରେ ରବିବାର ସଞ୍ଜୟ ଗଉଡଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପୂଜା ପରମ୍ପରା ଥିଲା ନିଆରା। ଗ୍ରାମର ଚାଷୀମାନେ ଶୁଭ୍ର ବସ୍ତ୍ର ପରିଧାନ ପ୍ରଥମେ ଖଳାରେ ପ୍ରସାଦ ରନ୍ଧନ କରି ସମସ୍ତେ ଜଙ୍ଗଲ ମଧ୍ୟରେ ଥିବା ଶୂଳିଆ ଦେବୀ ପୀଠରେ ଭୋଗ ଅର୍ପଣ କରିଥିଲେ। ପାରମ୍ପରିକ ଏହି ପୂଜାକୁ ଧରଣୀ ପୂଜା କୁହାଯାଉଛି।

## ଆଉ ୫ ଅଭିଯୁକ୍ତ ଗିରଫ
### ଅବକାରୀ, ପୋଲିସ ଟିମ୍ ଉପରେ ଆକ୍ରମଣ ଘଟଣା

**ରାଇଘର,୩୦।୧(ଡି.ଏନ.ଏ.)**

ରାଇଘର ବ୍ଲକ କଚାରପାରା ପଞ୍ଚାୟତ ଅଧୀନରେ ଥିବା ତାରିଗାଁ ଗ୍ରାମରେ ୨୯ ତାରିଖରେ ପୋଲିସ ଓ ଅବକାରୀ ଟିମ୍ ମଦ ଜବତ କରିବା ପାଇଁ ଚଢ଼ାଉବେଳେ ଗ୍ରାମବାସୀ ସେମାନଙ୍କ ଉପରକୁ ପଥର ମାଡ କରିବା ସହ ଦୁଇ ବିଭାଗର ଗାଡ଼ି ଭଙ୍ଗାରୁଜା କରିଥିଲେ। ଏଥିରେ ପୋଲିସ ଓ ଅବକାରୀ ବିଭାଗ କର୍ମଚାରୀ ଆହତ ହୋଇଥିଲେ। ଏହି ମାମଲାରେ ରାଇଘର ପୋଲିସ ଶନିବାର ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ରବିବାର ଆଉ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗ୍ରାମର ବାବୁଲା କଲାର(୩୦), ଭରତ କଲାର(୩୫), କୃଷ୍ଣ କଲାର(୩୦), ପର୍ଶୁରାମ କଲାର(୩୩) ଓ ମଙ୍ଗଡୁ କଲାର(୫୭)। ଏଥିସହ ଗିରଫଙ୍କ ସଂଖ୍ୟା ୮ ରେ ପହଞ୍ଚିଛି। ସେହିପରି ରାଇଘର ଥାନାଧିକାରୀ ଟଙ୍କଗିରି ଭୋଇଙ୍କ ନେତୃତ୍ୱରେ ଏକ ଟିମ୍ ଗ୍ରାମରେ ପହଞ୍ଚି ଗ୍ରାମବାସୀ କାହିଁକି ଆକ୍ରମଣ କଲେ ସେ ନେଇ ତଦନ୍ତ ଜାରି ରହିଛି। ଏକ ଭିଡିଓ କ୍ଲିପ୍ ଆଧାରରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଜାରି ରଖିଥିବା ପୋଲିସ ସୂଚନା ଦେଇଛି।

## ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ

**ଫୁଲବାଣୀ ଅଫିସ/କାଶୀନଗର/ ସୋରଡ଼ା, ୩୦।୧**

ମହାତ୍ମାଗାନ୍ଧୀଙ୍କ ତିରୋଧାନ ଦିବସ ସ୍ଥାନୀୟ ରାମ ମନ୍ଦିର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ମିଳିତ ନାଗରିକ ମଞ୍ଚ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଦୁଷ୍ମନ୍ତ ମାର୍ଥା ଯୋଗଦେଇ ଗାନ୍ଧୀଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ରବୀନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ଅବୀନ ପଣ୍ଡା, ନାଗରିକ ମଞ୍ଚ ସମ୍ପାଦକ ଅଶୋକ ପରିଡା, ଅଧ୍ୟାପକ ଦିବ୍ୟରଞ୍ଜନ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ।

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ ବଂଶଧାରା ପାଠାଗାରଠାରେ ପାଳିତ ହୋଇଥିଲା। ପାଠାଗାର ସଭାପତି ହୃଷୀକେଶ ଗୌଡ଼ଙ୍କ ଦ୍ୱାରା ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବହୁ ବିଶିଷ୍ଟ ଜନସେବକ, ଗାନ୍ଧୀବାଦୀ ଓ ଖବରଦାତା ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଭକ୍ତିପୂତ ଶ୍ରଦ୍ଧାଞ୍ଜଳିରେ ଖବରଦାତା ରାଜେଶ ପଟ୍ଟନାୟକ, ସୀମାଞ୍ଚଳ ମହାରଣା, ମନୋଜ ଚୌଧୁରୀ, ଲୋକନାଥ, ତାରିଣୀ ଆପଟ ଓ ବହୁ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।



ଫୁଲବାଣୀରେ ମହାତ୍ମାଗାନ୍ଧୀଙ୍କ ତିରୋଧାନ ଦିବସରେ ମଞ୍ଚାସୀନ ଅତିଥି।

ସୋରଡ଼ାରେ ଗାନ୍ଧୀଜୀଙ୍କ ତିରୋଧାନ ଦିବସ ଗାନ୍ଧୀ ସେବା ସଂଘ ତରଫରୁ ଲଡୁକିଶୋର ଦାସଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି। ଗାନ୍ଧୀ ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଧ୍ୟାପକ ରଞ୍ଜନ ପାଟଜୋଶୀ, ସମ୍ମାନିତ ଅତିଥି ଭାବେ ଶିକ୍ଷକ କାଳି ଚରଣ ପ୍ରଧାନ, ଡାକ୍ତର ଦେବୀ ପ୍ରସାଦ ପଟନାୟକ, ରାଧାକୃଷ୍ଣ ଦାସ ଶର୍ମା ଯୋଗଦେଇ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

## ବିଜେଡିର କର୍ମୀ ସମ୍ମିଳନୀ

**ଗୋପାଳପୁର,୩୦।୧(ଡି.ଏନ.ଏ.)**

ଗୋପାଳପୁର ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ୫୪ନଂ ଜୋନ୍ ପାଇଁ ଖଜୁରିଆସ୍ଥିତ ଚନ୍ଦ୍ରଚୂଡ଼େଶ୍ୱର ମନ୍ଦିର ନିକଟରେ ରଙ୍ଗେଇଲୁଣ୍ଡା ବ୍ଲକ ବିଜେଡି ସଭାପତି ଅଜିତ କୁମାର ଦାସଙ୍କ ନେତୃତ୍ୱରେ ରବିବାର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ୫୪ ନମ୍ବର ଜୋନ୍ ବିଜେଡି ପକ୍ଷରୁ ଦୀପକ କୁମାର ସାମନ୍ତ ପ୍ରାର୍ଥୀ ହୋଇଥିବା ବେଳେ ଏହି ଜୋନ୍ ଅନ୍ତର୍ଗତ ପଞ୍ଚାୟତର ଆଗଧାଡ଼ିର ବିଜେଡି କର୍ମୀମାନେ ଉପସ୍ଥିତ ରହି ଉକ୍ତ ଗଡ଼ ବିଜେଡି କିଭଳି ନିଜ କବ୍‌ଜାକୁ ଆଣିବ ସେନେଇ କର୍ମୀଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ଉକ୍ତ ଜୋନ୍‌ରେ ଭାଜପା ପକ୍ଷରୁ ଶୁଭାଶିଷ ସାହୁ ପ୍ରାର୍ଥୀ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲା ବିଜେଡି ଉପସଭାପତି ସିଏଚ୍.ଦିଲେଶ୍ୱର ରେଡ୍ଡୀ, ଜିଲା ମହିଳା ସଭାନେତ୍ରୀ ସଂଘମିତ୍ରା ଦଳାଇ, କେଲୁଆପଲ୍ଲୀ ସରପଞ୍ଚ ବିଷ୍ଣୁପ୍ରିୟା ନାୟକ, ୫୩ନଂ ଜୋନ ଜିଲା ପରିଷଦ ପ୍ରାର୍ଥୀ ରାଜେଶ୍ୱରୀ ଦୋରା, ବ୍ଲକ ଯୁବ ବିଜେଡି ସଭାପତି ବିନୋଦ କୁମାର ମହାକୁଡ଼, ପ୍ରକାଶ ଚନ୍ଦ୍ର ସାମନ୍ତ, ଅଞ୍ଜୁ ନାୟକ, ବାଲାକ୍ରିଷ୍ଣା ରେଡ୍ଡୀ, ପ୍ରତାପ ଚନ୍ଦ୍ର କୋଠିଆ, ପ୍ରକାଶ ଚନ୍ଦ୍ର ସାମନ୍ତ ପ୍ରମୁଖ କର୍ମୀ ଉପସ୍ଥିତ ଥିଲେ।


କର୍ମୀ ସମ୍ମିଳନୀରେ ଉପସ୍ଥିତ ବିଜେଡି ନେତୃବୃନ୍ଦ।

## ବିଏସ୍ଏଫ୍ ବାଟାଲିୟନ ପକ୍ଷରୁ ଜନସମ୍ପର୍କ ଶିବିର

**ମାଲକାନଗିରି,୩୦।୧(ଡି.ଏନ.ଏ.)**

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଅନ୍ତର୍ଗତ ରାସବେଡା ପଞ୍ଚାୟତର ଓରିଙ୍ଗି ଗ୍ରାମରେ କୁଡୁମୁଲୁଗୁମ୍ମାସ୍ଥିତ ୧୫୧ ବିଏସ୍ଏଫ ବାଟାଲିୟନ ପକ୍ଷରୁ ଜନସମ୍ପର୍କ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଖପାଖ ୩ଟି ପଞ୍ଚାୟତର ୭ଟି ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି ଅବସରରେ ଗ୍ରାମବାସୀଙ୍କୁ କୃଷି ସାମଗ୍ରୀ, ମହିଳାଙ୍କୁ ଶାଢ଼ି, ରୋଷେଇ ସରଞ୍ଜାମ, ସୋଲାର ଲାଇଟ୍, ରେଡିଓ ବଣ୍ଟନ କରାଯାଇଥିଲା। ଯୁବତୀଯୁବକଙ୍କୁ ପୋଷାକ, ଖେଳ ସାମଗ୍ରୀ ସ୍କୁଲ ପିଲାଙ୍କୁ ବହିଖାତା, କଲମ, କମ୍ପାସ ମଧ୍ୟ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ୧୫୧ ବାଟାଲିୟନର କମାଣ୍ଡାଣ୍ଟ ରବୀନ୍ଦ୍ର ଠାକୁର୍ କୁଡୁମୁଲୁଗୁମ୍ମା ବିଏସ୍ଏଫ୍‌ର କମାଣ୍ଡର ଅରୁଣ କୁମାରଙ୍କ ସହ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଉମରକୋଟରେ ପୁଣି ଭାଲୁ ଭୟ

**ଉମରକୋଟ,୩୦।୧(ସ୍ୱ.ପ୍ର.)**

ନବରଙ୍ଗପୁର ଜିଲା ଉମରକୋଟ ଅଞ୍ଚଳରେ କିଛି ଦିନର ବ୍ୟବଧାନରେ ପୁଣି ୨ ଭାଲୁଙ୍କୁ ଦେଖି ଅଞ୍ଚଳବାସୀ ଭୟଭୀତ ହୋଇଛନ୍ତି। ରବିବାର ସନ୍ଧ୍ୟାରେ ଉମରକୋଟ ବ୍ଲକ ମୁର୍ତ୍ତୁମା ନିକଟ ଶାଳବଣ ନିକଟରେ ୨ ଭାଲୁ ବୁଲୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ପରେ ଭାଲୁ ଦୁଇଟି ମକା କ୍ଷେତ ଦେଇ ଏକ ପୋଖରୀ ନିକଟକୁ ଯାଇଥିବା ବେଳେ ପରେ ସ୍ଥାନୀୟ କେତେଜଣ ଯୁବକ ନିଆଁ ଦେଖାଇ ଦୁଇ ଭାଲୁଙ୍କୁ ଜଙ୍ଗଲ ମଧ୍ୟକୁ ଘଉଡ଼ାଇଛନ୍ତି। ଉମରକୋଟ ଅଞ୍ଚଳରେ ଦିନକୁ ଦିନ ଜଙ୍ଗଲ କ୍ଷୟ ହେଉଥିବାରୁ ଖାଦ୍ୟ ଅନ୍ୱେଷଣରେ ଭାଲୁ ଜଙ୍ଗଲରୁ ଜନବସତି ଦିଗକୁ ଆସୁଛନ୍ତି। ଏହା ଉଭୟ ବନ୍ୟପ୍ରାଣୀ ଏବଂ ମନୁଷ୍ୟଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ତେଣୁ ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାପାଇଁ ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଗତ ୨୩ ତାରିଖରେ ଉମରକୋଟ ନାୟକଗୁଡ଼ା ଗ୍ରାମରେ ମଧ୍ୟ ଏକ ଭାଲୁ ନିମ୍ବ ଗଛରେ ଚଢ଼ି ଦୁଇଦିନ ଗଛ ଉପରେ ରହିଥିଲା। ପରେ ବନ ବିଭାଗ ଭାଲୁକୁ ଟ୍ରାଙ୍କୁଲାଇଜ୍ କରି ଭାଲୁକୁ ଉଦ୍ଧାର କରିଥିଲା।

## ଦୁର୍ଗା ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ: ହିଞ୍ଜିଳି ବିଜୟୀ

**ସୋରଡା,୩୦।୧(ଡି.ଏନ୍.ଏ.)**

ଋଷିକୁଲ୍ୟା କ୍ରିକେଟ କ୍ଲବ ଆନୁକୂଲ୍ୟରେ ଦୁର୍ଗା ସ୍ମାରକୀ ଟି ୨୦ କ୍ରିକେଟ ଟୁର୍ନାମେଣ୍ଟ ଦ୍ୱିତୀୟ ଦିନରେ ଆରସିସି ସୋରଡା ସହ କଞ୍ଜୁରୁ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଆର୍‌ସିସି ସୋରଡା ବିଜୟୀ ହୋଇଥିଲା। ତୃତୀୟ ଦିବସରେ ରବିବାର ଧରାକୋଟକୁ ରୟାଲ ହିଞ୍ଜିଳି ସହ ଆୟୋଜିତ ଖେଳରେ ହିଞ୍ଜିଳି ବିଜୟୀ ହୋଇଛି। ଉଭୟ ଦିନରେ ଏସବିଆଇ ଶାଖା ପରିଚାଳକ ପ୍ରକାଶ ଚନ୍ଦ୍ର ବେହେରା, ଆରକେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଅନିଲ ଦାସ ଅତିଥି ଭାବେ ଯୋଗଦେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ସଭାପତି ସଞ୍ଜୟ ପଣ୍ଡା, ସମ୍ପାଦକ ରଜନୀକାନ୍ତ ମହାପାତ୍ର, ବିଦ୍ୟୁଭୂଷଣ ଦାସ, ସତ୍ୟ ପଟ୍ଟନୟକ ପରିଚାଳନା କରିଥିଲେ।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

## ଭୋଟରଙ୍କୁ ଆକୃଷ୍ଟ ପାଇଁ ଭୋଜି

**ଦିଗପହଣ୍ଡି,୩୦।୧(ଡି.ଏନ.ଏ.)**

ସରଗରମ ହେଲାଣି ପଞ୍ଚାୟତ ରାଜନୀତି। ସବୁଠି ଛକାପଞ୍ଝା ସ୍ଥିତି। ଭୋଟରଙ୍କୁ ମନେଇବା ପାଇଁ ଭୋଜି ଭାତରେ ଲାଗିଛି ପ୍ରତିଯୋଗିତା। ଦିଗପହଣ୍ଡି ବ୍ଲକର ୨୫ ପଞ୍ଚାୟତରେ ନିର୍ବାଚନର ପ୍ରାକ ପ୍ରସ୍ତୁତି ଏଭଳି ଅବସ୍ଥାରେ ରହିଛି। ସବୁଠି ବିଜେଡି-ବିଜେଡି ମଧ୍ୟରେ କଡ୍ଡା ଟକ୍କର। ବ୍ଲକର ୨୮ ନଂ ଜିଲା ପରିଷଦ ଅଧିନରେ ୭ ପଞ୍ଚାୟତ ରହିଛି। ସିଦ୍ଧେଶ୍ୱର ପଞ୍ଚାୟତରେ ଏକାଧିକ ସରପଞ୍ଚ ପ୍ରାର୍ଥୀ ନିର୍ବାଚନ ଲଢେଇରେ ଅବତୀର୍ଣ୍ଣ ରହିଛନ୍ତି। ଗୋକର୍ଣ୍ଣପୁର ପଞ୍ଚାୟତରେ ଦୁଇ ଗୋଷ୍ଠୀ ମଧ୍ୟରେ କଡ୍ଡା ଟକ୍କର। ବ୍ଲକର ସବୁଠାରୁ ସାନ ପଞ୍ଚାୟତ ହେଉଛି ବାସୁଦେବପୁର। ସେଠାରେ ମଧ୍ୟ ଦୁଇ ବିଜେଡି ଗୋଷ୍ଠୀ ମଧ୍ୟରେ କଡ୍ଡା ମୁକାବିଲା ସ୍ଥିତିରେ ରହିଛି ନିର୍ବାଚନ ରାଜନୀତି। ଗୋକର୍ଣ୍ଣପୁର ପଞ୍ଚାୟତରେ ଜାତିଗତ ପ୍ରସଙ୍ଗକୁ ନେଇ ଉଭୟ ଗୋଷ୍ଠୀ ରାଜନୀତିରେ ଅବତୀର୍ଣ୍ଣ ହୋଇଛନ୍ତି। ଏହି ପଞ୍ଚାୟତରେ କାମ୍ପ ଜାତିର ୫ଶହ ପରିବାର ରହିଥିବା ବେଳେ ତେଲୁଗୁ ରେଡ୍ଡୀ ସମ୍ପ୍ରଦାୟର ୫ଶହରୁ ଊର୍ଦ୍ଧ୍ୱ ପରିବାର ରହିଛନ୍ତି। କୋଟିନଡାର ସରପଞ୍ଚ ଆସନ ଦଳିତ ମହିଳା ଓ ସମିତିସଭ୍ୟ ଆସନ ହରିଜନଙ୍କ ପାଇଁ ସଂରକ୍ଷୀତ ରହିଥିଲେ ମଧ୍ୟ ଏହି ପଞ୍ଚାୟତର ନିର୍ବାଚନ ରାଜନୀତି ରୋଚକମୋଡରେ ରହିଛି। କୁଶପଡା ପଞ୍ଚାୟତରେ ସରପଞ୍ଚ ପଦବୀ ଅନୁସୂଚିତ ଜାତିଙ୍କ ପାଇଁ ଓ ସମିତିସଭ୍ୟ ପଦବୀ ସାଧାରଣ ବର୍ଗର ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ପୂର୍ବରୁ ଯେଉଁଭଳି ଦୁଇଗୋଷ୍ଠୀ ମଧ୍ୟରେ ଶକ୍ତି ପ୍ରଦର୍ଶନ ଚାଲିଥିଲା ତାହା ସଂରକ୍ଷଣ ତାଲିକା ଅଦଳବଦଳ ହୋଇଯିବାରୁ ରାଜନୀତି ସରଗରମ ଏବେ ଧିମା ସ୍ଥିତିରେ ଚାଲିଛି। ବି.ତୁରୁବୁଡି ଗ୍ରାମ ପଞ୍ଚାୟତରେ ପୂର୍ବତନ ସରପଞ୍ଚ କେ.ସଞ୍ଜୀବ ରେଡ୍ଡୀ ଗୋଷ୍ଠୀ ଓ ଏସ୍.ଲିଙ୍ଗା ଦୋରା ଗୋଷ୍ଠୀ ମଧ୍ୟରେ ଲଢେଇ ଜୋର୍‌ଦାର୍ ସ୍ଥିତିରେ ଚାଲିଛି। ଆଙ୍କୋରଡ଼ା ପଞ୍ଚାୟତରେ ସରପଞ୍ଚ ଓ ସମିତିସଭ୍ୟ ପଦବୀ ସାଧାରଣବର୍ଗ ମହିଳାଙ୍କ ପାଇଁ ରହିଛି। ଏହି ପଞ୍ଚାୟତରେ ବିଜେଡିର ତିନି ଜଣ ସରପଞ୍ଚ ଓ ତିନି ଜଣ ସମିତିସଭ୍ୟଙ୍କ ମଧ୍ୟରେ ନିର୍ବାଚନ ଲଢେଇ ଜାରି ରହିଛି।